# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, December 15/2025 | Page 14 | ₹ 7.00

୫୨ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 22 | ମୂଲ୍ୟ ₹୭/-




## ‘ଜେଲର୍ ୨’ରେ ବିଦ୍ୟା ବାଲନ

ସୁପରଷ୍ଟାର୍ ରଜନୀକାନ୍ତଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ ‘ଜେଲର୍’ର ସିକ୍ୱେଲ ‘ଜେଲର୍ ୨’ରେ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲନ ସାମିଲ ହୋଇଛନ୍ତି।

୦୨

୧୪

## ହାର୍ଦ୍ଦିକ ପ୍ରଥମ ଭାରତୀୟ

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏକ ହଜାର ରନ ପୂରଣ ଓ ୧୦୦ ଉଇକେଟ ନେବାରେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଭାରତୀୟ।



# ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ବାଣପୁର,୧୪।୧୨ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ ହେପାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ରବିବାର ଅଭିଯୋଗ ହୋଇଛି। ମୃତକ ହେଲେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଦାଶରଥିପୁରର ଛବୀନ୍ଦ୍ର ନାୟକ(୪୫)। ଅନ୍ୟପକ୍ଷରେ ପୋଲିସ ହେପାଜତରେ ଛବୀନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ରୀତା ନାୟକ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ, ଚୋରା ମଦ କାରବାର ଅଭିଯୋଗରେ ଶନିବାର



ଛବୀନ୍ଦ୍ର ନାୟକ

ରାତିରେ ପୋଲିସ ଛବୀନ୍ଦ୍ରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିଲା। ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ହେପାଜତରେ ଥିବା ଛବୀନ୍ଦ୍ର ରବିବାର ଭୋର ସମୟରେ ପୋଲିସ କର୍ମଚାରୀଙ୍କୁ ପାଣି ମାଗି ପିଇବା ପରେ ଶୋଇପଡ଼ିଥିଲେ। କିଛି ସମୟ ପରେ ସେ ଅସୁସ୍ଥ ଅନୁଭବ କରିବାରୁ ସକାଳ ୭ଟା ୩୦ରେ ପୋଲିସ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ପୋଲିସ ଭ୍ୟାନରେ ତାଙ୍କୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଛବୀନ୍ଦ୍ରଙ୍କ ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ଦାଶରଥିପୁରର କେତେଜଣ ବ୍ୟକ୍ତି ବାଣପୁର ଥାନା ପରିସରରେ ପହଞ୍ଚି ☞ପୃଷ୍ଠା-୪




କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀ ରାମଲୀଳା ମଇଦାନରେ ରବିବାର ଆୟୋଜିତ ‘ଭୋଟ ଚୋର, ଗଦି ଛୋଡ୍’ ରାଲିରେ ଉପସ୍ଥିତ ଜନସାଧାରଣ, ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କୁ ଅଭିବାଦନ ଜଣାଉଛନ୍ତି ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# ସିଡ୍‌ନୀରେ ଆତଙ୍କବାଦୀ ଆକ୍ରମଣ: ୧୨ ମୃତ

- ବଣ୍ଡାଇ ବିଚ୍‌ରେ ହାନୁକ୍କା ଉତ୍ସବ ବେଳେ ଇହୁଦୀଙ୍କୁ ଟାର୍ଗେଟ
- ପୋଲିସ ଗୁଳିରେ ୨ ଆତଙ୍କବାଦୀ ମୃତ, ଅନ୍ୟ ଜଣେ ଫେରାର
- ଆକ୍ରମଣରେ ଇରାନ୍ ସମର୍ଥିତ ହମାସ୍‌ର ସମ୍ପୃକ୍ତି ସନ୍ଦେହ
- ନିନ୍ଦାକଲେ ମୋଦି, ଭାରତର ମେଟ୍ରୋ ସହରଗୁଡ଼ିକରେ ଆଲର୍ଟ

ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡାଇ ବିଚ୍‌ରେ ରବିବାର ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ୮ ଦିନ ବ୍ୟାପୀ ଚାଲିବାକୁ ଥିବା ଇହୁଦୀଙ୍କ ହାନୁକ୍କା ଉତ୍ସବର ପ୍ରଥମ ଦିନରେ ୩ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଅନ୍ୟୂନ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି। ସେଠାରେ ମୁତୟନ ଥିବା ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା କୁହାଯାଉଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲ୍‌ବାନିସ୍ ଆକ୍ରମଣରେ ଇରାନ୍‌ର ସମ୍ପୃକ୍ତି ସନ୍ଦେହ କରିବା ସହ କ୍ୟାବିନେଟ୍‌ର ଜରୁରୀ ବୈଠକ ଡାକିଛନ୍ତି। ତେବେ ଏହା ପଛରେ ଇରାନ୍‌ର ସମ୍ପୃକ୍ତି ଅଛି କି ନାହିଁ ତାହା ସ୍ପଷ୍ଟ କରିବା ପାଇଁ ଇସ୍ରାଏଲୀ ଗୋଇନ୍ଦା ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ତନାଘନା ଆରମ୍ଭ କରିଛନ୍ତି। ଇହୁଦୀଙ୍କୁ ଟାର୍ଗେଟ କରି ହୋଇଥିବା ଏହି ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଦିଲ୍ଲୀ, ବେଙ୍ଗାଲୁରୁ ଓ ମୁମ୍ବାଇ ସମେତ ଭାରତର ବିଭିନ୍ନ ସ୍ଥାନରେ ଇହୁଦୀ ପ୍ରତିଷ୍ଠାନଗୁଡ଼ିକ ଉପରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ଗୋଇନ୍ଦା ସୂଚନା ଥିବାରୁ ଦେଶର ମେଟ୍ରୋ ସହରଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି।




ସିଡ୍‌ନୀ/ ନୂଆଦିଲ୍ଲୀ,୧୪।୧୨ (ଏ.ପି./ରଏଟର୍ସ)

ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ଇହୁଦୀ ବିଦ୍ରୋହୀ ମାକ୍କାବିସ୍‌ମାନେ ସେଲେଉସିଡ୍ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ କରି ବିଜୟ ହାସଲ କରିଥିଲେ। ମାକ୍କାବିସ୍ ଏଥିସହ ଜ୍ରୁନେଆ(ଜେରୁଜେଲମ୍)କୁ ପୁନଃ ଦଖଲ କରିବାରେ ସଫଳ ହୋଇଥିଲେ। ଇତିହାସର ଏହି ଗୌରବମୟ ତଥା ବୀରତ୍ୱର ଗାଥାକୁ ସ୍ମରଣ କରି ଇହୁଦୀମାନେ ପ୍ରତିବର୍ଷ ୮ ଦିନ ଧରି ହାନୁକ୍କା ଉତ୍ସବ ପାଳନ କରିଥାନ୍ତି। ହେବ୍ର୍ୟୁ କ୍ୟାଲେଣ୍ଡର ଅନୁଯାୟୀ ଆଲୋକର ପର୍ବ ହାନୁକ୍କା ନଭେମ୍ବର ୨୮ରୁ ଡିସେମ୍ବର ୨୭ ମଧ୍ୟରେ କୌଣସି ସପ୍ତାହରେ ପଡ଼ିପାରେ। ଇହୁଦୀ ସମ୍ପ୍ରଦାୟ ପକ୍ଷରୁ ବିଶ୍ୱର ବିଭିନ୍ନ ଭାଗରେ ଚଳତବର୍ଷ ଏହି ଗଣଉତ୍ସବ ଡିସେମ୍ବର ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ରବିବାର ଥିଲା ଉକ୍ତ ଧର୍ମୀୟ ଉତ୍ସବର ପ୍ରଥମ ଦିନ। ଏଥିପାଇଁ ଅଷ୍ଟ୍ରେଲିଆର ବଣ୍ଡାଇ ବିଚ୍‌ରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇ ନାଚଗୀତରେ ମସ୍‌ଗୁଲ ଥିବାବେଳେ ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୩୦ରେ ହଠାତ୍ ଗୁଳି ଫୁଟିବାର ଶବ୍ଦ ସମସ୍ତଙ୍କୁ ଆତଙ୍କିତ କରିଦେଇଥିଲା। କେହି କିଛି ବୁଝିବା ପୂର୍ବରୁ ୫୦ ରାଉଣ୍ଡ ଗୁଳି ଫୁଟିସାରିଥିଲା। ଗୁଳିମାଡ଼ରେ ଉତ୍ସବସ୍ଥଳରେ ଟଳିପଡ଼ିଥିଲେ ୧୨ ଜଣ ଇହୁଦୀ। ଏହି ଅତର୍କିତ ଆକ୍ରମଣରେ ଅନ୍ୟ ୨୯ ଜଣ ଆହତ ହୋଇଛନ୍ତି, ଯାହାଙ୍କୁ ତତ୍କାଳ ଚିକିତ୍ସା ପାଇଁ ୪୦ଟି ଆମ୍ବୁଲାନ୍ସରେ ସିଡ୍‌ନୀର ବିଭିନ୍ନ ହସ୍ପିଟାଲକୁ ନିଆଯାଇଥିବା ନ୍ୟୁ ସାଉଥ୍ ୱେଲ୍ସ ପୋଲିସ କମିଶନର ମାଲ୍ ଲାନିଓନ୍ ସୂଚନା ଦେଇଛନ୍ତି। ବନ୍ଧୁକଧାରୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ସିଡ୍‌ନୀର ଇହୁଦୀ ସମ୍ପ୍ରଦାୟକୁ ଟାର୍ଗେଟ କରି ସମୁଦ୍ର ଉପକୂଳରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଥିବା ସ୍ଥାନୀୟ ପୋଲିସ ପ୍ରଶାସନ ସ୍ପଷ୍ଟ କରିଛି। ଆକ୍ରମଣ ବେଳର ଦୃଶ୍ୟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଅଷ୍ଟ୍ରେଲୀୟ ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓରେ ଜଣେ ପୋଲିସ ଅଧିକାରୀ ଜଣେ ଆକ୍ରମଣକାରୀଙ୍କଠାରୁ ବନ୍ଧୁକ ଛଡ଼ାଇ ତାଙ୍କୁ କାବୁ କରୁଥିବା ଦେଖିବାକୁ ମିଳିଛି।

ମେଲବୋର୍ନର ୩୨ ବର୍ଷୀୟ ଲଚ୍‌ଲନ୍ ମୋରାନ୍ ଆକ୍ରମଣ ବେଳର ଅନୁଭୂତି ଗଣମାଧ୍ୟମ ଆଗରେ ବଖାଣିଛନ୍ତି। ସେ ତାଙ୍କ ଭାଇଙ୍କ ପାଇଁ ☞ପୃଷ୍ଠା-୪

# ନୀତିନ ନବୀନ ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ବିହାର ମନ୍ତ୍ରୀ ନୀତିନ ନବୀନଙ୍କୁ ଭାରତୀୟ ଜନତା ପାର୍ଟି (ଭାଜପା) ରବିବାର ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଛି। ବର୍ତ୍ତମାନ ରାଷ୍ଟ୍ରୀୟ



ଅଧ୍ୟକ୍ଷ ଥିବା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଅବସର ନେବାକୁ ଯାଉଥିବାରୁ ନୀତିନଙ୍କୁ ତାଙ୍କ ଉତ୍ତରାଧିକାରୀ ରୂପେ ବିବେଚନା କରାଯାଉଛି। ନୀତିନଙ୍କ ନିଯୁକ୍ତି ଶାସକ ଦଳର ଶୀର୍ଷ ନେତୃତ୍ୱରେ ପିଢ଼ିଗତ ପରିବର୍ତ୍ତନର ସଙ୍କେତ ଦେଇଛି।

୪୫ ବର୍ଷୀୟ ନୀତିନ ହେଉଛନ୍ତି ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ବିହାର ବିଧାନସଭାକୁ ୫ ଥର ନିର୍ବାଚିତ ହୋଇଥିବା ନୀତିନ ବାଙ୍କିପୁର ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ବିହାର ସରକାରରେ ମଧ୍ୟ ସେ ୨ ଥର ମନ୍ତ୍ରୀ ହୋଇସାରିଛନ୍ତି। ଏତିକି ନୁହେଁ, ଛତିଶଗଡ଼ ପ୍ରଭାରୀ ରୂପେ ନୀତିନଙ୍କ କାର୍ଯ୍ୟଶୈଳୀ ଓ ସାଂଗଠନିକ ଦକ୍ଷତା ଶୀର୍ଷ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି କାରଣରୁ ଭାଜପା ସଂସଦୀୟ ବୋର୍ଡ ଉକ୍ତ ଗୁରୁଦାୟିତ୍ୱ ଦେବା ଲାଗି ନୀତିନଙ୍କ ନାମରେ ମୋହର ଲଗାଇଥିବା କୁହାଯାଉଛି। ତାଙ୍କୁ ତତ୍କାଳ କାର୍ଯ୍ୟକାରୀ ଅଧ୍ୟକ୍ଷ ରୂପେ କାର୍ଯ୍ୟଭାର ପ୍ରଦାନ କରାଯାଇଥିବା ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ବଣ୍ଡାଇ

# ହାତୀକୁ ଖାଦ୍ୟରେ ବିସ୍ଫୋରକ

ହାତୀ- ମଣିଷ ଲଢ଼େଇର ଅନ୍ତ ଘଟୁନି। ଖାଦ୍ୟ ଅନ୍ୱେଷଣରେ ଯାଉଥିବା ନିରୀହ ଜନ୍ତୁଙ୍କୁ ମରଣମୁହଁକୁ ଠେଲିବା ପାଇଁ ମଣିଷ ପଛଘୁଞ୍ଚା ଦେଉନି। ୨୦୨୦ ମେ ମାସରେ କେରଳରେ ସପୁରି ମଧ୍ୟରେ ବିସ୍ଫୋରକ ପୂରାଇ ଏକ ୧୫ବର୍ଷୀୟ ଗର୍ଭବତୀ ମାଇହାତୀର ପ୍ରାଣ ନିଆଯିବା ଘଟଣାର ପୁନରାବୃତ୍ତି ଘଟିଛି ମୟୂରଭଞ୍ଜ-ବାଲେଶ୍ୱର ଜିଲା ଅଞ୍ଚଳରେ। ଖାଦ୍ୟରେ ବିସ୍ଫୋରକ ରଖାଯାଇଥିବାରୁ ଏକ ମାଇହାତୀ କ୍ଷତାକ୍ତ ହୋଇ ମରଣମୁହଁରେ ପଡ଼ିଛି। ବନ ବିଭାଗ କର୍ମଚାରୀ ଟ୍ରାଙ୍କୁଲାଇଜ୍ କରି ହାତୀଟିର ଚିକିତ୍ସା ଜାରି ରଖିଥିବା ବେଳେ ତା’ର ଜୀବନ ସଙ୍କଟାପନ୍ନ ରହିଛି। ଏନେଇ ପ୍ରାଣିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ତଦନ୍ତ ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

୮ ଦିନ ତଳେ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଦେଇ ଏକ ୨୭ଟିକିଆ ହାତୀପଲ ବୁଢ଼ାବଳଙ୍ଗ ନଦୀ ପାର ହୋଇ



କ୍ଷତାକ୍ତ ମାଇହାତୀ

ବାଲେଶ୍ୱର ଜିଲା ନୀଳଗିରି ଅଭିମୁଖେ ଯାଇଥିଲେ। ଗତ ୧୧ ତାରିଖରେ ୨୫ଟି ହାତୀ ଫେରିଥିବା ବେଳେ ୨ଟି ହାତୀ ୧୨ ତାରିଖରେ ବେତନଟୀ ରେଞ୍ଜ ଚୁଆପଦା ଜଙ୍ଗଲରେ ପହଞ୍ଚିଥିଲେ। ସେଥିମଧ୍ୟରୁ ଏକ ୭/୮ ବର୍ଷୀୟା ମାଇହାତୀ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ତା’ପାଟିରୁ ରକ୍ତ ଝରିବା ସହ ଦୁର୍ଗନ୍ଧ ହେଉଥିଲା। ହାତୀଟି ଖାଦ୍ୟ ପାନୀୟ ଗ୍ରହଣ କରି ନ ପାରି ଏଣେତେଣେ ଦୌଡ଼ି ବୁଲୁଥିଲା । ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରି ହାତୀଟିକୁ ଉଦ୍ଧାର କରିଥିଲେ। ପରେ ତାକୁ ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ☞ପୃଷ୍ଠା-୪

# ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକସ୍ଥିତି, ସମ୍ମାନକୁ ପ୍ରଭାବିତ କରୁଛି

**ଜିଲାସ୍ତରୀୟ ଅଦାଲତଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବହୁସଂଖ୍ୟକ ମାମଲା ଫଇସଲା ନ ହୋଇ ପଡ଼ିରହୁଛି। ଏହାଦ୍ୱାରା ଜଣେ ବ୍ୟକ୍ତି ଉଚିତ ସମୟରେ ନ୍ୟାୟ ପାଇପାରୁନାହାନ୍ତି। ବିଳମ୍ବିତ ନ୍ୟାୟ ଦ୍ୱାରା ସାଧାରଣ ଲୋକଙ୍କ ସମୟ ନଷ୍ଟ ହେବା ସହ ତଜ୍ଜନିତ ଆର୍ଥିକ ବୋଝ ବୃଦ୍ଧି ପାଉଛି। ଫଳରେ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ପ୍ରଭାବିତ ହେଉଛି। ନ୍ୟାୟିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ବୋଝ ହ୍ରାସ ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ନିଶ୍ଚିତ କରାଇବା ମୋ’ ଲକ୍ଷ୍ୟ ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ମତବ୍ୟକ୍ତ କରିଛନ୍ତି। ଏହାସହ ଟେକ୍ନୋଲୋଜି (ପ୍ରଯୁକ୍ତି)ର ଉପଯୋଗିତାକୁ ପ୍ରଧାନ ବିଚାରପତି ଗୁରୁତ୍ୱ ଦେଇଥିଲେ ମଧ୍ୟ ଏହାଦ୍ୱାରା ସୃଷ୍ଟି ହେଉଥିବା ଅସୁବିଧାକୁ ମଧ୍ୟ ଭୁଲିବା ଉଚିତ ନୁହେଁ ବୋଲି କହିଛନ୍ତି। ‘ପ୍ରଯୁକ୍ତି’ ନ୍ୟାୟର ସେବକ ହୋଇ ରହିବା ଦରକାର, ଏହାର ବିକଳ୍ପ ନୁହେଁ। ପ୍ରଯୁକ୍ତି ମାନବିକ ବିଚାରକୁ ବଢ଼ାଇବା ଉଚିତ, ଏହାର ସ୍ଥାନ ନେବା ଉଚିତ ନୁହେଁ ବୋଲି ସିଜେଆଇ କହିଛନ୍ତି।**

କଟକ,୧୪।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ କଟକ ଶହୀଦ ଭବନରେ ରବିବାର ଆୟୋଜିତ ଆଲୋଚନାଚକ୍ରକୁ ମୁଖ୍ୟ ଅତିଥି ଭାବେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଉଦ୍‌ଘାଟନ କରି କହିଲେ, ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକ ସ୍ଥିତି ଓ ସମ୍ମାନ ଉପରେ ପ୍ରଭାବ ପକାଇଥାଏ। ଏଥିରେ ୩ଟି ବସ୍ତୁ ମୂଳ ଲକ୍ଷ୍ୟ ହେବା ଆବଶ୍ୟକ। ସାଧାରଣ ଲୋକଙ୍କ ଉପରେ କମ୍ ଚାପ ପକାଇବା, ଅନିଶ୍ଚିତତା ଦୂର କରିବା ଓ ତୃତୀୟରେ ସାଧାରଣ ଲୋକଙ୍କ ସମ୍ମାନ ରକ୍ଷା କରିବା ନ୍ୟାୟପାଳିକାର ଲକ୍ଷ୍ୟ ରହିବା ଆବଶ୍ୟକ। ନ୍ୟାୟପାଳିକାରେ ପଡ଼ିରହିଥିବା ମାମଲାଗୁଡ଼ିକର ପରିମାଣ ହ୍ରାସ କରିବା ପାଇଁ ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଆଇନଜୀବୀମାନେ ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ଆପୋଷ ବୁଝାମଣା କରି ମାମଲାଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ। ଅବଶ୍ୟ ପ୍ରାରମ୍ଭିକ ଅବସ୍ଥାରେ ଏକାଧିକ ଥର ସେମାନଙ୍କୁ ବୁଝାଇବା ପରେ ବି ପକ୍ଷଙ୍କ ମଧ୍ୟରେ ଥିବା ଅହଂ ଓ ଆବେଗ ଯୋଗୁ ସେମାନେ ଆପୋସ ସମାଧାନକୁ ଗ୍ରହଣ କରି ନ ଥାନ୍ତି। ମାତ୍ର ପରବର୍ତ୍ତୀ ସମୟରେ ତାହା ନିଶ୍ଚିତ ଫଳପ୍ରଦ ହୋଇଥାଏ।

## ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍‌ର ଆଲୋଚନାଚକ୍ରରେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଉଦ୍‌ବୋଧନ




ଏଥିସହ ନ୍ୟାୟାଳୟଗୁଡ଼ିକରେ ଭିତ୍ତିଭୂମି ଓ ମାନବସମ୍ବଳର ଅଭାବ ସାଙ୍ଗକୁ ବିଚାରପତିଙ୍କ ସଂଖ୍ୟା କମ୍ ମଧ୍ୟ ମାମଲା ପଡ଼ିରହିବାର ଅନ୍ୟତମ କାରଣ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ବର୍ତ୍ତମାନ ଅନ୍‌ଲାଇନ ବ୍ୟବସ୍ଥାରେ ☞ପୃଷ୍ଠା-୪

## ସଂକ୍ଷେପରେ

### କାମ୍ବୋଡ଼ିଆ ସହ ସଂଘର୍ଷ: ୪ ଥାଇ ସୈନ୍ୟ ନିହତ

**ଟ୍ରମ୍ପଙ୍କ ଅସ୍ତ୍ରବିରତିକୁ ମାନିଲାନି ବ୍ୟାଙ୍କକ୍**

ବ୍ୟାଙ୍କକ୍, ୧୪।୧୨

ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଶନିବାର ଜାରି ରହିଛି। ଏଥିରେ ଥାଇଲାଣ୍ଡର ୪ ଜଣ ସୈନ୍ୟ ନିହତ ହୋଇଛନ୍ତି। ସଂଘର୍ଷ ବନ୍ଦ କରିବାକୁ ୨ ଦେଶ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିବାବେଳେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଅନୁତିନ୍ ଚାର୍ନଭିରାକୁଲ୍ ଏହାକୁ ଖଣ୍ଡନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୨୪ରେ ପହଞ୍ଚିଛି। ହିଂସା ଯୋଗୁ ସୀମାର ଉଭୟ ପାର୍ଶ୍ୱରୁ ପାଖାପାଖି ୫ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ଉପନିବେଶୀୟ ଶାସନ କାଳରେ ହୋଇଥିବା ବିବାଦୀୟ ସୀମା ନିର୍ଦ୍ଧାରଣକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ଦୀର୍ଘବର୍ଷ ଧରି ବିବାଦ ଲାଗିରହିଛି।

### ନେପାଳରେ ଓଲିଙ୍କ ବିଶାଳ ରାଲି

କାଠମାଣ୍ଡୁ, ୧୪।୧୨

ନେପାଳରେ ଗତ ସେପ୍ଟେମ୍ବରରେ ଜେନ୍ ଜି ଆନ୍ଦୋଳନ ଯୋଗୁ ପ୍ରଧାନମନ୍ତ୍ରୀ ପଦରୁ କେ.ପି. ଶର୍ମା ଓଲି ବିଦା ହୋଇଥିଲେ। ଏହାର ୩ ମାସ ପରେ ଶନିବାର ତାଙ୍କ ଦଳ ରାଜଧାନୀ କାଠମାଣ୍ଡୁ ନିକଟ ଭକ୍ତପୁରଠାରେ ବିଶାଳ ରାଲି କରିଛି। ଜେନ୍ ଜି ଆନ୍ଦୋଳନ ପରେ ଏହା ନେପାଳରେ ସର୍ବବୃହତ୍ ରାଲି ବୋଲି କୁହାଯାଉଛି, ଯେଉଁଥିରେ ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ୟୁନିଫାଏଡ୍ ମାର୍କିଷ୍ଟ-ଲେନିନ୍ଷ୍ଟ) ପକ୍ଷରୁ ୩ ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ଆନ୍ଦୋଳନବେଳେ ୭୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଓଲି ଓ ଅନ୍ୟ ନେତାମାନଙ୍କୁ ସେନା ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିଥିଲା। ସୁପ୍ରିମକୋର୍ଟ ଏବଂ ପାର୍ଲାମେଣ୍ଟରେ ଆନ୍ଦୋଳନକାରୀ ନିଆଁ ଲଗାଇଦେଇଥିଲେ।

### ନୌସେନା ଗୋଳାବାରୁଦ ଭଣ୍ଡାର ନିକଟରେ ବିସ୍ଫୋରଣ

**୩୦ ଘର କ୍ଷତିଗ୍ରସ୍ତ**

କରୱାର, ୧୪।୧୨

କର୍ନାଟକର ଉତ୍ତର କନ୍ନଡ ଜିଲାରେ ଥିବା ଭାରତୀୟ ନୌସେନାର ଗୋଳାବାରୁଦ ଭଣ୍ଡାର ନିକଟରେ ଗୁରୁବାର ମଧ୍ୟାହ୍ନରେ ଭୟାବହ ବିସ୍ଫୋରଣ ଘଟି ସ୍ଥାନୀୟ ଅଞ୍ଚଳରେ କମ୍ପନ ଅନୁଭୂତ ହେବା ସହ ୩୦ରୁ ଊର୍ଦ୍ଧ୍ୱ ଘରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ପରେ ବହଳ କଳାଧୂଆଁ ଉଠିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ନୌସେନାର ପ୍ରୋଜେକ୍ଟ ସି'ବାର୍ଡର ଅଂଶବିଶେଷ ଭାବେ ବେଲେକେରି ଅସ୍ତ୍ରଭଣ୍ଡାର ୨୦୧୫ରେ ଆରମ୍ଭ ହୋଇଥିଲା। ସେଠାରେ ଯୁଦ୍ଧଜାହାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗଚ୍ଛିତ ରହିଥାଏ। ବିସ୍ଫୋରଣର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ଅଷ୍ଟ୍ରେଲିଆର ସିଡ୍ନୀସ୍ଥିତ ବଣ୍ଡାଇ ବିଚ୍‌ରେ ହାନୁକ୍କା ଉତ୍ସବ ପାଳନ ବେଳେ ଇହୁଦୀଙ୍କ ଉପରେ ଆକ୍ରମଣ ପରେ ଆମ୍ବୁଲାନ୍ସ ଅପେକ୍ଷାରେ ଜଣେ ଆହତ।

# 'ଭାଜପା ଡିଏନ୍‌ଏରେ ଭୋଟ୍ ଚୋରି'

## ମୋଦି-ଆର୍‌ଏସ୍‌ଏସ୍ ସରକାରକୁ ହଟାଇବାକୁ ଶପଥ ନେଲେ ରାହୁଲ

ନୂଆଦିଲ୍ଲୀ, ୧୪।୧୨(ପି.ଟି.)

ଭାଜପାର ଡିଏନ୍‌ଏରେ 'ଭୋଟ ଚୋରି' ପ୍ରବୃତ୍ତି ରହିଛି। କଂଗ୍ରେସ ସତ୍ୟ ସହ ଛିଡ଼ା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ କ୍ଷମତାରୁ ହଟାଯିବ ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ରାମଲୀଲା ମଇଦାନରେ ଶପଥ ନେଇଛନ୍ତି। ରାମଲୀଲା ମଇଦାନରେ ଆୟୋଜିତ 'ଭୋଟ ଚୋର ଗଦ୍ଦି ଛୋଡ୍' ରାଲିକୁ ସମ୍ବୋଧିତ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର (ଇସିଆଇ) ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର (ଇସି) ସୁଖବୀର ସିଂ ସାନ୍ଧୁ ଓ ବିବେକ ଜୋଷୀ ଭାଜପା ପାଇଁ କାର୍ଯ୍ୟ କରୁଛନ୍ତି। ଆମେ ସତ୍ୟ ସହ ଛିଡ଼ା ହୋଇ ରହିଛୁ। ଆମେ ମୋଦି-ଆର୍‌ଏସ୍‌ଏସ୍‌କୁ କ୍ଷମତାରୁ ହଟାଇଦେବୁ। ସେମାନଙ୍କ ପାଖରେ କ୍ଷମତା ରହିଛି। ସେମାନେ ଭୋଟ ଚୋରିରେ ସମ୍ପୃକ୍ତ। ସତ୍ୟ କଂଗ୍ରେସ ବିଚାରଧାରାର ଡିଏନ୍‌ଏରେ ମୂଳରୁ ପ୍ରବାହିତ। ଆପଣମାନେ ଆଦୌ ଭୟଭୀତ ହେବା ଅନୁଚିତ। ଶେଷରେ ଆମର ହିଁ ବିଜୟ ହେବ। ସତ୍ୟପଥର ପଥିକ ହୋଇ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଆର୍‌ଏସ୍‌ଏସ୍ ସରକାରକୁ ଆମେ ହଟାଇଦେବା।



ରାମଲୀଲା ମୈଦାନରେ ଆୟୋଜିତ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ।

ରାହୁଲଙ୍କ ସହ ଉକ୍ତ ସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ପରେ ରାହୁଲ Xରେ ପୋଷ୍ଟ କରିଥିଲେ, କଂଗ୍ରେସ ସାରା ଦେଶର କୋଣଅନୁକୋଣରେ ଦସ୍ତଖତ ଅଭିଯାନ ଚଳାଇଛି। ୬ କୋଟି ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଭୋଟ ଚୋରି ଅଭିଯୋଗପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ।

ସେହିପରି ସଭାକୁ ସମ୍ବୋଧିତ କରି ଖାର୍ଗେ କହିଥିଲେ, ଭୋଟ ଚୋରିରେ ସମ୍ପୃକ୍ତ ଲୋକେ ହେଉଛନ୍ତି ବିଶ୍ୱାସଘାତକ। ଭୋଟ ଅଧିକାର ଓ ସମ୍ବିଧାନକୁ ସୁରକ୍ଷା ଦେବାକୁ ହେଲେ ସେମାନଙ୍କୁ କ୍ଷମତାରୁ ହଟାଇବାକୁ ପଡ଼ିବ। ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ, ପୂର୍ବତନ ସରସଂଘ ଚାଳକ ଏମ୍.ଏସ୍. ଗୋଲୱାଲକର ଓ ମନୁସ୍ମୃତି ବିଚାରଧାରା ଦେଶକୁ ନଷ୍ଟ କରିଦେବ। କେବଳ କଂଗ୍ରେସ ହିଁ ଏହାକୁ ବଞ୍ଚାଇପାରିବ। ଭାଜପା-ଆର୍‌ଏସ୍‌ଏସ୍ ଲୋକେ ସମ୍ବିଧାନକୁ ଧ୍ୱଂସ କରିବାରେ ଲାଗିଛନ୍ତି। ହିନ୍ଦୁତ୍ୱ ନାମରେ ଏହି ଲୋକେ ଗରିବମାନଙ୍କୁ ପୁନର୍ବାର ଦାସ କରିବାକୁ ଚାହୁଁଛନ୍ତି। କିନ୍ତୁ ଦେଶକୁ ସ୍ୱାଧୀନ କରିଥିଲା, ଯେତେବେଳେ କି ମୋଦି ଓ ଶାହା ଜନ୍ମ ହୋଇ ନ ଥିଲେ। ଏମାନେ ଜବାହରଲାଲ ନେହେରୁ, ମହାତ୍ମା ଗାନ୍ଧୀ ଏବଂ ବି.ଆର୍. ଆମ୍ବେଡକରଙ୍କ ବିରୋଧୀ। ସେମାନେ ନେହେରୁ ଓ ସର୍ଦ୍ଦାର ପଟେଲଙ୍କ ବିଚାରଧାରାରେ ଫାଟ ଦେଖାଇ ଦେଶକୁ ବିଭାଜିତ କରିବାକୁ ଉଦ୍ୟମ ଚଳାଉଛନ୍ତି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି।

### ରାହୁଲଙ୍କ ଅଧୀନରେ କଂଗ୍ରେସ ସମାଧି ନେବାକୁ ଯାଉଛି: ଭାଜପା

ଅନ୍ୟପକ୍ଷେ କଂଗ୍ରେସର ଭୋଟ ଚୋରି ରାଲିକୁ ଭାଜପା କହିଛି, ମୁଖ୍ୟ ବିରୋଧୀ ଦଳ ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରେ ସ୍ଥାନିତ କରିବା ପାଇଁ ଏଭଳି ଉଦ୍ୟମ କରୁଛି। ରାହୁଲଙ୍କ ଅଧୀନରେ କଂଗ୍ରେସ ଇତିହାସରେ ସମାଧି ନେବାକୁ ଯାଉଛି। ଔରଙ୍ଗଜେବଙ୍କ ନେତୃତ୍ୱରେ ମୋଗଲମାନଙ୍କ ଅବସ୍ଥା ଯାହା ହୋଇଥିଲା, ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଅବସ୍ଥା ସେପରି ହେବ ବୋଲି ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଜବାବ ଦେଇଛନ୍ତି।

### ପାକ୍ସ ସିଲିକା ଗୋଷ୍ଠୀରୁ ଭାରତ ବାଦ୍

**କଂଗ୍ରେସର ସମାଲୋଚନା**

ନୂଆଦିଲ୍ଲୀ, ୧୪।୧୨(ପି.ଟି.)

ଏକ ସୁରକ୍ଷିତ ସିଲିକନ୍ ଯୋଗାଣ ଶୃଙ୍ଖଳ ନିର୍ମାଣ ଲାଗି ଆମେରିକା ନେତୃତ୍ୱରେ ରଣନୀତିକ ପଦକ୍ଷେପ ସ୍ୱରୂପ ଗଠନ ହୋଇଥିବା ପାକ୍ସ ସିଲିକନ୍ ଗ୍ରୁପ୍‌ରୁ ଭାରତ ବାଦ୍ ପଡ଼ିଥିବାର ଏହାକୁ ନେଇ କଂଗ୍ରେସ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମ୍ପର୍କରେ ଅବନତି ଏଥିରୁ ସ୍ପଷ୍ଟ ହୋଇଛି। ଭାରତ ଏହି ଗ୍ରୁପ୍‌ରେ ସାମିଲ ହୋଇଥିଲେ ଲାଭବାନ୍ ହୋଇଥାନ୍ତା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ହାଇଟେକ୍ ଯୋଗାଣ ଶୃଙ୍ଖଳରୁ ଚାଇନାର ନିୟନ୍ତ୍ରଣ ହ୍ରାସ କରିବାକୁ ୯ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯାଇଥିଲା। ଏହି ଚୁକ୍ତିନାମାର ନାମ ପାକ୍ସ ସିଲିକା ରଖାଯାଇଥିଲା। ଉକ୍ତ ଗୋଷ୍ଠୀରୁ ଆମେରିକା ଭାରତକୁ ବାଦ୍ ଦେଇଥିବା କେତେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଉକ୍ତ ଗୋଷ୍ଠୀରେ ଆମେରିକା, ଜାପାନ, କୋରିଆ, ସିଙ୍ଗାପୁର, ନେଦରଲାଣ୍ଡସ୍, ବ୍ରିଟେନ୍, ଇସ୍ରାଏଲ୍, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ଅଷ୍ଟ୍ରେଲିଆ ରହିଛି।

### ପଙ୍କଜ ଚୌଧରୀ ୟୁପି ଭାଜପା ସଭାପତି



**୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଗୁରୁଦାୟିତ୍ୱ**

ଲକ୍ଷ୍ନୌ, ୧୪।୧୨

ଭାଜପା ପକ୍ଷରୁ ରବିବାର କେନ୍ଦ୍ରମନ୍ତ୍ରୀ ପଙ୍କଜ ଚୌଧରୀଙ୍କୁ ଉତ୍ତର ପ୍ରଦେଶର ରାଜ୍ୟ ସଭାପତି ନିଯୁକ୍ତ କରାଯାଇଛି। କୁର୍ମୀ ସମ୍ପ୍ରଦୟରୁ ଆସୁଥିବା ଭାଜପାର ଏହି ବରିଷ୍ଠ ନେତାଙ୍କୁ ଦଳ ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଗୁରୁଦାୟିତ୍ୱ ଦିଆଯାଇଥିବା କୁହାଯାଉଛି। ପଙ୍କଜ ୟୁପି ଭାଜପାର ୧୫ତମ ସଭାପତି ହେବା ପରେ ତାଙ୍କ ନିକଟକୁ ଦଳୀୟ ନେତାଙ୍କଠାରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ବରିଷ୍ଠ ଭାଜପା ନେତା ୬୧ ବର୍ଷୀୟ ପଙ୍କଜଙ୍କ ନାମ ଘୋଷଣା କାର୍ଯ୍ୟକ୍ରମ 'ସଙ୍ଗଠନ ପର୍ବ'ରେ ଯୋଗଦେଇଥିଲେ। ଶନିବାର ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ଏହି ପଦବୀ ପାଇଁ ନାମାଙ୍କନ କରିଥିଲେ। ମହାରାଜଗଞ୍ଜ ସଂସଦୀୟ ଆସନରୁ ସେ ୭ ଥର ପ୍ରତିନିଧିତ୍ୱ କରିଥିବାବେଳେ ପୂର୍ବ ଉତ୍ତରପ୍ରଦେଶର ଅନ୍ୟାନ୍ୟ ପଛୁଆ ବର୍ଗରୁ ସେ ଜଣେ ଟାଣୁଆ ନେତା ଭାବେ ଜଣାଶୁଣା।

## ଏଆଇରେ ଭାରତ ବିଶ୍ୱର ୩ୟ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର

ନ୍ୟୁୟର୍କ, ୧୪।୧୨

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଭାରତ ବିଶ୍ୱର ୩ୟ ସର୍ବାଧିକ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ବିବେଚିତ ହୋଇଛି। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ୟୁନିଭର୍ସିଟିଜ୍ ଗ୍ଲୋବାଲ ଏଆଇ ଭାଇବ୍ରାନ୍ସି ଟୁଲ୍ସ ଭିଜୁଅଲ କ୍ୟାପିଟାଲିଷ୍ଟ ଚାର୍ଟ ଅନୁଯାୟୀ, ଭାରତ ୨୧.୫୯ ସ୍କୋର ଧାରଣ କରି ଏହି ସ୍ଥାନ ହାସଲ କରିଛି। ସର୍ବାଗ୍ରେ




ଆମେରିକା ୭୮.୬ ପ୍ରତିଶତ ଓ ଚାଇନା ୩୬.୯୫ ପ୍ରତିଶତ ସ୍କୋର କରି ଦ୍ୱିତୀୟରେ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ବୈଶ୍ୱିକ ଏଆଇ ଦୃଶ୍ୟପଟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମର୍ଯ୍ୟାଦା ପାଇଛି। ଉପରଲିଖିତ ଦୁଇ ଦେଶ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ଭାରତର ସ୍କୋରକୁ ବଢ଼ାଇବାର ଆବଶ୍ୟକତା ଅଛି ବୋଲି ଉକ୍ତ ଚାର୍ଟ ପକ୍ଷରୁ କୁହାଯାଇଛି। ତେବେ ନୂଆଦିଲ୍ଲୀର ସ୍କୋର ଦକ୍ଷିଣ କୋରିଆ, ଜାପାନ, ସିଙ୍ଗାପୁର, ବ୍ରିଟେନ୍, ଜର୍ମାନୀ ଓ ଅନ୍ୟାନ୍ୟ ବୃହତ୍ ରାଷ୍ଟ୍ରଠାରୁ ଆଗରେ ରହିବା ଏକ ସକାରାତ୍ମକ ସୂଚନା ଦେଇଛି। ସମ୍ପୃକ୍ତ ଟୁଲ୍‌ର ମାପଦଣ୍ଡ ଅନୁଯାୟୀ ପ୍ରତିଭା ଉପଲବ୍ଧତା, ଗବେଷଣା ଓ ବିକାଶ, ପୁଞ୍ଜିନିବେଶ, ସରକାରୀ ନୀତି ଓ ଅନୁଭୂତି, ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଭାବକୁ ହିସାବକୁ ନିଆଯାଇ ସ୍କୋର ନିର୍ଦ୍ଧାରଣ କରାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏଆଇର ଦ୍ରୁତ ପ୍ରଗତି ପ୍ରଯୁକ୍ତି ବ୍ୟବସ୍ଥା, ପୁଞ୍ଜିନିବେଶ ଓ ପ୍ରତିଭାଧାରୀଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିଥାଏ। ଆସନ୍ତା କିଛି ବର୍ଷ ମଧ୍ୟରେ ଦେଶର ଏଆଇ ଭିତ୍ତିଭୂମିର ବିକାଶ ଲାଗି ଶ୍ରେଷ୍ଠ ବୈଶ୍ୱିକ କମ୍ପାନୀଗୁଡ଼ିକ ବହୁ କୋଟି ଟଙ୍କାର ଅର୍ଥ ବିନିଯୋଗ କରିବେ ବୋଲି ଘୋଷଣା କରିବା ପରେ ଏଆଇର ଚାହିଦା ବହୁମାତ୍ରାରେ ବଢ଼ିଯାଇଛି। ଏଆଇ, ଲଜିଷ୍ଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଇନ୍‌ଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ୨୦୩୦ ସୁଦ୍ଧା ଆମାଜନ ୩୫ ବିଲିୟନ ଡଲାର ପୁଞ୍ଜିନିବେଶ କରିବ ବୋଲି ଘୋଷଣା କରିଥିଲା। ସେହିପରି ମାଇକ୍ରୋସଫ୍ଟ ଏସିଆ ମହାଦେଶରେ କ୍ଲାଉଡ୍ ଓ ଏଆଇ ସମ୍ପ୍ରସାରଣ ଲାଗି ୧୭.୫ ବିଲିୟନ ଡଲାର ନିବେଶ କରିବା ଲାଗି ଘୋଷଣା କରିଥିଲା। ଏହା ପୂର୍ବରୁ ଇଣ୍ଟେଲ, କଗ୍‌ନିଜାଣ୍ଟ, ଓପନ୍ ଏଆଇ ମଧ୍ୟ ଭାରତ ଏଆଇର ଚାହିଦାକୁ ଦେଖି ପର୍ଯ୍ୟାପ୍ତ ଅର୍ଥ ନିବେଶ କରିବେ ବୋଲି କହିଥିଲେ।



## 'ଜେଲର୍ ୨'ରେ ବିଦ୍ୟା ବାଲନ

ମୁମ୍ବାଇ

ସୁପରଷ୍ଟାର୍ ରଜନୀକାନ୍ତଙ୍କ ବକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲ 'ଜେଲର୍ ୨'କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏହି ବହୁ ପ୍ରତୀକ୍ଷିତ ପ୍ରୋଜେକ୍ଟରେ ବଲିଉଡ ଅଭିନେତ୍ରୀ ବିଦ୍ୟା ବଲାନ ସାମିଲ ହୋଇଛନ୍ତି। ତାଙ୍କର ଯୋଗଦାନ ଫିଲ୍ମର କଳାକାର ତାଲିକାକୁ ଆହୁରି ମଜଭୁତ କରିଛି। ସୂଚନା ମୁତାବକ, ବିଦ୍ୟା ବାଲନ 'ଜେଲର୍ ୨'ର ସ୍କ୍ରିପ୍ଟରେ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ସେ ଏହି ଫିଲ୍ମରେ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ, ଯାହା କାହାଣୀରେ ଏକ ମୁଖ୍ୟ ମୋଡ଼ ଆଣିବ। ତାଙ୍କର ଉପସ୍ଥିତି ଫିଲ୍ମର ତୀବ୍ରତା ବଢ଼ାଇବ।

ନିର୍ମାତାମାନେ ଏହି ଫିଲ୍ମକୁ ୨୦୨୬ଅଗଷ୍ଟ ୧୪ରେ ଏକ ବଡ଼ ଧରଣର ଥିଏଟରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅଗଷ୍ଟ ମାସରେ ପ୍ରଥମ ଭାଗ 'ଜେଲର୍' ରିଲିଜ ହୋଇ ବିଶ୍ୱବ୍ୟାପୀ ୬୦୫-୬୫୦ କୋଟିର ବ୍ୟବସାୟ କରିଥିଲା। ନିର୍ଦ୍ଦେଶକ ନେଲସନ ଦିଲୀପକୁମାରଙ୍କ ଏହି ଫିଲ୍ମରେ ରଜନୀକାନ୍ତ ପୁଣି ଥରେ 'ଟାଇଗର୍ ମୁଥୁବେଲ ପାଣ୍ଡିଆନ' ଭୂମିକାରେ ଫେରିବେ। ଫିଲ୍ମରେ ମୋହନଲାଲ, ଶିବ ରାଜକୁମାର, ନନ୍ଦମୁରୀ ବାଲକ୍ରିଷ୍ଣା ଏବଂ ମିଥୁନ ଚକ୍ରବର୍ତ୍ତୀଙ୍କ କ୍ୟାମିଓ (ଅତିଥି) ଭୂମିକା ଏହାକୁ ଏକ ବୃହତ ପାନ-ଇଣ୍ଡିଆ ପ୍ରୋଜେକ୍ଟ କରିବ।



ନୂଆଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ଖରାପ ସ୍ତରକୁ ଯିବା ପରେ ଧୂଆଁ ଓ ଧୂଳିମୟ ପରିବେଶରେ ରବିବାର ରାସ୍ତାକଡ଼ରେ ଚା' ପିଉଛନ୍ତି ଲୋକେ।

# ନୂଆ ଶ୍ରମ ଆଇନର କୋଡ୍ ବାହାର କର: ଆହୁଜା

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

## ସମାନ କାମକୁ ସମାନ ପାରିଶ୍ରମିକ



ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରିଟିଶ ସମୟରୁ ଗଢ଼ି ଆସୁଥିବା ଶ୍ରମ ଆଇନକୁ ଆଉ ଦେଶରେ କାର୍ଯ୍ୟକାରୀ କରାଯିବ ନାହିଁ। ଏସଂକ୍ରାନ୍ତରେ ଭାରତ ସରକାର ଏକ ନୀତିଗତ ନିଷ୍ପତ୍ତି ନେଇସାରିଛନ୍ତି। ପୂର୍ବରୁ ପ୍ରଚଳିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଏହା ବଦଳରେ ୪ଟି ଶ୍ରମ ଆଇନ ଅଣାଯାଇଛି, ଯେଉଁଥିରେ ଶ୍ରମିକମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ସମାନ କାମ ଲାଗି ସମାନ ପାରିଶ୍ରମିକ ଦେବାକୁ ଆଇନରେ ପ୍ରାବଧାନ କରାଯାଇଛି। ଏହା ରାଜ୍ୟରେ କିଭଳି ତୁରନ୍ତ କାର୍ଯ୍ୟକାରୀ ହୋଇପାରିବ ସେନେଇ ନିୟମ ଲାଗୁ କରିବାକୁ ଶ୍ରମବିଭାଗକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ ହେବାକୁ ଥିବା ୪ଶ୍ରମ ଆଇନ ଅନୁଯାୟୀ ତୁରନ୍ତ ଏହାର କୋଡ୍ ବାହାର କରି କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ତାଗିଦା କରିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୯ଟି ପ୍ରଚଳିତ ଶ୍ରମଆଇନ ବଦଳରେ ଚାରୋଟି ଶ୍ରମ ସଂହିତା କରାଯିବ। ସେଥିମଧ୍ୟରେ ମଜୁରୀ ସଂହିତା-୨୦୧୯, ଶିଳ୍ପ ସମ୍ପର୍କ ସଂହିତା-୨୦୨୦, ସାମାଜିକ ସୁରକ୍ଷା ସଂହିତା-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦ ରହିଛି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଚଳିତବର୍ଷ ନଭେମ୍ବର ୨୧ଠାରୁ ଘୋଷଣା ହୋଇଛି; ଯାହା କି ସ୍ୱାଧୀନତା ପୂର୍ବର ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟର ପ୍ରାରମ୍ଭିକ (୧୯୩୦-୧୯୫୦)ଦଶକରେ ପ୍ରସ୍ତୁତ କରାଯାଇଥିଲା।

ସୂଚନା ଅନୁଯାୟୀ, ୪ଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ରିତ କରି ମଜୁରୀ ସଂହିତା ପ୍ରଣୟନ କରାଯାଇଥିବାବେଳେ ତିନୋଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ର କରି ଶିଳ୍ପ ସମ୍ପର୍କ ସଂହିତା, ନଅଟି ପ୍ରଚଳିତ ଶ୍ରମଆଇନକୁ ଏକାଠି କରି ସାମାଜିକ ସୁରକ୍ଷା ସଂହିତା ଏବଂ ୧୩ଟି ପ୍ରଚଳିତ ଶ୍ରମ ଆଇନକୁ ଏକତ୍ରିତକରି ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ପ୍ରଣୟନ କରାଯାଇଛି। ଏକତ୍ରୀକରଣ ହୋଇଥିବା ଏହି ଶ୍ରମ ସଂହିତାଗୁଡ଼ିକ ଶ୍ରମିକ ଏବଂ ଉଦ୍ୟୋଗ ଗୁଡ଼ିକୁ ସଶକ୍ତ କରିବା ସହ ଏକ ବିକଶିତ ବିଶ୍ୱ ସହିତ ସମନ୍ୱିତ ଶ୍ରମଶକ୍ତି ନିର୍ମାଣ କରିବାରେ ସହାୟକ ହେବ। ତେବେ ଏହି ଚାରୋଟି ଶ୍ରମ ସଂହିତାରେ ପ୍ରଚଳିତ ଶ୍ରମ ଆଇନଗୁଡ଼ିକର ଉନ୍ନତ ବିଧି ବ୍ୟବସ୍ଥାଗୁଡ଼ିକୁ ବଜାୟ ରଖିବା ସହିତ ଶ୍ରମ ସଂସ୍କାର ନିମନ୍ତେ କିଛି ନୂତନ ବିଧି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି; ଯେଉଁଥିରେ ଶ୍ରମିକମାନଙ୍କ ଜୀବନଧାରଣର ମାନବୃଦ୍ଧି ନିମନ୍ତେ ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରାଯିବା ବାଧ୍ୟତାମୂଳକ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫ୍ଲୋର ୱେଜ୍‌କୁ ଆଇନଗତ ମାନ୍ୟତା ପ୍ରଦାନ କରାଯାଇଛି, ଯାହାଠାରୁ କମ୍ ସର୍ବନିମ୍ନ ମଜୁରି କୌଣସି ରାଜ୍ୟ ସ୍ଥିର କରିବା ଆଇନ ଉଲ୍ଲଂଘନ। କର୍ମଚାରୀମାନଙ୍କୁ ନିଯୁକ୍ତିଦାତାଙ୍କ ଦ୍ୱାରା ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନର ବ୍ୟବସ୍ଥା ନିଯୁକ୍ତିଦାତା ଶ୍ରମିକଙ୍କୁ ସମୟାନୁସାରେ ମଜୁରି ପ୍ରଦାନ କରିବା ସହିତ ମହିଳା ଓ ପୁରୁଷ ଶ୍ରମିକଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ କରିବା ବାଧ୍ୟତାମୂଳକ ରହିବ। ଏହା ଶ୍ରମିକଙ୍କ ଆର୍ଥିକସୁରକ୍ଷା ସୁନିଶ୍ଚିତ କରିବା ସହିତ କାର୍ଯ୍ୟ ଚାପ ହ୍ରାସ କରିବାରେ ସହାୟକ ହୋଇପାରିବ। ଏହାସହିତ ନିଯୁକ୍ତିଦାତାମାନେ ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ମାଗଣା ବାର୍ଷିକ ସ୍ୱାସ୍ଥ୍ୟପରୀକ୍ଷା ଯୋଗାଇବା, ସମୟୋଚିତ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଶିଳ୍ପ ବିବାଦଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଉନ୍ନତ ବ୍ୟବସ୍ଥା ସହିତ ଶିଳ୍ପ ସଂସ୍ଥାଗୁଡ଼ିକରେ ଶ୍ରମିକମାନଙ୍କ ଅଭିଯୋଗ ସମାଧାନ ପାଇଁ ଗଠିତ ଅଭିଯୋଗ ପ୍ରକୋଷ୍ଠରେ ମହିଳାଙ୍କ ପ୍ରତିନିଧି ବ୍ୟବସ୍ଥା ରହିବ।

# କାର୍ଯ୍ୟକାରିତାରେ ବିଳମ୍ବ ନେଇ ସଚିବଙ୍କୁ ତାଗିଦ୍

ଭୁବନେଶ୍ୱର,୧୪।୧୨
(ରବିନାରାୟଣ ଜେନା)

## ମୁଖ୍ୟମନ୍ତ୍ରୀଙ୍କ ୬୮ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରସଙ୍ଗ

ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଗଣିତ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ସ୍ୱପ୍ନ ଦେଖିଛନ୍ତି। ଏହାକୁ ସାକାର କରିବାପାଇଁ ଗତ ୧୮ମାସ ମଧ୍ୟରେ ବିଭିନ୍ନ ବିଭାଗକୁ ଯେଉଁ ବ୍ୟକ୍ତିଗତ ନୋଟ୍ ଶିଟ୍(ୟୁଓଆଇ) ପ୍ରଦାନ କରିଛନ୍ତି ତାହାକୁ ସୋମବାର ଅର୍ଥାତ୍ ଚଳିତମାସ ୧୫ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମ୍ପୃକ୍ତ ବିଭାଗୀୟ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ସେ କହିଥିଲେ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ୬୮ଟି ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କରିଛନ୍ତି। ତେବେ ଏହା କାହିଁକି କାର୍ଯ୍ୟକାରୀ ହେଉନାହିଁ। ତୁରନ୍ତ ଏହା ଉପରେ ସମୀକ୍ଷା କରି ଡିସେମ୍ବର ୧୫ ସୁଦ୍ଧା ଯେଉଁସବୁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନ କରିଛନ୍ତି ସେଥିରେ 'କମ୍ପ୍ଲିଟେଡ' ଲେଖି ସରକାରଙ୍କୁ ପ୍ରଦାନ କରିବାକୁ ହେବ।

ଏଥିସହ ସେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ବେଳେ ଏହାକୁ ଠିକଣା ଭାବେ ଯେପରି ଟ୍ରାକିଂ କରାଯାଇପାରିବ ସେଭଳି ବ୍ୟବସ୍ଥା କରିବାକୁ ପଡ଼ିବ; ଯଦ୍ୱାରା କାର୍ଯ୍ୟର ଅଗ୍ରଗତି ତଥା ସ୍ଥିତାବସ୍ଥା ସମ୍ପର୍କରେ ତତ୍କ୍ଷଣାତ୍ ଯେପରି ଜାଣି ହେବ। ତେବେ ଯେଉଁ ସବୁ ନିର୍ଦ୍ଦେଶ ପାଳନ ପାଇଁ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇଛି, ମାତ୍ର ତାହା ଶେଷ ହୋଇନାହିଁ, ତାହାକୁ 'କନ୍‌ଷ୍ଟିଚ୍ୟୁଟେଡ୍' ଦର୍ଶାଇବାକୁ ସଚିବମାନଙ୍କୁ ମୁଖ୍ୟସଚିବ କହିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାପାଇଁ ବିକଶିତ ଓଡ଼ିଶା ଭିଜନ-୨୦୩୬ ହାତକୁ ନେଇଛନ୍ତି। ଏହାକୁସଫଳ କରିବା ଲାଗି ଛୁଟିଦିନଗୁଡ଼ିକରେ ମଧ୍ୟ ଲୋକସେବାଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ଯେଉଁ ନିର୍ଦ୍ଦେଶ ସମ୍ପୃକ୍ତ ବିଭାଗକୁ ପ୍ରଦାନ କରୁଛନ୍ତି ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାଳନ ହେଉନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୀକ୍ଷା କରିବା ସହିତ ନିଜେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ନୋଟ୍‌ଶିଟ୍ ମଧ୍ୟ ପ୍ରଦାନ କରୁଛନ୍ତି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଇତିମଧ୍ୟରେ ୬୮ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କରିଥିବାବେଳେ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ସେଥିରେ ଯୋଜନାର କାର୍ଯ୍ୟକାରିତା ପୂର୍ବରୁ କେଉଁସବୁ ନୀତିଗତ ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ରହିଛି ତାକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ହେବ। ଏପରି କି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଘୋଷଣା ହେବା ପୂର୍ବରୁ ଯେପରି ତାହା ଠିକଣା ଭାବେ ସମୀକ୍ଷା ହୋଇଥିବ ଏବଂ ବାସ୍ତବତା ତଦାରଖ ହୋଇଥିବ, ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟସଚିବ କହିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନୋଟ୍‌ଶିଟ୍ ଏବଂ ଯୋଜନା ସଂକ୍ରାନ୍ତରେ ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା- ଜିଲାସ୍ତରରେ 'ପ୍ରଭାରୀ ମନ୍ତ୍ରୀ' ଦାୟିତ୍ୱ ପ୍ରଦାନ କରିବା, 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର କାର୍ଯ୍ୟକାରିତା, ରାଜ୍ୟରୁ ଗୁଟ୍‌ଖା ସମ୍ପୂର୍ଣ୍ଣ ନିଷେଧ, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ ଭଳି ଶତାଧିକ ନିର୍ଦ୍ଦେଶନାମା ରହିଛି। ହେଲେ ନିର୍ଦ୍ଦେଶନାମାଗୁଡ଼ିକ ଠିକଣା ସମୟରେ କାର୍ଯ୍ୟକାରୀ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ପରେ ବ୍ୟକ୍ତିଗତ ନୋଟ୍‌ଶିଟ୍ ଲେଖାଯାଇ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଯାଉଛି। ଆସନ୍ତାକାଲି ସୁଦ୍ଧା ବିଭିନ୍ନ ବିଭାଗର ସଚିବ କେତେଦୂର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନ କରୁଛନ୍ତି ତାହା ଦେଖିବାର ରହିଛି।

# ତାପମାତ୍ରାରେ ସାମାନ୍ୟ ବୃଦ୍ଧି

ଭୁବନେଶ୍ୱର,୧୪।୧୨(ବନ୍ଦନା ସେଠୀ)

ରାଜ୍ୟରେ ପାରଦ ତଳମୁହାଁ ରହିଥିବାବେଳେ ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ଏପରି ସ୍ଥିତିରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହୋଇଛି। ରବିବାର କିଛି ସ୍ଥାନରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀକୁ ବୃଦ୍ଧି ପାଇଥିବାବେଳେ ଫୁଲବାଣୀ ଏବଂ ଦାରିଙ୍ଗବାଡିରେ ୬ ଡିଗ୍ରୀ, ସେମିଳିଗୁଡାରେ ୬.୧, କୋରାପୁଟ ୭, ରାଉରକେଲା ୮.୨, ଟିପିଲିମା ୮.୬, ଝାରସୁଗୁଡା ୮.୯, ଭବାନୀପାଟଣା ୯, ଅନୁଗୋଳ ୯.୬ ଏବଂ ବୌଦ୍ଧ ଓ କିରେଇରେ ସର୍ବନିମ୍ନ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୧୩.୨ ଓ କଟକରେ ୧୩ ଡିଗ୍ରୀ ତାପମାତ୍ରା ରହିଥିଲା। ଅନ୍ୟପକ୍ଷରେ ରାଉରକେଲା ଓ ଭବାନୀପାଟଣାରେ କୁହୁଡ଼ି ଦେଖାଦେଇଥିବାବେଳେ ସୋମବାର ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡି ଏବଂ କୋରାପୁଟ ଜିଲାରେ ମଧ୍ୟମରୁ ସାମାନ୍ୟ କୁହୁଡି ଦେଖାଦେବ। ତେବେ ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ କ୍ଷେତ୍ର ସକ୍ରିୟ ନ ଥିବାରୁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି।

# ଥ୍ରେସର ମେଶିନ ନେଲା ଶ୍ରମିକଙ୍କ ଜୀବନ

ବାଲେଶ୍ୱର,୧୪।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅଧୀନ ବର୍ଦ୍ଧନପୁର ପଞ୍ଚାୟତର ସାହାଜାନଗର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଧାନପିଟା ଥ୍ରେସର ମେଶିନରେ କଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଉକ୍ତ ଗ୍ରାମର ରାଧୁଆ ଦଳେଇଙ୍କ ପୁଅ ରାଜୁ (୨୦)।

ଅପରାହ୍ନରେ ଉକ୍ତ ଅଞ୍ଚଳରେ ଥ୍ରେସର ମେଶିନ ଯୋଗେ ଧାନବିଡ଼ା ପିଟାଯାଉଥିଲା। ମେଶିନରେ ଧାନ କଳେଇ ଜାମ୍ ହୋଇଯାଇଥିଲା। ଏହି ସମୟରେ ରାଜୁ କଳେଇକୁ ଗୋଡ଼ରେ ପେଲୁଥିବା ବେଳେ ସେ ମେଶିନରେ ପଶି ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

# ଧାନ ବିଲରେ ନିଆଁ ଲାଗି ଜଳିଗଲେ ଚାଷୀ

ପିପିଲି/ଡେଲାଙ୍ଗ,୧୪।୧୨
(ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର/ରଶ୍ମିରଞ୍ଜନ ପ୍ରଧାନ)

ପିପିଲି ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଚାଷୀ ବିଲ ମଝିରେ ନିଆଁରେ ଜଳିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଚାଷୀ ହେଲେ ପିପିଲି ସୁନାମୁହିଁ ଗାଁର ଗଜେନ୍ଦ୍ର ସ୍ୱାଇଁ।

ସୂଚନାଯୋଗ୍ୟ, ଗଜେନ୍ଦ୍ର ନିଜ ବିଲରେ ଲଗାଇଥିବା ନିଆଁ ପାଖ ବିଲରେ ପଡ଼ିଥିବା ଧାନ କଳେଇରେ ଲାଗିଯାଇଥିବା ଦେଖି ନିରୁପାୟ ହୋଇ ନିଜେ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେ ନିଜେ ସେହି ନିଆଁରେ ଜଳିଯାଇଥିବା ଜଣାପଡ଼ିଛି। ଗଜେନ୍ଦ୍ର ଜଳିଯାଇଥିବା ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗଜେନ୍ଦ୍ର ହାର୍ଭେଷ୍ଟର୍‌ରେ ଧାନ କାଟିଥିଲେ। ପାଗ ଉଡ଼ିଗଲେ ଆଉ ମୁଗ ବୁଣିହବନି, ତେଣୁ ରବିବାର ସକାଳେ ଧାନଗଛ ମୂଳ ଏବଂ ବିଲରେ ପଡ଼ିଥିବା କୁଟାକୁ ନିଆଁ ଲଗାଇ ସଫା କରୁଥିଲେ। ମାତ୍ର ନିଆଁ ପାଖ ବିଲରେ କଟାହୋଇ ପଡ଼ିଥିବା ଧାନକୁ ଧରି ପକାଇଥିଲା। ଏହାଦେଖି ଗଜେନ୍ଦ୍ର ବିଚଳିତ ହୋଇପଡ଼ିଥିଲେ। ପାଖ ବିଲର ନିଆଁକୁ ଲିଭାଇବାକୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଏହାପରେ ସେ ନିଜେ ପୋଡ଼ିହୋଇ ମୃତ୍ୟୁବରଣ କରିଥିଲେ। ଅନ୍ୟ ଚାଷୀମାନେ ସେମାନଙ୍କ ବିଲକୁ ଯିବାରେ ଗଜେନ୍ଦ୍ର ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ଦେଖି ଡାକ ପକାଇଥିଲେ। ଡାକ ଶୁଣି ଗ୍ରାମ ତଥା ଆଖପାଖ ଗ୍ରାମର ଲୋକମାନେ ସେଠାରେ ପହଞ୍ଚି ଥାନାକୁ ଜଣାଇଥିଲେ। ଖବରପାଇ ପିପିଲି ପୋଲିସ ଏବଂ ଅତିରିକ୍ତ ଆର୍ଆଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇବା ସହିତ ତଦନ୍ତ ଚଳାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର
- ରକ୍ତଦାନ ଶିବିର,ସ୍ଥାନ:ହୋଟେଲ ହରିପ୍ଲାଜା, ବାଲେଶ୍ୱର,ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।
- ଶିକ୍ଷା ସଭା, ଆସ ସ୍କୁଲ ଯିବା, ସ୍ଥାନ:ମୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଉତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ:ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ପୂର୍ବତନ ଜିଲା ଉପସଭାପତି ସୁଧାକର ଧଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ତାଳପଦା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଦମପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: କଳିଙ୍ଗା ଉଚ୍ଚ ବିଦ୍ୟାଳୟ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ହାଟଡ଼ିହୀ କଲେଜର ବାର୍ଷିକ କ୍ରୀଡ଼ା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟ। ୩୦।
- ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ରୁଦ୍ରାଭିଷେକ ଏବଂ ଭଜନ ସମାରୋହ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ରାଶନ କାର୍ଡ ବଣ୍ଟନ, ସ୍ଥାନ:ମ୍ୟୁନିସିପାଲିଟି ପରିସର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସିଭିଲ ସର୍ଭିସ ପ୍ରାରମ୍ଭିକ ପରୀକ୍ଷାର ନିଃଶୁଳ୍କ କୋଚିଂ ଆରମ୍ଭ, ସ୍ଥାନ:ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାଳିକା ହଷ୍ଟେଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୋରଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଗଞ୍ଜାମ
- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ବିଏଡ୍ କଲେଜ, ସମୟ: ସକାଳ ୯ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଦିଗପହଣ୍ଡି ବି.ତୁରୁବୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବୁଗୁଡ଼ା ସଙ୍କୁରୁ ପଞ୍ଚାୟତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ ଓ ବାର୍ଷିକ କ୍ରୀଡ଼ା,ସ୍ଥାନ: ଆସିକା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ୫ମ ମହାକାଳେଶ୍ୱର ମହୋତ୍ସବ ଉଦଯାପନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୫ଟା ୩୦।

## ଅନୁଗୋଳ
- କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ : କେନ୍ଦ୍ରୀୟ ବିଦ୍ୟାଳୟ ପରିସର , ଆଠମଲ୍ଲିକ, ସମୟ : ସକାଳ ୯ ଟା ।

## ଜଗତ୍‌ସିଂହପୁର
- ବନ୍ୟପ୍ରାଣୀ ସୁରକ୍ଷା ଉପରେ ବୈଠକ, ସ୍ଥାନ: ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ପରିସର, ସମୟ: ପୂବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳଭଣ୍ଡାର ଉଦ୍‌ଘାଟନ ସମାରୋହ, ସ୍ଥାନ: ଆରଏମ୍‌ସି, ଜମଧର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଅନ୍ଦୋଳନ, ସ୍ଥାନ: ବିଦ୍ୟୁତ କାର୍ଯ୍ୟାଳୟ, ଛତା, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଘୋଡଲାଗି ପର୍ବର ୧୯ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡ଼ାର ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡ଼ାଙ୍ଗନ, ସମୟ: ସକାଳ ୭ଟା୩୦।
- ଧନୁଯାତ୍ରା ପାଇଁ ଗୀତାଯଜ୍ଞ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ସକାଳ ୮ଟା।
- ମା' ବରୁଣେଇ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସରେ ବାଙ୍କୀର ରଜୀବ ସହ ବଗେଇ କ୍ରିକେଟ ଟିମ୍, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କପ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ଦିବସରେ ସମ୍ବଲପୁର ବନାମ କୋଲକାତା, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଶୁଭାରମ୍ଭ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେସନ, ସମୟ: ପୂର୍ବାହ୍ନ ୧୧ଟା ।
- ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା, ସ୍ଥାନ: ପ୍ରଶିକ୍ଷଣ ଗୃହ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧ଟା।
- ଉପଖଣ୍ଡସ୍ତରୀୟ ଚଇତି ସାଂସ୍କୃତିକ ଉତ୍ସବ ପାଇଁ ବିତର୍କ ପ୍ରତିଯୋଗିତା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଣପୁର, ସମୟ : ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: କୋଡ଼ିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କଙ୍କାଲୁଣୀଙ୍କ ବାର୍ଷିକ ଉତ୍ସବ ଦଶହରା ପାଳନ,ସ୍ଥାନ: କଙ୍କାଲୁଣୀଙ୍କ ମନ୍ଦିର ପରସର ମେଦନା, ଡାବୁଗାଁ ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ପଲ୍ଲୀଶ୍ରୀ ମେଳା ୪ର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଣ୍ଡେଇ ପଡିଆ, ନବରଙ୍ଗପୁର, ସମୟ: ରାତି ୭ଟା।
- ଅହୋରାତ୍ର ଆଦିବାସୀ ନାଟ, ସ୍ଥାନ: ମଣ୍ଡେଇ ପଡ଼ିଆ, ନବରଙ୍ଗପୁର, ସମୟ: ମଧରାତ୍ରି ୧୨ଟା।

## କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗିର୍ଲା ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମରିଚମାଲ ପଞ୍ଚାୟତ କାର୍ଯ୍ୟାଳୟ, ମରିଚମାଲ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ,ରାଜପଲମା ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅନାସ୍ଥା ପ୍ରସ୍ତାବ ଆଣିଥିବା ୱାର୍ଡସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ସ୍ଥାନ: ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌କେଟି ରୋଡ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ରାଜସ୍ୱ ଓ ବନବିଭାଗ ଦ୍ୱାରା ଜମି ଯାଞ୍ଚ, ସ୍ଥାନ: ରାଣୀଡୁଡୁମା ପରିସର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ରେଙ୍ଗାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରଜ ମହୋତ୍ସବ-୨୦୨୫, ସ୍ଥାନ: ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘର ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର
- ମଠଖାଇ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆ, ସମୟ: ସକାଳ ୮ଟା।

## ରାଉରକେଲା
- ବୈଭବ ଅନୁଷ୍ଠାନ ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଗୋଲଘର ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଗିନିଜ ରେକର୍ଡ ଦୌଡ଼ ସମାପନ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ, ସାଧାରଣ ସଭା, ସ୍ଥାନ: ଗୋଲାମୁଣ୍ଡା ବ୍ଲକ ଶିବାଜୀ ଷ୍ଟାଡ଼ିୟମ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆଧାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ ଢୋଲପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୩ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଡିଏଲ୍‌ଏସ୍‌ଏ ନୂଆପଡ଼ା ପକ୍ଷରୁ ୫ ଦିନିଆ ମଧ୍ୟସ୍ଥତା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଡିଆର୍‌ପିସି ସିଲାଦା ନୂଆପଡ଼ା, ସମୟ: ସକାଳ ୯ଟା ୧୫।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଶୁଣାଣି ଶିବିର, ସ୍ଥାନ: ଖଡିଆଳ ବ୍ଲକ ରିଶଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, କୋଲାବିରା, ସମୟ:ପୂର୍ବାହ୍ନ ୧୦ଟା।

# ଚର୍ଚ୍ଚାରେ ଅର୍ଚ୍ଚିତାଙ୍କ ବାହାଘର ଭୋଜି

ଭୁବନେଶ୍ୱର,୧୪।୧୨ (ରବିନାରାୟଣ ଜେନା)

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସୁକନ୍ୟା ଅର୍ଚ୍ଚିତା ଷଡ଼ଙ୍ଗୀଙ୍କ ବିବାହ ଉପଲକ୍ଷେ ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ବିବାହ ଭୋଜିକୁ ନେଇ ରବିବାର ରାଜଧାନୀରେ ବେଶ୍ ଚର୍ଚ୍ଚା ପରିଲକ୍ଷିତ ହୋଇଛି। ପ୍ରାୟ ୩୦ହଜାର ଲୋକ ଏହି ଭୋଜିରେ ସାମିଲ ହୋଇଥିବାବେଳେ ରାଜ୍ୟ ତଥା ଦେଶର ବହୁ ନାମୀଦାମୀ ନେତାଙ୍କୁ ବରବଧୂଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ତେବେ ବହୁ ରାଜନେତା, ନେତା, ଅମଲା ଏହି ବିବାହ ଭୋଜି ସମୟରେ ଉଠାଇଥିବା ଦୃଶ୍ୟକୁ ନିଜ ଫେସ୍‌ବୁକରେ ଅପଲୋଡ୍ କରିଥିବା ପରିଲକ୍ଷିତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମସ୍ଥ ଚନ୍ଦ୍ର ଏବଂ ଉଚ୍ଚାରୋହୀ ରାଶ୍ୟାଧିପତିଙ୍କ କାରଣରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। କେତୁଙ୍କ କୁପ୍ରଭାବରୁ ସନ୍ତାନ ହେତୁକ ସମସ୍ୟା ବିବ୍ରତ କରିପାରେ। ପରୋକ୍ଷ ଶତ୍ରୁତାରୁ ବ୍ୟବସାୟ ଓ ବାଣିଜ୍ୟ ବାଧାପ୍ରାପ୍ତ ହୋଇପାରେ। ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ସ୍ଥଗିତ କାମକୁ ସମ୍ପନ୍ନ କରିବାରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ିପାରିବେ। ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ପୁଣି କେତେକ କାମରେ ମନ ବଳାଇବେ, ଯାହାକି ଅନର୍ଥର କାରଣ ହୋଇପାରେ। ଆନୁଷ୍ଠାନିକ କାମରେ ସହଯୋଗ ସକାଶେ ବନ୍ଧୁଙ୍କ ନିମନ୍ତ୍ରଣ ପାଇପାରନ୍ତି।

**ମିଥୁନ** ଦୈହିକ ଦୁର୍ବଳତା ହେତୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ସକାଶେ ବନ୍ଧୁଙ୍କ ଉପରେ ନିର୍ଭର କରିବେ। ବନ୍ଧୁଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ସଭାସମିତିରେ ନିଷ୍ପତ୍ତି ବଦଳାଇବା ପାଇଁ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡ଼ିପାରେ। ନୂତନ କର୍ମାରମ୍ଭ ସକାଶେ ଅଧିକ ପୁଞ୍ଜିର ଆବଶ୍ୟକତା ଅନୁଭବକରିବେ।

**କର୍କଟ** ସମସ୍ୟା ଲାଗିରହୁଥିବାରୁ ପାରିବାରିକ ଅସ୍ଥିରତା ମାନସିକ ଅବସାଦର କାରଣ ହେବ। ଅର୍ଥ ସଙ୍କଟ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ। ଭାବପ୍ରବଣତାଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁଙ୍କ ସହ ଆଲୋଚନା କାଳରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମ କିମ୍ବା ବିଶେଷ ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବା ସମ୍ଭାବନା ରହିଛି। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ପାରିବାରିକ ସମସ୍ୟା ପାଇଁ ମାନସିକ ସ୍ଥିତି ଭଲ ରହିବନାହିଁ। କୌଣସି ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣକଲେ ହଇରାଣ ହେବେ। ଅବହେଳା ଯୋଗୁ କେତେକ କାମ ପାଇଁ ଅନ୍ୟର ସାହାଯ୍ୟ ନେବେ। କଚେରି ମାମଲା, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଆଜି କାମ ହାସଲ ସକାଶେ ବିରୋଧ ଓ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବନ୍ଧୁଙ୍କୁ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଏକ ପ୍ରକାର ଆଶ୍ୱସ୍ତି ଲାଭକରିବେ । ଶିଳ୍ପ, ବାଣିଜ୍ୟ, ରାଜନୀତି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟହେବାରୁ ରାଗିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ସହକର୍ମୀଙ୍କ ବଦାନ୍ୟତାରୁ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପଡ଼ୋଶୀଙ୍କ ଭୁଲ୍ ପରାମର୍ଶ ବାଟବଣା କରିପାରେ। ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବାର ଉଦ୍ୟମ ଚଳାଇପାରନ୍ତି। ଅସହିଷ୍ଣୁ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବାଧିଲା ଭଳି ଅପଶବ୍ଦ କହିପାରନ୍ତି।

**ମକର** ସାଂସ୍କୃତିକ କାର୍ଯ୍ୟରେ ବନ୍ଧୁମାନେ ଆପଣଙ୍କୁ ଅର୍ଥ, ମିତ୍ରତା, ମିଷ୍ଟାନ୍ନ ଭୋଜନାଦିରେ ଆପ୍ୟାୟିତ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ବନ୍ଧୁଙ୍କ ସହ ପ୍ରୀତିପ୍ରଦ ଆଲୋଚନା କରିବେ। ପିଲାଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ ଲଘୁକ୍ରୋଧ ପ୍ରକାଶ କରିବେ। ସନ୍ତାନଙ୍କ ବିବାହ ସମ୍ବନ୍ଧରେ ପଡ଼ୋଶୀଙ୍କ ଅବଦାନ ରହିବ।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟା କରି ସଫଳତା ପାଇବେ। ଆର୍ଥିକ ଉନ୍ନତି ଘଟିବ, ଯଦିଓ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବ୍ୟବସାୟ, ପରିବହନରୁ ଲାଭ ପାଇପାରନ୍ତି। ପରିବାରର ଆବଶ୍ୟକତା ଅନୁଭବକରି ନୂତନ ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମୀନ** ଅନୁକୂଳ ଗ୍ରହ ସ୍ଥିତିରୁ ଆଜିର କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ଆତ୍ମୀୟଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିପାରନ୍ତି।

ଆଜି ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତିରୋଧାନ ଦିବସ, ପୌଷ କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ ସଫଳା ଏକାଦଶୀ,ମାସାନ୍ତ ସୋମବାର । ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦିବା ଘ.୧୧।୧୦୮ ମି. ଗତେ ସ୍ୱାତୀନକ୍ଷତ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ ଗତେ ଘ.୦୭।୩୮ ମଧ୍ୟେ, ଘ.୦୯।୧୦ ଗତେ ଘ.୧୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୮ ଗତେ ଘ.୦୮।୫୯ ମଧ୍ୟେ ରାହୁକାଳ ।

## ନୀତିନ ନବୀନ ଭାଜପା ...

ଏକ ବିବୃତିରେ ଜଣାଇଛନ୍ତି। ୬୫ ବର୍ଷୀୟ ଜେ.ପି. ନଡ୍ଡାଙ୍କୁ ୨୦୨୦ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା। ତେବେ ଅବଧି ଶେଷ ହେବା ପରେ ମଧ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ ଅବଧି ବୃଦ୍ଧି କରାଯାଇଥିଲା। କାୟସ୍ଥ ସମୁଦାୟର ଯୁବ ଚେହେରା ନୀତିନ ଆଗକୁ ନଡ୍ଡାଙ୍କ ସ୍ଥାନରେ ଦଳର ମଙ୍ଗ ଧରିପାରନ୍ତି ବୋଲି ମନେକରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ବରିଷ୍ଠ ନେତାମାନେ ନୀତିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ବଉଳ, ମାଛ ମଞ୍ଜି,**
**ଖଟୁଆ ତୁଣ୍ଡ, ନାହାକ ପାଞ୍ଜି,**
**ସତ କେତେ ମିଛ କେତେ ।**

ଆମ୍ବ ବଉଳ ଉପରେ ଭରସା ନ ଥାଏ। ମାଛ ମଞ୍ଜି ବା ବିହନ ସେମିତି ସବୁବେଳେ ମିଳି ନ ଥାଏ। ମିଛୁଆ ବ୍ୟକ୍ତିଙ୍କ କଥାରେ ଆଦୌ ସତ୍ୟତା ନ ଥାଏ। ସେହିପରି ନାହାକ ପାଞ୍ଜି ଦେଖି ଯାହା ଗଣନା କରିଥାଏ ତାହା ମଧ ସମ୍ପୂର୍ଣ୍ଣ ସତ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବୁଲ ମାଠିଆ ଯେଉଁଠି,**
**ବୁଢ଼ୀ ଗଡ଼ି ଗଡ଼ି ଯାଇ ସେଇଠି ।**

ସାଧାରଣତଃ ଝିଅମାନେ ଖଟା ବା ଆଚାରପ୍ରିୟ ହୋଇଥାନ୍ତି। ଏଭଳି ସ୍ଥିତିରେ ବୟସ୍କା ମହିଳା ଜଣକ ଖଟା ଖାଇବା ନେଇ ନିଜ ଲୋଭକୁ ସମ୍ବରଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସିଡ୍‌ନୀରେ ଆତଙ୍କବାଦୀ ...

ବିଅର ଧରି ଯାଉଥିବାବେଳେ ଗୁଳିଗୋଳାର ଶବ୍ଦ ଶୁଣି ବୋତଲଗୁଡ଼ିକୁ ଫୋପାଡ଼ି ଦେଇଥିଲେ। ସେହି ସମୟରେ ଉତ୍ସବ ପାଳନ କରୁଥିବା ଲୋକେ କିପରି ଗୁଳିମାଡ଼ରେ ଟଳିପଡୁଥିଲେ, ତାହା ଦେଖି ବିଚଳିତ ହୋଇଯାଇଥିଲେ।

ଇତିମଧ୍ୟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିସ୍ କହିଛନ୍ତି, ବଣ୍ଡାଇରୁ ଆସୁଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ। ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ପୋଲିସ ଓ ଏମର୍ଜେନ୍ସି ଟିମ୍‌କୁ ନିୟୋଜିତ କରାଯାଇଛି। ଲୋକେ ସ୍ଥାନୀୟ ପୋଲିସର ପରାମର୍ଶ ଗ୍ରହଣ କରି ଚଳନ୍ତୁ। ସେ ଏହାକୁ ଏକ ଲଜ୍ଜାକର ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏହା ପଛରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଉଚିତ ଦଣ୍ଡ ଦିଆଯିବ। ଇସ୍ରାଏଲ୍‌ର ଗାଜା ଆକ୍ରମଣ ପରଠୁ ବିଶ୍ୱର ବିଭିନ୍ନ ଭାଗରେ ଇହୁଦୀଙ୍କୁ ହମାସ୍ ଆତଙ୍କବାଦୀମାନେ ଟାର୍ଗେଟ କରୁଥିବାରୁ ଏହା ପଛରେ ମଧ ଇରାନ୍ ସମର୍ଥିତ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଥାଇପାରେ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ଏହି ଆକ୍ରମଣକୁ ଦୃଢ଼ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଅଷ୍ଟ୍ରେଲିଆରେ ବନ୍ଧୁକ ହିଂସା ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ୧୯୯୬ରେ ପୋର୍ଟ ଆର୍ଥର ସହରରେ ଜଣେ ବନ୍ଧୁକଧାରୀ ଗୁଳିକାଣ୍ଡ ଘଟାଇଥିଲେ। ତାଙ୍କ ଆକ୍ରମଣରେ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୪ ଓ ୨୦୧୮ରେ ଘଟିଥିବା ଆକ୍ରମଣରେ ଯଥାକ୍ରମେ ୫ ଓ ୭ ଜଣଙ୍କ ପ୍ରାଣହାନି ଘଟିଥିଲା। ସେହିପରି ୨୦୨୨ରେ କୁଇନ୍ସଲାଣ୍ଡ ରାଜ୍ୟରେ ଜଣେ ଖ୍ରୀଷ୍ଟିଆନ୍ କଠୋରପନ୍ଥୀଙ୍କ ଗୁଳିମାଡ଼ରେ ୨ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା।

## ବିଳମ୍ବିତ ନ୍ୟାୟ ଲୋକଙ୍କ ...

ୟ ନ୍ୟାୟିକ ପ୍ରକ୍ରିୟାର ଯଥେଷ୍ଟ ଉନ୍ନତି ହୋଇଛି। ଯେକୌଣସି ସ୍ଥାନରେ ଥାଇ ବି ଜଣେ ହାଇକୋର୍ଟ ଅଥବା ସୁପ୍ରିମକୋର୍ଟରେ ମାମଲା ଦାୟର କରିପାରୁଛନ୍ତି। ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି, ଯାହାକି କୋଭିଡ୍ ମହାମାରୀ ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ମତପୋଷଣ କରିଛନ୍ତି।

ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଯୋଗଦେଇ କହିଲେ, ନ୍ୟାୟ ସାଧାରଣ ଲୋକଙ୍କ ସନ୍ତୁଷ୍ଟି ପାଇଁ ହେବା ଦରକାର। ନ୍ୟାୟାଳୟଗୁଡ଼ିକରେ ଦିନକୁ ଦିନ ମାମଲାର ବୋଝ ବଢ଼ିବାରେ ଲାଗିଛି। ଏସବୁ ପ୍ରତିହତ କରିବା ପାଇଁ ମାମଲା ଅଦାଲତକୁ ଯିବା ପୂର୍ବରୁ ମଧ୍ୟସ୍ଥତା ଜରିଆରେ ସମାଧାନ ପାଇଁ ଉଦ୍ୟମ କରାଯିବା ଦରକାର। ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ନ୍ୟାୟିକ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ପାଇଛି। ମାମଲାର ଗୁରୁତ୍ୱ ଦେଖି ଅଗ୍ରାଧିକାର ଭିତ୍ତିରେ ଶୁଣାଣି କରାଯିବା ଆବଶ୍ୟକତା ରହିଛି ବୋଲି ଜଷ୍ଟିସ ଟଣ୍ଡନ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଭାପତି ସୀତାଂଶୁ ମୋହନ ଦ୍ୱିବେଦୀ ବକ୍ତବ୍ୟ ପ୍ରଦାନ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା, ସମ୍ପାଦକ ଅଭିଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଉପସଭାପତି ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ମୁଖ୍ୟ ବିଚାରପତି ଜଷ୍ଟିସ ଟଣ୍ଡନଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ସମେତ ଅନ୍ୟ ବାର୍ ଆସୋସିଏଶନ୍ ପକ୍ଷରୁ ସ୍ମୃତିଚିହ୍ନ, ଫୁଲତୋଡ଼ା ଏବଂ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ହାଇକୋର୍ଟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଆଇନ ପେସାରେ ନିୟୋଜିତ ଥିବା ବିଜୟ କୁମାର ମହାନ୍ତି, ଭକ୍ତହରି ମହାନ୍ତି, ଜଗନ୍ନାଥ ପଟ୍ଟନାୟକ, ସୁରେନ୍ଦ୍ରନାଥ କର, ନରସିଂହ ପାତ୍ର, ଉମାବଲ୍ଲଭ ମହାପାତ୍ର, ବାସୁଦେବ ପଣ୍ଡା, ସତ୍ୟସୁନ୍ଦର ଦାଶ ଏବଂ ଦର୍ପହରି ଧଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ମିକ୍ସଡ୍ ଡବଲ୍ସରେ ଜଷ୍ଟିସ ସାବିତ୍ରୀ ରଥ ଓ ଜଷ୍ଟିସ ଭି. ନରସିଂହ ଏବଂ ୱିମେନ ସିଙ୍ଗଲସ୍‌ରେ ଜଷ୍ଟିସ ସାବିତ୍ରୀ ରଥଙ୍କୁ ଶ୍ରେଷ୍ଠ ଭାବେ ସମ୍ମାନିତ କରାଯାଇଥିଲା। ବିଚାରପତି ଶିବଶଙ୍କର ମିଶ୍ର ଓ ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଚାରପତି, ଅବସରପ୍ରାପ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

## ପୋଲିସ ହେପାଜତରେ ...

ହୋହଲ୍ଲା କରିଥିଲେ। ଖବରପାଇ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ପ୍ରମୁଖ ପୋଲିସ ଫୋର୍ସ ସହ ବାଣପୁର ଥାନାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଛବୀନ୍ଦ୍ର ଗୁରୁତର ଥିବାବେଳେ ପୋଲିସ ତାଙ୍କୁ ଆମ୍ବୁଲାନ୍ସରେ ନ ଆଣି ନିଜ ଭ୍ୟାନରେ କାହିଁକି ଆଣିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଏନେଇ ଛବୀନ୍ଦ୍ରଙ୍କ ସ୍ତ୍ରୀ ରୀତା ନାୟକ କହିଛନ୍ତି ଯେ, କୌଣସି କାମରେ ସେ ନୟାଗଡ଼ ଆସିଥିବା ବେଳେ ଛବୀନ୍ଦ୍ର ଏକୁଟିଆ ଘରେ ଥିଲେ। ଶନିବାର ରାତିରେ ବାଣପୁର ପୋଲିସ ଛବୀନ୍ଦ୍ରଙ୍କୁ ଉଠାଇ ନେଇ ମାରିଦେଇଛି। ଏପରିକି ସକାଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ନ ଜଣାଇ ଅସୁସ୍ଥ ଥିବା କହି ଡାକ୍ତରଖାନାକୁ ଆସିବା ପାଇଁ ପୋଲିସ ଖବର ଦେଇଥିଲା ବୋଲି ରୀତା ଅଭିଯୋଗ କରିଛନ୍ତି। ଏନେଇ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି, ଛବୀନ୍ଦ୍ରଙ୍କ ବିପି ଲୋ' ହୋଇ ଗୁରୁତର ହୋଇପଡ଼ିବାରୁ ବାଣପୁର ମେଡିକାଲ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ପୋଲିସ ଭ୍ୟାନରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଛବୀନ୍ଦ୍ରଙ୍କ ସହ ଆଉ ଜଣେ ମଦ ବେପାରୀ ହଳଦା ଗ୍ରାମର ବିଦ୍ୟାଧର ନାୟକଙ୍କୁ ମଧ ଉକ୍ତ ରାତିରେ ଥାନାକୁ ଅଣାଯାଇଥିଲା। ପୋଲିସ ସେମାନଙ୍କୁ କୌଣସି ନିର୍ଯ୍ୟାତନା ଦେଇନାହିଁ ବୋଲି ଦେବତା ପ୍ରକାଶ କରିଛନ୍ତି।

## ହାତୀକୁ ଖାଦ୍ୟରେ ...

ଚିକିତ୍ସାଳୟରେ ରଖି ଚିକିତ୍ସା କରାଯାଉଛି। ଅନାହାର ଓ ସଂକ୍ରମଣ ବୃଦ୍ଧି ଯୋଗୁ ହାତୀଟି ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛି।

ଆର୍‌ସିସିଏଫ୍ ଗୋଗିନେନୀ କୁହନ୍ତି, ହାତୀର ଜିଭଟି ଏକ ତୃତୀୟାଂଶ ଛିଣ୍ଡି ଯାଇଥିବା ବେଳେ ସଂକ୍ରମଣ ବୃଦ୍ଧି ପାଇଛି। ଡାକ୍ତରୀ ଟିମ୍ ତା'ର ଚିକିତ୍ସା ଜାରି ରଖିଛନ୍ତି। ତଦନ୍ତ ପରେ ବିସ୍ଫୋରଣଜନିତ ଘଟଣା ହୋଇଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଏହା ଏକ ଜଘନ୍ୟ ଅପରାଧ । ଏଭଳି ନୃଶଂସ କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କୁ ହତ୍ୟା ଭଳି ଆଇନରେ ଦଣ୍ଡିତ କରାଯିବା ଉଚିତ। ପରିବେଶବିତ୍ ସଂଯୁକ୍ତା ବସା କୁହନ୍ତି, ବାଣ ବିସ୍ଫୋରଣ ପାଇଁ ହାତୀର ଜିଭ ଛିଣ୍ଡିଛି। ଏଭଳି କ୍ରୂର ଘଟଣାକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ତେବେ ଜଙ୍ଗଲୀ ବାରହା ଶିକାର କିମ୍ବା ବନ୍ୟଜନ୍ତୁଙ୍କୁ ଭୟଭୀତ କରିବା ପାଇଁ ବିଶେଷତଃ ଚାଷୀମାନେ ପନିପରିବା କିମ୍ବା ଫଳଜାତୀୟ ଖାଦ୍ୟରେ ବିସ୍ଫୋରକ ଭର୍ତ୍ତି କରି ବ୍ୟବହାର କରିଥାନ୍ତି। ଏହିଭଳି ଅମାନବୀୟ ଆକ୍ରୋଶର ଶିକାର ହୋଇ ମାଈହାତୀଟି ମୃତ୍ୟୁସହ ସଂଗ୍ରାମ କରୁଥିବା ଚର୍ଚ୍ଚା ହେଉଛି।

# ଧର୍ମଶାଳାରେ ରାଜନୈତିକ ହିଂସା





■ ହିମାଂଶୁ, ପ୍ରଣବଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ
■ ଭାଜପା, ବିଜେଡିର ୩ ଗୁରୁତର

ଯାଜପୁର,୧୪।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ସୃଷ୍ଟି ହୋଇଛି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଧାୟକ ହିମାଂଶୁଶେଖର ସାହୁଙ୍କ ସମର୍ଥକଙ୍କ ମଧ୍ୟରେ ନିୟମିତ ବ୍ୟବଧାନରେ ଗଣ୍ଡଗୋଳ, ଭଙ୍ଗାରୁଜା, ଆରୋପ ପ୍ରତ୍ୟାରୋପ ଆଦି ଲାଗିରହିଛି। ରବିବାର ଅପରାହ୍ନ ପ୍ରାୟ ୧ଟାରେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ପଞ୍ଚାୟତ ପଞ୍ଚେଶ୍ୱରୀ ମନ୍ଦିର ନିକଟରେ ଭାଜପା କର୍ମୀ ସୁନୀଲ ପଣ୍ଡା ଏବଂ ତାଙ୍କର କେତେଜଣ ସହଯୋଗୀଙ୍କୁ ୬ ବିଜେଡି କର୍ମୀ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାର ପ୍ରାୟ ୨ ଘଣ୍ଟା ପରେ କେତେଜଣ ଭାଜପା କର୍ମୀ ଗଡ଼ମଧୁପୁର ପନ୍ଥୁରୀ ଫାର୍ମହାଉସରେ ପଶି ବିଜେଡି କର୍ମୀଙ୍କୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାଦ୍ୱୟରେ ଭାଜପାର ଜଣେ ଏବଂ ବିଜେଡିର ୨ କର୍ମୀ ଗୁରୁତର ହୋଇଛନ୍ତି। ଉଭୟ ଦଳର ୨୧ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଗୁରୁତର ଭାଜପା କର୍ମୀ ସୁନୀଲଙ୍କ ଭାଇ ସୁମନ୍ତ ପଣ୍ଡା ଥାନାରେ କରିଥିବା ଅଭିଯୋଗ ଅନୁସାରେ, ଚଢ଼େଇଧରାରୁ ସୁନୀଲ ଓ ତାଙ୍କ ସହଯୋଗୀ ନିଜ ଗ୍ରାମ ନରସିଂହପୁରକୁ ଫେରୁଥିଲେ। ପଞ୍ଚେଶ୍ୱରୀ ମନ୍ଦିର ନିକଟରେ କେତେଜଣ ଯୁବକ ଭୋଜି କରୁଥିଲେ। ହଠାତ୍ ସୁନୀଲଙ୍କ ଗାଡ଼ିକୁ ଦେଖି ଯୁବକମାନେ ରାସ୍ତାରେ ଅଟକାଇଥିଲେ। ସେହି ଯୁବକମାନେ ରାଜନୀତି କରୁଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗାଡ଼ିର ଡୋର୍ ଖୋଲି ସୁନୀଲଙ୍କୁ ଟାଣି ଆଣିଥିଲେ। ଏହାପରେ ସୁନୀଲଙ୍କ ମୁଣ୍ଡକୁ ରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ସୁନୀଲଙ୍କ ମୁଣ୍ଡ ଫାଟି ଯାଇଥିଲା। ସେ ମୁମୂର୍ଷୁ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ଏହାପରେ ଅନ୍ୟ ଯୁବକମାନେ ମଧ୍ୟ ସୁନୀଲଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ମାଡ଼ ମାରି ଗାଡିକୁ ଚେପା କରି ଦେଇଥିଲେ। ଏହାବାଦ୍ ଗୁରୁତର ଥିବା ସମସ୍ତଙ୍କୁ ଘୋଷାଡି ରାସ୍ତା କଡ଼କୁ ଫୋପାଡ଼ି ଦେଇଥିଲେ। କେତେକ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ସୁନୀଲ ଏବଂ ଅନ୍ୟମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହାପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ସୁବ୍ରତ ଧଳ, ପ୍ରଦୋଷ ନାୟକ, ସୌମ୍ୟ ପ୍ରକାଶ ବିଶ୍ୱାଳ, ଇନ୍ଦ୍ରଜିତ ତରାଇ, ଆଲୋକ ବେହେରା ଓ ମନୋଜ କୁମାର ଓଝା ସଂପୃକ୍ତ ଅଛନ୍ତି ବୋଲି ସୁମନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


ଅନ୍ୟପକ୍ଷର ଅଭିଯୋଗ ଅନୁସାରେ, ଗଡ଼ମଧୁପୁର ପଞ୍ଚାୟତସ୍ଥିତ ପୂର୍ବତନ ବିଧାୟକ ପ୍ରଣବଙ୍କ ପନ୍ଥୁରୀ ଫାର୍ମ ହାଉସଠାରେ ବିଧାୟକ ହିମାଂଶୁଙ୍କ ସମର୍ଥକ ପଶି ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଜେଡି ଯୁବ ଛାତ୍ର ଦଳର ଏକ ବୈଠକ ହେଉଥିବା ସମୟରେ କେତେଜଣ ଭାଜପା କର୍ମୀ ପଶି ଭଙ୍ଗାରୁଜା ଓ ଆକ୍ରମଣ କରିଥିଲେ। ଏଥିରେ ସୁବ୍ରତ ଧଳ, ସୌମ୍ୟପ୍ରକାଶ ବିଶ୍ୱାଳ, ଶକ୍ତିରଞ୍ଜନ ଦାସ, ରଞ୍ଜିତ ବେହେରା, ନିରଞ୍ଜନ ପ୍ରଧାନ, ଆଲୋକ ବେହେରା, ମନୋଜ ଓଝା ଓ ମମତା ଦଣ୍ଡପାଟ ପ୍ରମୁଖ ଆହତ ହୋଇଥିବା ସୂଚନା ମିଳିଛି। ଉଭୟ ଗୋଷ୍ଠୀର ୩ଜଣ ଭାଜପାର ସୁନୀଲ ପଣ୍ଡା ଏବଂ ବିଜେଡିର ଶକ୍ତିରଞ୍ଜନ ଦାସ ଓ ନିରଞ୍ଜନ ପ୍ରଧାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏହି ଘଟଣା ଉପରେ ବିଧାୟକ ହିମାଂଶୁ କହିଛନ୍ତି, ପୂର୍ବତନ ବିଧାୟକ ପ୍ରଣବ ହାରିବା ପରେ ରକ୍ତ ଚାଉଳ ଚୋବାଉଛନ୍ତି। ସେ ନିଜର ହିତାହିତ ଜ୍ଞାନ ବି ଭୁଲିଗଲେଣି। ଏପରିକି ସାଧାରଣ ଲୋକଙ୍କୁ ନିଜର ପୋଷାଗୁଣ୍ଡା ଲଗାଇ ଜୀବନରୁ ମାରିଦେବାକୁ ପଛାଉ ନାହାନ୍ତି। ପନ୍ଥୁରୀ ନିକଟରେ ପୂର୍ବତନ ବିଧାୟକଙ୍କ କେତେକ ଗୁଣ୍ଡା ଭାଜପା କର୍ମୀ ଓ ତାଙ୍କ ସମର୍ଥକଙ୍କୁ ସେହି ବାଟ ଦେଇ ଫେରୁଥିବା ବେଳେ ଅଚାନକ ଆକ୍ରମଣ କରିଥିଲେ। ତାଙ୍କ ସମର୍ଥକମାନେ ଜୀବନକୁ ବାଜି ଲଗାଇ ସେହିଠାରୁ ଖସି ଆସିଥିଲାବେଳେ ପ୍ରଣବଙ୍କ ଗୁଣ୍ଡାମାନେ ବିଭିନ୍ନ ଗାଡି ଓ ଫାର୍ମ ହାଉସ ଭଙ୍ଗାରୁଜାକରି ତାଙ୍କୁ ବଦନାମ କରିବାକୁ ଅପଚେଷ୍ଟା କରୁଛନ୍ତି। ପୂର୍ବତନ ବିଧାୟକ ପ୍ରଣବ କହିଛନ୍ତି, ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ନିୟମିତ ଭାବେ ଆକ୍ରମଣ କରାଯାଉଛି। ପୋଲିସରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ। ତେଣୁ ଏ ନେଇ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ।

## ନୀତିନ୍ ନବୀନଙ୍କୁ ମନମୋହନଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୪।୧୨ (ରବିନାରାୟଣ ଜେନା)

ଭାରତୀୟ ଜନତା ପାର୍ଟିର ସଂସଦୀୟ ବୋର୍ଡ ପକ୍ଷରୁ ନୀତିନ୍ ନବୀନଙ୍କୁ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାରୁ ଏହାକୁ ନେଇ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦେଶର ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶଳ ନେତୃତ୍ୱ ଓ ଦକ୍ଷ ମାର୍ଗଦର୍ଶନ ସହିତ ଆପଣଙ୍କର ଉତ୍ତମ ନେତୃତ୍ୱ ନିଶ୍ଚିତ ଭାବେ କର୍ମୀ ଓ ସଂଗଠନକୁ ନୂଆ ଊର୍ଜା ପ୍ରଦାନ କରିବ।




# ଅଗ୍ନିକାଣ୍ଡରେ ଧାନଖରି ଜଳିଗଲା

■ ୬୦୦ ବସ୍ତା ଧାନ ନଷ୍ଟ
■ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ
■ କ୍ଷତିପୂରଣ ଦାବିକଲା ଆମ୍ ଆଦ୍‌ମୀ ପାର୍ଟି

ଦେଓଗାଁ,୧୪।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଅଗ୍ନିଶମ କର୍ମଚାରୀ ଧାନଖରିରେ ନିଆଁ ଲିଭାଉଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଜଳିଆ ଗ୍ରାମର ଧାନଖରିରେ ରବିବାର ସକାଳେ ନିଆଁ ଲାଗି ପୋଡ଼ିଯାଇଛି। ଉକ୍ତ ଗ୍ରାମର ସୂର୍ଯ୍ୟନାରାୟଣ ନାଏକ ଖରିରେ ରଖିଥିବା ପ୍ରାୟ ୬୦୦ ବସ୍ତା ଧାନ ପୋଡ଼ି ପାଉଁଶ ହୋଇଯାଇଛି। ଦେଓଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସୂର୍ଯ୍ୟନାରାୟଣ ପ୍ରାୟ ୧୦ ଏକର ଜମିରେ ଧାନଚାଷ କରିଥିଲେ। ସେଠାରୁ ଅମଳ ହୋଇଥିବା ଧାନକୁ ଆଣି ଜଳିଆ ଓ ଅସୁରଡୁଙ୍ଗୁରୀ ମଝିରେ ରହିଥିବା ଖଳାରେ ଗଚ୍ଛିତ କରି ଖରି ଆକାରରେ ରଖିଥିଲେ। ସୋମବାର ଧାନ ମଡାଇବା ପାଇଁ ସେ ସମସ୍ତ ପ୍ରସ୍ତୁତି କରିଥିଲେ। ହେଲେ ରବିବାର ସକାଳେ ଖରିରେ ନିଆଁ ଲାଗିଯାଇଥିଲା। ଖବରପାଇ ପୂର୍ବାହ୍ନ ପ୍ରାୟ ୧୨ଟାରେ ସୂର୍ଯ୍ୟନାରାୟଣ ଖରିରେ ପହଞ୍ଚି ନିଆଁ ଲାଗିଥିବା ଦେଖିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ମଧ୍ୟ କେହି ଦୁର୍ବୃତ୍ତ ଖରିରେ ନିଆଁ ଲଗେଇ ଦେଇଥିବା ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି। ଦେଓଗାଁ ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡାଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଦମକଳ ଗାଡ଼ି ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସମସ୍ତ ଗଚ୍ଛିତ ଧାନ ପୋଡିଯିବାରୁ ସୂର୍ଯ୍ୟନାରାୟଣ ଭାଙ୍ଗିପଡିଛନ୍ତି। ଚାଷ ପାଇଁ କରିଥିବା ଧାରକରଜ କିପରି ଶୁଝିବେ ଓ ପରିବାର ପ୍ରତିପୋଷଣ କିଭଳି କରିବେ ତାହାକୁ ନେଇ ସେ ଚିନ୍ତାରେ ପଡିଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ପାଇଁ ସେ ନିବେଦନ କରିଛନ୍ତି। ଖବରପାଇ କେତେଜଣ ସ୍ୱେଚ୍ଛାସେବୀ ଓ ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଆଶିଷ କୁମାର ପାଣ୍ଡେ ଖଳାରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଓ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଆଗକୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆଶିଷ ଚେତାବନୀ ଦେଇଛନ୍ତି।

# ମେଘନାଦ ପାଚେରିରେ ପୁଣି ଫାଟ

ପୁରୀ,୧୪।୧୨(ଅଜିତ୍ କୁମାର ମହାନ୍ତି)



**ଏଏସ୍‌ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ମେଘନାଦ ପାଚେରି ଯୋଡ଼େଇରେ ପୁଣି ଫାଟ ସୃଷ୍ଟି ହୋଇଛି। ଏହାର ସୁରକ୍ଷା ଓ ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଘଟଣା ନୂଆ ନୁହେଁ । ପାଚେରିରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଥିବା ନେଇ ୨୦୨୪ରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଶିଉଳି ଛଡ଼ାଇ ଫାଟ ଯୋଡ଼େଇ ହୋଇଥିଲା। ଗ୍ରାଉଟିଂ କରାଯିବା ପରେ ଡ୍ରେନ୍ ପାଣି ପାଚେରି ଦେଇ ଝରିବା ବନ୍ଦ ହୋଇଯାଇଥିଲା। ମାତ୍ର ଗ୍ରାଉଟିଂ ମେଘନାଦ ପାଚେରିରୁ ବର୍ଷେ ବି ସୁରକ୍ଷା ଦେଇପାରିଲା ନାହିଁ। ପୁଣି ୩ଟି ସ୍ଥାନରେ ଡ୍ରେନ୍ ପାଣି ଝରି ଶିଉଳି ଚରିଗଲାଣି। ଏନେଇ ଖବର ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରବିବାର ମେଘନାଦ ପାଚେରିରୁ ପାଣି ଝରିବା ସମ୍ପର୍କରେ ପତ୍ରସଂଖ୍ୟା ୧୭୮୦୦ କ୍ରମେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଗତବର୍ଷ ମେଘନାଦ ପାଚେରିରୁ ପାଣି ଝରିବା ସାମ୍ନାକୁ ଆସିଥିଲା। ସେତେବେଳେ ଏଏସ୍‌ଆଇ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ମରାମତି ତଥା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଯାଇଥିଲା। ଏଏସ୍‌ଆଇ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ପୁଣି ଥରେ ମେଘନାଦ ପାଚେରିରୁ ପାଣି ଝରିବା ସହ କିଛିଅଂଶ ସନ୍ତସନ୍ତିଆ ରହୁଛି। ଶ୍ରୀମନ୍ଦିର ସୁରକ୍ଷାର ସବୁଠାରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ ହେଲା ମେଘନାଦ ପାଚେରି। ତେଣୁ ଏହାର ସୁରକ୍ଷା ପାଇଁ ଏଏସ୍‌ଆଇ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ସେ ଚିଠି ମାଧ୍ୟମରେ ଜଣାଇଛନ୍ତି।

ବର୍ଷେ ବ୍ୟବଧାନ ପରେ ମେଘନାଦ ପାଚେରିର ୨/୩ ଜାଗାରୁ ପାଣି ଝରିବାରେ ଲାଗିଛି। ଗତବର୍ଷ ସମାନ ସ୍ଥିତି ନେଇ ଖବର ପ୍ରସାରଣ ପରେ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମେଘନାଦ ପାଚେରିର ଶିଉଳି ଛଡ଼ାଯାଇ ଗ୍ରାଉଟିଂ ହେବାପରେ ପାଚେରିରେ ଥିବା ପଥର ଫାଟକୁ ଯୋଡ଼େଇ କରାଯାଇଥିଲା। ପୁନର୍ବାର ମେଘନାଦ ପାଚେରିରୁ ପାଣି ଝରିବା ଯୋଗୁ ଏହା ଦୁର୍ବଳ ହେବା ଆଶଙ୍କା କରି ଏଏସ୍‌ଆଇ ଏହାର ଜରୁରୀ ମରାମତି କରୁ ବୋଲି ସେବାୟତମାନେ କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ମେଘନାଦ ପାଚେରିରୁ ଶିଉଳିକୁ ଛଡ଼ାଯାଇଥିବା ବେଳେ ଏଏସ୍‌ଆଇ ସହିତ ଆଲୋଚନା କରି ଖୁବଶୀଘ୍ର ଏହାର ସ୍ଥାୟୀ ସଂରକ୍ଷଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ଦେଇଥିଲେ। ଆନନ୍ଦ ବଜାର ଭିତରେ କେଉଁ ସ୍ଥାନରୁ ପାଣି ଆସି ମେଘନାଦ ପାଚେରିରୁ ଝରୁଛି, ତାହାର ଅନୁଧ୍ୟାନ କରାଯାଉଥିବା ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ ପାଢ଼ୀ କହିଛନ୍ତି। ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ମେଘନାଦ ପାଚେରିରୁ ପାଣି ବାହାରୁଥିବା ନେଇ ସୂଚନା ମିଳିବା ପରେ ପାଚେରି ନିକଟରେ ଶ୍ରୀମନ୍ଦିର ତରଫରୁ ଟେକ୍ନିକାଲ୍ ଟିମ୍ ପହଞ୍ଚି ମରାମତି ଜାରି ରହିଛି। ଏଏସ୍‌ଆଇଙ୍କ ତତ୍ତ୍ୱାବଧାନରେ କାମ କରାଯିବ ଯାହା କି ମରାମତି କରାଯିବାକୁ ଅଛି, ତାହା କରାଯାଉଛି ବୋଲି ଜିଲାପାଳ କହିଛନ୍ତି।

## ଭାଜପା ସମ୍ପର୍କରେ ଯିଏ ଅଛ, ଦଳ ଛାଡ଼ି ଚାଲିଯାଅ: ଭକ୍ତ

**ମୋକିମ୍‌ଙ୍କୁ ତେରଛା ବାଣ**

ଭୁବନେଶ୍ୱର,୧୪।୧୨(ରବିନାରାୟଣ ଜେନା)

କଂଗ୍ରେସର ନେତୃତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ ରବିବାର ନୂଆ ଟୁଇଷ୍ଟ ଲୋକଲୋଚନକୁ ଆସିଛି। ଏହି ପ୍ରସଙ୍ଗରେ ଏକ ସପ୍ତାହ ଧରି ଚୁପ୍ ରହିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ ମୁହଁ ଖୋଲିଛନ୍ତି। ଯଦିଓ ସେ ମୋକିମଙ୍କ ନାଁ ନେଇ ନାହାନ୍ତି, ତଥାପି ତାଙ୍କୁ ପରୋକ୍ଷରେ ଭାଜପାରେ ମିଶିବା ଲାଗି ତେରଛା ବାଣ ମାରିଛନ୍ତି।

ଭକ୍ତ କହିଛନ୍ତି, ଯିଏ ଭାଜପା ସମ୍ପର୍କରେ ଅଛନ୍ତି, ସେ ଦଳ ଛାଡ଼ି ଚାଲିଯିବା ଦରକାର। ଦେଶରେ କଂଗ୍ରେସକୁ ଆଗକୁ ନେବାପାଇଁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖାର୍ଗେ ଏବଂ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କଠିନ ପରିଶ୍ରମ କରୁଛନ୍ତି। ସେମାନଙ୍କ ନେତୃତ୍ୱରେ କଂଗ୍ରେସ ଏବେ ଆଗକୁ ବଢୁଥିବାବେଳେ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଠିକ୍ ହୋଇନାହିଁ ବୋଲି ଭକ୍ତ କହିଛନ୍ତି।

ସୂଚନାଯୋଗ୍ୟ, ସର୍ବଭାରତୀୟ ଏବଂ ରାଜ୍ୟସ୍ତରରେ କଂଗ୍ରେସ ନେତୃତ୍ୱକୁ ନେଇ ପୂର୍ବତନ ବିଧାୟକ ମୋକିମ ଏଆଇସିସିର ପୂର୍ବତନ ସଭାନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ସୋନିଆ ଗାନ୍ଧୀଙ୍କୁ ଚଳିତମାସ ୮ରେ ପତ୍ର ଲେଖିଥିଲେ। ସେ ଦର୍ଶାଇଥିଲେ, କଂଗ୍ରେସ ସହିତ ମୋର ଦୀର୍ଘ ଦଶନ୍ଧି ଧରି ସମ୍ପର୍କ ରହି ଆସିଛି। ହେଲେ ରାଜ୍ୟରେ ଏବଂ ଦେଶରେ ଯେଉଁମାନଙ୍କୁ ଦଳର ମଙ୍ଗ ଧରାଯାଇଛି ସେମାନେ ବାସ୍ତବରେ ସେତେଟା ଦକ୍ଷ ନୁହନ୍ତି। ମୋକିମ ତାଙ୍କ ପତ୍ରରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ଭକ୍ତ, ରାହୁଲ ଏବଂ ଖାର୍ଗେଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ।






ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି– ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। –ଶ୍ରୀମା

ସଫଳା ଏକାଦଶୀ
ଉପବାସ ଓ ହଳ ନିଷେଧ

# ବଣ୍ଡାଇ

ଅଷ୍ଟ୍ରେଲିଆର ବଣ୍ଡାଇ ବେଳାଭୂମିରେ ୧୪ ଡିସେମ୍ବରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇଥିବା ତିନି ବନ୍ଧୁକଧାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଫେରାର ଥିବା କୁହାଯାଉଛି। ଆକ୍ରମଣ ବେଳେ ବେଳାଭୂମିରେ ଇହୁଦୀମାନଙ୍କ ପର୍ବ 'ହାନୁକ୍କା' ଚାଲିଥିଲା। ଇହୁଦୀଙ୍କ କ୍ୟାଲେଣ୍ଡର ଅନୁଯାୟୀ ହିବ୍ରୁ ମାସରେ ୮ ଦିନ ଧରି ଏହି ଉତ୍ସବ ପାଳନ କରାଯାଇଥାଏ। ଚଳିତବର୍ଷ ଏହା ଡିସେମ୍ବର ୧୪ରୁ ଆରମ୍ଭ ହୋଇ ୨୨ ଯାଏ ଚାଲିବ ବୋଲି ସ୍ଥିର ହୋଇଥିଲା। ଉକ୍ତ ଧର୍ମୀୟ ଉତ୍ସବର ପ୍ରଥମ ଦିନରେ ବଣ୍ଡାଇ ବେଳାଭୂମିରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇଥିବା ବେଳେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କୁହାଯାଉଛି ଇହୁଦୀମାନଙ୍କ ପ୍ରତି ଘୃଣାଭାବ ପ୍ରଦର୍ଶନପୂର୍ବକ ଏଭଳି ଆକ୍ରମଣ କରାଯାଇଛି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ ସମ୍ପୃକ୍ତ ଆକ୍ରମଣରେ ବିଦେଶୀ ଶକ୍ତିର ହାତ ଥିବା କହି ଇରାନ୍ ଆଡ଼କୁ ଇଙ୍ଗିତ କରିଛନ୍ତି। ସୂଚନା ଦିଆଯାଇପାରେ ଯେ, ୭ ଅକ୍ଟୋବର ୨୦୨୩ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧରେ ଇରାନ୍ ଇହୁଦୀ ବିରୋଧୀ ମନ୍ତବ୍ୟ ଦେବା ସହ ହମାସକୁ ସାମରିକ ସହଯୋଗ ଯୋଗାଇଆସୁଛି। ଇସ୍ରାଏଲ-ହମାସ ଯୁଦ୍ଧ ସ୍ଥିତି ଉପରେ ଅଷ୍ଟ୍ରେଲିଆ ବିଭିନ୍ନ ସମୟରେ ଭିନ୍ନ ମତ ରଖି ଆସୁଥିବାରୁ ହମାସ ସପକ୍ଷବାଦୀ ରାଷ୍ଟ୍ର ପକ୍ଷରୁ ଏଭଳି ଆକ୍ରମଣ ହୋଇଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ଚଳିତବର୍ଷ ଜୁଲାଇରେ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଥିଲା ଯେ, ଗାଜାର ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଛି ଏବଂ ଅଷ୍ଟ୍ରେଲିଆ ପାଇଁ ପ୍ରତିଟି ନିରୀହଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ । ପୁଣି ଆଧୁନିକ ଇସ୍ରାଏଲ ରାଷ୍ଟ୍ର ଗଠନକୁ ଅଷ୍ଟ୍ରେଲିଆ ସମର୍ଥନ କରିଆସୁଥିବା କହିଥିଲା। ଗତ ଡିସେମ୍ବର ୪ରେ ଅଷ୍ଟ୍ରେଲିଆ ପୁଣି ତା'ର ମତ ପରିବର୍ତ୍ତନ କରି ଜାତିସଂଘର ଏକ ପ୍ରସ୍ତାବକୁ ସମର୍ଥନ କରିଥିଲା, ଯାହା ଦାବି କରିଥିଲା ଯେ ଇସ୍ରାଏଲ ଯଥାସମ୍ଭବ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳରେ ତା'ର ବେଆଇନ ଉପସ୍ଥିତିକୁ ସମାପ୍ତ କରୁ। ଏଥିରୁ ବୁଝିବାକୁ ହେବ ଯେ, କୌଣସି ପ୍ରସଙ୍ଗରେ ଏକ ଦେଶ ତା'ର ବୈଦେଶିକ ନୀତିକୁ ବାରମ୍ବାର ପରିବର୍ତ୍ତନ କରିଚାଲିଲେ ତାହା ଅନ୍ୟମାନଙ୍କ ବିଶ୍ୱାସ ହରାଇଥାଏ।

> **ଆଜିର ପୃଥିବୀରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହୋଇଥାଆନ୍ତି, ତାହା ସାମରିକ ହେଉ ବା ଆର୍ଥିକ ଦୃଷ୍ଟିକୋଣରୁ। ଏବେ ଇସ୍‌ଲାମୀୟ ଜେହାଦୀଙ୍କ ଦ୍ୱାରା ଘଟାଯାଉଥିବା ହିଂସା ବିଶ୍ୱବ୍ୟାପୀ ହୋଇଗଲାଣି। ସେଥିପାଇଁ ପ୍ରତ୍ୟେକ ଦେଶକୁ ନିଜ ସୁରକ୍ଷା ସକାଶେ ସ୍ୱଷ୍ଟ ପଦକ୍ଷେପ ନେବାକୁ ହେବ। କୌଣସି ଦେଶର ବିଭାଜିତ କିମ୍ବା ଦୁର୍ବଳ ନେତୃତ୍ୱ ଜେହାଦୀ ଆକ୍ରମଣକୁ ନିମନ୍ତ୍ରଣ କରିଥାଏ। ମନେରଖିବାକୁ ହେବ ଯେ, ଆଜିର ପରିସ୍ଥିତିରେ ଇସ୍‌ଲାମୀୟ ଆତଙ୍କବାଦୀ ବିଦେଶରୁ ଆସିବା ଦରକାର ନାହିଁ।**

ଆଜିର ପୃଥିବୀରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲୁଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକ ପ୍ରଭାବିତ ହୋଇଥାଆନ୍ତି, ତାହା ସାମରିକ ହେଉ ବା ଆର୍ଥିକ ଦୃଷ୍ଟିକୋଣରୁ। ଏବେ ଇସ୍‌ଲାମୀୟ ଜେହାଦୀଙ୍କ ଦ୍ୱାରା ଘଟାଯାଉଥିବା ହିଂସା ବିଶ୍ୱବ୍ୟାପୀ ହୋଇଗଲାଣି। ସେଥିପାଇଁ ପ୍ରତ୍ୟେକ ଦେଶକୁ ନିଜ ସୁରକ୍ଷା ସକାଶେ ସ୍ୱଷ୍ଟ ପଦକ୍ଷେପ ନେବାକୁ ହେବ। କୌଣସି ଦେଶର ବିଭାଜିତ କିମ୍ବା ଦୁର୍ବଳ ନେତୃତ୍ୱ ଜେହାଦୀ ଆକ୍ରମଣକୁ ନିମନ୍ତ୍ରଣ କରିଥାଏ। ମନେରଖିବାକୁ ହେବ ଯେ, ଆଜିର ପରିସ୍ଥିତିରେ ଇସ୍‌ଲାମୀୟ ଆତଙ୍କବାଦୀ ବିଦେଶରୁ ଆସିବା ଦରକାର ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଡିସେମ୍ବର ୧୯୭୬**

- ଐତିହାସିକ ଦଲିଲଗୁଡ଼ିକର ସଂରକ୍ଷଣ କ୍ଷେତ୍ରରେ ସହଯୋଗ ରକ୍ଷାକରିବା ନିମନ୍ତେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ଏକ ଆଞ୍ଚଳିକ ସଂସ୍ଥା ଗଠନ କରାଯାଇଛି।
- ଦକ୍ଷିଣାଞ୍ଚଳର ମୁଖ୍ୟ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ ଜେନେରାଲ ଓ.ପି. ମାଲହୋତ୍ରାଙ୍କୁ ସାମରିକ ବାହିନୀର ଉପମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 8 | 3 | | | | | |
| 4 | | 7 | | | | | | |
| | | | | 8 | | | | |
| | | | 4 | 1 | | | | |
| | | | 6 | | 3 | | | 7 |
| 5 | | | 8 | | | 6 | | 2 |
| | | | | | | | | 8 |
| 2 | 6 | 3 | | | | | 9 | |
| | | 1 | 7 | | 4 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 9 | 8 | 3 | 5 | 4 | 6 |
| 8 | 6 | 4 | 1 | 5 | 2 | 3 | 7 | 9 |
| 9 | 3 | 5 | 4 | 6 | 7 | 2 | 1 | 8 |
| 5 | 4 | 7 | 2 | 3 | 8 | 6 | 9 | 1 |
| 1 | 2 | 8 | 7 | 9 | 6 | 4 | 5 | 3 |
| 3 | 9 | 6 | 5 | 1 | 4 | 7 | 8 | 2 |
| 2 | 7 | 3 | 8 | 4 | 9 | 1 | 6 | 5 |
| 6 | 8 | 1 | 3 | 7 | 5 | 9 | 2 | 4 |
| 4 | 5 | 9 | 6 | 2 | 1 | 8 | 3 | 7 |

ଗତକାଲିର ଉତ୍ତର

# ଜିଜ୍ଞାସାର ମହାଯଜ୍ଞ



ଡ. ପ୍ରଫୁଲ୍ଲ କୁମାର ସାହୁ

ପୁସ୍ତକଟିଏ ପ୍ରକାଶ ପାଇଲେ ପୁସ୍ତକର ସ୍ରଷ୍ଟା ଚାହେଁ ତା'ର ବହୁଳ ପ୍ରସାରଣ। କାରଣ ବହି ଖାଲି ଲେଖିଦେଲେ ହେବନି, ତାହା ପଢ଼ାଯିବା ଦରକାର। ପଢ଼ିବା ପାଇଁ ପ୍ରସାରଣ ଜରୁରୀ।

ପୁସ୍ତକର ବିପଣନ ତଥା ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାର ଏକ ମାଧ୍ୟମ ହେଉଛି ପୁସ୍ତକ ପ୍ରଦର୍ଶନୀ ବା ବହିମେଳା। ଏହା ଜ୍ଞାନ ପିପାସା ଓ ଜିଜ୍ଞାସାର ମହାଯଜ୍ଞ। ସାହିତ୍ୟ ସହ ପାଠକକୁ ଯୋଡ଼ିବା ନିମନ୍ତେ ଏକ ସାଂସ୍କୃତିକ ମେଳଣ। ସୁସ୍ଥ ସମାଜ ଗଠନ ପାଇଁ ପୁସ୍ତକ ଏକ ମୂଲ୍ୟବାନ୍ ପୁଞ୍ଜି। ତା'ର ପ୍ରସାରଣ ଉପରେ ନିର୍ଭରକରେ ଦେଶ ଜାତିର ବୌଦ୍ଧିକ ବିକାଶ। ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଛି ପୁସ୍ତକ ପ୍ରଦର୍ଶନୀ।

ଆମ ରାଜ୍ୟରେ ପୁସ୍ତକ ପ୍ରଦର୍ଶନୀ କହିଲେ ଆଗେ ଭୁବନେଶର ପୁସ୍ତକମେଳାକୁ ବୁଝାଉଥିଲା, ଯାହା ୧୯୮୫ ଜୁନ୍ ୨ ତାରିଖରେ ଆରମ୍ଭ ହୋଇଥିଲା ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଓ ଲେଖକ ସାମ୍ମୁଖ୍ୟର ମିଳିତ ପ୍ରୟାସରେ। ଏହାର ଲୋକପ୍ରିୟତାକୁ ଦେଖି ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସଂଗଠନ ପକ୍ଷରୁ ଆୟୋଜନ ହେଲା ଛୋଟ ବଡ଼ ଅନେକ ପୁସ୍ତକମେଳା। କେବଳ ରାଜଧାନୀରେ ଭୁବନେଶର ପୁସ୍ତକ ମେଳା,ରାଜଧାନୀ ପୁସ୍ତକ ମେଳା (୨୦୦୦), କଳିଙ୍ଗ ପୁସ୍ତକମେଳା(୨୦୦୪), ଏକାମ୍ର ପୁସ୍ତକ ମେଳା (୨୦୧୧) ନାମରେ ଚାରିଟି ବଡ଼ ବଡ଼ ପୁସ୍ତକମେଳା ଆୟୋଜନ ହେଲା ଭିନ୍ନ ଭିନ୍ନ ସମୟରେ।

ରାଜଧାନୀର ଏହି ଚାରୋଟି ଯାକ ମେଳାକୁ ମିଶାଇ ଗୋଟିଏ ବିଶ୍ୱସ୍ତରୀୟ ପୁସ୍ତକମେଳା ଆୟୋଜନ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଲେ (୨୦୧୮) ଏବଂ ତଦନୁଯାୟୀ ଓଡ଼ିଶା ପୁସ୍ତକ ପ୍ରକାଶନ ଓ ବିକ୍ରେତା ସଂଘର ସହଯୋଗରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହେଲା ରାଜ୍ୟ ପୁସ୍ତକ ମହୋତ୍ସବର ପ୍ରଥମ ସଂସ୍କରଣ 'ଅକ୍ଷର'– ୨୦୧୯। ସେହି କ୍ରମରେ ଏଥର ଗତ ୬ ତାରିଖରୁ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ତା'ର ଷଷ୍ଠ ସଂସ୍କରଣ ପୁସ୍ତକ ମହୋତ୍ସବ –୨୦୨୫।

ପୁସ୍ତକ ମେଳା ହେଉଛି ଏକ ଜ୍ଞାନଯଜ୍ଞ,ଯାହା ଜ୍ଞାନ କର୍ମକୁ ଦେଖାଏ ଠିକ୍ ରାସ୍ତା। ପୁସ୍ତକ ମେଳାରେ ଦେଶ ବିଦେଶର ବହୁ ପ୍ରକାଶକ ଯୋଗଦିଅନ୍ତି ଏବଂ ଏଠାରେ ଉପଲବ୍ଧ ହୁଏ ସବୁ ବର୍ଗର ପାଠକଙ୍କ ପାଇଁ ଉପାଦେୟ ବହି, ଯାହା ଏକକାଳୀନ ମିଳିବା ସମ୍ଭବ ନୁହେଁ ବଡ଼ ବଡ଼ ବହି ଦୋକାନରେ। ପୁସ୍ତକ ମେଳାରେ ପ୍ରକାଶକଙ୍କ ପକ୍ଷରୁ ଅତିରିକ୍ତ ରିହାତି ଦିଆଯାଏ, ଯାହା ଗ୍ରାହକମାନଙ୍କ ପାଇଁ ବିଶେଷ ଆକର୍ଷଣ। ଏଥିସହ ଏଠାରେ ଗ୍ରାହକଙ୍କୁ ମିଳୁଥିବା ଅତିରିକ୍ତ ରିହାତି ମଧ୍ୟ ତା'ର ଏକ ବିଶେଷ ଆକର୍ଷଣ। କଥାରେ ଅଛି ଘୋର କୀର୍ତ୍ତନ ବେଳେ ମୂକ ବି ଆଁ କରିଦିଏ କିଛି ଗାଇବା ପ୍ରୟାସରେ। ହାତ ପାହାନ୍ତାରେ ଓ ରିହାତି ଦରରେ ଦୁର୍ଲଭ ବହି ଉପଲବ୍ଧ ହେଉଥିବାରୁ ନ କିଣିବା ଲୋକ ବି ଇଚ୍ଛାକରେ ମନପସନ୍ଦର କିଛି ବହି କିଣିନେବା ପାଇଁ।




ଲେଖକ ଯେମିତି ଶବ୍ଦ ବିଧାଣି, ପ୍ରକାଶକ ସେମିତି ଐତିହ୍ୟର ସଂରକ୍ଷକ। ପାଠକ ହେଉଛି ଲେଖକର ପ୍ରେରଣା। ଏହି ୩ ଜଣଙ୍କୁ ଏକାଠି କରିବା ପାଇଁ ପୁସ୍ତକମେଳା ଏକ ସାଂସ୍କୃତିକ ମେଳଣ। ଏହି ମେଳଣ ପ୍ରତି ଜିଜ୍ଞାସୁ ପାଠକର ଆକର୍ଷଣ ବେଶି। ବହିମେଳା ସମୟକୁ ସେ ଉତ୍କଣ୍ଠାର ସହ ଅପେକ୍ଷାକରି ରହିଥାଏ ମନପସନ୍ଦର ବହି କିଣିବା ପାଇଁ। ପୁସ୍ତକ ମେଳା ତାକୁ ଆଣିଦିଏ ଭାବ ବିନିମୟର ସୁଯୋଗ। ଏଠାରେ ପ୍ରକାଶକ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିପାରେ ପାଠକ। ସାହିତ୍ୟ ପ୍ରତି ପାଠକକୁ ଆକର୍ଷିତକରିବା ଏବଂ ଏକ ସାହିତ୍ୟିକ ପରିବେଶ ମାଧ୍ୟମରେ ବୌଦ୍ଧିକ ଚେତନାର ପରିବର୍ତ୍ତନ ଆଣିବା ପୁସ୍ତକମେଳାର ପ୍ରଧାନ ଲକ୍ଷ୍ୟ। ତେଣୁ ଏଠାରେ ପ୍ରତିଦିନ ଆୟୋଜନ ହୁଏ ସାରସତ ଆସର। ଏ ଆସର କବିତାର, ଗଳ୍ପର, ଉପନ୍ୟାସର, ଆଲୋଚନା ଓ ପଠନର। ଏଠାକୁ ଆମନ୍ତ୍ରିତ ହୋଇଆସନ୍ତି ଲବ୍ଧ ପ୍ରତିଷ୍ଠିତ କବି,ଲେଖକ,ଗବେଷକ,ସମାଲୋଚକ, ସ୍ତମ୍ଭକାର ଓ ଭିନ୍ନଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଶେଷଜ୍ଞମାନେ। ସାହିତ୍ୟମୁଖର ହୋଇଉଠେ ପୁସ୍ତକମେଳାର ପ୍ରତିଟି ସନ୍ଧ୍ୟା। ଭାଷା,ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଆଲୋଚନା ସାଙ୍ଗକୁ ଆୟୋଜିତ ହୁଏ କବିତାପାଠ, କବି ସମ୍ମିଳନୀ, ଶିଶୁମେଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଗୋଟିଏ ମଞ୍ଚରେ ଲେଖକ,ପାଠକ, ପ୍ରକାଶକ,ବିକ୍ରେତା,ମୁଦ୍ରାକର, ଚିତ୍ରଶିଳ୍ପୀ ପ୍ରମୁଖ ଏକାଠି ହୋଇ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରନ୍ତି ଏବଂ ଖୋଜନ୍ତି ତା'ର ସମାଧାନର ସୂତ୍ର।

କେବଳ ସାହିତ୍ୟ ସମ୍ପର୍କିତ ସମସ୍ୟା ନୁହେଁ, ଆଲୋଚନା ହୁଏ ଏକ ବୃହତର ସମାଜ ସଂସ୍କୃତି କଥା। ପୁସ୍ତକ ମେଳା ସହ ଯୋଡ଼ିହୋଇ ରହିଛି ପୂଜ୍ୟପୂଜା ପରମ୍ପରା। ଏଠାରେ ବିଶିଷ୍ଟ କବି, ଲେଖକ, ପ୍ରକାଶକ ତଥା ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ, ସମ୍ମାନିତ କରିବା ସହ ଲୋକାର୍ପଣ ହୁଏ ଅନେକ ନୂଆ ନୂଆ ବହି। ଗାଁ ପରିମଳ ଧୋବା ତୁଠରୁ ନ୍ୟାୟରେ ପୁସ୍ତକ ମେଳାରୁ ଜାଣିହୁଏ ଗୋଟିଏ ବର୍ଷରେ ପ୍ରକାଶ ପାଉଥିବା ବହିର ପରିମାଣ ଏବଂ ପାଠକୀୟ ଆଦୃତିର ସ୍ତର। ସମ୍ପ୍ରତି ରାଜ୍ୟ ପୁସ୍ତକ ମହୋତ୍ସବକୁ ଦେଖିଲେ ମନେହୁଏ ଯେଉଁ ପରିମାଣରେ ଆଙ୍ଗିକ ଚାକଚକ୍ୟ ବଢ଼ିଛି, ସେହି ମାତ୍ରାରେ ବଢ଼ିଛି ଆତ୍ମାର ମଳିନତା। ପୁସ୍ତକ ପ୍ରକାଶନ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଥିଲେ ବି ଅନ୍ଧାରି ଉପତ୍ୟକାରେ ହଜିଯାଇଛି ବହି ପଢ଼ିବାର ନିଶା। ଗୋଟିଏ ସମୟରେ ବହିପ୍ରେମୀଙ୍କୁ ଉଚ୍ଚାଟ କରୁଥିଲା ବହିର ବାସ୍ନା। ବହିଖଣ୍ଡେ ପାଇବା ମାତ୍ରେ ପଢ଼ା ନ ସରିବା ପର୍ଯ୍ୟନ୍ତ ଭୁଲିଯାଉଥିଲେ ଭୋକଶୋଷ। ଭ୍ରମଣରେ ଗଲାବେଳେ ସାଙ୍ଗରେ ନେଉଥିଲେ ବହି। ସେମାନଙ୍କ ପାଇଁ ବହି ଥିଲା ବଞ୍ଚିବାର ସଞ୍ଜୀବନୀ। ଏମିତି ଲେଖକ ବି ଥିଲେ, ତାଙ୍କର ପରବର୍ତ୍ତୀ ବହି ବଜାରକୁ କେବେ ଆସିବ ବୋଲି ବାରମ୍ବାର ପଚାରି ବୁଝୁଥିଲେ ପାଠକ।

ଏବେ ତ କବି ଓ ଲେଖକଙ୍କ ଆଟପଟାଳି ମଧ୍ୟରେ ଗାଁରୁସହରଯାଏପ୍ରତିଦିନଲୋକାର୍ପଣଅସୁମାରିପୁସ୍ତକ। ଅଥଚ ବହି ପଢ଼ିବାର ନିଶା ଅନ୍ଧାରି ଉପତ୍ୟକାରେ।

ସବୁ ଖାଦ୍ୟ ରକ୍ତରେ ମିଶେନାହିଁ କି ସବୁ ସାରକୁ ଗ୍ରହଣ କରେନାହିଁ ଗଛ। ଠିକ୍ ସେମିତି ସବୁ ଲେଖା ପାଠକଙ୍କ ହୃଦୟରେ ସୃଷ୍ଟି କରିପାରେନି ଆଲୋଡ଼ନ। ଲେଖା ଯଦି ପାଠକ ମନକୁ ନ ଛୁଇଁବ,ସେ କେମିତି ଅନୁଭବ କରିବ ପଠନର ପଞ୍ଚାମୃତ ? ପଠନ ଅଭ୍ୟାସ କମିବାର ସବୁଠାରୁ ବଡ଼ କାରଣ ହେଉଛି ମନୋରଞ୍ଜନ ଓ ଜ୍ଞାନ ଆହରଣ କ୍ଷେତ୍ରରେ ଯୁବପିଢ଼ିର ପ୍ରଥମ ପସନ୍ଦ ଏବେ ଇଣ୍ଟରନେଟ୍। ସେମାନେ ଭୁଲିଯାଉଛନ୍ତି ପୁସ୍ତକ ଗର୍ଭିତ ଜ୍ଞାନ ଓ ଇଣ୍ଟରନେଟ୍‌ରୁ ମିଳୁଥିବା ସୂଚନା ମଧ୍ୟରେ ରହିଛି ଆକାଶ ପାତାଳ ଫରକ। ସେମାନେ ଜାଣିବା ଉଚିତ ଯେ ଇଣ୍ଟରନେଟ୍‌ରୁ ଯେଉଁ ତଥ୍ୟ ମିଳୁଛି, ତା'ର ତାତ୍ତ୍ୱିକ ଦିଗକୁ ଛୁଏଁ ପୁସ୍ତକ। ଗୁଗଲ ସର୍ଚ୍ଚକଲେ ମିଳିବ ରାମାୟଣ ସମ୍ପର୍କରେ ଅନେକ ତଥ୍ୟ। ମାତ୍ର

ରାମଚନ୍ଦ୍ର କାହିଁକି ମର୍ଯ୍ୟାଦା ପୁରୁଷ– ଏ ପ୍ରଶ୍ନର ଉତ୍ତର ନାହିଁ ଗୁଗଲ ପାଖରେ । ତା'ର ଉତ୍ତର ଜାଣିବା ପାଇଁ ପୁସ୍ତକ ଅଧ୍ୟୟନ କରିବାକୁ ପଡ଼ିବ, ଯେଉଁ ପୁସ୍ତକରେ ରହିଛି ବିଦ୍ୱାନମାନଙ୍କର ବିଚାର ଓ ମନନ। ସେଥିପାଇଁ କୁହାଯାଏ ଜୀବନକୁ ଜାଣିବା ପାଇଁ, ଜଗତକୁ ବୁଝିବାପାଇଁ ପୁସ୍ତକ ହିଁ ଜ୍ଞାନର ବଟିଘର। ପୁସ୍ତକ ଅଧ୍ୟୟନ ଦ୍ୱାରା ଜିଜ୍ଞାସା ବଢ଼େ ଓ ଜାଗ୍ରତ ହୁଏ ଚେତନା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ପରିବାର ପାଇଁ ବହି ଏକ ଅମୂଲ୍ୟ ସମ୍ପଦ। ଯେଉଁ ପରିବାରରେ ବହି ନାହିଁ,ସେ ପରିବାର ଧନୀ ହେଲେ ବି ଅନୁନ୍ନତ । ସେ ଘର ଗୋଟେ ସୁରମ୍ୟ ଅଟ୍ଟାଳିକା ହୋଇପାରେ,ମାତ୍ର ତାହା ଗୋଟେ ଆତ୍ମା ବିହୀନ ଶରୀର ପରି। ଏହି ଦୃଷ୍ଟିରୁ ଯେଉଁ ଶିକ୍ଷିତମାନେ ବହି ପଢ଼ନ୍ତି ନାହିଁ ଓ ସାମର୍ଥ୍ୟ ଥାଇ ବି ବହି କିଣନ୍ତି ନାହିଁ,ସେମାନେ ଅଶିକ୍ଷିତ ଲୋକଙ୍କ ସହ ସମାନ। ମନେରଖିବାକୁ ହେବ ପଠନ ଅଭ୍ୟାସ କମିଗଲେ ସଙ୍କୁଚିତ ହୋଇଯାଏ ମଣିଷର ଦୃଷ୍ଟିକୋଣ। କମିକମି ଯାଏ ଭାବ ବ୍ୟକ୍ତ କରିବାର ସାମର୍ଥ୍ୟ। ସ୍ଥାଣୁ ହୋଇଯାଏ ଚିନ୍ତନ ପ୍ରକ୍ରିୟା।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର**
**ମୋ: ୬୩୭୧୬୪୨୪୬୪**

# ଡଙ୍ଗରୁଣୀର ବାଟରେ ପ୍ରାଥମିକ ଶିକ୍ଷା



ଡ. ଚନ୍ଦନ କୁମାର ସିଂହ

ଆମ୍ବଗଛ ଭିତରୁ ଧୀରେ ଧୀରେ ଶୀତୁଆ ଖରା ପିଲାଙ୍କ ଉପରେ ଅଣେଇହୋଇ ଆସୁଥାଏ। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ନିର୍ଗୁଣ୍ଡି ଗାଆଁ। ଗାଆଁ ଭିତରୁ ପବନ କାନ୍ଦୁଲ ବାଡ଼ ଆଡ଼କୁ ମାଡ଼ି ଆସୁଥାଏ। ଦେହକୁ ଥଣ୍ଡା ଆଉ ଥଣ୍ଡା ଆଉଜି ପଡୁଥାଏ। ଖରା ଆଜି ନାହିଁ କହିଲେ ହେବ। ପବନର ମଗଜ ତେଣୁ ବହୁତ ବେଶି ଆମ୍ବଗଛ ତଳକୁ । ଆକାଶରେ ଧଳା ଧଳା ଖଣ୍ଡ ବଉଦ। ବଉଦ ସେପଟରେ ଡଙ୍ଗରର ମଥା ଦେଖାଯାଉଛି ନୁଖୁରା ନୁଖୁରା। ନିର୍ଗୁଣ୍ଡି ସ୍କୁଲ ପଛ କାନି କାନ୍ଦୁଲ ବାଡ଼, ସୂର୍ଯ୍ୟମୁଖୀ ବାଡ଼ ଆଉ କପା ବାଡ଼। ଏଥରକ ଜହ ଜହ ବର୍ଷା ହେବାରୁ କପା ଜୁରି (ପାକଳ ହେବା) ନାହିଁ। ସୂର୍ଯ୍ୟମୁଖୀ ଜୁରି ଗଲାଣି। ବଜାରରେ ଝୁଣୁଙ୍ଗ ମିଳିଲାଣି। କିଲୋପିଛା ରଙ୍ଗ ଝୁଣୁଙ୍ଗ ୫୦ଟଙ୍କା। କୁଇକନ୍ଧ କୁଳ ସମାଜରେ ମାଣ୍ଡିଆ, ଝୁଣୁଙ୍ଗ, କୋଳଥ, କୋଶଲା, ଜହ୍ନା, ସୁଆଁର ଭିତ୍ତିଭୂମି କେତେ କେତେ ଗହୀରକୁ ଭେଦିଯାଇଛି, ତାକୁ ଆକଳନ କରିବା ପାଠକର ପାଠ। ଏବେ ଏବେକୁ ବାଡ଼ା ଉପରେ ବି ଝୁଣୁଙ୍ଗ ଶୁଖି ଶୁଖି ଓହଳିଛି। ଲଇ ଝୁଣୁଙ୍ଗ ଭଜାହୁଏ, ଆଉ ଗୋଟେ ଝୁଣୁଙ୍ଗ ଡାଲି ହୁଏ। ମାଣ୍ଡିଆ ଜାଉରେ ବି ଝୁଣୁଙ୍ଗ ପଡ଼େ। ଏସବୁର ସୁଆଦ କେବଳ ନିଆରା ନୁହେଁ ଖୁବ୍ ବଳିଷ୍ଠ ଓ ସକ୍ରିୟ ମଧ୍ୟ। ଅଧକଂସେ ମାଣ୍ଡିଆ ଜାଉ ପିଇ ଦେଲେ ବେଳେ ଅଉତେ ପର୍ଯ୍ୟନ୍ତ କାମ ଚାଲିଯିବ। ଦେହକୁ ବାଧିବ ନାହିଁ ଖରାତରା। କୁଇକନ୍ଧ କୁଳ ସମାଜର ପ୍ରତି ପରିବାରର ସମସ୍ତେ ମାଣ୍ଡିଆର ଆହାରରେ ବନ୍ଧା। ସେଦିନ ନିର୍ଗୁଣ୍ଡି ଗାଆଁ ସ୍କୁଲ ପଛକାନିରେ କେଇଜଣ ପିଲା ଆମ୍ବଗଛ ଛାଇରେ ଆଙ୍କି ବସିଥିଲେ କାନ୍ଦୁଲବାଡ଼ର ପ୍ରତ୍ୟକ୍ଷ ଚିତ୍ର। ନିକଟରୁ ଦୂରହେଉଛି ପ୍ରାଥମିକ ଶିକ୍ଷାର ଏକ ଅନନ୍ୟ ପ୍ରସଙ୍ଗ। କାହିଁକିନା ଏହାରି ଭିତରେ ଜମାଟ ବାନ୍ଧିଥାଏ ପରିଚିତ ଶବ୍ଦ, ପରିଚିତ ଭାବନା, ପରିଚିତ ସଂଯୋଜନା, ପରିଚିତ ଭାବ ବିନିମୟ। ଏହାକୁ ମୂଳକରି ଧରିଲେ ଆଗକୁ ବଢ଼ିହୁଏ, ଭାଷା ବାଧକ ହୁଏ ନାହିଁ, ଭାଷା ଅଲୌକିକ ସମ୍ପଦର ସମ୍ବଳ ହୁଏ। ପ୍ରାଥମିକ ଶିକ୍ଷାରେ ଏହି ଅଲୌକିକ ଭୂଷଣ ହେଉଛି ଭାଷା। ଚାରିପାଖର ଭାଷା–ଛଟା। କୌଶଳ ଅପେକ୍ଷା ଭାବାବେଗ ଅଧିକ ଥାଏ। ଦେଖିବା ଓ ବୁଝିବା ଗୋଟିଏ ମନର ଦୁଇ କାନି ହୋଇରହିଥାନ୍ତି।

ଆମ୍ବଗଛ ତଳେ କାଠମଞ୍ଚା । ତା'ରି ଉପରେ ବସି କାନ୍ଦୁଲ ବାଡ଼କୁ ଆଖିପାଇ ଯାଉଥାଏ ପିଲାଙ୍କର। ଭାବନାରେ ବାଧା ନାହିଁ, କହିବାରେ ମଧ୍ୟ ବାଧା ନାହିଁ। ଭାଷା ନିଜର, ଭାବ ନିଜର ଚାରିପାଖର ପରିବେଶ ଆହୁରି ମଧ୍ୟ ନିଜର। ପ୍ରାଥମିକ ଶିକ୍ଷାରେ ଏହି ନିଜର ପଣଟି ଅମୂଲ ମୂଳ। ଏଥକୁ ହାତ, ମନ ଓ ମୁଣ୍ଡ ପାଇବା ସହଜ। ଦୂରକୁ ଯିବାକୁ ପଡ଼େ ନାହିଁ।



ପିଲାଏ ଆଙ୍କିଲେ କାନ୍ଦୁଲ ବାଡ଼ର ଛବି। ରଙ୍ଗ ଓ ତୂଳୀ ଧରି ନ ଥିବା ହାତ, ଖୁବ୍ ନିକଭାବରେ ପିଲାଙ୍କ ହାତକୁ ସଳଖି ଦେଲେ। ଯାହା ଥିଲା ତାକୁ ଦେଖିଲେ, ତାକୁ ମଧ୍ୟ ଆଙ୍କିଲେ। ଧଳା କାଗଜ ଉପରେ ଚିତ୍ରମାନ ଧୀରେ ଧୀରେ ଝଟକି ଉଠିଲେ। କାନ୍ଦୁଲଗଛର ମୂଳଠାରୁ ଆକାଶର ଖଣ୍ଡ ଖଣ୍ଡ ଧଳା ବଉଦ ଆହା କି ମନଲୋଭା ହୋଇ ଉଠିଲା। ପିଲାଙ୍କ ନଜରରୁ କିଛି ବି ହଟୁ ନ ଥିଲା ସେତେବେଳେ କାନ୍ଦୁଲବାଡ଼ର ଘାସଠାରୁ କୁମୁଡ଼ା (ବୋଇତାଲୁ) ମାଳ (ଡଙ୍କ ବା ଲଟି)। ଶୁଖିଲା ଝୁଣୁଙ୍ଗଠାରୁ କପାବାଡ଼ରେ ଉଡୁଥିବା ପ୍ରଜାପତି। ଏମାନେ ଧରାଦେଉଥିଲେ ପିଲାଙ୍କ ରଙ୍ଗରେ। ଶିକ୍ଷକଭାଇମାନଙ୍କର ଆଦୌ ହସ୍ତକ୍ଷେପ ନ ଥିଲା। ଥିଲା କେବଳ ଯତ୍‌ସାମାନ୍ୟ ପରାମର୍ଶ ରଙ୍ଗ ଓ ତୂଳୀର ବ୍ୟବହାରକୁ ନେଇ। ଫୁଲ କାହାର ବୋଲକଥା ନ ମାନି ଗଛରେ ବେଶ୍ ଫୁଟେ। ସେହିପରି କାନ୍ଦୁଲବାଡ଼ରେ ବି ଫୁଲ ଆସିଲା କାହାକୁ କିଛି ନ ଜଣାଇ। ପ୍ରାଥମିକ ଶିକ୍ଷାରେ ଫୁଲ ଫୁଟିବାର ନଜର ସେହିପରି। ସମସ୍ତଙ୍କ ଅଜାଣତରେ ଫୁଟି ଉଠୁଥାଏ। ଯେଉଁଠି ଶିକ୍ଷକ-ଭାଇ ସକ୍ରିୟ-ସହାୟକ ସେଠାରେ ଏହାକୁ ଅନ୍ଦାଜ କରିହୁଏ। କେହି ବି ପିଲା ଅଲୋଡ଼ା ହୁଅନ୍ତି ନାହିଁ। 'ମୋ ହୃଦୟ ପିଲାଙ୍କ ପାଇଁ' ଗ୍ରନ୍ଥ ଭାସିଲି ସୁଖୋମୋଲିନ୍‌ସ୍କିଙ୍କର ଅମର ଚାହାଣୀ ସେଥିପାଇଁ ସମସ୍ତଙ୍କ ଲାଗି। ଡଙ୍ଗରୁଣୀଠାରୁ କଥା ନେଇ ଶୁଖିଯାଇଥିବା ଲଇ ଝୁଣୁଙ୍ଗର ଚେହେରା ପର୍ଯ୍ୟନ୍ତ। ଆପଣ ଯେଉଁମାନେ ପରିଚୟ ପାଇ ନ ଥିବେ ଡଙ୍ଗରୁଣୀ ସେମାନଙ୍କ ଲାଗି ଏହା ନୂଆ ନୂଆ। ଡଙ୍ଗରୁଣୀ ବା କଟିଂ ହେଉଛି ଡାଲିଜାତୀୟ ଶସ୍ୟ। ଝୁଣୁଙ୍ଗ ଦାନା ପରି ସବୁଜ ଓ ହଳଦିଆ ରଙ୍ଗର ମିଶାମିଶି। ଡଙ୍ଗର କାନିରେ କାହାର ଆକଟ ନ ମାନି ଡଙ୍ଗର ପବନରେ ଡଙ୍ଗରର ଭସା ମେଘକୁ ଅନାଇ ଅନାଇ ବଢୁଥାଏ। ଡଙ୍ଗରୁଣୀର ଅମଳ ସମୟ ଏତିକିବେଳେ ମାର୍ଗଶିର ଓ ପୁଷମାସରେ। ତାକୁ ନା ଦିଆଯାଏ ସାର, ନା ଖତ, ନା ଆଉ କିଛି। ଆଦିବାସୀ ଜନ ସମୁଦାୟ ବିହନ ଛାଟିଦିଏ ଡଙ୍ଗର ଦିହରେ ପାଣିପାଗକୁ ନଜର ଦେଇ। ଡଙ୍ଗରୁଣୀ ସମସ୍ତଙ୍କ ନିକଟରେ ଖୁବ୍ ନିଜର। ଆମ ଗାଆଁ ସ୍କୁଲର ପ୍ରାଥମିକ ଶିକ୍ଷା ଏହି ଡଙ୍ଗରୁଣୀର ଛବି। କେବଳ ପିଲା ପାଇଁ ଯେତିକ ନୁହେଁ, ଆମ ସଭିଙ୍କ ଲାଗି ହେପାଜତର ପ୍ରସଙ୍ଗ। କାନ୍ଦୁଲବାଡ଼ ନିକଟରେ ପିଲାଏ ଡଙ୍ଗର କାନିକୁ ଖରା ଆସିବାବେଳକୁ ଆସିଯାଇଥିଲେ ; କାନ୍ଦୁଲବାଡ଼ ଅଙ୍କା ସରିଲା ବେଳକୁ ଡଙ୍ଗର ମଥାକୁ ଛୁଇଁଆସୁଥିଲେ ସୂର୍ଯ୍ୟ। ଚିତ୍ର ସିନା ସରି ଆସୁଥିଲା, ମାତ୍ର ମନ ସରୁ ନ ଥିଲା । ଡଙ୍ଗରୁଣୀର ଭାବନାରେ ପିଲାଏ ଥିଲେ ଏତେ ଏତେ ହସର ଗୋଟେ ଗୋଟେ ଉଚ୍ଛୁଳୁଥିବା ଝୁଡ଼ି।

**ବିଷମକଟକ, ରାୟଗଡ଼ା**
**ମୋ: ୮୨୪୯୬୫୭୭୮**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିବା ମଣିଷ ଲକ୍ଷ୍ୟ ହାସଲ ନ ହେବା ଯାଏ ଥକିଯାଏ ନାହିଁ। ସବୁ ବାଧା ଏପରିକି ସୁଯୋଗକୁ ମଧ୍ୟ ପଛକରି ସେଠାରେ ପହଞ୍ଚିଯାଆନ୍ତି ସେମାନେ। ଏମିତି ଜଣେ ମହିଳା ହେଉଛନ୍ତି ତୃପ୍ତି ଭଟ୍ଟ। ସେ ଭାରତୀୟ ପୋଲିସ ସେବା( ଆଇପିଏସ୍) ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖି ତାହା ହାସଲ କରିଛନ୍ତି ଏବଂ ଏହା ପୂର୍ବରୁ ସେ ୧୬ଟି ସରକାରୀ ଚାକିରି ପାଇଁ ଯୋଗ୍ୟ ହୋଇ ସେସବୁକୁ ଛାଡ଼ିଛନ୍ତି। ଏପରିକି ୨୦୧୩ରେ ସେ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇ ଆଇଏଏସ୍ ପାଇଥିଲେ ମଧ୍ୟ ଆଇପିଏସ୍‌ରେ ଯୋଗଦେଇଥିଲେ। ତୃପ୍ତି ଏବେ ଡେରାଡୁନ୍‌ର ଏସ୍‌ପି( ଗୋଇନ୍ଦା ଓ ସୁରକ୍ଷା) ଅଛନ୍ତି। ତାଙ୍କ ସଫଳତା ପଛରେ ଏକ କାହାଣୀ ରହିଛି। ସେ ଯେତେବେଳେ ୯ମ ଶ୍ରେଣୀରେ ପଢୁଥିଲେ ସେତେବେଳେ ପୂର୍ବତନ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ କଲାମଙ୍କ ସହ ତାଙ୍କୁ ସାକ୍ଷାତ ହେବାର ସୁଯୋଗ ମିଳିଥିଲା। ଡ.କଲାମ ଏକ ହାତଲେଖା ଚିଠି ଦେଇଥିଲେ ଯାହା ତାଙ୍କୁ ଦେଶ ସେବା ଲାଗି ପ୍ରେରିତ କରିଥିଲା। ପରେ ସେ ଆଇପିଏସ୍ ଅଧିକାରୀ ହେବାକୁ ଚାହିଁଥିଲେ। କିନ୍ତୁ ତା'ପୂର୍ବରୁ ସେ ନିଯୁକ୍ତି ପାଇଁ ଯୋଗ୍ୟହୋଇ ଛାଡ଼ିଥିବା ସରକାରୀ ଚାକିରିରେ ଇସ୍ରୋର ଚାକିରି ମଧ୍ୟ ରହିଛି।

## ଚିରନ୍ତନୀ

ଆପେ ଶିଖି ଯେବେ ଫେରାଇବୁ ତୋର ମୁଖ
ବାଜିବ ଏ ବୁକେ ତିଳେକ ଦାରୁଣ ଦୁଃଖ
କିଛି ନୁହେ ବୋଲି ପୋଛିଦେବି ମୋର ଲୁହ
ନିମେଷକ ଲାଗି ହେବ ଏ ବଦନ ମୂକ ।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ମହାମାରୀ

ମହାଶୟ,

କରୋନା ମହାମାରୀକୁ ଦମନ କରାଗଲା। ଯକ୍ଷ୍ମା ଭଳି ଅନେକ ଯନ୍ତ୍ରଣାଦାୟକ ରୋଗକୁ ମଧ୍ୟ ନିରାକରଣ କରାଯାଇଛି। ହେଲେ ଦୁର୍ନୀତି ମହାମାରୀ ଏପରି ରୋଗ, ତାକୁ ଦମନ କରାଯାଇପାରୁନାହିଁ। କେବଳ ଖଜୁରି ଗଛ ଗୁଣ ବାହୁନା ସାର ହେଉଛି। ପୂର୍ବେ କର୍ମଚାରୀମାନଙ୍କ ଦରମା କମ୍ ଥିଲା। ସେମାନେ ଆୟ ଦେଖି ବ୍ୟୟ କରିବାରେ ଅଭ୍ୟସ୍ତ ଥିଲେ। ସୀମିତ ସମ୍ବଳକୁ ଆଧାରକରି ପରିବାର ପୋଷଣ ପୂର୍ବକ ସୁଖରେ ଥିଲେ। ପରବର୍ତ୍ତୀ ସମୟରେ ଆଧୁନିକ ମାନସିକତା ଜାଗ୍ରତ ହେଲା। ନିଜ ଚଳଣିରେ ଅପୂର୍ବ, ଅହେତୁକ ପରିବର୍ତ୍ତନ ଘଟିବାକୁ ଲାଗିଲା। ଅର୍ଥାତ୍ ନିଜର ଆବଶ୍ୟକତା ପୂରଣ ପାଇଁ ଅଧିକ ଅର୍ଥର ଲୋଡ଼ା ପଡ଼ିଲା। ଅଧିକ ଅର୍ଥ ଉପାର୍ଜନ ପାଇଁ କେତେଜଣ ଲୋକ ଉପାୟମାନ ଚିନ୍ତାକଲେ। ଟେବୁଲ ତଳେ ହାତ ଗଳାଇବାଠାରୁ ଆରମ୍ଭକରି ନାନାଦି ଅସତ୍ ଉପାୟ ଅବଲମ୍ବନ ପୂର୍ବକ ମାଲାମାଲ ହୋଇଗଲେ। ଏପରିକି ଲୋକମାନଙ୍କ ମଧ୍ୟରେ ଏହି ଅସତ୍ ଉପାୟରେ ଅର୍ଥ ଉପାର୍ଜନକରି ବିଳାସବ୍ୟସନରେ ଜୀବନ ବିତାଇବା ଏକ ଶୈଳୀରେ ପରିଣତ ହୋଇଗଲା। ଏଥିରେ ସର୍ବସାଧାରଣ ସମ୍ପତ୍ତି ଲୁଟ୍ ହେଲା। ଅବଶ୍ୟ ଅନେକ ଦୁର୍ନୀତିଖୋର ଲୋକ ଜେଲଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ସମ୍ପତ୍ତି ମଧ୍ୟ ବାଜ୍ୟାପ୍ତି ହେଉଛି। ତଥାପି ରାଜ୍ୟରୁ ଦୁର୍ନୀତି ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗିଛି। ଘୋର ପରିତାପର ବିଷୟ, ବର୍ତ୍ତମାନ ସମୟରେ ଆଧୁନିକ ଉଚ୍ଚ ଶିକ୍ଷିତ ବ୍ୟକ୍ତି କର୍ମନିଯୁକ୍ତି ପାଉ ପାଉ ଦୁର୍ନୀତି ଉପାୟରେ ଅର୍ଥ ଉପାର୍ଜନ କରୁଥିବା ଖବର ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶ ପାଉଛି। ଜନସମାଜ କ'ଣ ଭବିଷ୍ୟତ ପିଢ଼ିଙ୍କଠାରୁ ଏପରି କାର୍ଯ୍ୟ ଆଶା କରୁଥିଲେ। ବୋଧହୁଏ ମହାପ୍ରଳୟ ପରେ ଏ ଦୁର୍ନୀତି ମହାମାରୀ ରୋଗର ଅବସାନ ଘଟିବ। ତଥାପି ଦୁର୍ନୀତି ହଟାଇବା ପାଇଁ ଏକ ବିପ୍ଳବର ଆବଶ୍ୟକତା ଅନୁଭୂତ ହୁଏ।

**–ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା**

### ଔଷଧ ସମସ୍ୟା ନ ହେଉ

ସରକାରୀ ଚିକିତ୍ସାଳୟରେ ନିରାମୟରେ ମିଳୁଥିବା ମାଗଣା ଔଷଧ ଦୁଇଶହ ରୋଗର ଔଷଧ ମଧ୍ୟରୁ ଅଶୀଟି ମିଳୁଛି। ଏଥିପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱ ରହିଛି। ଏପରିକି ରାଜ୍ୟ ତଥା ଅନ୍ୟ ରାଜ୍ୟରୁ ମାଗଣାରେ ଚିକିତ୍ସା ସହିତ ଔଷଧ ନେବାକୁ ଗରିବ ରୋଗୀମାନେ ଆସିଥା'ନ୍ତି। ଏଥିପ୍ରତି ମେଡିକାଲର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ। ଖୋଲାବଜାରରୁ ଔଷଧ କିଣିବାକୁ ପରାମର୍ଶ ଦେବା ଅନୁଚିତ। ପ୍ରତିକାର ବ୍ୟବସ୍ଥା ଜରୁରୀ।

**– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯାଜପୁର, ଭଦ୍ରକରୁ ଆତଙ୍କବାଦୀଙ୍କ ହାତକୁ ଯାଉଛି ସିମ୍, ମୋବାଇଲ

## ଦିଲ୍ଲୀ କାର୍ ବିସ୍ଫୋରଣ: ଓଡ଼ିଶା ଏନ୍ଆଇଏର ଖୋଳତାଡ଼

- ଦିଲ୍ଲୀ ପୋଲିସ ୨ ମୋବାଇଲ ଦୋକାନୀଙ୍କୁ ଉଠାଇ ନେବା ପରେ ଚେତା ପଶିଲା
- ଆମେ ଦିଲ୍ଲୀ ପୋଲିସ ସହ ଯୋଗାଯୋଗରେ ରହିଛୁ: କ୍ରାଇମବ୍ରାଞ୍ଚ ଡିଜି

**ଭୁବନେଶ୍ୱର,୧୪।୧୨(ତ୍ରିନାଥ ମହାନ୍ତି):**

ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ଓଡ଼ିଶା ଲିଙ୍କ୍ ଆସିବା ପରେ ଓଡ଼ିଶା ପୋଲିସ ଆଲର୍ଟରେ ରହିଥିବା କହୁଛି। ଓଡ଼ିଶାରୁ ମୋବାଇଲ ଓ ସିମ୍ କାର୍ଡ ଆତଙ୍କବାଦୀଙ୍କ ପାଖକୁ ଯାଉଥିଲେ ମଧ୍ୟ ରାଜ୍ୟ ପୋଲିସ ଏଯାଏ ସେପରି କୌଣସି ସୂଚନା ପାଇପାରିନି। ଏପରି ସ୍ଥିତିରେ ଦିଲ୍ଲୀ ପୋଲିସ ଓଡ଼ିଶାରୁ ଦୁଇଜଣଙ୍କୁ ଉଠାଇ ନେବା ପରେ ଚେତା ପଶିଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଓଡ଼ିଶା ଶାଖା ତା'ର ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏନ୍ଆଇଏ ଟିମ୍ ଯାଜପୁର ଓ ଭଦ୍ରକକୁ ଯାଇ ଛାନ୍‌ଭିନ୍ କରିଛି। ତଦନ୍ତବେଳେ ଜଣାପଡ଼ିଛି ଯେ, ଓଡ଼ିଶାରୁ ଏକାଧିକ ସିମ୍‌ର ଓଟିପି, ପ୍ରି ଆକ୍ଟିଭ୍ ସିମ୍ ଏବଂ ମୋବାଇଲ୍ ଫୋନ୍ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଓ ଆତଙ୍କବାଦୀଙ୍କ ହାତକୁ ଯାଉଛି। ତେଣୁ ଓଡ଼ିଶା ଏନ୍ଆଇଏ ଏକାଧିକ ମୋବାଇଲ୍ ଦୋକାନକୁ ସ୍କାନରକୁ ନେଇ ଖୋଳତାଡ଼ କରିବା ସହ ପାକିସ୍ତାନକୁ ଆସୁଥିବା ଫୋନ୍ କଲ୍‌କୁ ଟ୍ରାକ୍ କରୁଛି। ଏନ୍ଆଇଏର ଜଣେ ଅଧିକାରୀ କହିଛନ୍ତି, ଦିଲ୍ଲୀ ପୋଲିସ ଆସି ଓଡ଼ିଶାରୁ ଦୁଇଜଣଙ୍କୁ ଉଠାଇ ନେଇଥିବା ଜାଣିବାକୁ ପାଇଛି। ଆମେ ସେ ଦିଗରେ ଖୋଳତାଡ଼ କରୁଛି। ଏନେଇ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ଦୁଇ ଜଣଙ୍କୁ ଉଠାଇ ନେବା ଘଟଣାରେ ଆମେ ଆଲର୍ଟରେ ରହିଛୁ। ଦିଲ୍ଲୀ ପୋଲିସ ସହ ଯୋଗାଯୋଗରେ ରହିଛୁ। ସେଭଳି କିଛି ଆତଙ୍କବାଦୀ କାର୍ଯ୍ୟକଳାପ ହେଉଥିଲେ ଓଡ଼ିଶା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ। ଅନ୍ୟପକ୍ଷରେ ଦିଲ୍ଲୀ ସାହିନହିବାଗ ଥାନା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ଆତଙ୍କବାଦୀମାନେ ବ୍ୟବହାର କରିଥିବା ମୋବାଇଲ ସିମ୍ ଯାଜପୁର ଓ ଭଦ୍ରକରୁ କିଣାଯାଇଛି। ଏହାପରେ ଏହି ଦୁଇ ଜିଲ୍ଲାରୁ ଦୁଇଜଣ ମୋବାଇଲ୍ ଦୋକାନୀଙ୍କୁ ଉଠାଇ ନେଇ ଖୋଳତାଡ଼ କରୁଛି। ସେମାନଙ୍କ ମଧ୍ୟରେ ଜଣେ ଭଦ୍ରକ ମଞ୍ଜୁରୀରୋଡ଼ ବଜାରରେ ମୋବାଇଲ ଦୋକାନ କରିଥିବା ସୂଚନା ମିଳିଛି। ଉଭୟ ଦୋକାନକୁ ନୂଆ ସିମ୍ କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡକୁ ଉପଯୋଗ କରି ଏକକାଳୀନ ବହୁ ସିମ୍ ଆକ୍ଟିଭ୍ କରି ନେଉଥିଲେ। ସେଥିରୁ ଗୋଟିଏ ସିମ୍ ଆଧାରକାର୍ଡ ଥିବା ବ୍ୟକ୍ତିଙ୍କୁ ଦେଉଥିବା ବେଳେ ବାକିସିମ୍ ୨ରୁ ୩ହଜାର ଟଙ୍କାରେ ଚୋରାରେ ବିକ୍ରି କରୁଥିଲେ। ଏହି ସିମ୍‌କୁ ଆତଙ୍କବାଦୀମାନେ ଚଡ଼ା ଦାମ୍‌ରେ ଓଡ଼ିଶାରୁ କିଣି ନେଉଥିବା ଦିଲ୍ଲୀ ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ଏକାଧିକ ଥର ବୈଠକ କରି ଏଭଳି ବେଆଇନ ସିମ୍ କାରବାର ବନ୍ଦ ପାଇଁ ବିଭିନ୍ନ ଟେଲିକମ୍ ସଂସ୍ଥାର ମାଲିକମାନଙ୍କୁ ତାଗିଦ କରିଥିଲେ। ଏଥିସହ ପୋଲିସକୁ ମଧ୍ୟ ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମୋବାଇଲ ସିମ୍ କାର୍ଡର ବେଆଇନ କାରବାର ଆତଙ୍କବାଦୀଙ୍କ ପାଇଁ ସୁଯୋଗ ପାଲଟିଛି।

# ଓଲାଶୁଣୀ ଗୁମ୍ଫା ମହୋତ୍ସବ ପ୍ରସ୍ତୁତି ବୈଠକ




ବୈଠକରେ ଯୋଗଦେଇଥିବା ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର କର୍ମକର୍ତ୍ତା।

**ବାଲିଚନ୍ଦ୍ରପୁର,୧୪।୧୨ (ଗିରିଜା ପ୍ରସାଦ ସାହୁ):**

ରାଜ୍ୟର ପ୍ରମୁଖ ଧର୍ମ ଓ ସଂସ୍କୃତି ପୀଠ ତଥା ଅଷ୍ଟାଦଶ ଶତାବ୍ଦୀର ମହାନ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ସମାଧିକ୍ଷେତ୍ରରେ ଆୟୋଜିତ ହେବ ଓଲାଶୁଣୀ ଗୁମ୍ଫା ମହୋତ୍ସବ। ଜାନୁଆରୀ ୧୪ ମକର ସଂକ୍ରାନ୍ତିରୁ ଆରମ୍ଭ ହେଉଥିବା ଏହି ମହୋତ୍ସବ ପାଇଁ ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ରବିବାର ଓଲାଶୁଣୀଙ୍କ ବିଜେସ୍ଥଳୀ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମା'ଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ପ୍ରଥମ ନିମନ୍ତ୍ରଣ ପତ୍ର ଟ୍ରଷ୍ଟ ପକ୍ଷରୁ ପୂଜକ ହୃଷୀକେଶ ପଣ୍ଡା ଅର୍ପଣ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ଭୂୟାଁ ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

ଚଣ୍ଡିଖୋଲ-ପାରାଦୀପ ୫୩ନଂ.ଜାତୀୟ ରାଜପଥ ୮ ବିଶିଷ୍ଟ ସମ୍ପ୍ରସାରିତ ହେଉଥିବାରୁ ପୀଠକୁ ଆସିବା ପାଇଁ ଯାତାୟାତ ମାର୍ଗ ରଖାଯାଇନାହିଁ। ଫଳରେ ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବଡ଼ଚଣା ବିଧାୟକଙ୍କ ସହିତ ଆଲୋଚନା କରାଯିବାକୁ ମତପ୍ରକାଶ ପାଇଥିଲା।

ବୈଠକରେ ଉପଦେଷ୍ଟା ବଟକୃଷ୍ଣ ସାମଲ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ପ୍ରଫେସର ରବୀନ୍ଦ୍ରନାଥ ସାମଲ, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଯୁବ ଆବାହକ ଶୈଳେନ୍ଦ୍ର ନାରାୟଣ ରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଫନିନ୍ଦ୍ରନାଥ ପଣ୍ଡା, ଟ୍ରଷ୍ଟି ଶ୍ରୀକାନ୍ତ କୁମାର ସାମଲ, ପ୍ରାଧ୍ୟାପକ ଯତିନ୍ଦ୍ର ରାଉତ, ପଣ୍ଡିତ ଜ୍ଞାନେନ୍ଦ୍ର ତ୍ରିପାଠୀ, ଖବରଦାତା ଉତ୍କଳ କେଶରୀ ସାମଲ, ଅନନ୍ତ ସିଂହ, ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ସାମଲ, ଯୁବ ଶିଳ୍ପୋଦ୍ୟୋଗୀ ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସନ୍ଥସାଧକ ଅରକ୍ଷିତ ଦାସଙ୍କ ଦର୍ଶନ-ଚିନ୍ତନର ପ୍ରସାର ପାଇଁ ଟ୍ରଷ୍ଟ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ନେଇ ସଦସ୍ୟ ଆଲୋକପାତ କରିଥିଲେ। ବିଧାୟକ ଅମର ନାୟକଙ୍କୁ ମହୋତ୍ସବ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଭାବେ ଗ୍ରହଣ କରାଯାଇଥିବା ନେଇ ମତପ୍ରକାଶ ପାଇଥିଲା। ମହୋତ୍ସବ ସମୟରେ ଅନଧିକୃତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସଂସ୍ଥା ସମ୍ପର୍କରେ ବୈଠକରେ ସଦସ୍ୟ ସମୟ ନିର୍ଘଣ୍ଟ ଅନୁଯାୟୀ ଏହା ପାଳନ କରିବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ମହାପାତ୍ର, ବିଭୁତିଭୂଷଣ ରାଉତ, ଜ୍ଞାନରଞ୍ଜନ ପ୍ରଧାନ, ମଦନ ଶାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ସ୍ନେହାଶିଷ ସାମଲ ଧନ୍ୟବାଦ ଦେଇଥିଲେ।

# ଶଙ୍ଖ ମହୋତ୍ସବ ପ୍ରସ୍ତୁତି ବୈଠକ



**ଧର୍ମଶାଳା,୧୪।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଅନ୍ତର୍ଗତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଜାନୁଆରୀ ୨୩ରୁ ୨୬ ଚାରିଦିନ ଧରି ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି।

ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦସ୍ଥିତ ଶ୍ରୀଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ସଭାପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍ୟୋକ୍ତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କୋଟପୁରର ପୂର୍ବତନ ସରପଞ୍ଚ ସନ୍ତୋଷ ଜେନା, କଣ୍ଟିଗଡ଼ିଆ ସମିତିସଭ୍ୟ ଅରୂପାନନ୍ଦ ଜେନା, ଆଇନଜୀବୀ ଶ୍ୟାମସୁନ୍ଦର ଦାଶ, ଖବରଦାତା ଅଭିମନ୍ୟୁ ଧଳ, ବିବେକାନନ୍ଦ ଦାସ, ରମେଶ ଗନ୍ତାୟତ, ଅଜୟ ପ୍ରଧାନ, ଜୟନ୍ତ ଜେନା ଓ ରସାନନ୍ଦ ଦାସ ପ୍ରମୁଖ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

ପଟୁଣିଆ ପଞ୍ଚାୟତ ସମେତ ନିକଟବର୍ତ୍ତୀ ୬ ପଞ୍ଚାୟତର ମୁରବିଙ୍କୁ ନେଇ କମିଟି ଗଠନ କରିବାକୁ ସ୍ଥିର କରାଯାଇଥିଲା। ନିତ୍ୟାନନ୍ଦ ବେହେରା, ବ୍ରଜକିଶୋର ମହାନ୍ତି, ପ୍ରଭାତ ପଣ୍ଡା, ଦୟାନିଧି ଦାଶ, ସୁଦର୍ଶନ ପଣ୍ଡା, ବିଷ୍ଣୁ ପ୍ରସାଦ ପତି, ସନ୍ଦିପ ଗନ୍ତାୟତ, ତ୍ରିଲୋଚନ ଦାଶ, ବିଶ୍ୱନାଥ ଜେନା, ମଦନ ମୋହନ ବଳ, ଶଶିକାନ୍ତ ଜେନା, କପିଳ ଗନ୍ତାୟତ, ଗୁଣମଣି ଦାସଙ୍କ ସମେତ ୬ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଓ ଯୁବ ସଂଗଠକ ବିବେକାନନ୍ଦ ଦାସ ବୈଠକକୁ ପରିଚାଳନା କରିଥିଲେ। ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ବାଇକ୍ ଚୋରି ମାମଲାରେ ଯାଜପୁର ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ଗିରଫ

**ଯାଜପୁରଟାଉନ,୧୪।୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଏକ ବାଇକ୍ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଯାଜପୁର ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସରସ୍ୱତୀ ବଳ ଓ ସାଥୀ ଜ୍ଞାନଜିତ ମହାନ୍ତିଙ୍କୁ ଯାଜପୁର ସଦର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

ସଦର ଥାନା ବ୍ରାହ୍ମଣବାଛପୁର ଗ୍ରାମର ନଟବର ପରିଡ଼ାଙ୍କ ବାଇକ୍ ଗଜିପାଢ଼ୀ ଛକରୁ ଏପ୍ରିଲ ୧୦, ୨୦୨୫ରେ ଚୋରି ହୋଇଥିଲା। ସେ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବାରୁ ଥାନାରେ ଏପ୍ରିଲ ୧୨ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୩ ତାରିଖରେ ନଟବରଙ୍କ ପୁଅ ମନୋରଞ୍ଜନ ପରିଡ଼ା(୧୮)ଯାଜପୁର



ସରସ୍ୱତୀ ବଳ।

ସହରକୁ ଆସୁଥିବାବେଳେ ଏନସି କଲେଜର ଏକ ଜନସେବା କେନ୍ଦ୍ର ଆଗରେ ତାଙ୍କ ଚୋରି ବାଇକ ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ମନୋରଞ୍ଜନ ତାଙ୍କ ବାପାଙ୍କୁ ସୂଚନା ଦେଇଥିଲା। ଗାଡ଼ି ନିକଟକୁ ମନୋରଞ୍ଜନ ଯାଇ ଗାଡ଼ି କାହାର ବୋଲି ପଚାରିବାରୁ ଜଣେ ଯୁବକ ଗାଡ଼ିଟି ୪ ମାସ ତଳେ ମିଶନ ଶକ୍ତି ସଭାନେତ୍ରୀଙ୍କ ଫାର୍ମ ହାଉସରୁ କିଣିଥିବା କହିଥିଲେ। ମନୋରଞ୍ଜନ ଏ ସମ୍ପର୍କରେ ୧୧୨କୁ କଲ୍ କରି ଜଣାଇବା ପରେ ପୋଲିସ ଗାଡ଼ିକୁ ଯାଜପୁର ଟାଉନ ଥାନାକୁ ଆଣିଥିଲା। ଟାଉନ ଥାନାରେ କାଗଜପତ୍ର ଯାଞ୍ଚ ପରେ ଗାଡ଼ିଟିକୁ ସଦର ଥାନା ଜିମା ଦିଆଯାଇଥିଲା। ସଦର ପୋଲିସ ଗାଡ଼ିକୁ ଟାଉନ ଥାନାରୁ ଜବତ କରି ନିଜ ହେପାଜତକୁ ନେଇଥିଲା। ଏହି ଘଟଣାରେ ସଦର ପୋଲିସ ଯାଜପୁର ବ୍ଲକ ମିଶନ ଶକ୍ତିର ସଭାନେତ୍ରୀ ଓ ଜ୍ଞାନଜିତଙ୍କ ନାମରେ ନଂ.୪୦୦/୨୫ରେ ମାମଲା ରୁଜୁ କରିଥିଲା। ଶନିବାର ରାତିରେ କବିରପୁର ନିଜଘରୁ ସରସ୍ୱତୀଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବାପରେ ଭୁଇଁପୁର ଅଞ୍ଚଳରୁ ଜ୍ଞାନଜିତଙ୍କୁ ଗିରଫ କରିଥିଲା।

# ହାଇୱା ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଯାଜପୁରରୋଡ୍,୧୪।୧୨(ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ଥାନା ୨୦ନଂ. ଜାତୀୟ ରାଜପଥ ଅନ୍ଧାରୀ ଗ୍ରାମର ଏକ ଡାଇଭର୍ସନ ନିକଟରେ ରବିବାର ରାତି ୮ଟାରେ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ସାଇକେଲ୍ ଆରୋହୀ ଜଣଙ୍କ ସ୍ଥାନୀୟ ଅନ୍ଧାରୀ ପଞ୍ଚାୟତ ଚଢେଇ ପାଟିଆ ଗ୍ରାମର ପବିତ୍ର ମଳିକ(୫୦)। ସେ ରଗଡ଼ିଠାରେ ଥିବା ଯାଜପୁର ସରକାରୀ ପଲିଟେକନିକରେ ଜଣେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। କଲେଜକୁ ଡ୍ୟୁଟି କରିବାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ହାଇୱା ସାଇକେଲ ସହ ଆରୋହୀଙ୍କୁ ପ୍ରାୟ ୨୦୦ ମିଟର ଘୋଷଡ଼ି ନେଇଥିଲା। ଫଳରେ ଭାରସାମ୍ୟ ହରାଇ ଏକ ସ୍କର୍ପିଓକୁ ମଧ୍ୟ ଧକ୍କା ଦେଇଥିଲା। ଖବର ପାଇ କୋରେଇ ପୋଲିସ ପହଞ୍ଚି ହାଇୱାକୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ଲେଖାହେବାବେଳକୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତି ଉପରେ ନଜର ରଖିଥିଲା।

# ସୁକିନ୍ଦା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସୁକିନ୍ଦା,୧୪।୧୨(ସତ୍ୟଜିତ ଦାଶ):**

ସୁକିନ୍ଦା ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହାର ଉଦ୍‌ଘାଟନ କରାଯାଇଥିଲା। ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇ ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମଶାଲରେ ଅଗ୍ନି ସଂଯୋଗ କରି ମହାବିଦ୍ୟାଳୟକୁ ଆସିଥିଲେ। ପରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କୁ ମଶାଲ ହସ୍ତାନ୍ତର କରିଥିଲେ। ଏହାପରେ କ୍ରୀଡ଼ା ପତାକା ଉତ୍ତୋଳନ ସହିତ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ଅଧ୍ୟକ୍ଷ ଉଦ୍‌ଘାଟନ କରି ସୁସ୍ଥଶରୀର ଓ ମନ ପାଇଁ ଛାତ୍ରୀଛାତ୍ରଙ୍କ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଥିବା କହିଥିଲେ।

କ୍ରୀଡ଼ା ଶିକ୍ଷକ କାଳନ୍ଦୀ ଚରଣ ସାହୁ, ସଞ୍ଜୟ ବାରିକ, ଗଣେଶ୍ୱର ବେହେରା, କୈଳାସ ମହାପାତ୍ର, ଅଜିତ ପାଲଙ୍କ ପରିଚାଳନାରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ସଂସଦ ଉପସଭାପତି ପ୍ରଫୁଲ୍ଲ ସାହୁଙ୍କ ସମେତ ପ୍ରାଧ୍ୟାପକ ସୀତିକଣ୍ଠ ଦାସ, ରାଜେନ୍ଦ୍ର ନାରାୟଣ ରାଉଳ, ଅଧ୍ୟାପକ ହାଡ଼ିବନ୍ଧୁ ଦାସ, ପାଣ୍ଡବ ଚରଣ ବେହେରା, ତ୍ରୈଲୋଚନ ମଲିକ, ସୁଶାନ୍ତ ବେହେରା, ଦିବ୍ୟଜ୍ୟୋତି ନାୟକ, ପ୍ରେମାନନ୍ଦ ପତି, ଜାଭେଦ ଇକବାଲ, ସଞ୍ଜୟ ସାମଲ, ପ୍ରଶାନ୍ତ ମହାରଣା, ମନୀନ୍ଦ୍ର ହନହାଗା, ଦେବେନ୍ଦ୍ର ନାୟକ, ମନୋଜ ମହାରଣା, ଅରୁଣ ସ୍ୱାଇଁ, ମାଧବାନନ୍ଦ ବାରିକ, ଗିରିଜା ପ୍ରସନ୍ନ ପଟ୍ଟନାୟକ, ଆପୁଲ ଜେନା, କବିତା ପୃଷ୍ଟି, ସୁଚିତ୍ରା ଦାସ, ପୁଷ୍ପାଞ୍ଜଳି ସାହୁ, ଉତ୍କଳିକା ଦ୍ୱିବେଦୀ, ସୁଧାମୟୀ ଭୋଇ, ପ୍ରଣତି ସ୍ୱାଇଁ, ହେମିନା ବିଶ୍ୱାଳ, ଉଦ୍ଧବ ବେହେରା, ମନୋରଞ୍ଜନ ସିଂ ସାମନ୍ତ, ଗୟାସୁଦ୍ଦିନ ଖାଁ, ଶୁଭେନ୍ଦୁ ବେହୁରା ଓ ଫୁର୍କାନ ଅଲ୍ଲି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

# ୪ ଗୋରୁ ଗାଡ଼ି ଜବତ

**ଧର୍ମଶାଳା,୧୪।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥର ନେଉଳପୁର ଛକ ନିକଟରେ ରବିବାର ସକାଳେ ୪ଟି ଗୋରୁ ବୋଝେଇ ଗାଡ଼ି ଜବତ କରାଯାଇଛି। ଗୋଟିଏ ଗାଡ଼ି ଫେରାର୍ ହୋଇଯାଇଛି। ଗାଡ଼ି ଗୁଡ଼ିକରେ ଥିବା ୮ ଗାଈ ଓ ଗୋଟିଏ ବାଛୁରିକୁ ସୁନ୍ଦୁରିଆ ଗୋଶାଳାରେ ଛଡ଼ାଯାଇଛି। ରାଜପଥରେ ୫ଟି ଗାଡ଼ିରେ ଗାଈ ପରିବହନ ହେଉଥିବା ଖବରପାଇ ସ୍ଥାନୀୟ ଗୋସୁରକ୍ଷା କର୍ମୀ ନେଉଳପୁର ରେଲୱେ ଓଭରବ୍ରିଜ୍ ନିକଟରେ ଗାଡ଼ିଗୁଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିଲା। ଏନେଇ ଥାନାରେ ନଂ.୭୫୦/୨୫ରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଔଷଧ ଦୋକାନରୁ ଚୋରି

**ଚଣ୍ଡିଖୋଲ,୧୪।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ବାଲିଚନ୍ଦ୍ରପୁର ଥାନା ବିକ୍ରମତିରଣ ପଞ୍ଚାୟତ ମାତକତପୁର (କଟିକଟା) ବଜାରରେ ଥିବା ଶଶିକାନ୍ତ ସାହୁଙ୍କ ଔଷଧ ଦୋକାନ ଗୃହର ଆଜବେଷ୍ଟ ଭାଙ୍ଗି ଶନିବାର ରାତିରେ ଚୋରିହୋଇଛି। ରବିବାର ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତ ଦୋକାନରେ ପଶି ୫୦ ହଜାରରୁ ଅଧିକ ଟଙ୍କାର ଔଷଧ ଓ ଅନ୍ୟ ସାମଗ୍ରୀ ଚୋରି କରିଛନ୍ତି। ରାତ୍ରି ଡ୍ୟୁଟି ପାଇଁ ଏହି ବଜାରରେ ଦୁଇ ଗ୍ରାମରକ୍ଷୀ ନିଯୁକ୍ତି ପାଇଛନ୍ତି। ଏହା ସତ୍ତ୍ୱେ ଚୋରି ହେବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗଣପତି ଜ୍ଞାନ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।

**ବଡ଼ଚଣା,୧୪।୧୨(ଦିଲୀପ କୁମାର ମହାନ୍ତି):** ଚଣ୍ଡିଖୋଲ ନିକଟ ଚାରିବାଟିଆ ସୁଭଦ୍ରାପୁର ଗଣପତି ଜ୍ଞାନମନ୍ଦିରର ବିଂଶତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରତାପ ଦାଶ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କଳ୍ପନା ଭଞ୍ଜ ଯୋଗ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ପ୍ରତିଯୋଗିତାକୁ ସମ୍ପାଦନ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପ୍ରଦୀପ୍ତ ପରିଡ଼ା ଏବଂ ପୂର୍ବତନ ସମ୍ପାଦିକା ରଙ୍ଗଲତା ପରିଡ଼ାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଲକ୍ଷ୍ମୀନାରାୟଣ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି

**ଧର୍ମଶାଳା,୧୪।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ଜାରକା ବଜାରଠାରେ ଧନୁ ସଂକ୍ରାନ୍ତି ମଙ୍ଗଳବାରଠାରୁ ଐତିହାସିକ ଲକ୍ଷ୍ମୀ ନାରାୟଣ ପୂଜା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୂର୍ତ୍ତି ନିର୍ମାଣକୁ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି। ବ୍ରାହ୍ମଣୀ ନଦୀରୁ ଜଳ କଳସ ଅଣାଯାଇ ସକାଳ ୭ଟା୬ରେ ପୂଜା ଆରମ୍ଭ ହେବ। ୧୭ତାରିଖ ବୁଧବାର ସୂର୍ଯ୍ୟପୂଜା, ହୋମ, ମହାଦୀପ ଓ ଆଳତୀ କରାଯିବ। ୧୮ତାରିଖ ଗୁରୁବାର ପୂଜା, ହୋମ ପୁଷ୍ପାଞ୍ଜଳି ଦିଆଯାଇ ରାତ୍ର ୭ଟା୧୧ରେ ଘଟ ବିସର୍ଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥର ଆକର୍ଷଣୀୟ ତୋରଣ ସହ ବଜାରରେ ଆଲୋକୀକରଣ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଗ୍ରାମବାସୀ କୀର୍ତ୍ତନ ଓ ଭଜନ



ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି।

ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୫ ତାରିଖରୁ ଜାନୁଆରୀ ୬ ଯାଏ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ସଭାପତି ରବି ନାରାୟଣ ସାହୁ ଓ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତ ସୂଚନା ଦେଇଛନ୍ତି।

## ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି

### ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍

### ପରିବେଶ ମଞ୍ଜୁରୀ

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ରଘୁନାଥପୁର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୫୯/୨୫୮୨ ଏବଂ ୫୦ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୭୨୯/୧୦୨୪ ଓ ୩୫ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଆଲ୍‌କେମୀ" ନାମ ଓ ଶୈଳୀର ଗ୍ରୁପ୍ ହାଉସିଂ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୯ଓଆର୍୧୯୨୧୨୩ (EC23B039OR192123), ତା୨୬।୦୯।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

## EKLAVYA MODEL RESIDENTIAL SCHOOL, KUCHINDA

DIST.-SAMBALPUR-768222 (ODISHA)
Email: emrskuchinda2018@gmail.com
Website: https://emrskuchinda.com

### TENDER NOTICE

**Notice No. : 759** **Date: 12.12.2025**

Sealed tenders are invited from reputed and experienced manpower service providers/ firms/ agencies for **outsourcing of manpower** skilled/unskilled (e.g., 2 Security Guards, 5 Sweepers, 1 Gardener, 1 Female Cook, 1 Male Cook, 1 Peon.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU Organization

The tender document containing terms and conditions can be obtained from the office of the undersigned by downloaded from the website: https://emrskuchinda.com **from** 15.12.2025 to 30.12.2025.

The Technical & Financial bids in sealed envelopes are to be submitted in the sealed box kept in the office within the time 9:00 AM to 4:00 PM on the working days.

- Last date and time for submission : **30.12.2025, up to 4.00 PM.**
- Tender opening date : **06.01.2026 at 10.00 AM**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

**Sd./- PRINCIPAL**
**EMRS, KUCHINDA**

# ୭ ବର୍ଷ ପରେ ବି ହୋଇପାରୁନି ଯୋଜନାର ରୂପରେଖ

■ ଜଗତସିଂହପୁର ମାଷ୍ଟର ପ୍ଲାନ୍ ସରିବା ନେଇ ଅନିଶ୍ଚିତତା
■ ଯୋଜନାର ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ

ଜଗତସିଂହପୁର, ୧୪।୧୨ (ପ୍ରମୋଦ କୁମାର ନାୟକ)

ଜଗତସିଂହପୁର ଏକ ପୌରାଞ୍ଚଳର ମାନ୍ୟତା ପାଇଥିଲେ ବୁଝା ବାସୁରରେ ଏହା ବିଭିନ୍ନ କ୍ଷେତ୍ରରେ ଅବହେଳା ରହିଛି। ଟ୍ରାଫିକ ସମସ୍ୟାଠାରୁ ବର୍ଜ୍ୟବସ୍ତୁ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଜଟିଳ ରୂପ ନେଉଛି। ଏହାର ସମାଧାନ ପାଇଁ ସହରର ମାଷ୍ଟର ପ୍ଲାନ୍ ଜରୁରୀ। ତେଣୁ ରାଜ୍ୟ ସରକାର ୨୦୧୭ରେ ଯୋଜନା ପ୍ରସ୍ତୁତ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ୨୦୧୮ ମେ'ରେ ବେଙ୍ଗାଲୁରର ସ୍ୱାଏ ଗ୍ରୁପ ଯୋଜନା ପ୍ରସ୍ତୁତ କରିବା ପାଇଁ ଜଗତସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆରଡ଼ିଆଇଟି) ସହ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ରାଜିନାମା ଅନୁଯାୟୀ ସ୍ୱାଏ ଗ୍ରୁପ ୨୦୧୯, ଜୁଲାଇ ୨୩ ଭିତରେ ଯୋଜନା ସାରିବା କଥା। ତେବେ ଦୁଃଖର କଥା, ଇତିମଧ୍ୟରେ ୭ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଏହି ସଂସ୍ଥା ଯୋଜନା ସାରିପାରିନାହିଁ। ଏପରି କି କେବେ ସାରିବ ତାହା ମଧ୍ୟ ନିଶ୍ଚିତ ହୋଇପାରୁନାହିଁ।

ଓଡ଼ିଶା ଟାଉନ ପ୍ଲାନିଂ ନିର୍ଦ୍ଦେଶାବଳୀ ଅଧୀନରେ ଥିବା ଜେଆରଡ଼ିଆଇଟି ଜଗତସିଂହପୁର ସହରର ଉନ୍ନୟନ ପାଇଁ କାମ କରୁଛି। ଜଗତସିଂହପୁର ସହର ସମେତ ଏହି ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳର ୯୩ଟି ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତ ପାଇଁ ଯୋଜନା ହୋଇଛି। ବିଶେଷକରି ଜଗତସିଂହପୁର ବ୍ଲକର ପୁରୁଙ୍ଗ, ପଲାଶୋଳ, ଯଁଶିଟି, ଯଶୋବନ୍ତପୁର, ସାଁପୁର, ତଢ଼ପଡ଼ା, ଓଡ଼ିଶୋ, ବଳରାମପୁର, ମୁଦୁପୁର, ମଣ୍ଡାସାହି ପଞ୍ଚାୟତକୁ ମୁଖ୍ୟକରି ମାଷ୍ଟର ପ୍ଲାନ୍‌ରେ ସାମିଲ କରାଯିବ। ବର୍ତ୍ତମାନର ସ୍ଥିତି ଯଥା ଉପଯୁକ୍ତ ରାସ୍ତା, ଡ୍ରେନ୍‌ର ଭିତ୍ତିଭୂମି ଅନୁଧ୍ୟାନ ସହ ସହରାଞ୍ଚଳର ସ୍ଥିତି, ସମସ୍ୟା ଓ ଏହାର ସମାଧାନର ବାଟ ବାହାର କରାଯିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍ ପ୍ଲାଟଫର୍ମରେ ରାଜସ୍ୱ କାଡାଷ୍ଟ୍ରାଲ ମ୍ୟାପକୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ସ୍ଥାନ, ପାଣିପାଗ, ପୁଟ ଅନୁଯାୟୀ ଜମିର ବ୍ୟବହାର, ପରିବେଶଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଲୋକ ସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ଆର୍ଥିକ ସ୍ଥିତି ଓ ନିଯୁକ୍ତି ଯଥା ପ୍ରଶାସନ, କୃଷି, ଖଣି, ଖାଦ୍ୟ ଆଦିକୁ ଦେଖାଯିବ। କେତେ ସାଧାରଣ ଓ ବସ୍ତି ବାସିନ୍ଦାଙ୍କ ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ,


ଜଗତସିଂହପୁର ଟାଉନର ଦୃଶ୍ୟ।

ଶିକ୍ଷା, ମନୋରଞ୍ଜନ ସୁବିଧା ଅଛି ତାହା ଅନୁଧ୍ୟାନ ହେବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ପାଣି, ପବନ, ମୃତ୍ତିକା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟଟନ ବିଷୟରେ ଧ୍ୟାନ ଦିଆଯିବ। ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟ ସର୍ଭେକ୍ଷଣ ସମୟରେ ପରିବେଶ ଯଥା ଜଳାଶୟ, ପ୍ରାକୃତିକ ନାଳ, ଜଙ୍ଗଲ, ବୃକ୍ଷଲତା, ଖାଲୁଆ ଜମି, କୃଷି ଜମି, ପ୍ରଦୂଷଣ ମାତ୍ରା, ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯିବା ପାଇଁ ସ୍ଥିର ହୋଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା ନେଇ ମାଇକ୍ରୋ ଲେଭେଲ ଷ୍ଟଡ଼ି କରାଯିବ। ଶେଷରେ କେଉଁସବୁ ପ୍ରକଳ୍ପ କରାଯିବା ବାଧ୍ୟତାମୂଳକ ଓ କେଉଁଟା ଇଚ୍ଛାଧୀନ ତାହା ସ୍ପଷ୍ଟ କରାଯିବ। କେଉଁ ପ୍ରକଳ୍ପ ଦୀର୍ଘ ମିଆଦି ଏବଂ କେଉଁଟା କମ ସମୟ ପାଇଁ ତା'ଉପରେ ପ୍ରସ୍ତାବ ରହିବ। ବାସୋପଯୋଗୀ ଘର, ବ୍ୟବସାୟିକ ସ୍ଥାନ, ପାର୍କ, ସ୍ୱାସ୍ଥ୍ୟକେନ୍ଦ୍ର, କଲୋନିରେ ବିବାହ, ବ୍ରତ ଘର ପାଇଁ ସ୍ଥାନ, ପାର୍କିଂ ଅଞ୍ଚଳ ଆଦିକୁ ଏଥିରେ ଚିହ୍ନଟ କରାଯିବ। କେଉଁଠି କିଛି ବି ଜମି ଯେପରି ଅବରକାରୀ ନ ରହେ, ତା'ଉପରେ ଗୁରୁତ୍ୱ ଦିଆଯିବ। ଏସବୁକୁ ଦେଖି ପ୍ରଥମେ ଚିଠା ମାଷ୍ଟର ପ୍ଲାନ ଓ ପରେ ସ୍ୱାଏ ଗ୍ରୁପ ସହାୟତାରେ ଜେଆରଡ଼ିଆଇଟି ସମସ୍ତ ବିଭାଗ ସହ ବୈଠକ କରି ପରାମର୍ଶ ଲୋଡ଼ିବ। ଏପରି କି କର୍ମଶାଳା, ସେମିନାର କରାଯାଇ ବ୍ୟାପକ ଚର୍ଚ୍ଚା ହେବ। ଜନସାଧାରଣଙ୍କୁ ଅଭିଯୋଗ ଓ ପରାମର୍ଶ ପାଇଁ ସୁଯୋଗ ଦିଆଯିବ। ଏସବୁ ପ୍ରକ୍ରିୟା ପରେ ଚୂଡ଼ାନ୍ତ ମାଷ୍ଟର ପ୍ଲାନ ଘୋଷଣା ହେବ ବୋଲି କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇପାରି ନାହିଁ।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଏଥିମଧ୍ୟରେ କ'ଣ ସବୁ କରାଯାଇଛି ତାହା ସାଧାରଣ ଲୋକ ଅବଗତ ନାହାନ୍ତି କି କେହି କିଛି ଜାଣିବାକୁ ଚାହିଁଲେ ଖବର ମିଳୁନାହିଁ, ଯାହା ଚିନ୍ତାର କାରଣ ହୋଇଛି। କାରଣ ଅତୀତରେ ଜିଲ୍ଲାର ଏକାଧିକ ଜିଲ୍ଲାସ୍ତରୀୟ ସରକାରୀ କାର୍ଯ୍ୟାଳୟ ଯୋଜନା ବିହୀନ ଭାବେ ଏଣେ ତେଣେ କରାଯାଇଛି। ସେନେଇ ଜିଲାବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏବେ ଉପରଠାଉରିଆ ଭାବେ ମାଷ୍ଟର ପ୍ଲାନ କରାଯାଉଥିବା ଅନୁଭବ ହେଉଛି। ସରକାର ଏହା ଉପରେ ଗୁରୁତ୍ୱ ଦେଇ ଲୋକମାନଙ୍କ ପରାମର୍ଶକ୍ରମେ ଯୋଜନା ପ୍ରସ୍ତୁତ ନ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏ ସମ୍ପର୍କରେ ଜେଆରଡ଼ିଆଇଟି ସେକ୍ରେଟାରୀ ତଥା ଜଗତସିଂହପୁର ପୌରାଧ୍ୟକ୍ଷା ଶିମା ଜେନାଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

## କଲେଜ ଛାତ୍ରୀଛାତ୍ରଙ୍କ ରାସ୍ତା ଅବରୋଧ


ରାସ୍ତା ଅବରୋଧକାରୀଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

### ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ ଘଟଣା

କୁଜଙ୍ଗ, ୧୪।୧୨ (ମନୋଜ ପ୍ରଧାନ)

ପାରାଦୀପ ବୋଇଛି ନିକଟରେ ଶନିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ କୁଜଙ୍ଗ କଲେଜର କମ୍ପ୍ୟୁଟର ବିଭାଗ ଅଧ୍ୟାପକ ଅଜୟ ରାଉତଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତି ପୂରଣ ଦାବିରେ ଛାତ୍ରୀଛାତ୍ରମାନେ ସନ୍ତରା ଗଡ଼ା ନିକଟରେ କଟକ-ପାରାଦୀପ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଖବରପାଇ ଘଟଣାସ୍ଥଳରେ କୁଜଙ୍ଗ ତହସିଲଦାର ସ୍ୱପ୍ନ ନନ୍ଦନ ବେହେରା, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ ସଦଳବଳ ପହଞ୍ଚି ବୁଝାଶୁଝା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ମୃତ ଅଧ୍ୟାପକଙ୍କ ସ୍ତ୍ରୀଙ୍କୁ ଉକ୍ତ କଲେଜରେ ନିଯୁକ୍ତି ଦେବା ପାଇଁ ଜିଲାପାଳଙ୍କୁ ଅବଗତ କରାଇବା ସହ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

## ଶ୍ରମିକ ବିରୋଧୀ ନୀତି, ଶ୍ରମ କୋଡ୍ ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି

### ସିଆଇଟିୟୁର ୧୬ତମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ପାରାଦୀପ, ୧୪।୧୨ (ଶରତ ରାଉତ)

ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟିର ଷୋଡ଼ଶ ରାଜ୍ୟ ସମ୍ମିଳନୀ ରବିବାର ପାରାଦୀପରେ ଶେଷ ହୋଇଛି। ଏହି ସମ୍ମିଳନୀରେ ସିଆଇଟିୟୁର କେନ୍ଦ୍ରୀୟ ସଭାନେତ୍ରୀ ଡ. କେ. ହେମଲତା ଓ ସର୍ବଭାରତୀୟ ସାଧାରଣ ସମ୍ପାଦକ, ପୂର୍ବତନ ଏମ୍‌ପି ତପନ ସେନ୍ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ସେମାନେ କହିଥିଲେ, କର୍ପୋରେଟ ପୁଞ୍ଜିପତି ଓ ମାଲିକମାନଙ୍କ ସ୍ୱାର୍ଥରେ ଦେଶର ଶ୍ରମିକ ଶ୍ରେଣୀର ଅଧିକାରକୁ ଛଡ଼ାଇ ନେଇ ସମସ୍ତ ଶ୍ରମ ଆଇନକୁ ଶେଷକରି ଏବେ ୪ଟି ଶ୍ରମ କୋଡ୍ ଲାଗୁ କରାଯାଇଛି। ଏହା ବିରୋଧରେ ଆଗାମୀ ଦିନରେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ସମ୍ମିଳନୀରେ ସାମ୍ପ୍ରଦାୟିକତାବାଦ ବିରୋଧରେ ଆନ୍ଦୋଳନ ଗଢ଼ି ତୋଳିବା, ମିଳିତ ଟ୍ରେଡ୍ ୟୁନିୟନ ଆନ୍ଦୋଳନ ଉପରେ ଗୁରୁତ୍ୱ, ଶ୍ରମିକ-କୃଷକ ଏକତାକୁ ଶକ୍ତିଶାଳୀ କରିବା, କର୍ମଜୀବୀ ମହିଳାମାନଙ୍କୁ ସ୍ୱତନ୍ତ୍ର ଭାବେ ସଙ୍ଗଠିତ କରିବା, ବେକାର ସମସ୍ୟା ଉପରେ ସଂଗ୍ରାମ, କୃତ୍ରିମ ବୁଦ୍ଧିମତ୍ତା ଆଦିକୁ ନେଇ ଉପରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଶେଷରେ ଆଗାମୀ ୩ ବର୍ଷ ପାଇଁ ୬୩ ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ କମିଟି ଓ ୨୯ ଜଣିଆ କର୍ମକର୍ତ୍ତା କମିଟି ନିମନ୍ତେ ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଜନାର୍ଦ୍ଦନ ପତି ଓ ସାଧାରଣ ସମ୍ପାଦକ ଭାବରେ ବିଷ୍ଣୁ ମହାନ୍ତି, କୋଷାଧ୍ୟକ୍ଷ ଭାବରେ ଉଲାସ ସ୍ୱାଇଁ, ଉପସଭାପତି ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

## ନିଲାମଧାରୀ, ମାଫିଆଙ୍କ ସଲାସୁତୁରାରେ ବାଲି ଚୋରା ଚାଲାଣ ଅଭିଯୋଗ

### ଖଣି ଅଧିକାରୀଙ୍କ ନାଁରେ ଉପଜିଲାପାଳଙ୍କ ଏତଲା

ଜଗତସିଂହପୁର, ୧୪।୧୨ (ପ୍ରମୋଦ କୁମାର ନାୟକ)

ଜଗତସିଂହପୁର ଜିଲାରେ ନିଲାମଧାରୀ, ମାଫିଆଙ୍କ ସଲାସୁତୁରାରେ ବାଲି ଚୋରା ଚାଲାଣ ହେଉଛି। ଏଥିରେ ଜିଲା ଖଣିଅଧିକାରୀ ସତିଶ ଚରାଇଙ୍କ ସମ୍ପୃକ୍ତି ରହିଛି ବୋଲି ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଗ୍ରହଣ କରି ପୋଲିସ ମାମଲା (ନଂ.୯୯୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜକାନ୍ତ ସାମଲ ସୂଚନା ଦେଇଛନ୍ତି। ବେଧଡ଼କ ଓଭରଲୋଡିଂ ଓ ଅସୁରକ୍ଷିତ ବାଲି ବୋଝେଇ ହାଇୱା ଯାତାୟାତ ଯୋଗୁ ଜଗତସିଂହପୁରବାସୀ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ଏ ପରିସ୍ଥିତିରେ ନଭେମ୍ବର ୨୫ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହାନଦୀର କିଳିପାଳ ବାଲିଘାଟ ନିକଟରେ ବୋଝେଇ କରି ବାଲି ଉଠାଇନେ ଓ ଚାଲାଣ ବେଳେ ବଡ଼ ଧରଣର ଚଢ଼ାଉ କରାଯାଇ ୩ଟି ଏକ୍ସାଭେଟର ସମେତ ୪୦ଟି ବାଲି ବୋଝେଇ ହାଇୱା ଜବତ ହୋଇଥିଲା। ସେତେବେଳେ ୫ ଜଣ ଗାଡ଼ି ଚାଳକ ଓ ଜଣେ ମେକାନିକ ଗିରଫ ହୋଇଥିଲେ। ସେହିପରି ଗତ ୧୧ରେ ବିଶେଷସୂତ୍ରରୁ ଖବରପାଇ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ପୋଲିସ ସହାୟତାରେ ଏହି ଥାନା ଅନ୍ତର୍ଗତ ଜଇପୁର ବାଲି ଘାଟରେ ଚଢ଼ାଉ କରି ୨୨ଟି ହାଇୱା ଜବତ କରିଥିଲେ। ଏଥିସହ ୩ ଜଣ ଚାଳକଙ୍କୁ କାବୁ କରିଥିଲେ। ଏହି ଚଢ଼ାଉ ବେଳେ ଜିଲା ଖଣି ଅଧିକାରୀ ନିଲାମଧାରୀଙ୍କୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ଲୋକମାନେ ଖଣି ବିଭାଗର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷବ୍ୟକ୍ତ କରି ଆସୁଥିବାବେଳେ ଏବେ ତରାଇଙ୍କ ଭୂମିକାକୁ ନେଇ ସେମାନେ କ୍ଷୋଭପ୍ରକାଶ କରିଛନ୍ତି।

## ଦାମ ରାଉତଙ୍କ ଜୟନ୍ତୀରେ ବିଜେଡି ଦୁଇଫାଳ


ମୁକ୍ତେଶ୍ୱର ମଣ୍ଡପରେ ଆୟୋଜିତ ସମାରୋହରେ ଉପସ୍ଥିତ ନେତୃମଣ୍ଡଳୀ।

### ସମାନ୍ତରାଳ ଭାବେ ଦୁଇ ଗୋଷ୍ଠୀ ପାଳିଲେ

କୁଜଙ୍ଗ, ୧୪।୧୨ (ମନୋଜ ପ୍ରଧାନ)

ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ୮୪ ତମ ଜୟନ୍ତୀ ପାଳନ ଅବସରରେ ରବିବାର କୁଜଙ୍ଗ ବ୍ଲକ ବିଜେଡି ଦୁଇଫାଳ ହୋଇଥିବା ଚର୍ଚ୍ଚା ହେଉଛି। ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ ସମାନ୍ତରାଳ ଭାବେ ଜୟନ୍ତୀ ସମାରୋହ ଆୟୋଜନ କରିଥିବାରୁ ଏହା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ମାତ୍ର ଉଭୟ ଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଶ୍ରମିକ ନେତା ତଥା ବିଜେଡି ନେତା ଅରିନ୍ଦମ ସର୍ଖେଲ ଯୋଗଦେବାକୁ ନେଇ ପାରାଦୀପ ବିଜେଡି ରାଜନୀତି ଉଷ୍ମ ହୋଇଉଠିଛି। କୁଜଙ୍ଗ କଲ୍ୟାଣ ମଣ୍ଡପରେ ଆୟୋଜିତ ଜୟନ୍ତୀ ସମାରୋହରେ କୁଜଙ୍ଗ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ା, କାର୍ଯ୍ୟକାରୀ ସଭାପତି ସୁଶୀଳ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସ୍ୱାମୀ ତଥା ପୂର୍ବତନ ଜିଲା ବିଜେଡି ଉପସଭାପତି ଅରୁଣ ବେହେରା, ଉପାଧ୍ୟକ୍ଷ ଈଶାନଚନ୍ଦ୍ର ସ୍ୱାଇଁ, କୈଳାସ ଷଡ଼ଙ୍ଗୀ, ଜିଲା ପରିଷଦ ସଦସ୍ୟା ପୁଷ୍ପଲତା ବେହେରା, ଜିଲା ପରିଷଦ ସଦସ୍ୟ ପ୍ରମୋଦ ସ୍ୱାଇଁ, ରବି ନାରାୟଣ ସାହୁ, ବୟୋଜ୍ୟେଷ୍ଠ ନେତା ସୁରେନ୍ଦ୍ରନାଥ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ପ୍ରକାଶ ବେହେରା, ଜୟନ୍ତୀ କମିଟି ସଭାପତି ବିଶ୍ୱଜିତ ପ୍ରଧାନଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ। ସେହିପରି କେଠୋ ସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପଠାରେ ଅନ୍ୟ ଏକ ଜୟନ୍ତୀ କମିଟି ସଭାପତି ବିକ୍ରମ କେଶରୀ ରାଉତରାୟ, ସମ୍ପାଦକ ଦୁଷ୍ମନ୍ତ ମାଝି ଓ ପୂର୍ବତନ ବ୍ଲକ ଯୁବ ବିଜେଡି ସଭାପତି ଅନୁପପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଜୟନ୍ତୀ ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତ, ଏରସମା ବ୍ଲକ ଚଢ଼ୁଆ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ସଞ୍ଜୟ ମହାନ୍ତି, ଏରସମା ବ୍ଲକର ପୂର୍ବତନ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର ବେହେରା ଯୋଗଦେଇଥିଲେ। ଅରିନ୍ଦମ ସର୍ଖେଲ ଉଭୟ ଗୋଷ୍ଠୀ ପକ୍ଷରୁ ଆୟୋଜିତ ସମାବେଶରେ ଯୋଗଦେଇ ସ୍ୱର୍ଗତ ଦାମୋଦର ରାଉତଙ୍କୁ ଏକସମୟ ଓ ପାରାଦୀପର ବିକାଶ ପୁରୁଷ କହିବା ସହ ସ୍ୱଚ୍ଛତାର ପ୍ରତୀକ ଥିଲେ ବୋଲି ମତ ଦେଇଥିଲେ। ସର୍ଖେଲ କହିଥିଲେ, ଦାମ ବାବୁ ତାଙ୍କ ରାଜନୈତିକ ଜୀବନଶାରେ କେବେ ମୁଖ୍ୟ କର୍ମୀ ସୃଷ୍ଟି କରି ଚୋରି କରିବାକୁ ପ୍ରଶ୍ରୟ ଦେଇ ନ ଥିଲେ କି କମିଶନ ନେଇ ନଥିଲେ। ମାତ୍ର ବର୍ତ୍ତମାନ ରାଜନୀତିରେ କର୍ମୀଙ୍କୁ ଚୋରି କରିବାକୁ ପ୍ରବର୍ତ୍ତାଇବା ସହ ସେଥିରୁ ପର୍ସେଣ୍ଟ ନେଉଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର ଓ ପାରାଦୀପ ପୌର ପରିଷଦର ପରିଷଦ ପ୍ରଭାତୀ ନାୟକ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ ଓ ପୂର୍ବତନ ସମିତି ସଭ୍ୟ କରିଞ୍ଜନ ବେହେରା ଉଭୟ ଗୋଷ୍ଠୀ ଦ୍ୱାରା ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ଦୁଇ ଗୋଷ୍ଠୀ ପୃଥକ ଭାବେ ଜୟନ୍ତୀ ପାଳିବା ସମ୍ପର୍କରେ ଅରିନ୍ଦମ ସର୍ଖେଲଙ୍କୁ ପଚାରିବାରେ ଦାମ ବାବୁଙ୍କ ଜୟନ୍ତୀକୁ ତାଙ୍କ ପ୍ରେମୀମାନେ ଯେଉଁଠି ଯେପରି ଚେତେ ଜାଗାରେ ପାଳିଲେ କିଛି ଅସୁବିଧା ନାହିଁ କହି ଏଡ଼ାଇ ଯାଇଥିଲେ। ଏହି ଅବସରରେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ କହିଛନ୍ତି, ସେ ତାଙ୍କ ବାପା ଦାମଙ୍କ ଜନ୍ମଦିନ ପରିବାର ଭିତରେ ପାଳନ କରିଛନ୍ତି।


କୁଜଙ୍ଗ କଲ୍ୟାଣ ମଣ୍ଡପରେ ଆୟୋଜିତ ସମାରୋହରେ ଉପସ୍ଥିତ ନେତୃମଣ୍ଡଳୀ।

## ଦାମୋଦର ରାଉତଙ୍କ ଜୟନ୍ତୀ

ପାରାଦୀପ, ୧୪।୧୨ (ଶରତ ରାଉତ)

ପୂର୍ବତନ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ଦିବଂଗତ ଦାମୋଦର ରାଉତଙ୍କ ଜୟନ୍ତୀ ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ନଗର ଉପସଭାପତି କୁମାରବର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅରିନ୍ଦମ ସର୍ଖେଲ (ବାପି), ସବିତା ମହାପାତ୍ର, ଅନୁପ କୁମାର ସାହାଣୀ, ଜ୍ୟୋତିକାନ୍ତ ପରିଡ଼ାଙ୍କ ସମେତ ବହୁ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଦାମଙ୍କ ଏକାନ୍ତ ଅନୁଗତ ତଥା ବିଜେଡି ନଗର ଉପସଭାପତି ବସନ୍ତ ବିଶ୍ୱାଳ ଓ ତାଙ୍କ ସମର୍ଥକମାନେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପାରାଦୀପ ବିଜେଡିରେ ଥିବା ମନାନ୍ତର ଏଥିରୁ ବାରି ହୋଇପଡ଼ିଥିଲା।

## ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଉଛି

■ ନିଜସ୍ୱ ବନ୍ଦର ନିର୍ମାଣ ପାରାଦୀପ ବନ୍ଦର ଅଭିବୃଦ୍ଧିରେ ବାଧକ ହେବ
■ ପଦକ୍ଷେପ ନ ନେଲେ ଜାନୁଆରୀ ୨୬ରୁ ଶାନ୍ତିପୂର୍ଣ୍ଣ ଧାରଣା ଚେତାବନୀ

କୁଜଙ୍ଗ, ୧୪।୧୨ (ମନୋଜ ପ୍ରଧାନ)

ଜଗତସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରି ଦେଶରେ ନିର୍ମାଣାଧୀନ ଜେଏସଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ସେଠାକାର ଅଧିବାସୀଙ୍କ ଅଧିକାର ଛଡ଼ାଇ ନିଆଯାଉଛି। ଖାଲି ସେତିକି ନୁହେଁ କମ୍ପାନୀ ପକ୍ଷରୁ ଜଟାଧାର ମୁହାଣରେ ନିଜସ୍ୱ ଜେଟି ନିର୍ମାଣ ଭବିଷ୍ୟତରେ ପାରାଦୀପ ବନ୍ଦର ଅଭିବୃଦ୍ଧିରେ ବାଧକ ହେବ ବୋଲି ଏରସମା ବ୍ଲକ ୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ତଥା କଂଗ୍ରେସ ନେତା ପିନାକୀ ନାରାୟଣ ଦାସ ଚେତାଇ ଦେଇଛନ୍ତି।

ରବିବାର ଅପରାହ୍ନରେ ଗଡ଼କୁଜଙ୍ଗସ୍ଥିତ ବଡ଼ଦାଣ୍ଡଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାସ ଅଭିଯୋଗ କରିଛନ୍ତି ଯେ, ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ଜେଏସଡବ୍ଲ୍ୟୁ ପକ୍ଷରୁ ନିର୍ମାଣାଧୀନ ସିମେଣ୍ଟ, ଇସ୍ପାତ କାରଖାନା ଓ ନିଜସ୍ୱ ବନ୍ଦର ନିର୍ମାଣକୁ ଅଞ୍ଚଳବାସୀ ଦୀର୍ଘ ୨୦ ବର୍ଷ ହେବ ବିରୋଧ କରି ଆସୁଛନ୍ତି। ପୋସ୍କୋକୁ ବିରୋଧ ଯୋଗୁ ସେ ଛାଡ଼ି ପଳାଇଲା। ମାତ୍ର ଜେଏସଡବ୍ଲ୍ୟୁକୁ ସବୁକୁ ଜଙ୍ଗଲ ଯାଇ ତାକୁ ଜଙ୍ଗଲ ଜମିକୁ ଦେଇ ଦେଉଛନ୍ତି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ, ଗ୍ରାମ ସଭା ମାଧ୍ୟମରେ ଲୋକଙ୍କ ମତକୁ ଆଇନତଃ ସ୍ୱୀକାର କରି ପୁରୁଷାନୁକ୍ରମେ ଜଙ୍ଗଲ ଜମି ଉପରେ ନିର୍ଭର କରି ଚାଷବାସ କରି ରହୁଥିବା ଲୋକଙ୍କୁ ପାରମ୍ପରିକ ବନବାସୀର ମାନ୍ୟତା ଦିଆଯାଉ। ଏଥିସହ ଜଙ୍ଗଲ ଜମିର ଅଧିକାର ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ଢିଙ୍କିଆ ଚାରିଦେଶକୁ ସୁରକ୍ଷା ବାଲୁକା ସ୍ତୁପ ଓ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ରକ୍ଷା କରୁଥିଲା। ଏହି ବାଲୁକା ସ୍ତୁପ ଓ ଜଙ୍ଗଲ ସାମୁଦ୍ରିକ ଝଡ଼ ଓ ଢେଉ ପ୍ରତିରୋଧ କରୁଥିଲା। ମାତ୍ର ବର୍ତ୍ତମାନ ଉକ୍ତ ବାଲୁକାସ୍ତୁପକୁ ଖୋଳି ଅନ୍ୟତ୍ର ବିକ୍ରି କରି ଦିଆଯାଉଛି। ପ୍ରାଚୀର ଘେରା ଅଞ୍ଚଳରେ କମ୍ପାନୀ ପକ୍ଷରୁ ବାଲୁକା ସ୍ତୁପକୁ ଖୋଳି ସମତୁଲ କରାଯାଉଛି। ଏହାଦ୍ୱାରା ଜେଏସଡବ୍ଲ୍ୟୁ କମ୍ପାନୀ ବହୁ ହଜାର କୋଟି ଟଙ୍କାର ମୁନାଫା ପାଉଥିବା ବେଳେ ଅଞ୍ଚଳବାସୀଙ୍କ ଜୀବନ ମରଣମୁହଁକୁ ଠେଲି ହୋଇଯାଉଛି। ଲକ୍ଷାଧିକ ଗଛ କାଟି ଦିଆଯାଉଛି। ଏଣୁ ଭବିଷ୍ୟତରେ ସାମାନ୍ୟ ସାମୁଦ୍ରିକ ଝଡ଼ ହେଲେ ଅଞ୍ଚଳ ବିଲୁପ୍ତ ହେବା ନିଶ୍ଚିତ। ଜଙ୍ଗଲ ଓ ବାଲୁକା ସ୍ତୁପ ପାଇଁ ୧୯୯୯ ମହାବାତ୍ୟାରୁ ଅଞ୍ଚଳ ରକ୍ଷା ପାଇଥିଲା। ଏଣେ ତୁରନ୍ତ ଢେଉ ପ୍ରତିରୋଧକ ପ୍ରାଚୀର ନିର୍ମାଣ ସହ ବ୍ୟାପକ ବୃକ୍ଷ ରୋପଣ ପାଇଁ ଦାସ ଦାବି କରିଥିଲେ। ୧୯୭୨ ଜଙ୍ଗଲ ସଂରକ୍ଷଣ ଓ ବନ୍ୟ ପ୍ରାଣୀ ସୁରକ୍ଷା ଆଇନକୁ ଉଲ୍ଲଂଘନ କରି କମ୍ପାନୀ ପକ୍ଷରୁ ଜଙ୍ଗଲ କଟାଯାଇ ବହୁ ହଜାର ହରିଣ, ଠେକୁଆ, ବିରାଡ଼ି, ବିଲୁଆ ସମେତ ଅନେକ ବନ୍ୟ ପ୍ରାଣୀ ଓ ବିରଳ ସରୀସୃପକୁ ମାରିଦିଆଯାଉଛି। ମାତ୍ର ସୂଚନା ଅଧିକାର ଆଇନରେ ଭୁଲ ତଥ୍ୟ ଦିଆଯାଉଛି। ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଉଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାସ ଦାବି କରିଛନ୍ତି। ସିଆରଜେଡ ଆଇନ ଉଲ୍ଲଂଘନ କରାଯାଇ ଖୋଳା ଯାଉଥିବା ବାଲୁକା ସ୍ତୁପ ଉପରେ ରୋକ ଲଗାଇବା ପାଇଁ ସେ ଦାବି କରିଛନ୍ତି। ପରିବେଶ ମଞ୍ଜୁରୀ ନ ଥାଇ ଏଠାରେ କିପରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି। ଉକ୍ତ ପ୍ରକଳ୍ପଠାରୁ ଅନତି ଦୂରରେ ପାରାଦୀପ ବନ୍ଦର ଥିବା ବେଳେ ଜେଏସଡବ୍ଲ୍ୟୁ ପକ୍ଷରୁ କାହିଁକି ଆଉ ଏକ ବନ୍ଦର ନିର୍ମାଣ କରାଯାଉଛି କହିବା ସହ ତାହାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଏହା ପାରାଦୀପ ବନ୍ଦର ପ୍ରତି କ୍ଷତି ପହଞ୍ଚାଇବ। ଜଟାଧାର ମୁହାଣରେ କରାଯାଉଥିବା ଡ୍ରେଜିଂ ଯୋଗୁ ବହୁ ହଜାର କୈବର୍ତ୍ତ ସେମାନଙ୍କ ଜୀବିକା ହରାଇଲେଣି। ପ୍ରାୟ ୬ ଶହ ଏକର ନଦୀକୁ ବନ୍ଦ କରି ନିଜ ଅକ୍ତିଆରକୁ ନେଇ ଗଲାଣି କମ୍ପାନୀ। ମିନା ଗୁପ୍ତା କମିଟି, ସକ୍ସେନା କମିଟି ଓ ପିଏଭଜନ କମିଟି ରିପୋର୍ଟ ଆଧାରରେ ଜଙ୍ଗଲ ଜମି ଉପରେ ବର୍ଷ ବର୍ଷ ଧରି ଚାଷ ବାସ କରି ରହି ଆସୁଥିବା ଅଧିବାସୀଙ୍କୁ ତୁରନ୍ତ ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଉ। ଏସବୁ ଅଭିଯୋଗ ଅନୁଯାୟୀ ନଭେମ୍ବର ୨୧ରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ନଂ.୨୩୪୫୪ରେ ରାଜ୍ୟ ବନ ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଥିଲା। ରାଜ୍ୟ ବନ ବିଭାଗ ଏହା ଉପରେ କ'ଣ ପଦକ୍ଷେପ ନେଇଛି ତାହା ଜାଣିବାକୁ ଦିଆଯାଉ ନାହିଁ। ଏସବୁ ଅଭିଯୋଗ ଉପରେ ସରକାର କୌଣସି ପଦକ୍ଷେପ ନ ନେଲେ ଜାନୁଆରୀ ୨୬ରୁ ଶାନ୍ତିପୂର୍ଣ୍ଣ ଭାବେ କମ୍ପାନୀ ଫାଟକ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଦାସ ଚେତାବନୀ ଦେଇଛନ୍ତି। ଏହି ଖବର ଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମ ସଂଯୋଜକ ସତ୍ୟରଞ୍ଜନ ମହାପାତ୍ର, ସୋମନାଥ ସାମଲ ଓ ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଗଡ଼କୁଜଙ୍ଗଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।


## ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ମୌଜା- ରଘୁନାଥପୁର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୫୯/୨୫୮୨ ଏବଂ ୫୦ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୭୨୯/୧୦୨୪ ଓ ୩୫ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଆଲ୍‌କେମୀ" ନାମ ଓ ଶୈଳୀର ଗ୍ରୁପ୍ ହାଉସିଂ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇସି ଚିହ୍ନଟିକରଣ ସଂଖ୍ୟା: ଇସି୨୩ବି୦୩୯ଓଆର୍୧୯୨୧୨୩ (EC23B039OR192123), ତା୧୨୬୦୯।୨୦୨୫ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେସନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍
କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)
ପ୍ରାଧିକୃତ ସ୍ୱାକ୍ଷରକାରୀ

## EKLAVYA MODEL RESIDENTIAL SCHOOL, KUCHINDA

DIST.-SAMBALPUR-768222 (ODISHA)
Email: emrskuchinda2018@gmail.com
Website: https://emrskuchinda.com

**TENDER NOTICE**

Notice No. : 759 Date: 12.12.2025

Sealed tenders are invited from reputed and experienced manpower service providers/ firms/ agencies for **outsourcing of manpower** skilled/unskilled (e.g., 2 Security Guards, 5 Sweepers, 1 Gardener, 1 Female Cook, 1 Male Cook, 1 Peon.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU Organization

The tender document containing terms and conditions can be obtained from the office of the undersigned by downloaded from the website: https://emrskuchinda.com **from** 15.12.2025 to 30.12.2025.

The Technical & Financial bids in sealed envelopes are to be submitted in the sealed box kept in the office within the time 9:00 AM to 4:00 PM on the working days.

- Last date and time for submission : **30.12.2025, up to 4.00 PM.**
- Tender opening date : **06.01.2026 at 10.00 AM**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

Sd/- PRINCIPAL
EMRS, KUCHINDA

# ଅଜଣା ନାବାଳକ ମାରୁଛନ୍ତି ପଇଁତରା

## ଘରେ ପଶି ମୋବାଇଲ, ସୁନା ଅଳଙ୍କାର କରୁଛନ୍ତି ଚୋରି

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ଅଜଣା ନାବାଳକ ଯୁବକମାନେ ପଇଁତରା ମାରୁଥିବା କୁହାଯାଉଛି। ଅଜଣା ନାବାଳକମାନେ ଘରେ ପଶି ମୋବାଇଲ ଓ ସୁନା ଅଳଙ୍କାର ଲୁଟି ନେଉଥିବା ଅଭିଯୋଗ ହେଉଛି। ନୟାଗଡ଼ ସହରର ରାଜବଗିଚାର ବାଙ୍କନିଧି ତ୍ରିପାଠୀଙ୍କ ଘରେ ପଶି ଗତ ୧୨ ତାରିଖରେ ଏକ ମୋବାଇଲ ଚୋରି କରି ନେଇଥିଲେ। ସେହିପରି ଦୁର୍ଗାପ୍ରସାଦ ଗିରି ବାବି ଦଳେଇଙ୍କ ଘରୁ ଗତ ୧୨ ତାରିଖ ସକାଳେ ଚୋରି ହୋଇଥିଲା। ଘର ଖୋଲାଥିବାବେଳେ କେହି ଭିତରେ ପଶି ଏକ ମୋବାଇଲ ଓ ବାବିଙ୍କ ମା'ଙ୍କ ବେକରୁ ସୁନା ଚେନ କାଟି ନେଇଥିଲେ। ହେଲେ ଚୋରି ନେଇ କେହି ଜାଣି ପାରି ନ ଥିଲେ। ଚୋରି ନେଇ ବାବି ଜାଣିବା ପରେ ଦୁର୍ବୃତ୍ତମାନେ ମୋବାଇଲ ସୁଇଚ ଅଫ ନ କରି ଖୋଲା ରଖିଥିବା ଜାଣି ପାରିଥିଲେ। ପରେ ମୋବାଇଲ ଟ୍ରାକିଂ କରି ଦୁର୍ବୃତ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଦୁର୍ବୃତ୍ତ ଜଣକ ରଣପୁର ଥାନାର ସୁନାଖଳା ପଡ଼ିଆରେ ବସିଥିଲେ। ତାଙ୍କଠାରୁ ଚୋରି ଉପକରଣ ଜବତ କରିଥିଲେ। ତେବେ ଏହି ଦୁଇ ଗାରେଡି ଜିନିଷ ଓ ଖଣ୍ଡା ଧରା ଦେଖିବାକୁ ପାଇଥିଲେ। ତେବେ ଜଣେ ନାବାଳକ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଥିଲେ ହେଁ ଚୋରି ନେଇ ଥାନାରେ ଅଭିଯୋଗ ନ ହେବାରୁ ଛାଡି ଦେଇଥିଲେ। ଅପରପକ୍ଷେ ଗାୟତ୍ରୀ କଲୋନୀରୁ ମଧ୍ୟ ଉଦ୍ୟନାଥ ମିଶ୍ରଙ୍କ ଘର ଭିତରୁ ମୋବାଇଲ ଚୋରି ହୋଇଛି। ଦୁର୍ଗାପ୍ରସାଦ ନାବାଳକ ଧରା ପଡ଼ିଥିବାବେଳେ ଅନ୍ୟ ୨ ଦୁର୍ବୃତ୍ତ ଧରା ପଡ଼ିନାହାନ୍ତି। ହେଲେ ନାବାଳକଙ୍କ ଫଟୋ ସିସିଟିଭି ଫୁଟେଜରେ ରହିଛି। ଯାହାକି ପୋଲିସ ଜବତ କରି ଅଜଣା ନାବାଳକଙ୍କୁ ଖୋଜିବାରେ ଫୁର୍ତ୍ତି ହେବା। ତେବେ ପୋଲିସ ସେପରି କିଛି କରୁ ନ ଥିବା ଅଭିଯୋଗ ହୋଇଛି। ନୟାଗଡ଼ ସହର ଓ ଆଖପାଖ ଅଞ୍ଚଳରେ ଅଜଣା ନାବାଳକ, ଯୁବକ ଘୁରି ବୁଲୁଥିବାବେଳେ ପୋଲିସର ପଦକ୍ଷେପ ନାହିଁ। ପୋଲିସ ପକ୍ଷରୁ ଯଦି ଠିକ ଭାବେ ପାଟ୍ରୋଲିଂ କରାଯାଆନ୍ତା ଓ ଅଜଣା ଯୁବକ, ନାବାଳକମାନଙ୍କ ଉପରେ ନଜର ରଖାଯାଆନ୍ତା ତେବେ ସହରରୁ ଛୋଟ ଛୋଟ ଚୋରି ରୋକା ଯାଇ ପାରନ୍ତା ବୋଲି ମତପ୍ରକାଶ ପାଇଛି। ଏ ନେଇ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ଛୁଟିରେ ଅଛି, ସୋମବାର କାର୍ଯ୍ୟରେ ଯୋଗ ଦେବି। ସହରରେ ଅଜଣା ଯୁବକ, ନାବାଳକ ପଇଁତରାକୁ ଯାଞ୍ଚ ସହ କେଉଁମାନଙ୍କର ଘରୁ ଚୋରି ହୋଇଛି ତାହା ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଫୁଲ, ଚାଉଳ ପକାଇ ୫ ହଜାର ନେଇଗଲେ

ନୟାଗଡ଼ ସଦର ଥାନାର କଇଥଗାଡ଼ିଆ ଗାଁରେ ଫୁଲ ଓ ଚାଉଳ ପକାଇ ୫ ହଜାର ଚୋରି ନେଇଥିବା ଅଭିଯୋଗ ହୋଇଛି। ଗତ ୧୨ ତାରିଖରେ ୨ଜଣ ଯୁବକ ବାବାଜୀ ବେଶରେ କଇଥଗାଡ଼ିଆ ଗାଁରେ ଭିକ୍ଷା କରୁଥିଲେ। ଭିକ୍ଷାରେ ଚାଉଳ ବଦଳରେ ଟଙ୍କା ମାଗୁଥିଲେ। ଗାଁର ସୁରେନ୍ଦ୍ର ବେହେରାଙ୍କ ଘରେ ଭିକ୍ଷାବୃତ୍ତି ସମୟରେ ସୁରେନ୍ଦ୍ର ଟଙ୍କା ନ ଦେବାରୁ ବାବାଜୀ ଦୁହେଁ ବିରକ୍ତି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ କେତେଜଣ ଲୋକଙ୍କ ଘରୁ ଚାଉଳ ବଦଳରେ ଟଙ୍କା ମାଗି ନେଇଥିଲେ। ଗାଁର କୃଷ୍ଣଚନ୍ଦ୍ର ନାୟକଙ୍କ ଘରେ ଯାଇ ଭିକ୍ଷା ମାଗିଥିଲେ। କୃଷ୍ଣ ନ ଥିବାରୁ ସ୍ତ୍ରୀ ଆସି ଭିକ୍ଷା ଦେଉଥିଲେ। ତେବେ ଚାଉଳ ବଦଳରେ ଟଙ୍କା ଆଣନ୍ତୁ ବୋଲି କହିଥିଲେ। ଏପରି ସମୟରେ ମହିଳାଙ୍କ ଉପରକୁ ଫୁଲ ଓ ଅରୁଆ ଚାଉଳ ଫୋପାଡି ଯାଇ ଘରୁ ଟଙ୍କା ଆଣ କହିଥିଲେ। ଫୁଲ ଓ ଚାଉଳ ଫୋପାଡିବା ପରେ ମହିଳା କିଛି ଜାଣି ପାରି ନ ଥିଲେ। ଘରେ ରଖିଥିବା ୧୫ ହଜାର ଟଙ୍କା ଆଣି ବାବାଜୀ ଦୁହିଁଙ୍କୁ ଦେବା ସମୟରେ ଝିଅ ୧୦ ହଜାର ଟଙ୍କା ଛଡାଇ ନେଇଥିଲେ। ସେ ସମୟରେ ବାବାଜୀ ଦୁହେଁ ଚାଲାକ କରି ୫ ହଜାର ନେଇ ପଳାଇ ଯାଇଥିଲେ। ଘଟଣା ପ୍ରଚାର ପରେ ଗାଁଲୋକ ଏକାଠି ହୋଇ ବାବାଜୀ ଦ୍ୱୟଙ୍କ ପିଛା କରିଥିଲେ। ସିଙ୍ଗିଆଠାରୁ ଉଭୟଙ୍କୁ ଧରି ଗାଁ କୋଠଘରକୁ ଆଣିଥିଲେ। ତେବେ ସେମାନଙ୍କଠାରୁ ୫ ହଜାର ଟଙ୍କା ମିଳି ନ ଥିଲା। ଶେଷରେ ଗାଁଲୋକ ନୟାଗଡ଼ ସଦର ଥାନା ପୋଲିସକୁ ଉଭୟଙ୍କୁ ହସ୍ତାନ୍ତର କରିଥିଲେ। ବାବାଜୀ ଦ୍ୱୟଙ୍କଠାରୁ ୪ଟି ଆଧାର କାର୍ଡ ମିଳିଥିଲା। ସେଥିରେ କେବଳ ଉତ୍ତରପ୍ରଦେଶ ଠିକଣା ରହିଥିଲା। ଅନ୍ୟ କିଛି ଠିକଣା ନ ଥିଲା। ପୋଲିସ କିଛି ସମୟ ରଖି ପଚରାଉଚରା କରିଥିଲା। ତେବେ ଚୋରି ନେଇ ଟେର ନ ପାଇବାରୁ ବାଧ୍ୟ ହୋଇ ଛାଡିଥିଲା। ଏ ନେଇ ସଦର ଥାନା ଆଇଆଇସି ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଚୋରି ନେଇ ଥାନାରେ ଅଭିଯୋଗ ନାହିଁ। ତେବେ ଗାଁ ଲୋକ ୨ ଜଣ ଯୁବକଙ୍କୁ ଚୋର ଭାବି ଥାନାରେ ଅଟକ ରଖି ଆମକୁ ଦେଇଥିଲେ। ହେଲେ ସେପରି କିଛି ପ୍ରମାଣ ନ ମିଳିବାରୁ ଛାଡ଼ି ଦିଆଯାଇଛି ବୋଲି ସେ କହିଛନ୍ତି।

## ପଣ୍ଡିଖାରୀ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

### ୪ ଖଣ୍ଡ ଗାଁର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ହେବେ ଉପକୃତ



ଅତିଥିମାନେ ଆମ ବ୍ୟାଙ୍କକୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ଗାଁ, ୧୪।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପଣ୍ଡିଖାରୀ ପଞ୍ଚାୟତ ପରିସରରେ ଏସବିଆଇ ଅଧୀନ ଆମ ବ୍ୟାଙ୍କ ପଣ୍ଡିଖାରୀ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଫଳରେ ବିପଦିକ ପ୍ରତୀକ୍ଷାର ଅନ୍ତ ଘଟିଛି। ୪ ଖଣ୍ଡ ଗାଁର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସୁବିଧା ପାଇବେ। ପଞ୍ଚାୟତବାସୀ ଏବେ ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ୟାଙ୍କସେବା ପାଇବେ। ଏଠାରେ ଟଙ୍କା ଜମା, ଉଠାଣ କାର୍ଯ୍ୟ ହେବା ସହ ହିତାଧିକାରୀଙ୍କୁ ମିଳୁଥିବା ସହାୟତା ସିଧାସଳଖ ସେମାନଙ୍କ ଜମାଖାତାକୁ ଆସିବା ବେଳେ ହେରଫେର ହେବାର ସମ୍ଭାବନା ରହିବ ନାହିଁ। ବିଶେଷକରି ଏନ୍‌ଆରଇଜିଏସ୍ ଜବ୍‌କାର୍ଡଧାରୀଙ୍କୁ ସେମାନଙ୍କ ପାରିଶ୍ରମିକ ଅର୍ଥ ଜମାଖାତା ମାଧ୍ୟମରେ ଏଠାରୁ ପାଇବାକୁ ସହଜ ଏବଂ ସରଳ ହେବ। ଉଦ୍‌ଘାଟନ ବେଳେ ୱାର୍ଡ ସଦସ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର ଜାନିଙ୍କ ସହିତ ମଶାକାଠି ଗ୍ରାମ ପରିଚାଳନା କମିଟି ସଭାପତି ପବିତ୍ର ମୋହନ ମହାନ୍ତିଙ୍କ ସହ ଆମ ବ୍ୟାଙ୍କ ପରିଚାଳକ ଏବଂ ସହଯୋଗୀ ଉପସ୍ଥିତ ଥିଲେ।

## ଖୋଲା ଟେଣ୍ଡରରେ ଚଞ୍ଚକତା ଅଭିଯୋଗ

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)

- ଅଯୋଗ୍ୟ ଘୋଷିତ ସଂସ୍ଥାକୁ କାର୍ଯ୍ୟାଦେଶ
- ସିଡିଏମ୍‌ଓ କହିଲେ ଯାଞ୍ଚ କରାଯାଇ ନିଆଯିବ ପଦକ୍ଷେପ

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ସଫା ସୁତରା ରଖିବାକୁ ହାଉସ କିପିଂ ସେବା ପ୍ରଦାନ ନେଇ କରାଯାଇଥିବା ଖୋଲା ଟେଣ୍ଡରରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଅଯୋଗ୍ୟ ଘୋଷିତ ଆଉଟ ସୋର୍ସିଂ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଏଭଳିସ୍ଥଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ପୁଷ୍ପା ନିଳିମା ଲାକ୍ରା କହିଛନ୍ତି, ଖୋଲା ଟେଣ୍ଡରରେ ଚଞ୍ଚକତା ଅଭିଯୋଗ ହେବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ବେହେରା ଏହାର ଯାଞ୍ଚ କରବେ। ତଦନ୍ତରେ ଚଞ୍ଚକତା ବାହାରିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅଭିଯୋଗ ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ସଫା ସୁତରା ରଖିବା ପାଇଁ ଖୋଲା ଟେଣ୍ଡର ବିଜ୍ଞପ୍ତି ଗତ ମେ ୮ ତାରିଖରେ ପ୍ରକାଶ ପାଇଥିଲା। ତେବେ ଅଭିଜ୍ଞତାର ଦଲିଲକୁ ପରୀକ୍ଷା ନ କରି ମୂଲ୍ୟାଙ୍କନ କରାଯାଇଛି। ସମସ୍ତଙ୍କ ସମ୍ମୁଖରେ ଅଭିଜ୍ଞତାର ନମ୍ବର ଖୋଲା ନ ଯାଇ ଟେଣ୍ଡର ନିୟମକୁ ଶୀତଳଭଣ୍ଡାରକୁ ଫୋପାଡି ବେଆଇନ କାର୍ଯ୍ୟ କରାଯାଇଛି। ନିକଟରେ ବୌଦ୍ଧ, କଟକ, ବାଲେଶ୍ୱରରେ ଅଯୋଗ୍ୟ ଘୋଷିତ ଆଉଟ ସୋର୍ସିଂ ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରାଯାଇ ୮୦ ନଂ. ଦିଆଯାଇ ଚୟନ କରାଯାଇଛି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ନିୟମକୁ ମଧ୍ୟ ପାଳନ କରାଯାଇନାହିଁ। ଏମ୍‌ଏସ୍‌ଏମ୍‌ଇ ନିୟମ ଅନୁସାରେ ଯେଉଁ ସଂସ୍ଥାର ବ୍ୟବସାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ସମ୍ପୃକ୍ତ ସଂସ୍ଥା ସମ୍ପୂର୍ଣ୍ଣ ଟଙ୍କା ଜମା କରିବାକୁ ବାଧ୍ୟ। ହେଲେ ଏହା କରାଯାଇନାହିଁ। ଏଣୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ ସେମିରେ ବରୁଣେଇ (ଏ)




ଟୁର୍ନାମେଣ୍ଟର ଟ୍ରଫି ସହ ଖେଳାଳି।

ଖଣ୍ଡପଡ଼ା,୧୪।୧୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ସ୍ଥାନୀୟ ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୯ତମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ବରୁଣେଇ (ଏ) କ୍ରିକେଟ କ୍ଲବ ବଡ଼ବାଣପୁର କ୍ରିକେଟ କ୍ଲବ୍‌କୁ ହରାଇ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ବରୁଣେଇ କ୍ଲବ ୧୮ ଓଭରରେ ୮ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ବରୁଣେଇ ଅଧିନାୟକ ବଳରାମଙ୍କ ଦମ୍‌ଦାର ଅର୍ଦ୍ଧଶତକ ୨୫ ବଲ୍‌ରେ ୫୬ରନ ସଂଗ୍ରହ କରିଥିଲେ। ସେଥି ମଧ୍ୟରେ ୯ ଚୌକା ଓ ୩ ଛକା ସାମିଲ ଥିଲା। ବରୁଣେଇ କ୍ଲବ୍‌ର ଅନ୍ୟତମ ବ୍ୟାଟର ସୁରଜ ୭ ଚୌକ ବ୍ୟକ୍ତିଗତ ୨୯ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବଡ ବାଣପୁର କ୍ରିକେଟ କ୍ଲବ ଆରମ୍ଭରୁ ୨ ଓପନର ଭଲ ବ୍ୟାଟିଂ କରିଥିଲେ ମଧ୍ୟ ଦଳ ପାଇଁ ଯଥେଷ୍ଟ ହୋଇ ନ ଥିଲା। ୧୮ ଓଭର ରେ ୬ ଉଇକେଟ ହରାଇ ମାତ୍ର ୧୩୫ ରନ କରିଥିଲା। ବରୁଣେଇ କ୍ଲବ ୪୭ ରନରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଛି। ବରୁଣେଇ ଅଧିନାୟକ ବଳରାମ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଶିବ ନାରାୟଣ ସାହୁ ଓ ଚନ୍ଦନ ଦଳେଇ ପରିଚାଳନା କରିଥିଲେ। ତାପସ ମହାପାତ୍ର ଭାଷ୍ୟକାର ଓ ରାଜେନ୍ଦ୍ର ଦଳେଇ ସ୍କୋର ଦାୟିତ୍ୱ ତୁଲାଇଥିଲେ। ସୋମବାର ତୃତୀୟ କ୍ୱାର୍ଟର ଫାଇନାଲ ଦିବସରେ ରଜୀବ(ବାଙ୍କୀ) ବନାମ ଘେଇ (ବାଙ୍କୀ) ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସଦସ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି।

## ୧୯୭୭ ମାଟ୍ରିକ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ



ଯୋଗଦାନ କରିଥିବା ଛାତ୍ରୀଛାତ୍ର ବୃନ୍ଦ।

ଦଶପଲ୍ଲା, ୧୪।୧୨
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟର ୧୯୭୭ ମସିହା ମାଟ୍ରିକ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ରଦାୟିନୀ ପୀଠଠାରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉତ୍ସବର ପ୍ରାରମ୍ଭରେ କେତେଜଣ ବାଲ୍ୟ ବନ୍ଧୁଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ପୁରାତନ ଛାତ୍ରୀଛାତ୍ରମାନେ ସେମାନଙ୍କ ପିଲାଦିନ ଏବଂ ଛାତ୍ର ଜୀବନର କିଛି ପୁରୁଣା ସ୍ମୃତିକୁ ମନେ ପକାଇ ଭାବର ଆଦାନ ପ୍ରଦାନ କରିଥିଲେ। ଚଳିତବର୍ଷ ପରି ପ୍ରତ୍ୟେକ ବର୍ଷ ଏହିପରି ବନ୍ଧୁ ମିଳନ ଆୟୋଜନ ନିମନ୍ତେ ଆଲୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନିକୁଞ୍ଜ ମହାପାତ୍ର, ତ୍ରିନାଥ ସାହୁ, ବାଳକୃଷ୍ଣ ନନ୍ଦ, ହିମାଂଶୁ ପଟ୍ଟନାୟକ ପ୍ରମୋଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରାୟ ୪୦ଜଣ ସହପାଠୀଙ୍କ ଏକାଠି ହୋଇଥିଲେ।

**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ରଘୁନାଥପୁର, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୫୯/୨୫୮୨ ଏବଂ ୫୦ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୭୨୯/୧୦୨୪ ଓ ୩୫ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଆଲ୍‌କେମୀ" ନାମ ଓ ଶୈଳୀର ଗ୍ରୁପ୍ ହାଉସିଂ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୯ଓଆର୍୧୯୨୧୨୩ (EC23B039OR192123), ତା୨୬।୦୯।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

## ମଧ୍ୟାହ୍ନଭୋଜନ ଚାଉଳ ଲୁଟ ଅଭିଯୋଗର ତଦନ୍ତ ଦାବି

### ଶିଖରପୁର ଉଚ୍ଚ ବିଦ୍ୟାଳୟ

ଖଣ୍ଡପଡ଼ା, ୧୪।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ଉଚ୍ଚ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ନିମନ୍ତେ ଉଦ୍ଦିଷ୍ଟ ଚାଉଳକୁ ସ୍ଥାନୀୟ ପଞ୍ଚାୟତ ଲୋକପ୍ରତିନିଧିଙ୍କ ଜ୍ଞାତସାରରେ ଲୁଟ କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଇକ୍ ଯୋଗେ ବିଦ୍ୟାଳୟ ପରିସରରୁ ଏକ ବସ୍ତା ଚାଉଳ ନେଉଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଚର୍ଚ୍ଚା ଜୋର ଧରିଛି। ବିଦ୍ୟାଳୟର ଶ୍ରେଣୀଗୃହରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ନିମନ୍ତେ ମହଜୁଦ ଥିବା ଚାଉଳକୁ ପୂର୍ବତନ ସରପଞ୍ଚ କାହା ନିର୍ଦ୍ଦେଶରେ ସ୍ୱଷ୍ଟ ଦିବାଲୋକରେ ଲୁଟ କରିବାକୁ ସାହାସ କଲେ ବୋଲି ଶିଖରପୁର ପଞ୍ଚାୟତବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନପ୍ରତିନିଧିମାନଙ୍କ କି ଏ ସମ୍ପର୍କରେ ଶିଖରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ଘଟଣା ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଓ ଖଣ୍ଡପଡ଼ା ବିଇଓ ଘଟଣାରେ ହସ୍ତକ୍ଷେପ କରି ଘଟଣାର ତଦନ୍ତ କରିବାକୁ ଦାବି ହେଉଛି।

## ଲୁକ୍କାୟିତ ପ୍ରତିଭାଙ୍କୁ କରାଯାଉ ଚିହ୍ନଟ

### ଜିଲ୍ଲା ମହୋତ୍ସବରେ ସମ୍ବର୍ଦ୍ଧିତ କରୁ ପ୍ରଶାସନ

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)

ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ନୟାଗଡ଼ ଜିଲ୍ଲା ତଥା ରାଜ୍ୟର ଗୌରବକୁ ବୃଦ୍ଧିମନ୍ତ କରିଥିବା ବହୁ ବ୍ୟକ୍ତି ବିଶେଷ ନୟାଗଡ଼ ଜିଲ୍ଲାରେ ଅଛନ୍ତି। ବଣମଲ୍ଲୀ ବଣରେ ରହିଗଲା ପରି ସେମାନଙ୍କ ପ୍ରତିଭା ଦୃଷ୍ଟି ଆଢୁଆଳରେ ରହି ଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ତତଃ ପକ୍ଷେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଚିହ୍ନଟ କରି ନୟାଗଡ଼ ଜିଲ୍ଲା ମହୋତ୍ସବରେ ସମ୍ବର୍ଦ୍ଧିତ କରିବା ଉଚିତ ବୋଲି ନୟାଗଡ଼ ନାଗରିକ ମଞ୍ଚ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ମତବ୍ୟକ୍ତ କରିଛନ୍ତି। ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ଦଶପଲ୍ଲା ବ୍ଲକ ଡିହଗାଁର ପ୍ରଫେସର ବ୍ରଜବନ୍ଧୁ ପ୍ରଧାନ, ଅନ୍ତର୍ଜାତୀୟ ଭାର ଉତ୍ତୋଳନ କାରିଣୀ ଘୁଗୁଡ଼ିପଡା ପଞ୍ଚାୟତ ମକରପ୍ରସାଦ ଗ୍ରାମର ଝିଲି ଦଳବେହେରା, ନୂଆଗାଁ ବ୍ଲକ ଲୁଣିସରା ଗାଁର ଭିଜିଟିଂ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଘୁଗୁଡ଼ିପଡା ପଞ୍ଚାୟତ ରାଇମଡାର ବାଲୁକା ଶିଳ୍ପୀ ବୃନ୍ଦାବନ ସେଠୀ ପରି ପ୍ରତିଭା ଉପକ୍ଷୀତ। ସେହିପରି ଦଶପଲ୍ଲା କୁଞ୍ଜବନଗଡର ପଟ୍ଟଚିତ୍ର ଶିଳ୍ପୀ ସଞ୍ଜିତ କୁମାର ମହାପାତ୍ର, ଦଶପଲ୍ଲାର ସଂସ୍କୃତ ବିଦ୍ୱାନ ତଥା ସାରସ୍ୱତ ସାଧକ ଡ. ନାରାୟଣ ମହାପାତ୍ର, ଖଣ୍ଡପଡାଗଡ଼ ନିବାସୀ ଅବସରପ୍ରାପ୍ତ ଗ୍ୟାଷ୍ଟ୍ରୋ ଏନଟ୍ରୋରଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡ. ମିହିର ମହାପାତ୍ର, କଟକ ବଡ଼ ଡାକ୍ତରଖାନା ଗ୍ୟାଷ୍ଟ୍ରୋ ବିଭାଗ ସୁପର ସ୍ପେଶାଲିଷ୍ଟ ବିଭାଗ ମୁଖ୍ୟ ଭାପୁର ବ୍ଲକର ପ୍ରଫେସର ଶରତ ଚନ୍ଦ୍ର ଜୟସିଂ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ଦଶପଲ୍ଲା ଖମାରସାହିର ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଶୀ ବିଶାରଦ ବିଦ୍ୱାନ ଗୁରୁ କାହ୍ନୁ ଚରଣ ପ୍ରଧାନ, ଗଣିଆ ଧୂଆଁମଡା ଗାଁର ବିଖ୍ୟାତ ଶିଳ୍ପୀ ରାଜେଶ କୁମାର ମହାରଣା, ମଧ୍ୟଖଣ୍ଡର ବିଖ୍ୟାତ ନାଡୀ ଚିକିତ୍ସକ ବୈଦ୍ୟ ଯୋଗେଶ୍ୱର ଦାଶ, ଓୟୁଏଟି ଡିନ ଦଶପଲ୍ଲାର ପ୍ରଫେସର ଡ. ପ୍ରସନ୍ନଜିତ ମିଶ୍ର ପ୍ରମୁଖ ଅଣଦେଖା ହୋଇରହିଛନ୍ତି। ଏମାନଙ୍କ ବ୍ୟତୀତ ଆହୁରି ଅନେକ ପ୍ରତିଭା ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରେ ମଧ୍ୟ ଅଛନ୍ତି। ଯଦିଓ ଜିଲ୍ଲା ମହୋତ୍ସବରେ ପ୍ରତିଭୂମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ତେବେ ପ୍ରତିଷ୍ଠିତ ପ୍ରତିଭାମାନଙ୍କୁ ଜିଲ୍ଲା ପ୍ରଶାସନ ଜିଲ୍ଲା ମହୋତ୍ସବ ମଞ୍ଚରେ ସମ୍ବର୍ଦ୍ଧିତ କରିପାରୁନାହିଁ ବୋଲି କୁହାଯାଉଛି।

## ମୋହନା ଅଞ୍ଚଳରେ ଅସହ୍ୟ ଶୀତ, ଘନ କୁହୁଡ଼ି

ମୋହନା,୧୪।୧୨(ମନ୍ମଥ ମିଶ୍ର)

ଗଜପତି ଜିଲ୍ଲା ମୋହନା ବ୍ଲକରେ ଦିନକୁ ଦିନ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଅଞ୍ଚଳରେ ପାରଦ ୯ ଡିଗ୍ରୀ ତଳେ ରହିଛି। ସକାଳ ୫ଟାରୁ ୯ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ହେଉଥିବାବେଳେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତ ହେଉଛି। ଘନ କୁହୁଡ଼ି ଯୋଗୁ ଯାନବାହାନ ଚଳାଚଳରେ ଅସୁବିଧା ହେଉଛି। ମଧ୍ୟାହ୍ନରେ କୋହଲା ପବନ ବହୁଥିବାରୁ ଲୋକେ ଦିନସାରା ଶୀତବସ୍ତ୍ର ପରିଧାନ କରି ରହୁଛନ୍ତି। ଅପରାହ୍ନ ୪ଟାରୁ ଅଞ୍ଚଳରେ ଥଣ୍ଡାର ପ୍ରକୋପ ଆରମ୍ଭ ହେଉଛି। ସନ୍ଧ୍ୟାରୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକେ ବାହାରକୁ ବାହାରିବା କଷ୍ଟ ହୋଇପଡୁଛି। ବ୍ଲକର ବିଭିନ୍ନସ୍ଥାନରେ ଲୋକେ କାଠ, କୁଟା ଜାଳି ନିଆଁ ଜାଳି ଚାରିପାଖେ ବସୁଛନ୍ତି। ଅନ୍ୟପକ୍ଷେ ଶୀତ ଯୋଗୁ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ବଢ଼ିବାରେ ଲାଗିଛି।

## ସେମିଫାଇନାଲରେ ସାଇ ଇଲେଭେନ

ଭାପୁର,୧୪।୧୨( ପ୍ରଭାତ ବରାଡ)

### ଆନ୍ତଃ ରାଜ୍ୟ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ




ଅତିଥିମାନେ ଟୁର୍ନାମେଣ୍ଟରେ ଅମର ଦାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚରେ ପୁରସ୍କୃତ କରୁଛନ୍ତି।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଲିସାଗର ଖେଳପଡିଆରେ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟିତ ମ୍ୟାଚରେ ସାଇ ଇଲେଭେନ ୧୪୬ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଉତ୍ତରପ୍ରଦେଶ ଟାଇଗର କ୍ଲବ ପ୍ରଥମେ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ସାଇ ଇଲେଭେନ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୮୪ ରନ କରିଥିଲା। ଦଳ ପକ୍ଷରୁ ବିବେକ କୁମାର ୨୩ ବଲରେ ୩ଟା ଚଉକା ଓ ୩ଟି ଛକା ସହାୟତାରେ ସର୍ବାଧିକ ୩୯ ରନ କରିଥିଲେ। ଜବାବରେ ଉତ୍ତରପ୍ରଦେଶ ମାତ୍ର ୮ ଓଭରରେ ସମସ୍ତ ଉଇକେଟ ହରାଇ ୩୮ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅମର ଦାଶ ୨ ଓଭର ବୋଲିଂକରି ୫ ରନ ଦେବା ସହ ୩ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଘାଟିତ ମ୍ୟାଚରେ ଖେଳକୁ ଓସିଏ ଅମ୍ପାୟର ଦୁର୍ଗାପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି ପରିଚାଳନା କରିଥିଲେ। ଏଥିସହ ଡିଜିଟାଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ କିରଣ ମନୋହର ମହାନ୍ତି, ବିଭୂତି ଭୂଷଣ ସାହୁ ଓ ଇତିପ୍ରକଶ ସେନାପତି। ମ୍ୟାଚ ରେଫରି ଭାବେ ସୁଧୀରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ବୁବୁ ସିହ୍ନା ଓ ସରୋଜ କୁମାର ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବରେ ଶିକ୍ଷାବିତ ଲୋକନାଥ ଆଚାର୍ଯ୍ୟ, ସାମାଜିକ କର୍ମୀ ବୈକୁଣ୍ଠ ନାଥ ସାହୁ, ଚକ୍ରଧର ପ୍ରଧାନ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ କ୍ରିକେଟ ତାରକା ବସନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ୍ ଅଫ୍ ମ୍ୟାଚ ପୁରସ୍କୃତ କରିଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏମ୍‌ଏମ୍‌ସି ସମ୍ବଲପୁର ସହ କୋଲକାତା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

**EKLAVYA MODEL RESIDENTIAL SCHOOL, KUCHINDA**
DIST.-SAMBALPUR-768222 (ODISHA)
Email: emrskuchinda2018@gmail.com
Website: https://emrskuchinda.com

**TENDER NOTICE**

Notice No. : 759 Date: 12.12.2025

Sealed tenders are invited from reputed and experienced manpower service providers/ firms/ agencies for **outsourcing of manpower** skilled/unskilled (e.g., 2 Security Guards, 5 Sweepers, 1 Gardener, 1 Female Cook, 1 Male Cook, 1 Peon.) for **EKLAVYA MODEL RESIDENTIAL SCHOOL, KUCHINDA** as per the requirements of the authority for a period of one year which may be extended based on performance.

- Registered with appropriate government authorities (e.g., Labour Department, EPF, ESI, GST)
- Minimum 03 years of experience in similar field
- Should not have been blacklisted by any Govt./PSU Organization

The tender document containing terms and conditions can be obtained from the office of the undersigned by downloaded from the website: https://emrskuchinda.com **from** 15.12.2025 to 30.12.2025.

The Technical & Financial bids in sealed envelopes are to be submitted in the sealed box kept in the office within the time 9:00 AM to 4:00 PM on the working days.

- Last date and time for submission : **30.12.2025, up to 4.00 PM.**
- Tender opening date : **06.01.2026 at 10.00 AM**
- Place of submission and opening : **EMRS, KUCHINDA PREMISES**

The undersigned reserves the right to reject any or all tenders without assigning any reason thereof.

**Sd./- PRINCIPAL**
**EMRS, KUCHINDA**

## ସୁରକ୍ଷା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା



ପାଣିକୋଇଲି, ୧୪।୧୨ (ବିକାଶ ଚନ୍ଦ୍ର ମଲ୍ଲିକ): କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଗୁରୁସାହିର ମିନାକ୍ଷୀ ଗୁରୁ ତାଙ୍କ ସ୍ୱାମୀ ଓ ନିଜ ସୁରକ୍ଷା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିନାକ୍ଷୀ ସେକ୍ ରହିମୁଦ୍ଦିନ ନାମକ ଜଣେ ମୁସଲମାନ ଯୁବକଙ୍କୁ ବିବାହ କରିଛନ୍ତି। ମାତ୍ର ତାଙ୍କ ସାହିର କେତେଜଣ ଅସାମାଜିକ ଯୁବକ ଦମ୍ପତିଙ୍କୁ ବାରମ୍ବାର ମାଡ଼ ମାରିବା ସହ ଗାଁ ଛାଡ଼ି ଚାଲିଯିବାକୁ ଧମକ ଦେଉଛନ୍ତି। ଏପରି କି ଜୀବନରୁ ମାରିଦେବାକୁ କହୁଛନ୍ତି। ଗତ ୯ତାରି ତାଙ୍କ ସ୍ୱାମୀ ହରିପୁର ହାଟରୁ ଫେରୁଥିବାବେଳେ ଲାଲା ଗୁରୁ, ଉମାକାନ୍ତ ଦାସ, ସଞ୍ଜୟ ଗୁରୁ, ପବିତ୍ର ଗୁରୁ, ମିଟୁ ଗୁରୁ, ବିଜୟ ଗୁରୁ, ଚିଣ୍ଟୁ ଗୁରୁ ଓ ଦାଦୁ ଦାସ ପ୍ରମୁଖ ମିଳିତ ଭାବେ ସଂଘବଦ୍ଧ ହୋଇ ତାଙ୍କୁ ମାଡ଼ମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ୧୦ ତାରିଖରେ ମିନାକ୍ଷୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଫଳରେ ମିନାକ୍ଷୀ ଓ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେ ଏସ୍‌ପିଙ୍କୁ ଜଣାଇଛନ୍ତି।

# ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### ଭାଗବତ ଟୁଙ୍ଗି, ହନୁମାନ କୋଠଘର ନିର୍ମାଣ ନେଇ କୋର୍ଟରେ ମାମଲା

ରସୁଲପୁର, ୧୪।୧୨ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ଗ୍ରାମରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଖରସ୍ରୋତା ନଦୀପଠାରେ ଏକ ଭାଗବତ ଟୁଙ୍ଗି ଓ ହନୁମାନଙ୍କ କୋଠଘର ନିର୍ମାଣ କରାଯାଉଛି। ମାତ୍ର ସରକାରୀ ନିୟମକୁ ଉଲ୍ଲଙ୍ଘନ କରାଯାଇ ଏହି କାର୍ଯ୍ୟ କରାଯାଉଛି। ଜମିଜମାର ବାସ୍ତବ ସ୍ଥିତି ଅନୁଧ୍ୟାନ କରା ନ ଯାଇ ପ୍ରଶାସନ ପକ୍ଷରୁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଗ୍ରାମର ଅମିତାଭ ମଲିକ, ବିନୋଦ ମଲିକ, ଗୟାଧର ମଲିକ, ରତ୍ନାକର ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଯାଇ କାର୍ଯ୍ୟ ଜାରି ରହିଛି। ତେଣୁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକାରୀଙ୍କ ଦରଖାସ୍ତକୁ କୋର୍ଟ ଗ୍ରହଣ କରିବା ସହ ନିର୍ମାଣ କାର୍ଯ୍ୟର ସ୍ଥିତିକୁ ଅନୁଧ୍ୟାନକରି ୮ ସପ୍ତାହ ମଧ୍ୟରେ କୋର୍ଟରେ ଲିଖିତ ତଥ୍ୟ ଉପସ୍ଥାପନ କରିବାକୁ ଦ୍ୱିତୀୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ କୋର୍ଟଙ୍କ ନିର୍ଦ୍ଦେଶକୁ ଅପରପକ୍ଷ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଯାଜପୁର ଜିଲାପାଳ, ରସୁଲପୁର ବିଡିଓ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଡାକ ଯୋଗେ ଅବଗତ କରାଇଛନ୍ତି ବୋଲି ଜଣାଇଛନ୍ତି। ରସୁଲପୁର ତହସିଲ ଅଧୀନ ଖାତା ନମ୍ବର-୪୬୯ ଓ ପ୍ଲଟ ନମ୍ବର-୧୯୨୬ କିସମ ନଦୀବନ୍ଧ ବୋଲି ଦର୍ଶାଯାଇଛି। ଉକ୍ତ ପ୍ଲଟରେ ସରକାରୀ ଅନୁଦାନରେ ଭାଗବତ ଟୁଙ୍ଗି ନିର୍ମାଣ କରାଯାଉଛି, ଯାହାକୁ ଅଭିଯୋଗକାରୀ ବେଆଇନ ବୋଲି ଦର୍ଶାଇଛନ୍ତି। ଉକ୍ତ ପ୍ରକଳ୍ପର କାର୍ଯ୍ୟାଦେଶ ରସୁଲପୁର ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଛି। ଅନ୍ୟପକ୍ଷରେ ତହସିଲଦାରଙ୍କଠାରୁ ଜମିଜମା ରେକର୍ଡ ହାସଲ ପରେ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗକାରୀଙ୍କୁ କୁହାଯାଇଥିଲା। ମାତ୍ର ପ୍ରକଳ୍ପ ପାଇଁ ଏଭଳି ଏକ ଭୁଲ ଜମି ଚିହ୍ନଟ କରାଯାଇଥିବା ଅଭିଯୋଗ କରି ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ମତ ଦେଇଛନ୍ତି।



ସୁଆଁସାହି ଭାଗବତ ଟୁଙ୍ଗୀ ସୂଚନା ଫଳକ।

## ରାଜ୍ୟସ୍ତରୀୟ ମେଧା ଛାତ୍ରବୃତ୍ତି ପରୀକ୍ଷା


ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ରସୁଲପୁର, ୧୪।୧୨ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧୧୮୫ ବିଦ୍ୟାର୍ଥୀ ଯୋଗଦେଇ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୩ଜଣ ବିଦ୍ୟାର୍ଥୀଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ହାଇଟେକ୍ ଗ୍ରୁପ୍‌ର ସଂଯୋଜକ ତଥା କୁଆଖିଆ କଲେଜର ସହନିର୍ଦ୍ଦେଶକ ସନ୍ଦୀପ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୃତୀ ବିଦ୍ୟାର୍ଥୀ ସମ୍ମାନ ଉତ୍ସବରେ ମୁଖ୍ୟଅତିଥିଭାବେ ଅଲେଖ ଚନ୍ଦ୍ର ନାୟକ, ମୁଖ୍ୟବକ୍ତାଭାବେ ଅଧ୍ୟାପକ କପିଳ ଚରଣ ମହାନ୍ତି, ସମ୍ମାନିତ ଅତିଥିଭାବେ କଲେଜ ଅଧ୍ୟକ୍ଷ ସନ୍ଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଧୈର୍ଯ୍ୟଶୀଳ ହୋଇ ନିଷ୍ଠାର ସହ ସମୟର ସଦୁପଯୋଗ କରିଲେ ବିଦ୍ୟାର୍ଥୀ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି କହିଥିଲେ। ମେଧାବୃତ୍ତି ପରୀକ୍ଷାରେ କୋରେଇ ବ୍ଲକ ଅନ୍ତର୍ଗତ ପଚ୍ଛିକୋଟ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭ୍ରଜିତ୍ କର ପ୍ରଥମ ସ୍ଥାନ, ତାହାରପୁର ଅଞ୍ଚଳର ଶ୍ରୀଗୋପିନାଥ ଜୀଉ ଉଚ୍ଚ ବିଦ୍ୟାଳୟ ଛାତ୍ର ସୂର୍ଯ୍ୟପ୍ରକାଶ କନର ଦ୍ୱିତୀୟ, ପାଣିକୋଇଲି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ସାମଲ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ ହୋଇଥିଲେ। ୩ ପ୍ରତିଯୋଗୀଙ୍କୁ ପୁରସ୍କାର ଆକାରରେ ୧୦, ୭ ଓ ୫ ହଜାର ଲେଖାଏ ଅର୍ଥରାଶି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ୨୦ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବରେ ଉପହାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କଲେଜର ଅଧ୍ୟାପିକା/ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପ୍ରମୋଦ ଦଳାଇ ଧନ୍ୟବାଦ ଦେଇଥିଲେ।

### ଚଣ୍ଡିଖୋଲ ଏଡିଜେଙ୍କ ପ୍ରଥମ

## ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ବଡ଼ଚଣା, ୧୪।୧୨ (ଦିଲୀପ କୁମାର ମହାନ୍ତି): ଚଣ୍ଡିଖୋଲ ଅତିରିକ୍ତ ଜିଲା ଓ ଦୌରାଜଜ (ଏଡିଜେ)ଙ୍କ କୋର୍ଟ ପକ୍ଷରୁ ପ୍ରଥମ ଥର ୩ ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି।

ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ ଗୋପବନ୍ଧୁ ଗଡ଼ନାୟକ ୩ ମୋଟର ଯାନ ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର କରି ମୃତକଙ୍କ ପରିବାର ଓ ଆହତ ବ୍ୟକ୍ତିଙ୍କୁ କ୍ଷତିପୂରଣ ରାଶି ବାବଦକୁ ପାଖାପାଖି ୩୮ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ ପାଇଁ ବୀମା କମ୍ପାନୀଙ୍କୁ ଆଦେଶ ଦେଇଛନ୍ତି।

ମୋଟର ଯାନ କ୍ଷତିପୂରଣ ମୋକଦ୍ଦମା ନମ୍ବର ୩/୨୫ରେ ମନୋରମା ଦେବତାଙ୍କୁ ୨ ଲକ୍ଷ, ୬/୨୫ରେ ନିହାରିକା ପ୍ରିୟଦର୍ଶିନୀ ପୁରୀ ଓ ଅନ୍ୟମାନଙ୍କୁ ୩୪ ଲକ୍ଷ ୯୦ ହଜାର ଟଙ୍କା, ୭/୨୫ରେ ଦେବାଶିଷ ପୁରୀଙ୍କୁ ୧ ଲକ୍ଷ ୬୦ ହଜାର ଟଙ୍କା ଦେବାପାଇଁ ଆଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନା ସମୟରେ ଚଣ୍ଡିଖୋଲ କୋର୍ଟ ସବଜଜ ବିଶ୍ୱଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦ, ବାର ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ, ଜନ ବେହେରା, ଯୁଗ୍ମସମ୍ପାଦକ ସିରିଶ ସାମଲ, କୈଳାସ ସାମଲ, ଶ୍ରୀକାନ୍ତ ବଳ, ସୁବ୍ରତ ସ୍ୱାଇଁ, ପ୍ରେମାନନ୍ଦ ବେହେରା, ଅରୁଣ ସାହୁ, ତରୁଣ ବିଶ୍ୱାଳ, ବୀରେନ ବିଶ୍ୱାଳ, ପ୍ରିୟଗୋବିନ୍ଦ ଦାସ, ଲକ୍ଷ୍ମୀ ପ୍ରିୟା ବେହେରା, ଲୋମାରାଣୀ ନାୟକ, ଦୀନବନ୍ଧୁ ନାୟକ, କୁମର ପ୍ରସାଦ ବେହେରା, ଯତିନ ସାମଲ, ଅବିନାଶ ବଳ, ଜ୍ଞାନେଶ ମହାନ୍ତି, ସତ୍ୟବ୍ରତ ସାମଲ, ଜ୍ୟୋତିର୍ମୟୀ ସ୍ୱାଇଁ, ଜ୍ୟୋତି ଶଙ୍କର ମହାପାତ୍ର, ଉପେନ୍ଦ୍ର ସିଂହ, ମାନସ ସାହୁ, ନିଗମାନନ୍ଦ ପାତ୍ର ପ୍ରଭୁ ଦତ୍ତ ରାଉତରାୟଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।


ରାଷ୍ଟ୍ରୀୟ ଲୋକ ଅଦାଲତରେ ଚଣ୍ଡିଖୋଲ କୋର୍ଟର ବିଚାରପତି ଓ ଆଇନଜୀବୀମାନେ।

## ପୋଲିସ ଉପସ୍ଥିତିରେ କାର୍ଯ୍ୟ ସମ୍ପନ୍ନ ନିର୍ଦ୍ଦେଶ

### ଉନ୍ନୟନ କାର୍ଯ୍ୟକୁ ବଳପୂର୍ବକ ବନ୍ଦ ମାମଲା

ରସୁଲପୁର, ୧୪।୧୨ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପାଚେରି ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ବଳପୂର୍ବକ ବନ୍ଦ କରିବା ପରେ ପୁଣି କାର୍ଯ୍ୟ ଆରମ୍ଭ ନିର୍ଦ୍ଦେଶ ହୋଇଛି। ପୋଲିସ ଫୋର୍ସ ମୁତୟନ କରି ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବାକୁ ଯାଜପୁର ଉପଜିଲାପାଳ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ, ରସୁଲପୁର ତହସିଲଦାର, ବିଡିଓ ଏବଂ କୁଆଖିଆ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ମାଣ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆମ ବ୍ୟାଙ୍କ, ଟାଟା ପାୱାର ପକ୍ଷରୁ ଅନୁଭବ କେନ୍ଦ୍ର କାର୍ଯ୍ୟାଳୟ ଚାଲିଛି। ଏହି କେନ୍ଦ୍ରର ସୁରକ୍ଷା ଦୃଷ୍ଟିକୋଣରୁ ପଞ୍ଚାୟତ ପକ୍ଷରୁ ୩ ପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ୧୫ତମ କେନ୍ଦ୍ରୀୟ ଅନୁଦାନରେ ୨.୪୭ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ନିର୍ମାଣ କାର୍ଯ୍ୟ ସମୟରେ ୨/୩ଟି ପରିବାର କେନ୍ଦ୍ର ସମ୍ମୁଖରେ ଥିବା ସିମେଣ୍ଟ ଚଟାଣକୁ ଖଳା ଭାବରେ ବ୍ୟବହାର କରିବାକୁ ଦାବିକରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ବ୍ଲକ, ତହସିଲ, ପୋଲିସ ପ୍ରଶାସନକୁ ଅବଗତ କରାଯାଇଥିଲା। ମାତ୍ର ୨ ମାସ ବିତିଯିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାପରେ ସରପଞ୍ଚ, ଗ୍ରାମବାସୀ ପୃଥକ ଭାବରେ ଯାଜପୁର ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବିଡିଓ ସତ୍ୟାନନ୍ଦ ଦାଶଙ୍କ ପକ୍ଷରୁ ଉପଜିଲାପାଳଙ୍କୁ ଲିଖିତ ଭାବରେ ଅବଗତ କରାଯାଇଥିଲା। ନିର୍ମାଣ କାର୍ଯ୍ୟବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଥିବାରୁ ସେଠାରେ ପୋଲିସବାହିନୀ ଉପସ୍ଥିତିରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଡିଓ ଉପଜିଲାପାଳଙ୍କୁ ନିବେଦନ କରିଥିଲେ। ବିଡିଓଙ୍କ ନିବେଦନ, ସରପଞ୍ଚ ଓ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାରକରି ଉପଜିଲପାଳଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି।


ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପାଚେରି ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି।

## ବଡ଼ଚଣା ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ, ୧୪।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ମହୋତ୍ସବ ଜାନୁଆରୀ ୮ରୁ ୧୨ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ। ଏହି ମହୋତ୍ସବ ୧୦ମ ବର୍ଷରେ ପଦାର୍ପଣ କରିବ। ଏନେଇ ରବିବାର ମହୋତ୍ସବ ପଡ଼ିଆରେ ସଭାପତି ମନୋରମା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଓ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳଙ୍କ ସଞ୍ଚାଳନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଏଥର ବି ମହୋତ୍ସବ ପାଳନ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏକ ଗୋଷ୍ଠୀ ଆମ ବଡ଼ଚଣା ମହୋତ୍ସବ ନାମରେ ଅନୁଷ୍ଠାନକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବକ୍ତାମାନେ ଅଭିଯୋଗ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ସମସ୍ତେ ମିଳିମିଶି ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ମହୋତ୍ସବ ପାଳନ ନିମନ୍ତେ ଅଧିକାଂଶ ବକ୍ତା ମତ ଉପସ୍ଥାପନ କରିଛନ୍ତି। କିଭଳି ଶାନ୍ତି ଶୃଙ୍ଖଳାର ସହ ମହୋତ୍ସବ ପାଳନ ହେବ ସେଥିନେଇ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସମ୍ପାଦକ ରବୀନ୍ଦ୍ର ରଣା, ତାପସ ରାୟ, ନିରଞ୍ଜନ ବିଶ୍ୱାଳ, ଧୂଳେଶ୍ୱର ଦାସ, ଜଗନ୍ନାଥ ମୁଦୁଲି, ପ୍ରକାଶ ଚନ୍ଦ୍ର ପ୍ରଧାନ, ବୈକୁଣ୍ଠ ନାଥ ବରାଳ, ଦିଲୀପ ସାମଲ, ବିବେକ ରଞ୍ଜନ ସୁବୁଦ୍ଧି, ପବନେଶ୍ୱର ଜେନା, ମନ୍ମଥ କେଶରୀ ସାହେବରାୟ, ମାନ ଗୋବିନ୍ଦ ସେଠୀ, ସରସ୍ୱତୀ ବେହେରା, ସଂଯୁକ୍ତା ମଲ୍ଲିକ, ଆଶିଷ ରଞ୍ଜନ ଚୌଧୁରୀ, ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ମତ ପ୍ରଦାନ କରିଥିଲେ। ଗଣେଶ୍ୱର ସାମଲ ଧନ୍ୟବାଦ ଦେଇଥିଲେ।

ବୈଠକ ପରେ ମହୋତ୍ସବ ପଡ଼ିଆରେ କାର୍ଯ୍ୟାଳୟ ଗୃହର ନାମ ଲେଖାକୁ ନେଇ ବିବାଦ ଦେଖାଦେଇଥିଲା। ଆମ ବଡ଼ଚଣା ମହୋତ୍ସବ ଲେଖା ଥିବା ନାମରୁ ଆମ ନାମକୁ କଳା ବୋଳା ଯାଇଥିଲା। ସେଠାରେ ଉପସ୍ଥିତ ପୋଲିସ ଏହାକୁ ବନ୍ଦ କରିବାକୁ କହିଥିଲେ ମଧ୍ୟ ଜଣେ ଯୁବକ କଥା ନ ମାନି ଲିଭାଇ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ବଡ଼ଚଣା ମହୋତ୍ସବ କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ।

## ସିଂହପୁରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ସିଂହପୁର, ୧୪।୧୨ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଷ୍ଟାର ବ୍ଲକସ୍ତରୀୟ ୪୨ତମ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ ପଣ୍ଡା ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା ବ୍ରଜକିଶୋର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମିତିସଭ୍ୟ ଭାଗ୍ୟବତୀ ଧଳ, ଜିଲା ସମ୍ପାଦକ ପବିତ୍ର ପଣ୍ଡା, ସାମାଜିକ କର୍ମୀ ପଦ୍ମାକର ଗୁରୁ, ପ୍ରାକ୍ତନ ସମ୍ପାଦକ ପ୍ରଦୀପ ଶ୍ରଜେନା, ଉପଦେଷ୍ଟା ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ରାଜ୍ୟ ଓଷ୍ଟା ସଭ୍ୟ ପୀତାମ୍ବର ସ୍ୱାଇଁ, ଉପସଭାପତି ଦେବେନ୍ଦ୍ର ସାମଲ, ଯୁଗ୍ମ ସମ୍ପାଦକ ସନ୍ତୋଷ ମିଶ୍ର, ପଦ୍ମନାଭ ଦାଶ ପ୍ରମୁଖ ଯୋଗଦେଇଥିଲେ।

ବ୍ଲକ ଓଷ୍ଟା ସମ୍ପାଦକ ଭରତ ଚନ୍ଦ୍ର ନାୟକ ସଭା ସଞ୍ଚାଳନ କରିବା ସହସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୀନକେତନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମହୋତ୍ସବରେ ୪୧ ବିଦ୍ୟାଳୟରୁ ୨୭୩ ଛାତ୍ରୀଛାତ୍ର ଯୋଗଦେଇ ୧୦ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୁର୍ଯ୍ୟୋଧନ ସାମଲ, କୃଷ୍ଣଚନ୍ଦ୍ର ଥାଟୋଇ, ଅରୁଣ କୁମାର ସାମଲ, ମାଧବାନନ୍ଦ ଦାସ ଓ ଅରୁପମା ନାୟକଙ୍କ ସମେତ ୧୫ ଜଣ ବିଚାରକମଣ୍ଡଳୀ ଯୋଗଦାନ କରିଥିଲେ।

ପ୍ରାକ୍ତନ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଓ ରତ୍ନାକର ସାହୁ ପରୀକ୍ଷା ପରିଚାଳନା କରିଥିଲେ। ବ୍ଲକ କମିଟି କର୍ମକର୍ତ୍ତା ସର୍ବେଶ୍ୱର ରାଉତ, କୁମୁଦିନୀ ପତି, ଧୀରେନ୍ଦ୍ର ନାରାୟଣ ଦାସ, ଅଶୋକ ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ସଞ୍ଜୀବ ସାମଲ, ପ୍ରମୋଦ ଚନ୍ଦ୍ର ପାଠି, ଶରତ ଚନ୍ଦ୍ର ପରିଡ଼ା, ମୁରଲୀ ଧର ସାହୁ, ପ୍ରଫୁଲ୍ଲ ସାମଲ ଓ ରମେଶ ଚନ୍ଦ୍ର ଧଳଙ୍କ ସମେତ ୨୮ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ପାଦକ ନାୟକଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।



ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥି।

## ଭାଜପାରେ ମିଶିଲେ ୪୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ

### ପୂର୍ବତନ ବିଜେଡି ସମର୍ଥିତ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ଉପସଭାପତି ହେଲେ

କାଳିଆପାଣି, ୧୪।୧୨ (ଅସିତ ମହାନ୍ତ): ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳର ଦୁର୍ଗାପୂଜା ପଡ଼ିଆରେ ରବିବାର ଭାଜପାର ମହାମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ୩୪ ବର୍ଷ ଧରି ଖଣି ଅଞ୍ଚଳର ୭ ପଞ୍ଚାୟତ ବିଜେଡି ଗଡ଼ ରହିଥିବାବେଳେ ଏଥିରୁ ୪ ପଞ୍ଚାୟତ ରାଁସୋଳ, କାଳିଆପାଣି, କଂସ ଓ ଚିଙ୍ଗୁଡ଼ିପାଳର ବିଜେଡିର ଛାମୁଆ ନେତା ବୈକୁଣ୍ଠ ମହାନ୍ତ, ବିଶ୍ୱଜିତ ମହାନ୍ତି, ଜଗବନ୍ଧୁ ମହନ୍ତ, ଲିଚିମା ମୁଣ୍ଡା ଓ ଲିଲିମଣି ମହାନ୍ତଙ୍କ ସହ ୪୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଶନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରଳ, ସୁଚାରୁ କାର୍ଯ୍ୟଧାରା ଓ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଲୋକ ପ୍ରିୟତାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ଶ୍ରମିକ ସଂଘ ସାଧାରଣ ସମ୍ପାଦକଭାବେ ଦାୟିତ୍ୱ ତୁଲାଇଥିବା ନାରାୟଣ ଚନ୍ଦ୍ର ଧୀର ନିଜର ସହକର୍ମୀଙ୍କୁ ନେଇ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନର ସଦସ୍ୟତା ଗ୍ରହଣ କରିଛନ୍ତି।

ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବରିଷ୍ଠ ଭାଜପା ନେତା ତଥା ଓଡ଼ିଶା ମାଇନିଂ ୱର୍କାସ ୟୁନିୟନ ସଭାପତି ସବ୍ୟସାଚୀ ବଳସାମନ୍ତ, ସାଧାରଣ ସମ୍ପାଦକ ଅମଲେନ୍ଦୁ ବେହୁରା ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ, ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଯାଜପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ସୁକିନ୍ଦା ବିଧାୟକଙ୍କ ପ୍ରତିନିଧି ଶେଖର ମହାନ୍ତି, ସୁଧାଂଶୁ ଭଞ୍ଜ ଓ ଖଣି ଜୋନ ମଣ୍ଡଳ ସଭାପତି ମନୋଜ ନାୟକ ସଭା ପରିଚାଳନା କରିଥିଲେ। ଖଣି ଜୋନ ମଣ୍ଡଳ ଉପସଭାପତି ବେଣୁଧର ମହାନ୍ତ, ପଞ୍ଚାୟତ ପ୍ରମୁଖ ଯଦୁମଣି ମହାନ୍ତ, ଦିଲୀପ ପାତ୍ର, ମନୋଜ ମହାନ୍ତ, କୁନା ମହାନ୍ତ, ସଜି ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଧୀରଙ୍କୁ ଓଡ଼ିଶା ମାଇନିଂ ୱାର୍କାସ ୟୁନିୟନର ଉପସଭାପତି ଭାବେ ଘୋଷଣା କରିଥିଲେ।


ମିଶ୍ରଣ ପର୍ବରେ ଭାଜପାରେ ଯୋଗଦେଇଥିବା ନୂତନ କର୍ମୀମାନଙ୍କୁ ସ୍ୱାଗତ କରାଯାଉଛି।

# ମାଂସ ଶିକାରୀଙ୍କ ଲୋଲୁପଦୃଷ୍ଟିରେ ଭିତରକନିକା



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ସଂଲଗ୍ନ ବିଶ୍ୱବ୍ୟାଙ୍କ ପ୍ରକଳ୍ପ ପୋଖରୀଗୁଡିକରେ ବିଦେଶୀ ପକ୍ଷୀଙ୍କ ସମାଗମ।

**କେନ୍ଦ୍ରାପଡ଼ା, ୧୪।୧୨ (ଜଗନ୍ନାଥ ଧଳ)**

ଏବେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଛି। ଏଥିସହ ଆଗକୁ ବଡ଼ଦିନ ଓ ନୂଆବର୍ଷ ଥିବାରୁ ଭୋଜି ପାଇଁ ଶିକାରୀଙ୍କ ଲୋଲୁପଦୃଷ୍ଟି ଜାତୀୟ ଉଦ୍ୟାନ ଭିତରକନିକା ଉପରେ ରହିଛି। ବନ୍ୟ ପ୍ରାଣୀ ବାର୍‌ହା, ହରିଣ, ଦେଶୀ ଓ ବିଦେଶାଗତ ପକ୍ଷୀ, ସାମୁଦ୍ରିକ ପ୍ରାଣୀ ଅଲିଭ୍ ରିଡ୍‌ଲେ ଆଦି ଏହି ପିକ୍‌ନିକ୍ ଋତୁରେ ସୁରକ୍ଷିତ ନୁହନ୍ତି। ଏଥିସହ ଏବେ ଭିତରକନିକା ସାମୁଦ୍ରିକ ଅଞ୍ଚଳରେ ପ୍ରଚୁର ମାଛ ଦେଖାଦେଉଥିବାରୁ ବେଆଇନ ବ୍ୟବସାୟୀଙ୍କ ଆଖି ପଡ଼ିଛି। କଟକଣା ସତ୍ତ୍ୱେ ନିଷିଦ୍ଧାଞ୍ଚଳରୁ ପ୍ରାୟ ୧୩୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ମାଛ ଧରିବା ଅଭିଯୋଗରେ ଗିରଫ ହୋଇ ସାରିଲେଣି। ଆସନ୍ତା ପର୍ଯ୍ୟଟନ ସମୟ ପାଇଁ ଶିକାରୀଙ୍କ ଲୋଲୁପଦୃଷ୍ଟି ଭିତରକନିକାରେ ପଡ଼ିଛି ବୋଲି ସ୍ଥାନୀୟ ଅଞ୍ଚଳରେ ମତ ମିଳିଛି।

ରାଜନଗରର ବସନ୍ତ କୁମାର ହାତୀ କହିଛନ୍ତି, ଗତ ସପ୍ତାହକ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ହୋଇଥିବା ବେଳେ ସମସ୍ତ ଅଞ୍ଚଳରେ ଭୋଜିଭାତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଶିକାରୀମାନେ ଶିକାର ଖୋଜିବାରେ ଲାଗି ପଡ଼ିଛନ୍ତି। ଭିତରକନିକାରେ ଏବେ ଦେଶୀ ବିଦେଶୀ ପକ୍ଷୀଙ୍କ ଭିଡ଼ ଲାଗିଛି। ସାଧାରଣରେ ଏହି ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ସମାହାର ଏଠାରେ ଦେଖିବାକୁ ମିଳେ। ଭିତରକନିକା ଆଭ୍ୟନ୍ତର ଓ ବାହ୍ୟ ଅଞ୍ଚଳରେ ପକ୍ଷୀଙ୍କ ଶିକାର ଚାଲିଛି। ଏହାର ମାଂସ ନିକଟସ୍ଥ ବ୍ଲକ୍ ଅଞ୍ଚଳ ସମେତ ପାରାଦୀପ, ଧାମରା, ଯାଜପୁର ଆଦି ଅଞ୍ଚଳକୁ ଯାଉଛି। ଏହା ପ୍ରତିବର୍ଷର ଘଟଣାକୁ ଅନୁଧ୍ୟାନ କଲେ ଜଣାପଡୁଛି। ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବାର୍‌ହା, ହରିଣଠାରୁ ଆରମ୍ଭକରି ପ୍ରାଣୀ,ପକ୍ଷୀଙ୍କୁ ମାଂସ ପାଇଁ ଶିକାର ହେଉଛି। ଏଥିସହ ସାମୁଦ୍ରିକ ଜୀବଙ୍କୁ ଶିକାର କରାଯାଇ ଏହି ସମୟରେ ଶିକାରୀ ଭଲ ରୋଜଗାର କରୁଛନ୍ତି। ଦୋଳଗୋବିନ୍ଦ ଜେନା କହିଛନ୍ତି, ଯନ୍ତା ସହ କୁକୁରକୁ କେତେଜଣ ଶିକାରୀ ଶିକାର ସମୟରେ ବ୍ୟବହାର କରୁଛନ୍ତି। ସେହିପରି ବିରଳ ଅଲିଭ୍ ରିଡ୍‌ଲେ କଇଁଛ ଶିକାର ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ଏ ନେଇ ଅଦ୍ୟାବଧି କୌଣସି ମାମଲାରେ ଏହାକୁ ଦର୍ଶାଯାଇ ନାହିଁ। ବଡ଼ଦିନ ଓ ନୂଆବର୍ଷ ପୂର୍ବରୁ ମାଂସ ପାଇଁ ଶିକାର ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସିଏଫ୍ ମାନସ କୁମାର ଦାଶଙ୍କୁ ପଚାରିବାରେ ଚଳିତବର୍ଷ ବନ ବିଭାଗ ଶିକାରୀ ଓ ଶିକାର ସମ୍ପର୍କରେ ସତର୍କ ଅଛି। ବିଭିନ୍ନ ରେଞ୍ଜ ଅଫିସରଙ୍କୁ ଏ ସମ୍ପର୍କରେ ଆଲର୍ଟ କରାଯାଇଛି ବୋଲି ସେ କହିଛନ୍ତି।

## ଗହୀରମଥା ଜଙ୍ଗଲରେ ରଙ୍ଗବେରଙ୍ଗର ପକ୍ଷୀଙ୍କ ସମାଗମ

**ମହାକାଳପଡ଼ା,୧୪।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବିଶ୍ୱବ୍ୟାଙ୍କ ପଏଣ୍ଟ ଅଞ୍ଚଳ ପାଲଟିଛି ରଙ୍ଗିନ ବିହଙ୍ଗମାନଙ୍କ ଶୀତକାଳୀନ ବାସସ୍ଥାନ। ଶାନ୍ତ, ସୁସ୍ଥ, ସୁରକ୍ଷିତମଣି ଏସିଆ ମହାଦେଶର ବିଶେଷକରି ହିମାଳୟ ପାଦଦେଶ, ଏଭରେଷ୍ଟ, ସାଇବେରିଆରୁ ଖାଦ୍ୟ ଅନ୍ୱେଷଣ ପାଇଁ ଯୋଜନ ଯୋଜନ ଦୂରରୁ ଛୁଟିଆସନ୍ତି ବିଦେଶୀ ପକ୍ଷୀ। ଏଠାରେ ୩ମାସ ରହଣି ମଧ୍ୟରେ ନିଜକୁ ସୁରକ୍ଷିତ ଓ ନିରାପଦ ମନେକରି କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବିଶ୍ୱବ୍ୟାଙ୍କ ନିର୍ମିତ ବିଶାଳ ପରିତ୍ୟକ୍ତ ବହୁ ପୋଖରୀରେ ମିଳୁଥିବା ପ୍ରଚୁର ପରିମାଣରେ କୁଜି ଗେଣ୍ଡା, ଶାମୁକା, ସିପ, ଚୂନା ମାଛ ଛୋଟ ଛୋଟ କଙ୍କଡ଼ା ଏମାନଙ୍କ ପ୍ରିୟ ଖାଦ୍ୟ ପାଲଟିଥାଏ। ନିକଟସ୍ଥ ଲୁଣା ହେନ୍ତାଳ ଘଞ୍ଚ ଜଙ୍ଗଲରେ ରାତ୍ରିକାଳୀନ ବାସସ୍ଥାନ ପାଲଟିଥିବାବେଳେ ସୂର୍ଯ୍ୟାସ୍ତ ପୂର୍ବରୁ ଏମାନେ ଦଳ ଦଳ ହୋଇ ବିଶ୍ୱବ୍ୟାଙ୍କ ପୋଖରୀଗୁଡ଼ିକରେ ଭିଡ଼ ଜମାଇଥାନ୍ତି। ସେମାନଙ୍କ ଜୀବନ ବିଷ ଓ ଫାଶରେ ଯେପରି ନ ଯାଏ ସେଥିପ୍ରତି ଅଞ୍ଚଳର ବୁଦ୍ଧିଜୀବୀ, ପରିବେଶବିତ୍ ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୧୯୯୦ ଦଶକରେ ଉକ୍ତ ୫ଶହ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକା ସୁଧାର ଆଣିବା ପାଇଁ ୨୫କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଓ ବିଶ୍ୱବ୍ୟାଙ୍କ ଆର୍ଥିକ ସହାୟତାରେ ପୋଖରୀ ଖନନ କରାଯାଇ ଚିଙ୍ଗୁଡ଼ି ଚାଷ କରାଯାଉଥିଲା। ୧୯୯୯ ମହାବାତ୍ୟା ପରେ ଏହି ବିଶ୍ୱବ୍ୟାଙ୍କ ଚିଙ୍ଗୁଡ଼ି ଚାଷ ପ୍ରକଳ୍ପ ଠପ୍ ହୋଇଯାଇଥିଲା। ସେବେଠାରୁ ଏହି ପ୍ରକଳ୍ପ ଅଞ୍ଚଳ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏବେ କିଛିବର୍ଷ ହେବ ଉକ୍ତ ଅଞ୍ଚଳଗୁଡ଼ିକ ପକ୍ଷୀମାନଙ୍କ ଅଭୟାରଣ୍ୟ ପାଲଟିଛି। ବିଶେଷକରି ଏହି ଅଞ୍ଚଳରେ ବିଦେଶୀ ପକ୍ଷୀମାନଙ୍କ ମଧ୍ୟରେ ପଣ୍ଡା ହଂସ, ରାଣୀ ହଂସ, ଯୁଜୁଭୁ, ପାଟ ଗିରିଆ, ଡାଙ୍ଗୁଆ, ଗହୀରଲାଞ୍ଜି, ଚନ୍ଦନ ପାଟିଆ, ଚଟକା ଚାହା, ଚାଟୁଆ ଗେଣ୍ଡି, ଖଞ୍ଜନ, ପାତି ହଂସ, ଗୋଠ ବଗୁଲି, ଚିତ୍ରିତକଞ୍ଚ, ଲଭର୍ସ ବାର୍ଡଙ୍କ ସମାଗମ ଦେଖିବାକୁ ମିଳୁଛି। ସେହିପରି ମହାନଦୀ ତ୍ରିକୋଣଭୂମି ଅବବାହିକା ହୁକିଟୋଲା, ଲଞ୍ଚଘୋଲା, ମାଦଳି, ବଡିଘର, ହେଟା ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ, କଣ୍ଡରାପାଟିଆ ଜଙ୍ଗଲ, କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ, ତଣ୍ଡା ଝାଉଁ ଜଙ୍ଗଲରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳେ। ଏ ସଂକ୍ରାନ୍ତରେ ରାଜନଗର ଡିଏଫ୍‌ଓ ଭରଦରାଜ ଗାଁଓଙ୍କରଙ୍କୁ ପଚାରିବାରେ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପୁସ୍ତକମେଳାର ନୂଆ ଆକର୍ଷଣ ହେବ ଯୁବ ସ୍ପନ୍ଦନ



ପୁସ୍ତକମେଳା ବୈଠକରେ ଉପସ୍ଥିତ ସଦସ୍ୟମାନେ।

**କେନ୍ଦ୍ରାପଡ଼ା, ୧୪।୧୨ (ଜଗନ୍ନାଥ ଧଳ)**

ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ ଆସନ୍ତା ଜାନୁଆରୀ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପୁସ୍ତକମେଳାର ନୂତନ ଆକର୍ଷଣ ଯୁବ ସ୍ପନ୍ଦନ ହେବ ବୋଲି ଆୟୋଜକ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜରସ୍ (କେମ୍) ପ୍ରକାଶ କରିଛି। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ରାଜ୍ୟ ଓ ରାଜ୍ୟ ବାହାରର ପୁସ୍ତକ ପ୍ରକାଶକ ଓ ବିକ୍ରେତାଙ୍କୁ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଥିବା ସଭାପତି ଅକ୍ଷୟ ପାଣି, ମୁଖ୍ୟ ସଂଯୋଜକ ବଂଶୀଧର ମହାନ୍ତି ଓ ସମ୍ପାଦକ ମହମ୍ମଦ ଜାହିଦ୍ ଖାନ ରବିବାର ପ୍ରକାଶ କରିଛନ୍ତି। ଯୁବବର୍ଗଙ୍କ ପଠନ ରୁଚିକୁ ଗୁରୁତ୍ୱ ଦିଆଯିବା ସହ ପୁସ୍ତକମେଳା ପରିସରରେ ଜାନୁଆରୀ ୭ ଓ ୮ ତାରିଖ ୨ ଦିବସ ବ୍ୟାପୀ ଜିଲାସ୍ତରୀୟ କଳା, ସାଂସ୍କୃତିକ ଓ ବୌଦ୍ଧିକ ଯୁବ ମହୋତ୍ସବ ଯୁବ ସ୍ପନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାର ପ୍ରତ୍ୟେକ ଯୁବ ସାଂସ୍କୃତିକ ସଙ୍ଗଠନଙ୍କୁ ଏଥିରେ ସାମିଲ ହେବାପାଇଁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯିବା ପ୍ରସ୍ତୁତି ହୋଇଛି। କ୍ଷୁଦ୍ର ନାଟକ, ଏକକ କଳା ଅଭିନୟ, ବକ୍ତୃତା, ଦଳଗତ ଆଲୋଚନା, ସଙ୍ଗୀତ ଓ ନୃତ୍ୟ ପରି ବିବିଧ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ କରାଯାଇ ସଫଳ ଯୁବ ଛାତ୍ରୀଛାତ୍ରଙ୍କୁ ଯୁବ ସ୍ପନ୍ଦନର ପ୍ରଶସ୍ତି ପତ୍ର ପ୍ରଦାନ କରାଯିବ ବୋଲି ସଂଯୋଜିକା ଅମ୍ରିନ ସାହାଦତ ପ୍ରକାଶ କରିଛନ୍ତି। ପୁସ୍ତକମେଳାର ଏହି ପ୍ରଗତି ବୈଠକରେ ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ, କର୍ମକର୍ତ୍ତା ପ୍ରତାପ ସ୍ୱାଇଁ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଶିବ ଚରଣ ସାମଲ, ଶୁଭଙ୍କର ନାୟକ, କ୍ଷୀରୋଦ କର, ଜ୍ୟୋତିରଞ୍ଜନ ନାୟକ, ସଞ୍ଜୟ ଜେନା, ଶେଷଦେବ ପ୍ରସାଦ ଦାସ ଓ ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# କେନ୍ଦ୍ରାପଡ଼ା ଏମ୍‌ପିଙ୍କ ଦ୍ୱାରା ଚାରା ରୋପଣ

**ରାଜନଗର,୧୪।୧୨ (ଭାସ୍କର ରାଉତରାୟ)**



କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ରବିବାର ଦିନିକିଆ ରାଜନଗର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏମ୍‌ପି ପଣ୍ଡା ପ୍ରଥମେ ମହୁଲିଆ ଗ୍ରାମର ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିସରରେ ସଫେଇ କରିବା ସହ ଚାରାରୋପଣ କରି ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହା ପରେ ଚାନ୍ଦିବାଉଁଶମୂଳସ୍ଥିତ ମା’ ମାଟିଆ ମଙ୍ଗଳା ପୀଠରେ ଟିଫିନ ବୈଠକରେ ଯୋଗଦେଇ ୩୧ ନଂ. ଜୋନ୍‌ସ୍ତରୀୟ କର୍ମକର୍ତ୍ତାଙ୍କୁ ଆଗାମୀ ସାଙ୍ଗଠନିକ କ୍ଷେତ୍ରରେ ଦଳୀୟ କାର୍ଯ୍ୟକ୍ରମ ରୂପରେଖ ଉପରେ ବିସ୍ତୃତ ଆଲୋଚନାକରି ଉପସ୍ଥିତ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସାଦ ନାୟକ, ପୂର୍ବତନ ଜିଲା ସଭାପତି କିଶୋର ପଣ୍ଡା, ଯୁବନେତା ଲଳିତ ବେହେରାଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ପଟ୍ଟାମୁଣ୍ଡାଇ ଠିକାଦାର ସଂଘର ସାଧାରଣ ବୈଠକ

**ପଟ୍ଟାମୁଣ୍ଡାଇ,୧୪।୧୨ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସପାଲଟି ଠିକାଦାର ସଂଘ ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ରବିବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବରିଷ୍ଠ ଠିକାଦାର ରତ୍ନାକର ପ୍ରଧାନଙ୍କ ସଭାପତିତ୍ୱରେ ସଭା ପରିଚାଳନା କରାଯାଇଥିଲା। ଆୟୋଜିତ ବୈଠକରେ ସଂଘର ବହୁ କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ରହି ସଂଘକୁ ଅଧିକ ଶକ୍ତିଶାଳୀ ଏବଂ ସୁସଙ୍ଗଠିତ କରିବା ନିମନ୍ତେ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟତଃ ଟେଣ୍ଡର କାମରେ କେହି ଲେସ୍‌ରେ ଟେଣ୍ଡର ନ ପକାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି କୌଣସି ବିଭାଗରେ ଟେଣ୍ଡର ବି ସ୍ପେଶାଲ ଶ୍ରେଣୀଭୁକ୍ତ- ଏ, ବି, ସି, ଡିର ଠିକାଦାରମାନେ ସିଡ୍ୟୁଲ ରେଟରେ ଟେଣ୍ଡର ପକାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା। ପରେ ମାସକୁ ଥରେ ବୈଠକ କରିବା ଓ ଏହି ବୈଠକରେ କାମର ପୁଙ୍ଖାନୁପୁଙ୍ଖ କରାଯାଇ ପ୍ରସ୍ତାବ ଗୃହୀତ କରାଗଲା। ଜିଲା ବାହର ଠିକାଦାରମାନେ ସିଡୁଲ ରେଟରେ ଟେଣ୍ଡର ପାକାଇବାକୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଠିକାଦାର ରାଜେନ୍ଦ୍ର ସାହୁ, ଭୁବନମୋହନ ସିଂ, ଅଧୀର ସାହୁ, ପ୍ରମୋଦ ପତି, ସରୋଜ ସାମଲ, ରମାକାନ୍ତ ବିଶ୍ୱାଳ, ସୁବାସ ଭୋଳ, ବାପୁଜୀ ପାତ୍ର, ଦିଲୀପ ଜେନା, ମନୋମୋହନ ରାଉତ ସମେତ ୧୦୦ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗଦେଇ ସଙ୍ଗଠନକୁ ସୁଦୃଢ କରିବାକୁ ପ୍ରତିଜ୍ଞା ନେଇଥିଲେ।




ବୈଠକରେ ଉପସ୍ଥିତ ଅତିଥି ।

# ଜଣଙ୍କ ପ୍ରୟାସରୁ ସମାଜର ଗଣଙ୍କୁ ସଫଳତା ମିଳେ



ବାର୍ଷିକ ଉତ୍ସବରେ ଅତିଥିମାନେ କୃତିଧାରୀଙ୍କୁ ପୁରସ୍କୃତ କରୁଛନ୍ତି।

**କେନ୍ଦ୍ରାପଡ଼ା, ୧୪।୧୨ (ଜଗନ୍ନାଥ ଧଳ)**

## ବସ୍ତିରୁ ଶିକ୍ଷାକ୍ରାନ୍ତି ଅଭିଯାନର ବାର୍ଷିକ ଉତ୍ସବ

ସମସ୍ୟା ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ। ନିଜର ଦୈନନ୍ଦିନ ଚଳଣିରେ ଏହା ପ୍ରତିଫଳିତ ହୁଏ। ତେବେ ସାମୂହିକ ସମସ୍ୟାର ସମାଧାନ ଜଣଙ୍କ ପ୍ରୟାସରୁ ଆରମ୍ଭ ହୋଇଥାଏ। ଏଥିରେ ଗଣଙ୍କୁ ସଫଳତା ମିଳିଥାଏ। ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଅନ୍ୟ ଉପରେ ଚାପ ନ ପକାଇ ଜଣେ ବ୍ୟକ୍ତି ନିଃଶୁଳ୍କ ଭାବେ ଶିକ୍ଷାଦାନକରି ସମାଜର ଅନ୍ୟ ବର୍ଗ ଶିଶୁଙ୍କ ସହ ସମକକ୍ଷ କରିବା ଏକ କଠିନ କାର୍ଯ୍ୟ। ତେବେ ଏହି କାର୍ଯ୍ୟ ଗତ ୩ ବର୍ଷ ଧରି ଚାଲିଥିବା ବସ୍ତିରୁ ଶିକ୍ଷାକ୍ରାନ୍ତି ଅଭିଯାନର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି।

ସଂସ୍କୃତିପ୍ରେମୀ ସୁବ୍ରତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ କେନ୍ଦ୍ରାପଡ଼ା ସହରର କଜଳାଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ ମାଧବ ଚନ୍ଦ୍ର ପତ୍ରୀ, ଜିଲା ବିଜେଡି ଯୁବ ସଭାପତି ରାଜେଶ ଦାସ, ଯୁବନେତା ସୌଭାଗ୍ୟ ବେହେରା, ଡା. ବୀରେନ୍ଦ୍ର କୁମାର ଦାସ, ଶିକ୍ଷକ ନେତା ଅନାଦି ଚରଣ ପରିଡ଼ା, ସାମାଜିକ କର୍ମୀ ବାନାମ୍ବର ସାହୁ, ଶ୍ରୀଧର ମହାନ୍ତି ଓ ଲୋଭାବତୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତଙ୍କୁ ଶିକ୍ଷା ପାଇଁ ଆଇନ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଆଇନର କାର୍ଯ୍ୟକାରିତା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଆଦିବାସୀ ଜନଜାତିର ଶିଶୁଙ୍କ ଶିକ୍ଷା ବ୍ୟବସ୍ଥାରେ ସାମିଲକରିବା କ୍ଷେତ୍ରରେ ବହୁ ପଛରେ ପଡିଛନ୍ତି। କେନ୍ଦ୍ରାପଡ଼ା ସହର ମଧ୍ୟରେ ଥିବା ଜନଜାତି ବସ୍ତିରେ ମଧ୍ୟ ଏପରି ଘଟଣା ରହିଛି। ଏହାକୁ ଦୃଷ୍ଟିରେ ରଖି ମାନବାଧିକାର କର୍ମୀ ତଥା କେନ୍ଦ୍ରାପଡ଼ା ବ୍ଲକ୍ ଏଣ୍ଡର ଗ୍ରାମର ସାଗର ଜେନା କଜଳାଠାରେ ବସ୍ତିରୁ ଶିକ୍ଷାକ୍ରାନ୍ତି ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ପ୍ରୟାସ ଫଳବତୀ ହୋଇଛି। ଏହି ଅଭିଯାନରେ ପ୍ରଥମ ବର୍ଷ ମାତ୍ର ୪ ଶିଶୁଙ୍କୁ ସାମିଲ କରିଥିବାବେଳେ ଏବେ ଏହାର ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ ହୋଇଛି। ଏହି ଶିଶୁ ଏବେ ଶିକ୍ଷା ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ ଏହି ଅଭିଯାନରେ ଲକ୍ଷାଧିକ ଶିଶୁ ଭବିଷ୍ୟତ ଜଡିତ ଥିବାରୁ ସାଗରଙ୍କୁ ସମସ୍ତ ପ୍ରକାର ସରକାରୀ ଓ ବ୍ୟକ୍ତିଗତ ସହାୟତା ଦିଆଯିବା ସହ ପ୍ରୋତ୍ସାହିତ କରାଯାଉ ବୋଲି ଅତିଥିମାନେ କହିଥିଲେ। ଉତ୍ସବକୁ ମନୋଜ ନାୟକ, ରାଧାକାନ୍ତ ମହାନ୍ତି, ଶୁଭ୍ରଜିତ ପଲ୍ଲାଇ, ଗୌତମ ସାହୁ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ : ଓଳାଭର ଚାମ୍ପିୟନ

**ରାଜକନିକା,୧୪।୧୧(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତରେ ନୂଆଗାଁ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ଖେଳରେ ଓଳାଭର ଟିମ ଚାମ୍ପିୟନ ହୋଇଛି। ଏଥିରେ ଏଏମ୍‌ପି ରାଜକନିକା ଓ ଓଳାଭର ସତଘରିଆ ମଧ୍ୟରେ ୮ ଓଭର ଖେଳ ହୋଇଥିଲା। ପ୍ରଥମେ ରଜକନିକା ୮ ଓଭର ବ୍ୟାଟିଂ କରି ୭୪ ରନ କରିଥିଲା। ଜବାବରେ ଓଳାଭର ୩ ଉଇକେଟ ଚାମ୍ପିୟନ ହୋଇଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଅଞ୍ଜନ ରାଉତ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫୦୦ଟଙ୍କା ଓ ଏଏମପି ରାଜକନିକା ଟିମ୍‌କୁ ରାନର୍ସ ଟ୍ରଫି ସହ ୧୫୦୦ଟଙ୍କା ଅର୍ଥରାଶି ପ୍ରାଦନ କରାଯାଇଥିଲା। ଏହି ଖେଳକୁ ସାମାଜିକ କର୍ମୀ ସଞ୍ଜୟ ରାଉଳ ପରିଚାଳନା କରିଥିଲାବେଳେ ଜୟ ଜଗନ୍ନାଥ କ୍ରିକେଟ ଟିମ ନୂଆଗାଁର ଖେଳାଳି ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବୀଚ ଭଲିବଲ ପ୍ରତିଯୋଗିତା

**ରାଜନଗର,୧୪।୧୨(ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମିଠାରେ ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବୀଚ ଭଲିବଲ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ରଘୁରାମ ଆର ଆୟାର, ବନଖଣ୍ଡ ଅଧିକାରୀ ଭାରଦରାଜ ଗାଓଁକର ଓ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ତିଲୋତ୍ତମା ପୃଷ୍ଟି, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ସପନ କୁମାର ଜେନା, ସହକାରୀ ନିର୍ଦ୍ଦେଶକ, ଶାରରୀକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଜ୍ୟୋତି ପ୍ରସାଦ ପରିଡା, ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ସଚ୍ଚିଦାନନ୍ଦ ମିଶ୍ର, ରାଜନଗର ବିଇଓ ମନୋରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଏହି କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମଥର ପାଇଁ ପେଣ୍ଠ ବେଳାଭୂମିରେ ରାଜ୍ୟସ୍ତରୀୟ ବିଚ ଭଲବଲ ପ୍ରତିଯୋଗିତା ୧୭ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୨୪ଟି ଜିଲାରୁ ମୋଟ୍ ୧୭୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଜିଲାର ୬ ଜଣ ଲେଖାଏ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଶିକ୍ଷାଦାନ ସହ କ୍ରୀଡା ଅଙ୍ଗାଙ୍ଗୀ ଭାବେ ଜଡିତ ଓ ଏହା ପୂର୍ଣ୍ଣାଙ୍ଗ ବିକାଶରେ ସାମିଲ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଣ୍ଡିତ ବରଦାକାନ୍ତ ଜେନା, ଅର୍ନ୍ନପୂର୍ଣ୍ଣା ଚୁଲି ମଞ୍ଚ ପରିଚାଳନା କରିଥିଲେ। ସମୀରଣ ମଣ୍ଡଳ ଓ ସୁଲତା ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ଶାରୀରିକ ଶିକ୍ଷା ପ୍ରମୁଖ ସ୍ମିତା ପ୍ରତିଭା ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ କୃଷ୍ଣନଗର ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ବାସୁଦେବ ଯୁ.ପ୍ରା ବିଦ୍ୟାଳୟ କଣ୍ଡିରା, ବାପୁଜୀ ବିଦ୍ୟାଶ୍ରମ ବଳଭଦ୍ରପୁର, ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ଡାମରପୁର, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି କ୍ରୀଡାକୁ ଡିପିଇଓ ଅଜୟ ପ୍ରଧାନ, ରାମକୃଷ୍ଣ ବେହେରା, ଚନ୍ଦ୍ରକାନ୍ତ ଘଡାଇ, ଭାଗୀରଥି ମଲ୍ଲିକ, ସବିତା ନାୟକ, ବ୍ଲକ କ୍ରୀଡା ସମ୍ପାଦକ ରଞ୍ଜନ ରାଉଳ, ନୋଡାଲ ପ୍ରଧାନ ଶିକ୍ଷକ ସୁଭ୍ରଜ ବରାଳ ଓ ନୋଡାଲ ସିଆରସିସି ଚନ୍ଦ୍ରକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ବିଚ ଭଲିବଲ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି।

# ଖୋଲୁନି ମଣ୍ଡି, ବଢୁଛି ଧାନ ଚୋରା ଚାଲାଣ

**ପଟ୍ଟାମୁଣ୍ଡାଇ,୧୪।୧୨ (କଳ୍ପତରୁ ନାୟକ)**

## ବାହାର ବେପାରୀଙ୍କୁ ଧାନ ବିକୁଛନ୍ତି ଚାଷୀ



କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳ ସମେତ ଅନ୍ୟ ସ୍ଥାନରେ ଚାଷୀଙ୍କ ଖରିଫ ଧାନ ଫସଲ ୮୦ ଭାଗ ଅମଳ ହୋଇଥିଲେ ମଧ୍ୟ ସରକାର ଆଜି ଯାଏ ମଣ୍ଡି ଖୋଲିନାହାନ୍ତି। ଫଳରେ ଚାଷୀ ତାଙ୍କ ଅମଳ ଧାନ ବିକ୍ରିକରି ନ ପାରି ଖୋଲା ଆକାଶ ତଳେ ପକାଇ ରଖିଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇରେ ଥିବା କୃଷି ସମବାୟ ଏକ ପ୍ରକାର ସ୍ଥାଣୁ ପାଲଟିଥିବା ବେଳେ ସମ୍ପାଦକଙ୍କ ମନମୁଖି କାର୍ଯ୍ୟକଳାପ ପାଇଁ ବହୁ ଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହୋଇ ଧାରକରଜ କରି ଚାଷ କରିଥିଲେ। ଧାର ଅର୍ଥ ଶୁଝିବାକୁ ଅମଳ ଧାନ ବାହାର ବେପାରୀଙ୍କୁ ବହୁ କମ୍ ମୂଲ୍ୟରେ ମପେଇ ଦେଉଛନ୍ତି। ଯାହାକୁ ନେଇ ସରକାରଙ୍କ କୃଷିନୀତି ଉପରେ ପ୍ରଶ୍ନ ଉଠି କୃଷକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ତେବେ ତୁରନ୍ତ ମଣ୍ଡି ଖୋଲିବା ନେଇ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଉଛି।

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାଶରଥି ସାହୁ, ଦୋଳଗୋବିନ୍ଦ ସାହୁ, ଅକ୍ରୁର ପଲାଇ, ଶିଶିର ଓଝା, କୃଷକ ନେତା ବିଜୟ ଦାସ, ପ୍ରକାଶ ମହାନ୍ତି ପ୍ରମୁଖ କହିଛନ୍ତି, ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ) ଜରିଆରେ ଚାଷୀମାନେ ଧାନ ସୁବିଧାରେ ବିକ୍ରି କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କରାଯାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୬ ଟି ପାକ୍ସ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ କାରଣରୁ ପଟ୍ଟାମୁଣ୍ଡାଇ ସମିତି ବନ୍ଦ ରହିଛି। ଅନ୍ୟ ପାକ୍ସରେ ଗଫଲତି, ଋଣ ଅଣଦାୟ ଇତ୍ୟାଦି ଚରମ ଅବହେଳାରେ ପଡିଛି। ଚଳିତବର୍ଷ ଧାନଚାଷ ଆରମ୍ଭରୁ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇ ପାରି ନ ଥିବା ଅଭିଯୋଗ ହୋଇଥିଲା। ତେଣୁ ଚାଷୀ ଧାରକରଜ କରି ଚାଷ କରିଥିଲେ। ଚାଷପାଇଁ ହେଉ କି ନିଜର ଆବଶ୍ୟକତାକୁ ପୂରଣ କରିବାକୁ ଓ ଧାର କରଜ ଶୁଝିବା ଚିନ୍ତାରେ ଚାଷୀ ବାଧ୍ୟ ହୋଇ କମ୍ ଦରରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବହୁ ସମବାୟ ସମିତି ସମ୍ପାଦକଙ୍କ ଅବହେଳାରୁ ବହୁ ଚାଷୀଙ୍କ ନାମ ତାଲିକାରେ ପଞ୍ଜୀକରଣ କରାଯାଇନାହିଁ। ଏ ନେଇ ଅନେକ ସମୟରେ ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଇନାହିଁ। ଏପରି କି ନକଲି ପଟ୍ଟା ଜରିଆରେ କୃଷି ଋଣ ଆବଣ୍ଟନ, ଧାନ ଟୋକନ ପ୍ରଦାନରେ ବି ପ୍ରିୟାପ୍ରୀତି ତୋଷଣ କରିଥିବା ସଂକ୍ରାନ୍ତରେ ପୂର୍ବରୁ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ତେବେ ସମ୍ପାଦକମାନେ ରାଜନୈତିକ ସମ୍ପର୍କ ବ୍ୟବହାରକରି ଚତୁରତାର ସହ ଦୁର୍ନୀତି କରିଚାଲିଛନ୍ତି। ଏଠାରେ ଥିବା ସମବାୟଗୁଡିକରେ ଦୁର୍ନୀତି ଦାଣ୍ଡରେ ପଡ଼ି ହାଟରେ ଗଡୁଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅପରପକ୍ଷେ ଏଯାଏ ଚଳିତ ଖରିଫ ବର୍ଷର ମଣ୍ଡି ଖୋଲିଲା ନାହିଁ। ତେବେ କେଉଁ କାରଣରୁ ଧାନମଣ୍ଡି ଖୋଲାଯାଇ ପାରିନାହିଁ ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଚାଷୀ ଅମଳ କରିଥିବା ଧାନ ଖଳା ଏବଂ ରାସ୍ତାକଡ଼ରେ ପଡ଼ିରହିଛି। ମାତ୍ର ବାହାର ବ୍ୟବସାୟୀ ସକ୍ରିୟ ହୋଇ ଚାଷୀମାନଙ୍କଠାରୁ ବହୁ କମ୍ ମୂଲ୍ୟରେ ଧାନ କିଣିବା ଆରମ୍ଭ କରିଛନ୍ତି। ଫଳରେ ମଣ୍ଡି ଉପରେ ଭରସା ନ କରି ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ବେପାରୀଙ୍କୁ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଟୋକନ ବ୍ୟବସ୍ଥାରୁ ଆସ୍ଥା ତୁଟିଗଲାଣି ବୋଲି ବହୁ ଚାଷୀ କହିଛନ୍ତି। ଜିଲା ଓ ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ବ୍ଲକ୍‌ରେ ତୁରନ୍ତ ମଣ୍ଡି ଖୋଲିବାକୁ ପଦକ୍ଷେପ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ନାଗରିକ କମିଟି ବୈଠକ

ଆସିକା,୧୪।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସୁନାମ୍ଧ ସାହିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ଅପରାହ୍ନରେ ଆସିକା ଏନ୍‌ଏସିର ଏକ ନାଗରିକ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଗଙ୍ଗାଧର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସିକା ପୌରାଞ୍ଚଳର ସମସ୍ତ ଅଧିବାସୀଙ୍କୁ ଭୂ-ବନ୍ଦୋବସ୍ତ ରାଜସ୍ୱ ରୟତି ପଟ୍ଟା ଯୋଗାଣରେ ଅହେତୁକ ବିଳମ୍ବ ଲାଗି ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ବୈଠକରେ ଏକ ନାଗରିକ କମିଟି ଗଠନ କରାଯାଇ ସଭାପତି ଭାବେ ଛବିଳରାମ ମିଶ୍ର, ସଂପାଦକ ଶକ୍ତି ପ୍ରସାଦ କର ଏବଂ ଉପଦେଷ୍ଟା ଭାବେ ସତ୍ୟନାରାୟଣ ରଥ, ବିନୋଦ ପାଣିଗ୍ରାହୀ, ନାରାୟଣ ମୁନି, ପ୍ରସନ୍ନ ତ୍ରିପାଠୀ, ନିରୋଜ କୁମାର ପାଢୀ, ଗଙ୍ଗାଧର ଶତପଥୀ ପ୍ରମୁଖଙ୍କୁ ମନୋନିତ କରାଯାଇଥିଲା । କମିଟି ପକ୍ଷରୁ ଏହି ଦାବି ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ଶୋଭାଯାତ୍ରାରେ ଯାଇ ଆସିକା ତହସିଲଦାରଙ୍କ ଜରିଆରେ ଜ୍ଲିପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ ଲାଗି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାଯାଇଛି ।

# ସହରରେ ଉନ୍ନୟନ କାର୍ଯ୍ୟ ପାଇଁ ହଟିବ ଜବରଦଖଲ

ପୁରୁଷୋତ୍ତମପୁର,୧୪।୧୨(ସବିତା ମିଶ୍ର)

**ପୁରୁଷୋତ୍ତମପୁର ଏନ୍‌ଏସି**
■ ଅନୁଧ୍ୟାନ କଲେ ନିର୍ବାହୀ ଅଧିକାରୀ



ଜବରଦଖଲରେ ରହିଥିବା ଜାଗାକୁ ଦେଖୁଛନ୍ତି ଅଧିକାରୀମାନେ।

ଅବହେଳିତ ହୋଇ ପଡ଼ିରହିଥିବା ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିର ବିକାଶ ଲାଗି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ ଅଣ୍ଟା ଭିଡ଼ିଛନ୍ତି। ସହର ମଧ୍ୟରେ ଓ ଚତୁଃପାର୍ଶ୍ୱରେ ରହିଥିବା ସରକାରୀ ଜାଗାକୁ କିଛି ବ୍ୟକ୍ତି ବେଆଇନ ଭାବରେ ଜବରଦଖଲ କରି ରଖିଥିବାରୁ ଉନ୍ନୟନ କାର୍ଯ୍ୟ ଲାଗି ସରକାର ଯୋଗାଇ ଦେଉଥିବା ଅନୁଦାନ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଦିନକୁ ଦିନ ସହର ବଢୁଥିବା ସାଙ୍ଗକୁ ଜାଗାର ଅଭାବ ଯୋଗୁ ବିକାଶମୂଳକ କାର୍ଯ୍ୟ ଆଗେଇ ନ ପାରିବାରୁ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଏନ୍‌ଏସିରେ ସ୍ଥାୟୀ କାର୍ଯ୍ୟାଳୟ ଗୃହଟି ନ ଥିବାରୁ କଲ୍ୟାଣ ମଣ୍ଡପରେ କାର୍ଯ୍ୟାଳୟଟି ଚାଲିଛି। ମାଛମାଂସ ବିକ୍ରି ଲାଗି ସ୍ଥାୟୀ ବଜାରଟିଏ ନ ଥିବାରୁ ମୁଖ୍ୟରାସ୍ତା ପାର୍ଶ୍ୱରେ ବ୍ୟବସାୟ ଚାଲିଛି। ଯାହାଦ୍ୱାରା ଟ୍ରାଫିକ୍ ସମସ୍ୟା ଦେଖାଦେଇ ବାରମ୍ବାର ଦୁର୍ଘଟଣା ଘଟୁଛି। ସହରର କାଳୀମନ୍ଦିର ଛକଠାରୁ କଲେଜ ଛକ ମଧ୍ୟରେ ଦୀର୍ଘ ୧ କିମି ରାସ୍ତା ଧରି ଶୌଚାଳୟ କି ପରିସ୍ରାଗାରଟିଏ ନ ଥିବାରୁ ଦୈନନ୍ଦିନ କାର୍ଯ୍ୟ ଲାଗି ବିଭିନ୍ନ ଅଞ୍ଚଳକୁ ଆସୁଥିବା ଲୋକେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏନ୍‌ଏସିର ନୂଆ ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ ପ୍ରତ୍ୟହ ସହରର ବିଭିନ୍ନ ସାହିବସ୍ତି ବୁଲି ଜବରଦଖଲ ହଟାଇ ଉନ୍ନୟନମୂଳକ ପାଇଁ ଜାଗା ଯୋଗାଇ ଦେବାକୁ ତହସିଲଦାର ଓ ସରକାରଙ୍କୁ ଜଣାଇ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଏହି ଜବରଦଖଲ ଜାଗାମାନକୁ ତହସିଲଦାର ବିନୋଦ ବେହେରାଙ୍କ ସହଯୋଗରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଓ ଜନପ୍ରତିନିଧିମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଜବରଦଖଲରେ ରହିଥିବା ଜାଗାମାନଙ୍କୁ ଯାଇ ଚିହ୍ନଟ କରିବା ସହ ଏନଏସିକୁ ହସ୍ତାନ୍ତର କରିବାକୁ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ଏଭଳି ପଦକ୍ଷେପକୁ ସହରବାସୀ ପ୍ରଶଂସା କରି ତୁରନ୍ତ ଜବରଦଖଲ ହଟାଇବାକୁ ଦାବି କରିଥିବା ବେଳେ ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପଶିଯାଇଛି।

# କୋଟଗଡ଼ ବନାଞ୍ଚଳରେ ହାତୀ ଆତଙ୍କ



ବାଲିଗୁଡ଼ା,୧୪।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

**କପା, ମୁଗ, ବିରି ଫସଲ ନଷ୍ଟ**

ବାଲିଗୁଡ଼ା ବନଖଣ୍ଡର କୋଟଗଡ଼ ଅଭୟାରଣ୍ୟରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ୨ଦିନ ଧରି କୋଟଗଡ଼ ବନାଞ୍ଚଳର ଲାସେରୀ ଓ ଦୁର୍ଗାପାଙ୍ଗା ସେକ୍ସନର କିଛି ଅଞ୍ଚଳରେ ୮ଟିକିଆ ହାତୀ ପଲ ଉତ୍ପାତ କରୁଛନ୍ତି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଅଞ୍ଚଳରୁ ହାତୀପଲ ଆସିଥିବା ବେଳେ କିଛି ଚାଷୀଙ୍କ କପା, ବିରି, ମୁଗ ଆଦି ଫସଲ ହାତୀପଲ ନଷ୍ଟ କରିଥିବା ସୂଚନା ମିଳିଛି। ସେପଟେ ହାତୀର ଗତିପଥ ଉପରେ ନଜର ରଖିବା ସହ ହାତୀ ଘଉଡ଼ାଇବାକୁ ବନ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ଅନ୍ୟପଟେ ବନବିଭାଗ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ସହ କ୍ଷୟକ୍ଷତିର ଆକଳନ କରୁଛି ।

## ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ଜି.ଉଦୟଗିରି,୧୪।୧୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାବାନାଜୁ ପ୍ରାଥମିକ ବିଦ୍ୟାଳୟଠାରେ ୧୨ ତାରିଖ ଠାରୁ ୨ ଦିନିଆ ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସାମଗ୍ରୀ ସହ ପାଠପଢ଼ା ସମୟରେ ଆକୃଷ୍ଟ କରିବା ଓ ପାଠ୍ୟ ବିଷୟକୁ ସହଜରେ ବୁଝି ପାରିବେ ତେଣୁ ଏପରି ଶିକ୍ଷଣ ସମାଗ୍ରୀ ପ୍ରସ୍ତୁତ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ଏବିଓ ମିହିର କାନ୍ତ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ.ମଧୁମିତା ପ୍ରଧାନ, ସହଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନ, ଶାନ୍ତନୁ ପ୍ରଧାନ, ଆଲୋକ ନାୟକ, ହନେସ ପ୍ରଧାନ, ରାଧେଶ୍ୟାମ ପ୍ରଧାନ, ରାଜକିଶୋର ପ୍ରଧାନ, ପ୍ରତିମା ସାହୁ, ଗାୟତ୍ରୀ ପାଣିଗ୍ରାହୀ, ନିର୍ମଳା ସେଠୀ, ଲିଶବେଥ ପ୍ରଧାନ, ଜସଦା ପ୍ରଧାନ, ଶାଶ୍ୱତୀ ଶ୍ୱେତପଦ୍ମା ବେହେରା, ଚିନ୍ମୟୀ ନାୟକ, ନରହରି ଜେନା, ସିଆରସିସି ରଞ୍ଜିତ ପାଢ଼ୀ, ରଞ୍ଜିତ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

# ବନ୍ଧୁମିଳନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ




ବନ୍ଧୁ ମିଳନ ଉତ୍ସବରେ ସହପାଠୀମାନେ।

**ରଘୁନାଥ ବିଦ୍ୟାପୀଠ ଓଡ଼ଗାଁ ୧୯୮୩ ମାଟ୍ରିକ୍ ବ୍ୟାଚଙ୍କ ବନ୍ଧୁମିଳନ**

ଓଡ଼ଗାଁ, ୧୪।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ ୧୯୮୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ୧୬ତମ ବନ୍ଧୁ ମିଳନ ଉତ୍ସବ ଓଡ଼ଗାଁ ସନ୍ନିକଟ ଦୁତିକେଶ୍ୱର ମହାଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ନୟାଗଡ଼ ଏବଂ ଗଞ୍ଜାମ ଜିଲାରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ସାଥୀ ସାମିଲ ହୋଇଥିଲେ। ସମସ୍ତଙ୍କ ମଙ୍ଗଳ ମନାସି ବାବା ଦୁତିକେଶ୍ୱର ମହାଦେବଙ୍କ ସମୀପରେ ପୂଜାର୍ଚ୍ଚନା ପୂର୍ବକ ଦିବଂଗତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସାଥୀମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ସେନା କର୍ମଚାରୀ ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ନିଜେ ନିଜକୁ ଚିହ୍ନିବା ଏବଂ ଅନ୍ୟକୁ ଜାଣିବାର ବାସ୍ତବତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ବନ୍ଧୁମିଳନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ। ସେହିପରି ସୁଖ ଓ ଦୁଃଖ ଉଭୟ ସ୍ଥିତିରେ ସହପାଠୀମାନେ ସେମାନଙ୍କ ଭାବ ବିତରଣ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ୟାଚ୍‌ମେଟ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁମିଳନ ସଭାରେ, ଭେଷଜ ବିତରକ ନିର୍ଦ୍ଦେଶକ ପ୍ରଦୀପ କୁମାର ପାଣିଗ୍ରାହୀ, ଆଇନଜୀବୀ କିଶୋର ଚନ୍ଦ୍ର ସାହୁ, ଡା.ଉପେନ୍ଦ୍ର ଗନ୍ତାୟତ, ବାଲୁକା ଶିଳ୍ପୀ ସୁବଳ ମହାରଣା, ହରପ୍ରସାଦ ମହାପାତ୍ର, ରଘୁନାଥ ଦାଶ, ଦିଲୀପ କୁମାର ହୋତା, ଅଜିତ ପାଣିଗ୍ରାହୀ, କୈଳାସ ପାଣିଗ୍ରାହୀ, କୀର୍ତ୍ତନ ଯେନା, ବାବାଜୀ ପରିଡ଼ା, ଭାଗୀରଥି ସେଠୀ, କିଶୋର ଚନ୍ଦ୍ର ସାହୁ, ଦାଶରଥି ପଣ୍ଡା ପ୍ରମୁଖ ସେମାନଙ୍କ ଅନୁଭୂତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅବସର ନେଇଥିବା ସହପାଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରମୋଦ ପାତ୍ର ଏବଂ ମୀନକେତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## ଭାଗବତ ଟୁଙ୍ଗି ସଂଘର ସାଧାରଣ ବୈଠକ

ପାତ୍ରପୁର,୧୪।୧୨(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ୍ ତଣ୍ଡିପୁର ପଞ୍ଚାୟତ ପଣସଖୋଲ ଠାରେ ଭାଗବତ ଟୁଙ୍ଗି ପୁନଃ ଉଦ୍ଧାର ଓ ସଂରକ୍ଷଣ ସଂଘ ପକ୍ଷରୁ ଅନ୍ତର୍ଯ୍ୟାମୀ ଚୌଧୁରୀଙ୍କ ସଭାପତିତ୍ୱରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ମୂରଲୀ ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ପ୍ରବଚକ ନରସିଂହ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ଚାରଣ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ମାଧବ ବାଡତ୍ୟା ବୈଠକର ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ସରକାରୀ ସହାୟତା ପାଇଥିବା ଭାଗବତ ଟୁଙ୍ଗୀର ଅର୍ଥରାଶି କିପରି ଉଠାଣ କରି ଉନ୍ନତିକରଣରେ ଲଗାଯିବ ସେନେଇ ଆଲୋଚନା କରାଯାଇଥିଲା। ସମସ୍ତ କର୍ମକର୍ତ୍ତାଙ୍କୁ ଡ଼କାଇ ଆଗାମୀ ବୈଠକରେ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ବାଦପୁରର ଶିକ୍ଷାବିତ୍ ମାଧବ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଠଗାଁ ଟୁଙ୍ଗୀ ସଭାପତି ଟୁଟୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଟୁନା ପ୍ରଧାନ, ପ୍ରଦ୍ୟୁମ୍ନ ଦାସ, ଆପନା ପ୍ରଧାନ, ପ୍ରଦୀପ ପ୍ରଧାନ, ଶଙ୍କର ବିଷୋୟୀ, ଭୀମସେନ ମୂଳି ଓ ନାରାୟଣ ପ୍ରଧାନଙ୍କ ସମେତ ଅନେକ ଭାଗବତ ପ୍ରେମୀ ଯୋଗ ଦେଇଥିଲେ।

# ମିଟୁଙ୍କୁ ସ୍ୱାବଲମ୍ବୀ କରିଛି ପର୍ଯ୍ୟଟନକ୍ଷେତ୍ର

ଦାରିଙ୍ଗବାଡ଼ି,୧୪।୧୨ (ଅରୁଣ ସାହୁ)



ପର୍ଯ୍ୟଟକ ଆସିଲେ ଅଞ୍ଚଳର ବିକାଶ ସାଙ୍ଗକୁ ଅନେକ ବେରୋଜଗାରିଙ୍କୁ ରୋଜଗାର ମିଳୁଛି। ସ୍ଥାନୀୟ ଯୁବତୀଯୁବକ ଓ ଅନ୍ୟମାନେ କାହାରି ଉପରେ ନିର୍ଭରଶୀଳ ନ ହୋଇ ନିଜେ ରୋଜଗାରର ବାଟ ବାହାର କରି ସ୍ୱାବଲମ୍ବୀ ହୋଇପାରୁଛନ୍ତି । କିଏ ସ୍ୱଳ୍ପ ଧନରେ ବ୍ୟବସାୟୀ ଆରମ୍ଭ କରୁଛି ତୋ ଆଉ କିଏ ଜିରୋରୁ ହିରୋ ହେବା ପର୍ଯ୍ୟନ୍ତ ପରିଶ୍ରମ କରୁଛି। ପର୍ଯ୍ୟଟନକ୍ଷେତ୍ର ସମ୍ମୁଖରେ ଯିଏ ଯାହା ବ୍ୟବସାୟ କରୁଛନ୍ତି ସେମାନଙ୍କ ଭାଗ୍ୟରେ ପରିବର୍ତ୍ତନ ହେଉଛି। ସ୍ୱାବଲମ୍ବୀ ହେବାର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି। ବିଶେଷ କରି ଉଚ୍ଚ ଶିକ୍ଷିତ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଯୁବପିଢ଼ି ସରକାର କିମ୍ବା ଅନ୍ୟ କାହାରି ଉପରେ ନିର୍ଭର ନ କରି ନିଜେ ବ୍ୟବସାୟୀ କରି ପରିବାର ଚଳାଉଛନ୍ତି। ଏବେ ଦାରିଙ୍ଗବାଡ଼ି ବ୍ଲକ୍ ବାଡ଼ାବାଙ୍ଗା ପଞ୍ଚାୟତ ଶିକକେଟା ଗ୍ରାମରେ ମିଟୁ ପ୍ରଧାନ ଜଣେ ଉଚ୍ଚ ଶିକ୍ଷିତ ତଥା ସ୍ନାତକ କରିଥିବା ଯୁବକ ପର୍ଯ୍ୟଟନକ୍ଷେତ୍ର ଡୁଲୁରୀ ପାଇନ ବଣ ସମ୍ମୁଖରେ ନିଜ ଛୋଟ ବ୍ୟବସାୟ ଆରମ୍ଭ କରିଛନ୍ତି। ସେ ତାଙ୍କ ଗ୍ରାମରୁ ଦୈନିକ ୩୦ କି.ମି.ଦୂର ଦାରିଙ୍ଗବାଡ଼ିକୁ ଆସି ଏହି ବ୍ୟବସାୟ ସକାଳ ଠାରୁ ଅପରାହ୍ନ ପର୍ଯ୍ୟନ୍ତ କରୁଛନ୍ତି। ସେ ଜଣେ ମେଳାପି ଓ ଦାରିଙ୍ଗବାଡ଼ି ଅନ୍ତରଙ୍ଗ ଯୁବ ମହାସଙ୍ଘରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରି ଅଞ୍ଚଳରେ ଅନେକ ଲୋକଙ୍କୁ ସାହାଯ୍ୟ କରିଆସୁଥିବା ବେଳେ ତାଙ୍କର ଏହି ଛୋଟ ବ୍ୟବସାୟରୁ ଭବିଷ୍ୟତ ଗଢୁଥିବାରୁ ଶିକ୍ଷିତ ଯୁବକଙ୍କ ଏହି କାର୍ଯ୍ୟକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମିଟୁଙ୍କୁ ଉତ୍ସାହିତ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛାର ବାର୍ତ୍ତା ମିଳୁଛି। ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଅନ୍ତରଙ୍ଗ ଯୁବ ମହାସଙ୍ଘର କର୍ମକର୍ତ୍ତା ଧନେଶ୍ୱର ସାହୁ, ଦିଲୀପ ସାହୁ ପ୍ରମୁଖ ସମସ୍ତେ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ରାମାନୁଜନ କ୍ଲବ ପକ୍ଷରୁ ଗଣିତ ପ୍ରତିଯୋଗିତା

ପାରଳାଖେମୁଣ୍ଡି,୧୪।୧୨(ଗିରିଧାରୀ ପରିଛା)

ଆସନ୍ତା ୨୨ ତାରିଖରେ ଜାତୀୟ ଗଣିତ ଦିବସ ପାଳନ ପରିପ୍ରେକ୍ଷୀରେ ତଥା ପିଲାଙ୍କ ମଧ୍ୟରେ ଗଣିତ ବିଷୟ ପ୍ରତି ରୁଚି ବୃଦ୍ଧି କରିବା ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ରାମାନୁଜନ ଗଣିତ କ୍ଲବ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣିତ ପ୍ରତିଯୋଗିତା ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରାମ ଶଙ୍କର ଗନ୍ତାୟତଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଏହାର ଶୁଭାରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ୧୪୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାମାନୁଜନ ମ୍ୟାଥମ୍ୟାଟିକ୍ସ କ୍ଲବର ସଦସ୍ୟ ସଦସ୍ୟା ତଥା ଜିଲ୍ଲାର ଗଣିତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ମନୋଜ କୁମାର ପଣ୍ଡା,ହରିନାଥ ପାତ୍ର,ରମାକାନ୍ତ ପଟ୍ଟନାୟକ, ଆନନ୍ଦ ଶତପଥୀ,ଭବାନୀ ଶଙ୍କର ପଟ୍ଟଯୋଶୀ, ରାମ ଚନ୍ଦ୍ର ମିଶ୍ର,ବବିତା ପୁରୋହିତ, ବିନୋଦିନୀ ପାଣିଗ୍ରାହୀ, ଶ୍ରୀଧର ମିଶ୍ର, ସୁଜ୍ଞାନ ବ୍ରହ୍ମା,ରବି ଚୌଧୁରୀ, ଦ୍ୟୁତିକୃଷ୍ଣ ବେହେରା, ରମାକାନ୍ତ ହୋତା, ପୁରୁଷୋତ୍ତମ ବେହେରା, ନରେଶ ପ୍ରଧାନ, ଶ୍ରଦ୍ଧାମୟୀ ପାଢ଼ୀ, ଦେବୀପ୍ରସାଦ ପଟ୍ଟନାୟକ ଓ ବିଭିନ୍ନ ବିଦ୍ୟାଳୟର ଗାଇଡ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ମୂଲ୍ୟାଙ୍କନ ପରେ କୃତି ପ୍ରତିଯୋଗୀଙ୍କୁ ଜାତୀୟ ଗଣିତ ଦିବସରେ ପୁରସ୍କୃତ କରାଯିବ।



ପ୍ରତିଯୋଗିତାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ।

ଛତ୍ରପୁର,୧୪।୧୨(ଦିଲୀପ ସାମଲ)

ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖାର ବୈଠକ ରବିବାର ସଭାପତି ସୁରେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମ୍ପାଦକ ସୋମନାଥ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, ଉପସଭାପତି ଡ଼ଃ ପ୍ରଶାନ୍ତ କୁମାର ଶତପଥୀ, କୋଷାଧ୍ୟକ୍ଷ ଜି. ପାପା ରାଓ, ସମୀକ୍ଷକ ଦଣ୍ଡପାଣି ରାଉଳ ଉପସ୍ଥିତ ରହି ନିଜ ଅଭିଭାଷଣରେ ସମାଜ ପ୍ରତି ଅବସରପ୍ରାପ୍ତ କର୍ମଚାରୀ ସଂଘର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଜି. କ୍ରିଷ୍ଣାରାଓଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ଛତ୍ରପୁର ରେଳ ଷ୍ଟେଶନର ର୍ୟାମ୍ପ ଆଧୁନିକିକରଣ ନାମରେ ବହୁଦିନ ହେଲା ଭଙ୍ଗା ଯାଇଥିବାରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ରେଳରେ ଯିବା ଆସିବା ପାଇଁ ଅସୁବିଧା ହେଉଥିବା ବହୁ ସଦସ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତୁରନ୍ତ ସୁଧାର ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଅବଗତି ନିମନ୍ତେ ନିଷ୍ପତ୍ତି ନିଆଗଲା। ବୈଠକରେ ନିରଞ୍ଜନ ତ୍ରିପାଠୀ, ଅଶ୍ୱିନୀ କୁମାର ଚୌଧୁରୀ,ଜି. ସେସୁ ରେଡ୍ଡୀ, କାସିରାମ ସାହୁ, ସୂର୍ଯ୍ୟ ନାରାୟଣ ଦାସ, ଏ. ବିଶ୍ୱମ୍ଭର, ପ୍ରକାଶ ଚନ୍ଦ୍ର ଦାସ, ପ୍ରଦୀପ ପଣ୍ଡା, କେ. ହୃଷିକେଶ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ



ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।

କବିସୂର୍ଯ୍ୟନଗର,୧୪।୧୨ (କୃପାସିନ୍ଧୁ ସ୍ୱାଇଁ)

ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ପୁଣ୍ୟ ୧୩୮ ତମ ଜନ୍ମ ଉତ୍ସବ ସ୍ଥାନୀୟ ମିନି ଷ୍ଟାଡିୟମ ପଡିଆଠାରେ ରବିବାର ଦିନ ପାଳିତ ହୋଇଛି। ଅଞ୍ଚଳର ଶତାଧିକ ସତସଙ୍ଗ କର୍ମୀ ଏକତ୍ରିତ ହୋଇ ଅନୁକୂଳଚନ୍ଦ୍ରଙ୍କର ଜନ୍ମ ପାଳନ କରିଥିଲେ। ଏହି ମହାପୂଣ୍ୟ ମହୋତ୍ସବରେ ହଜାର ଭକ୍ତ ଦିବ୍ୟ ଭାବାଦର୍ଶରେ ଅନୁପ୍ରାଣିତ ହୋଥିଲେ। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକି, ଉଷାକୀର୍ତ୍ତନ, ପ୍ରାର୍ଥନା ଓ ସଦଗ୍ରନ୍ଥ ପାଠ କରାଯାଇଥିଲା। ପୂର୍ବାହ୍ନରେ ସୁସଜ୍ଜିତ ଗାଡ଼ିରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଫୋଟଚିତ୍ର ସହ ନଗର କୀର୍ତ୍ତନ କରିଥିଲେ । ଏହି ସଭାରେ ବ୍ରହ୍ମପୁର ସହ ପ୍ରତିନିଧି ବନମାଳୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏହାସହ ବିନୟ ବିଶ୍ୱାଳ ଓ ଯାଜକ ରାଜେନ୍ଦ୍ର ରଥ ପରିଚାଳନାରେ ସହଯୋଗ କରିଥିଲେ।

# ଚୁକ୍ତି ଖିଲାପକାରୀଙ୍କ କବ୍‌ଜାରେ ଫୁଲବାଣୀ ପଣ୍ୟାଗାର ଗୋଦାମ ଗୃହ

ଫୁଲବାଣୀ, ୧୪।୧୨(ରାକେଶ କୁମାର ରାଉତ)

■ ଭିତରେ ଟାଇଲ ରଖିଛନ୍ତି, କାରୁକାର୍ଯ୍ୟ କରିଛନ୍ତି
■ ଫୁଲବାଣୀ-ଭୁବନେଶ୍ୱର ରାଜପଥ ପାର୍ଶ୍ୱକୁ ମଧ ମାଡିବସି ବେପାର କରୁଛନ୍ତି
■ ଆମର ଜଣେ ଜୋନାଲ ମ୍ୟାନେଜର ଯାଇ ତଦନ୍ତ କରିବେ: ସିଜେଏମ୍




ଫୁଲବାଣୀ ପଣ୍ୟାଗାର (ୱେୟାର ହାଉସ) ଏବେ ଜଣେ ଚୁକ୍ତି ଖିଲାପକାରୀ ବ୍ୟବସାୟୀଙ୍କ କବ୍‌ଜାକୁ ଚାଲିଯାଇଛି । ରାଜ୍ୟ ପଣ୍ୟାଗାର ନିଗମ ତାଙ୍କୁ ବାରମ୍ବାର ଚିଠି କରୁଛି । ହେଲେ କିଛି ଫରକ ପଡୁନି । ସମୟ ସୀମା ଅତିକ୍ରାନ୍ତ ହେଲା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । କେବଳ ସେତିକି ନୁହେଁ, ବ୍ୟବସାୟୀ ଜଣକ ପଣ୍ୟାଗାର ପରିସର ଏବଂ ଫୁଲବାଣୀ-ଭୁବନେଶ୍ୱର ରାଜପଥ ପାର୍ଶ୍ୱକୁ ମଧ ଅକ୍ତିଆର କରିଛନ୍ତି । ସେଠାରେ ବିଭିନ୍ନ ପ୍ରକାର ଟାଇଲ, ତାର ଜାଲି ରଖି ବ୍ୟବସାୟ କରୁଛନ୍ତି । ନିୟମ ଅନୁସାରେ ଗୋଦାମ ଗୃହରେ କୌଣସି ପ୍ରକାର ବ୍ୟବସାୟ ହେବା କଥା ନୁହେଁ । କିନ୍ତୁ ଏଠାରେ ସମ୍ପୃକ୍ତ ବ୍ୟବସାୟୀ ଜଣକ ଗୋଦାମ ଗୃହରେ ରିଟେଲ ସେଲ କରୁଛନ୍ତି ।

କିଛି ବର୍ଷ ହେବ ଫୁଲବାଣୀ ପଣ୍ୟାଗାରର କିଛି ଗୋଦାମ ଗୃହ ଖାଲି ଥିଲା । ଟିଡିସିସି ପକ୍ଷରୁ ଗୋଟିଏ ୨ଟି ଗୃହରେ ମାଣ୍ଡିଆ ରଖା ଯାଉଥିଲା । ବାକି ଖାଲି ପଡିଥିବା ଗୋଦାମ ଗୃହକୁ କିଛି ବ୍ୟବସାୟୀ ନେଇ ସେମାନଙ୍କ ସାମଗ୍ରୀ ରଖୁଛନ୍ତି । ମାତ୍ର ଜଣେ ବ୍ୟବସାୟୀ ଏହି ଗୋଦାମ ଗୃହରେ କାରୁକାର୍ଯ୍ୟ କରି ଏକ ଟାଇଲ ଶୋରୁମ କରିଛନ୍ତି । ଗେଟ ବାହାରେ ଏଠାରେ ଟାଇଲ ମିଳେ ବୋଲି ଲୁହା ହୋଡିଂ ମାରିଛନ୍ତି । ଯେତେବେଳ ଗୋଦାମ ଗୃହ ଭଡାରେପ୍ରେଦାନ କରାଯାଉଥିଲା, ସେତେବେଳେ ଗୋଦାମ ଭିତରେ ସାମଗ୍ରୀ ରଖିବା ଛଡା କୌଣସି କାର୍ଯ୍ୟ କରାଯିବାକୁ ଅନୁମତି ମିଳି ନ ଥିଲା। ଅଥଚ ସମ୍ପୃକ୍ତ ବ୍ୟବସାୟୀ ଭିତରେ ଶୋରୁମ କଲେ ଏବଂ ସେଠାରେ ଅଫିସ ଖୋଲି ଖୋଲାରେ ବ୍ୟବସାୟ ଆରମ୍ଭ କଲେ।

ଏହା ଜଣାପଡିବା ପରେ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା । ରାଜ୍ୟ ପଣ୍ୟାଗାର ନିଗମରୁ କିଛି ଅଧିକାରୀ ଆସି ତାଗିଦ୍ କରିବା ସହ ତୁରନ୍ତ ଏହାକୁ ଭାଙ୍ଗିବା ପାଇଁ କହିଥିଲେ । ହେଲେ ବ୍ୟବସାୟୀ ମାନି ନ ଥିଲେ । ଏ ନେଇ ବିଭାଗ ପକ୍ଷରୁ ଗତ ମାସରେ ବ୍ୟବସାୟୀଙ୍କୁ ଚିଠି କରା ଯାଇଥିଲା। ଚୁକ୍ତି ଅନୁସାରେ କୌଣସି କାର୍ଯ୍ୟ ହୋଇନାହିଁ। ବେଆଇନ ହୋଡିଂ ଲାଗିଛି । ଗୋଦାମ ଗୃହ ଭିତରେ ବେଆଇନ ଭାବେ ସାଜସଜା ହୋଇଛି । ମୁଖ୍ୟ ଗେଟରେ କମ୍ପାନୀ ନାଁ ଲେଖାଯାଇଛି । ଯାହା ଆମ ପାଖରୁ ଅନୁମତି ପ୍ରଦାନ କରାଯାଇନାହିଁ । ଏହା ଚୁକ୍ତିନାମାକୁ ଉଲ୍ଲଂଘନ କରୁଛି । ତୁରନ୍ତ ଶୋରୁମ ଭାଙ୍ଗି ଗୋଦାମ ଗୃହ ଯେଉଁଭଳି ଅବସ୍ଥାରେ ଥିଲା ୭ ଦିନ ମଧ୍ୟରେ ସେପରି କରିବାକୁ ନିର୍ଦ୍ଦେଶ ହୋଇଛି । ୭ ଦିନ ମଧ୍ୟରେ ଏହା ନ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମ୍ପୃକ୍ତ ବ୍ୟବସାୟୀଙ୍କୁ କୁହାଯାଇଛି । ଇତି ମଧ୍ୟରେ ୭ ଦିନ ବିତି ଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅନ୍ୟପକ୍ଷରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଚୁକ୍ତି ସମୟସୀମା ଇତି ମଧ୍ୟରେ ଶେଷ ହୋଇଯାଇଛି । ଏ ନେଇ ସିଜିଏମ୍ (ମୁଖ୍ୟ ସାଧାରଣ ପରିଚାଳକ) ତୃପ୍ତି କଲ୍ୟାଣ ସେଠୀଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ବ୍ୟବସାୟୀଙ୍କୁ ଚିଠି କରାଯାଇଥିଲା । ସେ ଆମ ପାଖରୁ ତାହାର ଉତ୍ତର ଦେଇଛନ୍ତି । ପ୍ରକୃତରେ କଣ ଭଙ୍ଗା ଯାଇଛି ତାହା ଆମେ ଦେଖିନୁ । ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବାକୁ ଆମର ଜଣେ ଜୋନାଲ ମ୍ୟାନେଜର ଯିବେ । ସେ ଆସି ରିପୋର୍ଟ ଦେବା ପରେ ଉପରିସ୍ଥ ଅଧିକାରୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେଠୀ କହିଛନ୍ତି ।

# ଛତ୍ରପୁର ସଙ୍କୁଳ କ୍ରୀଡ଼ା ଉଦ୍‌ଘାଟିତ

ଛତ୍ରପୁର,୧୪।୧୨(ଦିଲୀପ ସାମଲ)

ଛତ୍ରପୁର ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଛତ୍ରପୁର ସଙ୍କୁଳ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ସଂକୁଳ ପ୍ରମୁଖ ଡ. ଜେ କୁର୍ମାରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଛତ୍ରପୁର ବିଜ୍ଞାନ କଲେଜ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ସଂକୁଳ ସଂଯୋଜକ ରବୀନ୍ଦ୍ର ନାଥ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଛତ୍ରପୁର ବିଜ୍ଞାନ କଲେଜ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ପ୍ରଭାକର ପାଢୀ ଏବଂ ସ୍ଥାନୀୟ ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ସିମାଞ୍ଚଳ ପାତ୍ର, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ଛତ୍ରପୁର ସଂକୁଳର ୬ଟି ବିଦ୍ୟାଳୟ ଯଥା ରମ୍ଭା, ନରେନ୍ଦ୍ରପୁର, ଭଞ୍ଜବିହାର, ଗୋପାଳପୁର, ଛତ୍ରପୁର ଓ ଗଞ୍ଜାମ ଶିଶୁ ବିଦ୍ୟାମନ୍ଦିରର ୧୬୦ଜଣ କ୍ରୀଡା ପ୍ରତିଭାଗୀମାନଙ୍କ ସହିତ ସମସ୍ତ ପ୍ରଧାନାଚାର୍ଯ୍ୟ ଓ ଆଚାର୍ଯ୍ୟା, ଆଚାର୍ଯ୍ୟ ନରେନ୍ଦ୍ରପୁର ପ୍ରଧାନ ଆଚାର୍ଯ୍ୟ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# କଟାମୁଣ୍ଡ: ମାଲକାନଗିରିରୁ ବିଧାନସଭା ହଇଚଇ



ବର୍ଷ ଶେଷବେଳକୁ ଜଣେ ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ମାଲକାନଗିରି ଜିଲାଠୁ ଆରମ୍ଭକରି ବିଧାନସଭା ପର୍ଯ୍ୟନ୍ତ ହୁଲସ୍ଥୂଲ ହୋଇଥିଲା। କଟାମୁଣ୍ଡ ପାଇଁ ପ୍ରତିଶୋଧ ନିଆଁରେ ଜଳିଥିଲା ମାଲକାନଗିରି ଜିଲା। ଡିସେମ୍ବର ୪ ତାରିଖରେ କୋରୁକୋଣ୍ଡା ଥାନା ଅନ୍ତର୍ଗତ ପୋଟେରୁ ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ସମଗ୍ର ଜିଲା ଅଶାନ୍ତ ହୋଇପଡ଼ିଥିଲା। କଟାମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ହଜାର ହଜାର ଆଦିବାସୀ ଏକଜୁଟ ହୋଇ ଏମ୍‌ଭି-୨୬ ଗାଁକୁ ସମ୍ପୂର୍ଣ୍ଣ ଜାଳିଦେଇଥିଲେ। ହିଂସା ବ୍ୟାପିବା ଆଶଙ୍କାରେ ସମଗ୍ର ଜିଲାରେ ୪ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଡିଜିଙ୍କଠାରୁ ଆରମ୍ଭକରି ସମଗ୍ର ଜିଲା ପ୍ରଶାସନ ସେଠାରେ ଡେରା ପକାଇଥିଲେ। ଘଟଣାର ୬ ଦିନ ପରେ ଡିସେମ୍ବର ୧୦ ତାରିଖ ସକାଳେ ପୋଟେରୁ ନଦୀର ନାମକୋଣ୍ଡା ଘାଟରୁ ମହିଳାଙ୍କ କଟାମୁଣ୍ଡକୁ ଉଦ୍ଧାର କରାଯାଇଥିଲା। ଏହାର ଦିନକ ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଶାନ୍ତି କମିଟି ବୈଠକରେ ଆଦିବାସୀ ମହାସଂଘ ଏବଂ ବଙ୍ଗାଳୀ ସମାଜ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ବିଧାନସଭା ଶୂନ୍ୟକାଳରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଡେପୁଟି ରେଞ୍ଜରଙ୍କ ଘରୁ ବାହାରିଲା ନଗଦ ଦେଢ଼ କୋଟି ଟଙ୍କା

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗକରି ଘରେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା ଠୁଳ କରିବା ସହ ସିକ୍ରେଟ୍ ଚାମ୍ବରରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଚାଇ ରଖିଥିବାରୁ କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍‌ଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଥିଲା।



୫ ମାସରେ ଚାକିରିରୁ ଅବସର ନେବା ପୂର୍ବରୁ ଭିଜିଲାନ୍ସ ହାତରେ ସେ ଧରାପଡ଼ିଥିଲେ। ଠାବହୋଇଥିବା ବିପୁଳ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୫୦୧ ପ୍ରତିଶତ ଅଧିକ ଥିଲା। ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ରାମଚନ୍ଦ୍ରଙ୍କ ଭୁବନେଶ୍ୱର ଓ ଜୟପୁରର ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ରାମଚନ୍ଦ୍ରଙ୍କ ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ଏକ ୩ ମହଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଥିଲା। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା, ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଥିଲା। ସେହିପରି ଜୟପୁର ଟାଉନ୍‌ରେ ୨ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିଲା।

ବିଦାୟ ନେବାକୁ ଯାଉଛି ୨୦୨୫। ବିଦାୟୀ ବର୍ଷ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ଅନ୍ଧବିଶ୍ୱାସ ଏବଂ ହିଂସାର ଛାପ ଛାଡ଼ିଯାଉଛି। ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ମାଲକାନଗିରି ଜିଲାର ଏମ୍‌ଭି-୨୬ ଗାଁରେ ହିଂସାର ନିଆଁ ଦେଖିବାକୁ ମିଳିଥିଲା। ଏହି କଟାମୁଣ୍ଡକୁ ନେଇ ମାଲକାନଗିରିରୁ ବିଧାନସଭା ଯାଏ ହଇଚଇ ସୃଷ୍ଟି ହୋଇଛି। ବର୍ଷ ଆରମ୍ଭରେ ଅନ୍ଧବିଶ୍ୱାସରେ ମାସକର ଶିଶୁ ଦେହରେ ଦିଆଯାଇଥିଲା ୪୦ ଚେଙ୍କା। ଆଦିବାସୀ ପରମ୍ପରା ନାଁରେ ପ୍ରେମୀ ଯୁଗଳଙ୍କୁ ଦିଆଯାଇଥିଲା ବଳଦଦଣ୍ଡ। ଏହି ବିଦାୟୀ ବର୍ଷରେ ପିନାକୀ ମିଶ୍ର ଓ ଅନୁଭବ ମହାନ୍ତିଙ୍କ ଭଳି ରାଜନେତା ସେମାନଙ୍କ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ବେଳେ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ୫୦ ବର୍ଷ ବୟସରେ ବିବାହ କରିଥିଲେ। ସେହିଭଳି କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଏହି ବର୍ଷ ତେଲୁଗୁ ସିନେ ନିର୍ମାତାଙ୍କୁ ଜିଲାକୁ ଟାଣି ଆଣିଥିଲା।

## ଦୁର୍ଦ୍ଦାନ୍ତ ମାଓବାଦୀ ନେତା ହିଡ଼ିମା ନିହତ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଓ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମ ରାଜୁ ଜିଲାରେ ଏନ୍‌କାଉଣ୍ଟରରେ କୁଖ୍ୟାତ ମାଓବାଦୀ ନେତା ମାଡଭି ହିଡ଼ିମା ଓ ତାଙ୍କ ସ୍ତ୍ରୀ ରାଜେ ଓରଫ୍ ରାଜାକ୍କା ନିହତ ହୋଇଥିଲେ। ୨୦୧୩ ଦରଭା ଉପତ୍ୟକା ହତ୍ୟାକାଣ୍ଡ ଓ ୨୦୧୭ ସୁକ୍‌ମା ଆକ୍ରମଣ ସମେତ ୨୬ଟି ଘାତକ ଆକ୍ରମଣ ପାଇଁ ଦାୟୀ ହିଡ଼ିମା ଦୀର୍ଘ ସମୟ ଧରି ସୁରକ୍ଷା ବାହିନୀର ନଜରରେ ଥିଲେ। ହିଡ଼ିମା ଓ ତାଙ୍କ ସ୍ତ୍ରୀ ରାଜେ ମାଓବାଦୀ ସଂଗଠନ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ହିଡ଼ିମାଙ୍କ ଉପରେ ଛତିଶଗଡ଼ ସରକାର ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହି ଏନ୍‌କାଉଣ୍ଟରରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଆଉ ୨ ଟପ୍ ମାଓବାଦୀ ଚେଲୁରି ନାରାୟଣ ଓରଫ ସୁରେଶ ଓ ଶଙ୍କର ଆନ୍ନା ମଧ୍ୟ ପ୍ରାଣ ହରାଇଥିଲେ। ସୁରକ୍ଷା କର୍ମୀଙ୍କ ଲଗାତର ସର୍ଚ୍ଚ ଅପରେଶନ ଓ ଏନ୍‌କାଉଣ୍ଟର ମାଓ ସଂଗଠନର ମୂଳଦୁଆକୁ ଦୋହଲାଇ ଦେଇଥିଲା। ହିଡ଼ିମା ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ମାଓବାଦୀମାନେ ଭୟଭୀତ ହୋଇ ଆତ୍ମସମର୍ପଣକରି ମୁଖ୍ୟ ସ୍ରୋତରେ ସାମିଲ ହୋଇଥିଲେ।





## ଚେଙ୍କ ବର୍ବରତା

ନବରଙ୍ଗପୁରର କେତେକ ଅଞ୍ଚଳରେ ପୁଣି ଅନ୍ଧବିଶ୍ୱାସ ନାଁରେ ଚେଙ୍କ ଚିକିତ୍ସା ବର୍ବରତା ଦେଖିବାକୁ ମିଳିଥିଲା। ମାର୍ଚ୍ଚ ମାସରେ ଚନ୍ଦାହାଣ୍ଡି ବ୍ଲକ୍ ପୁଣ୍ଡେଲଗୁଡ଼ା ଗାଁରେ ମାସକର ଶିଶୁକୁ ୪୦ ଚେଙ୍କ ଦିଆଯାଇଥିଲା। ପିଲାଟି ନ କାନ୍ଦିବାରୁ ପରିବାର ଲୋକେ ପିଲାଟିର ପେଟରେ ଚେଙ୍କ ଦେଇଥିଲେ। ଏହାକୁ ନେଇ ସେତେବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହାର ୨ ଦିନ ପରେ ରାଇଘର ବ୍ଲକ ଚଢ଼େଇପାରା ଗ୍ରାମର ୬ ବର୍ଷର ଝିଅ ପେଟରେ ୬୦ରୁ ଊର୍ଦ୍ଧ୍ୱ ଚେଙ୍କ ଦିଆଯାଇଥିଲା। ଝିଅଟିର ପେଟ ବ୍ୟଥା ହେଉଥିବାରୁ ଦିଶାରୀଙ୍କ ପାଖରେ ୬୦ଟି ଚେଙ୍କ ଦିଆଯାଇଥିଲା। ଏହି ଘଟଣାରେ ତାଙ୍କ ଆଈଙ୍କୁ ଗିରଫ କରାଯାଇଥିଲା।

## ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ହତ୍ୟା



ଉତ୍ତରାଖଣ୍ଡର ଲାଲପୁରସ୍ଥିତ ଅଞ୍ଚଳରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ମୃତଦେହକୁ ଏକ ନଦୀରେ ଫିଙ୍ଗି ଦିଆଯାଇଥିଲା। ଜେକେପୁର ସହରର ସୃଷ୍ଟି ଶର୍ମା (୨୩) ଉତ୍ତରାଖଣ୍ଡର ଲାଲପୁରସ୍ଥିତ ଏକ କମ୍ପାନୀରେ ଇଣ୍ଟର୍ନସିପ ଟ୍ରେନିଂ କରିବାକୁ ଯାଇ ଏକ ଘର ଭଡ଼ା ନେଇ ରହୁଥିଲେ। ନଭେମ୍ବର ୪ ତାରିଖରେ ଘରେ କେହି ନ ଥିବାର ସୁଯୋଗ ନେଇ ଘର ମାଲିକଙ୍କ ପୁଅ ଅମିତ ସିଂହ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ଅପରାଧ ଲୁଚାଇବା ପାଇଁ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ମୃତଦେହକୁ ନଦୀରେ ଫିଙ୍ଗି ଦେଇଥିଲେ।

## ରାୟଗଡ଼ାରେ ନୂଆ ରେଳ ଡିଭିଜନ

କେନ୍ଦ୍ର ସରକାର ନୂଆ ବର୍ଷ ଆରମ୍ଭରେ ରାୟଗଡା ଜିଲାକୁ ଦେଇଥିଲେ ବଡ଼ ଭେଟି। ଜାନୁଆରୀ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାୟଗଡ଼ାରେ ରେଳ ଡିଭିଜନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଦିନକ ପରେ ଜାନୁଆରୀ ୭ ତାରିଖରେ ଡିଆରଏମ୍ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ରେଳ ଡିଭିଜନ୍ କାର୍ଯ୍ୟକ୍ଷମ ହେଲେ ଦକ୍ଷିଣ ଓଡ଼ିଶାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ରାୟଗଡ଼ା ଜିଲା। ଶିଳ୍ପ ବିକାଶ, ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଅଗ୍ରଣୀ ଲାଭ କରିବ ପଡ଼ୋଶୀ ଜିଲା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ଗଜପତି। ପ୍ରଥମ ପର୍ଯ୍ୟାୟରେ ୧୦୭ କୋଟି ଟଙ୍କା ବ୍ୟୟରେ ଡିଭିଜନ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ହେବ। ରାୟଗଡା ରେଳ ଡିଭିଜନ ଅଧୀନରେ ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଓ ଗଜପତି ଜିଲା ସମେତ ଛତିଶଗଡ ରାଜ୍ୟର କିରଣ୍ଡୁଲ ପର୍ଯ୍ୟନ୍ତ ରହିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଥିଲେ।

## ଇଞ୍ଜେକ୍ସନ ନେଲା ୬ ଜୀବନ

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ୍ ଇଞ୍ଜେକ୍ସନ ନେବାର ଦେଢ଼ ଘଣ୍ଟା ମଧ୍ୟରେ ୫ଜଣଙ୍କର ଓ ଭୋରରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଜିଲାର ବୋରିଗୁମ୍ମା ବ୍ଲକ୍ ବଡ଼ପିଣ୍ଡାପଦର ଭଗବାନ ପୂଜାରୀ, ମୀନାଗୁଡ଼ାର ରୁକ୍ମିଣୀ ପେଣ୍ଡିଆ, ସେମିଳିଗୁଡ଼ା ଜଗମଗୁଡ଼ାର ଶୁକ୍ରା ମାଝୀ, କଳାହାଣ୍ଡି ଜିଲା କକସରାର ଫୁଲମତି ମାଝୀ, କୋରାପୁଟ ମାଛରା ଅଞ୍ଚଳର ବତି ଖରା, ବୋରିଗୁମ୍ମା ଦାବୁଗୁଡ଼ାର ଜଗନ୍ନାଥ ପୂଜାରୀ ମେଡିକାଲରେ ବିଭିନ୍ନ କାରଣରୁ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ଫୁଲମତି, ଶୁକ୍ରା ଓ ରୁକ୍ମିଣୀ ଆଇସିୟୁରେ ଥିଲେ। ସେହିପରି ବତୀ, ଜଗନ୍ନାଥ ଓ ଭଗବାନ ସାଧାରଣ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ଓ କଟକରୁ ୨ଟି ଡିଏମ୍‌ଏଲ୍‌ଟି ଟିମ୍ କୋରାପୁଟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଘଟଣାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ତ୍ରୀ ମହାଲିଙ୍ଗ ମେଡିକାଲର ସର୍ଜରି ୱାର୍ଡ ପରିଦର୍ଶନ କରି ସେବା ବିଷୟରେ ରୋଗୀମାନଙ୍କ ସହ କଥା ହୋଇଥିଲେ। ପରେ ହସ୍ପିଟାଲରେ ଥିବା ଔଷଧର ମାନ ଯାଞ୍ଚ କରିଥିଲେ। ଏହି ସମୟରେ କଂଗ୍ରେସ ମେଡିକାଲର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିବା ବେଳେ ମନ୍ତ୍ରୀ ତାଙ୍କୁ ସୁଯୋଗ ନ ଦେବାରୁ ଦଳ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ଏହି ସରକାରରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିଗିଡିଯାଇଥିବା କହି କଂଗ୍ରେସ ସମାଲୋଚନା କରିଥିଲା।

## ଟଲିଉଡ୍ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ କୋରାପୁଟ



ଚଳିତବର୍ଷ ତେଲୁଗୁ ସିନେ ନିର୍ଦ୍ଦେଶକଙ୍କ ଫିଲ୍ମ ଶୁଟିଂ ପାଇଁ କୋରାପୁଟ ଜିଲା ପ୍ରଥମ ପସନ୍ଦ ରହିଥିଲା। ସେମିଳିଗୁଡା ବ୍ଲକ୍ ତଳମାଳି ପାହାଡ଼ରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ଡାଇରେକ୍ଟର ଏସ୍.ଏସ୍.ରାଜାମୌଳୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏସ୍‌ଏସ୍‌ଏମ୍‌ବି୨୯ ଫିଲ୍ମର ଶୁଟିଂ ହୋଇଥିଲା। ତେଲୁଗୁ ସୁପରଷ୍ଟାର ମହେଶ ବାବୁ ଓ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଶୁଟିଂ କରିଥିଲେ। ଏଭଳି ଅନ୍ୟ କିଛି ଫିଲ୍ମ ସହ ତେଲୁଗୁ ଅଭିନେତ୍ରୀ ଅନୁଷ୍କା ସେଟ୍ଟିଙ୍କ ଅଭିନୀତ ଓ ବିଗ୍ ବଜେଟ୍ ଫିଲ୍ମ 'ଘାଟି'ର ଶୁଟିଂ ମଧ୍ୟ ଜିଲାରେ ଶୁଟ୍ ହୋଇଥିଲା।

## ସଙ୍ଗୀତାଙ୍କୁ ଜୀବନସାଥୀ କଲେ ପ୍ରଦୀପ




ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ମାର୍ଚ୍ଚ ୧୨ ତାରିଖରେ ବାନ୍ଧବୀ ସଙ୍ଗୀତା ସାହୁଙ୍କୁ ବିବାହ କରିଥିଲେ। ସଙ୍ଗୀତାଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ହୋଇଥିବାବେଳେ ସେମାନେ ଗୋଆସ୍ଥିତ ପଞ୍ଜିମ କେଡିନା ହାଉସ୍‌ରେ ଡେଷ୍ଟିନେଶନ ୱେଡିଂ କରିଥିଲେ। ପ୍ରଦୀପଙ୍କ ବାପା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝୀ, ଭାଇ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ମାଝୀଙ୍କ ସହ ଉଭୟ ପରିବାରର ସଦସ୍ୟ ଓ କେତେଜଣ ହାତଗଣତି ଲୋକ ଏହି ବିବାହରେ ସାମିଲ ହୋଇଥିଲେ। ପ୍ରଦୀପଙ୍କ ବିବାହକୁ ନେଇ ସେତେବେଳେ କିନ୍ତୁ ନବରଙ୍ଗପୁରରେ ବେଶ୍ ଚର୍ଚ୍ଚା ହୋଇଥିଲା। ଏହି ବିବାହ ପରେ ପ୍ରଦୀପ ଓ ତାଙ୍କ ପରିବାରକୁ ଆଦିବାସୀ ସମାଜ ପକ୍ଷରୁ ବାସନ୍ଦ କରାଯାଇଥିଲା।

## ପ୍ରେମ କରିବାରୁ ବଳଦ ଦଣ୍ଡ



ସାମାଜିକ ସଂସ୍କାର ଏବେ ମଧ୍ୟ ଦୂରୀଭୁତ ହୋଇନାହିଁ। ପ୍ରେମକଲେ ବୋଲି ଗାଁ ଦାଣ୍ଡରେ ବଳଦ ଭଳି ପ୍ରେମୀଯୁଗଳଙ୍କୁ ହଳ କରାଇଲେ। ବାଉଁଶରେ ତିଆରି ହୋଇଥିବା ହଳ, ଲଙ୍ଗଳ ପକାଇ ଦୁଇପଟେ ଯୁବତୀ ଯୁବକଙ୍କୁ ବାନ୍ଧି ହଳ କରାଇଲେ। ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରି ପ୍ରେମୀଯୁଗଳଙ୍କୁ ଏଭଳି ଦଣ୍ଡ ଦେଇଥିଲେ। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ସିକରପାଇ ପଞ୍ଚାୟତ ଅନ୍ତର୍ଗତ କଞ୍ଚାମଯୋଡ଼ି ଗ୍ରାମରେ ଗତ ଜୁଲାଇ ୧୧ ତାରିଖରେ ଏଭଳି ଘଟଣା ଚଳିତବର୍ଷ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହିପରି କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବୋରିଗୀ ପଞ୍ଚାୟତ ପେଦା ଇଟିକି ଗ୍ରାମରେ ଏକ ବଂଶରେ ପ୍ରେମ ବିବାହ କରିଥିବାରୁ ଦୋଷ ଖଣ୍ଡନ କରିବାକୁ ବଳଦ ଦଣ୍ଡ ଦିଆଯାଇଥିଲା।

# ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ପାଇଁ ବଢୁଛି ଦୁର୍ଘଟଣା

- ନିର୍ମାଣାଧୀନ ୫୩ ନଂ. ଜାତୀୟ ରାଜପଥ କାର୍ଯ୍ୟରେ ଠିକାସଂସ୍ଥାର ମନମାନି
- ଭୟଭୀତ ଅବସ୍ଥାରେ ରାସ୍ତାପାର୍ଶ୍ୱ ଗ୍ରାମବାସୀ

**ଡେରାବିଶ, ୧୪।୧୨ (ବେବର୍ତ୍ତା ଅଜୟ ଦାସ):**

ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ବର୍ଷାଧିକ କାଳ ହେବ ଚାଲୁ ରହିଛି। ଏହି ରାସ୍ତା ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପକ୍ଷରୁ କେତେକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ତେବେ ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବଠାରୁ ଅଳାବାଙ୍କ ଯାଏ ରାଜପଥର କାର୍ଯ୍ୟାଦେଶ ନେଇଥିବା ଏକ ଠିକାସଂସ୍ଥାର ମନମାନି ପାଇଁ ଆରମ୍ଭରୁ ଏଯାଏ ନିର୍ମାଣରେ ବହୁ ତ୍ରୁଟି ରହିଥିବା ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ଠିକା ସଂସ୍ଥା ଏଥିପ୍ରତି ଭ୍ରୂକ୍ଷେପ ନ କରି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଚାଲୁ ରଖିଛି। ଅପରପକ୍ଷରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା କର୍ତ୍ତୃପକ୍ଷ ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜି ରହିଛି। ବିଶେଷକରି ରାଜପଥ ନିର୍ମାଣ ସମୟରେ ଉଭୟ ପାର୍ଶ୍ୱରେ ଡାଇଭର୍ସନ ରୋଡ୍ ଓ ସମ୍ପୂର୍ଣ୍ଣ ହୋଇଯାଇଥିବା ଓଭର ବ୍ରିଜ୍ ଆରମ୍ଭ, ଆବଶ୍ୟକ ନ ଥିବା ବଡ଼ ବଡ଼ ହମ୍ପସ ନିର୍ମାଣ କରାଯାଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ଏହି ଦୁର୍ଘଟଣା ପାଇଁ ବହୁ ମୂଲ୍ୟବାନ୍ ଜୀବନ ଅକାଳରେ ଝଡ଼ିପଡୁଛି। ଏହି ଜାତୀୟ ରାଜପଥ ନିର୍ମାଣ ଆରମ୍ଭରୁ ଏଯାଏ ବ୍ଲକ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଗଲାଣି। କେବଳ ସେତିକି ନୁହେଁ, ରାଜପଥ ନିର୍ମାଣରେ ଠିକାସଂସ୍ଥାର ବ୍ୟବହୃତ ଗାଡ଼ିର ଅତି ବେପରୁଆ ଚାଳନା ଯୋଗୁ ଦୈନିକ ଦୁର୍ଘଟଣାମାନ ଘଟିବାରେ ଲାଗିଛି। ରାସ୍ତାପାର୍ଶ୍ୱସ୍ଥ ଗ୍ରାମବାସୀ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି।

ପଞ୍ଚୁପାଣ୍ଡବଠାରୁ ଅଳାବାଙ୍କ ମଧ୍ୟରେ ଥିବା ଛକଗୁଡ଼ିକ ନିକଟରେ ଗଳିପୋଲ କାର୍ଯ୍ୟର ଅଧାପନ୍ତରିଆ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲ ତଳେ ବଡ଼ ବଡ଼ ଗୋଡ଼ି ଗଦୁଥିବା ବେଳେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଗାଁ ରାସ୍ତା ଉପରେ ଗୋଡ଼ି ଗଦୁଥିବାରୁ ସାଇକେଲ ଓ ବାଇକ୍ ଆରୋହୀମାନେ ପ୍ରତ୍ୟେକ ଦିନ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି।


ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ।

ଏ ବିଷୟରେ ଠିକାସଂସ୍ଥା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହି ନୀରବ ରହୁଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ଜାତୀୟ ରାଜପଥର ବରାହିଲୋ ଛକରେ ସେହି ଗ୍ରାମର ଜଣେ ବ୍ୟକ୍ତି ରାଜପଥ ପାର ହେଉଥିବା ସମୟରେ ଠିକାସଂସ୍ଥାର ଏକ ମିକ୍ସଚର ମେଶିନ ଗାଡ଼ିର ଚାଳକଙ୍କ ବେପରୁଆ ଚାଳନା ପାଇଁ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାଜପଥ ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ପାଇଁ ଏହି ରାଜପଥରୁ ଅବରୋଧ ହଟିଥିଲା ଓ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅବରୋଧକାରୀ ଗ୍ରାମବାସୀଙ୍କ ଦାବିଗୁଡ଼ିକ ଥିଲା ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ଡାଇଭର୍ସନ ରୋଡ୍ ତୁରନ୍ତ ଉନ୍ନତମାନର କରିବା, ଗଳିପୋଲ ତଳ ରାସ୍ତା ତୁରନ୍ତ ସମ୍ପୂର୍ଣ୍ଣ କରିବା ଓ ବେଆଇନ ନିର୍ମାଣ କରାଯାଇଥିବା ହମ୍ପସଗୁଡ଼ିକୁ ଚିହ୍ନିତ କରିବା ପାଇଁ ରଙ୍ଗ ମାରିବା ପ୍ରଭୃତି। ତେବେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଠିକାସଂସ୍ଥା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ଅପରପକ୍ଷରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ରାଜପଥରେ ନିର୍ମାଣ ହୋଇଥିବା ହମ୍ପସଗୁଡ଼ିକ ଚିହ୍ନିତ ପାଇଁ ରଙ୍ଗ ମରାଯାଇଥିବା ସମ୍ପୃକ୍ତ ଠିକାସଂସ୍ଥା ରିପୋର୍ଟ ଦେଇଥିବା କହିଥିଲେ। ପଞ୍ଚୁପାଣ୍ଡବଠାରୁ ଦୁହୁରିଆ ଯାଏ ରାଜପଥରେ ନିର୍ମାଣ ହୋଇଥିବା ହମ୍ପସଗୁଡ଼ିକରେ ଚିହ୍ନିତ କରାଯାଇଛି। ଆପଣ ନିଜେ ଆସି ପରିଦର୍ଶନ କରିବାକୁ କହିବାରୁ ତୁରନ୍ତ ଏକ ଟିମ୍‌କୁ ସେ ପଠାଇବେ ବୋଲି କହିଛନ୍ତି।

# ଦିନକରେ ୧୨୨ ବୋଟ୍‌ରେ ୨୦୦୬ ପର୍ଯ୍ୟଟକ


ପର୍ଯ୍ୟଟକମାନେ ବୋଟ୍‌ରେ ଯିବା ଲାଗି ଭିଡ଼ ଜମାଇଛନ୍ତି।

## ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର, ୧୪।୧୨ (ଭାସ୍କର ରାଉତରାୟ)**

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଯାଇଛି ଏବେ ପର୍ଯ୍ୟଟକମାନଙ୍କ ଭୂସ୍ୱର୍ଗ। ଆଗକୁ ନୂଆବର୍ଷ ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ରବିବାର ଗୋଟିଏ ଦିନରେ ୨୦୦୬ ପର୍ଯ୍ୟଟକ ୧୨୨ଟି ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଦୀ ପଠାରେ ଖରା ପଉଁଥିବା ବିରାଟ କୁମ୍ଭୀର ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ପୋଖରୀରେ ଆବଦ୍ଧ ଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ। ଡାଙ୍ଗମାଳଠାରେ ଲୁଣା ଜଙ୍ଗଲ ନର୍ସରୀ, ମ୍ୟୁଜିୟମ ଶହୀଦ୍ ସ୍ତମ୍ଭ, ସ୍କାୟ ଓକ୍ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଳା ଏଣ୍ଟ୍ରି ପଏଣ୍ଟ ଦେଇ ୮୮ଟି ବୋଟରେ ୧୦୩୦ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୧ ବୋଟରେ ୨୨୧ ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୩ ବୋଟରେ ୨୦୭ ପର୍ଯ୍ୟଟକ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳପଥରେ ୫୪୮ ଜଣ ପର୍ଯ୍ୟଟକ ଭିତରକନିକା ଶୋଭା ଉପଭୋଗ କରିଥିଲେ। ଭିତରକନିକା ଆସୁଥିବା ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀମାନଙ୍କ ସହ ଦେଶୀୟପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି। ପର୍ଯ୍ୟଟକ ଭିତରକନିକାରେ ଥିବା ବିରଳ ବଉଳା କୁମ୍ଭୀର, ବହୁ ସଂଖ୍ୟାରେ ହରିଣ, ବାର୍ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ବହୁ ଶହ ସଂଖ୍ୟାରେ ପର୍ଯ୍ୟଟକ ଭିଡ ଜମାଉଛନ୍ତି।

# ମୟୂରଭଞ୍ଜ, ଯାଜପୁର ଯୁଗ୍ମ ଚାମ୍ପିୟନ

## ରାଜ୍ୟସ୍ତରୀୟ ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ

**ଡେରାବିଶ, ୧୪।୧୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରବିବାର ଫାଇନାଲ ମ୍ୟାଚରେ ମୟୂରଭଞ୍ଜ ଓ ଯାଜପୁର ଟିମ୍ ଯୁଗ୍ମ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଖେଳର ପ୍ରଥମାର୍ଦ୍ଧରେ ଯାଜପୁର ଟିମ୍ ମୟୂରଭଞ୍ଜକୁ ଗୋଟିଏ ଗୋଲ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ମୟୂରଭଞ୍ଜ ଟିମ୍ ଯାଜପୁରକୁ ଗୋଲଟି ପରିଶୋଧ କରିଦେଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂସିତ ରହିବାରୁ ପଡ଼ିଆରେ ଆଲୋକ ଅଭାବ ହେତୁ ରେଫରିଙ୍କ ନିଷ୍ପତ୍ତି ଅନୁସାରେ ଉଭୟ ଟିମକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରାଯାଇଥିଲା। ରିଆଜ କାଦ୍ରୀ, ଅକ୍ଷୟ ହେମ୍ବ୍ରମ ଓ ସୁଶାନ୍ତ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଅନନ୍ତ କିଶୋର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା, ଚଳଚ୍ଚିତ୍ର ଅଭିନେତ୍ରୀ ମିଠି ଓ କ୍ରିୟା ଫାଉଣ୍ଡେଶନ ଅଧ୍ୟକ୍ଷା ସାମାଜିକ କର୍ମୀ ଲିଲି ଜେନାମଣୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ କନକଲତା ପ୍ରଧାନ, ସମିତି ସଭ୍ୟା ସଞ୍ଜୁକ୍ତା ଜେନା ଉପସ୍ଥିତ ଥିଲେ। ମୟୂରଭଞ୍ଜ ଟିମର ରାଜେନ୍ଦ୍ର ବେସ୍ରା ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ଯାଜପୁରର ଅଧିନାୟକ ସୁମନ ଦାସଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆସୋସିଏଶନର ସଭାପତି ନୃସିଂହ ଚରଣ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦକ ଶ୍ରୀଧର ସ୍ୱାଇଁ ବିବରଣୀ ପାଠ କରିଥିଲେ। କ୍ରୀଡା ଉତ୍ସବକୁ ଉପସଭାପତି ଗୋଲକ ସ୍ୱାଇଁ, କୋଷାଧ୍ୟକ୍ଷ ବାବୁଲି ସ୍ୱାଇଁ, ବିଶ୍ୱ ରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, କୈଳାସ ଲେଙ୍କା, ଅଲେଖ ବେଜ ଓ ଅଭିରାମ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବୁବୁ


@ ଭିକି


@ ପ୍ରଳୟ


@ ବିଶ୍ୱନାଥ


@ ମୈତ୍ରେୟୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରକାରୀ ପଲିଟେକ୍‌ନିକ୍ ଛାତ୍ରାବାସ ପାଇଖାନାରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଜପୁରରୋଡ୍, ୧୪।୧୨ (ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ଥାନା ଅଧୀନ ରଗଡ଼ିଠାରେ ଥିବା ଯାଜପୁର ସରକାରୀ ପଲିଟେକନିକର ଛାତ୍ରାବାସ ପାଇଖାନାରୁ ରବିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଛାତ୍ର ବେକରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିବା ଦେଖିବାକୁ ମିଳିଛି। ମୃତ ଛାତ୍ର ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା କେଶଦୁରାପାଳ ଗ୍ରାମର ଅଶୋକ ଆଚାର୍ଯ୍ୟଙ୍କ ପୁଅ ଶୁଭଙ୍କର ଆଚାର୍ଯ୍ୟ(୧୮)। ସେ ମେଟାର୍ଲୋଜି ବିଭାଗର ପ୍ରଥମ ବର୍ଷର ଛାତ୍ର ଥିଲେ। ଛୁଟିଦିନ ଥିବାରୁ ଅଧିକାଂଶ ଛାତ୍ର ଛାତ୍ରାବାସ ବାହାରକୁ ଚାଲି ଯାଇଥିଲେ। ଛାତ୍ରମାନେ ଫେରିବା ପରେ ଅପରାହ୍ନ ୧ଟା୩୦ରେ ପାଇଖାନା କବାଟ ବହୁ ସମୟ ଧରି ବନ୍ଦଥିବା ଜାଣି ସନ୍ଦେହ ହେବାରୁ କର୍ମଚାରୀଙ୍କୁ ଖବର ଦେଇଥିଲେ। କର୍ମଚାରୀ ଓ ଛାତ୍ର ମିଶି କବାଟ ଭାଙ୍ଗିବା ପରେ ଶୁଭଙ୍କରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ।

କଲେଜ ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀ ଅନୁପସ୍ଥିତ ଥିବାରୁ କର୍ମଚାରୀ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ପରେ କୋରେଇ ପୋଲିସକୁ ଖବର ଦିଆଯାଇଥିଲା। ଥାନାଅଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣଙ୍କ ଉପସ୍ଥିତରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଏହାର ତଦନ୍ତ କରିଥିଲା। ସନ୍ଧ୍ୟା୫ଟାରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଛାତ୍ରଙ୍କ ପରିବାର ଲୋକେ ପହଞ୍ଚି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ସେମାନେ କେତେଜଣ ଛାତ୍ର ଓ କଲେଜ ଅଧ୍ୟକ୍ଷଙ୍କୁ ଦାୟୀ କରି ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ଶୁଭଙ୍କର ଆଚାର୍ଯ୍ୟ।

# ବିଶ୍ୱ ବିସ୍ମୟ ପାଇଁ ରାଜପରିବାରର ଅବଦାନ ଅବିସ୍ମରଣୀୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




## ଗଜପତିଙ୍କ ଭଉଣୀ ଦେଇଥିଲେ ୩,୭୦୮ ମାଢ଼ ସୁନା

ଆମେ ଗତ ସଂଖ୍ୟାରେ ମହାରଣା ସାଙ୍ଗିଆ ସମ୍ବନ୍ଧରେ ଆଲୋଚନା କରିଥିଲୁ। ଏମାନେ ବିଶେଷ ଭାବରେ କାଠକାମ ସହିତ ସମ୍ବନ୍ଧିତ। ଲୁହାକାମ ସହିତ ମଧ୍ୟ ସମ୍ବନ୍ଧିତ ଶିଳ୍ପୀ ଓଡ଼ିଶାରେ ଦୁଇଟି ସାଙ୍ଗିଆରେ ପରିଚିତ। ଓଝା ଏବଂ କମାର। ଏମାନଙ୍କ ମଧ୍ୟରେ ମଧ୍ୟ ମହାରଣା ସାଙ୍ଗିଆ ଅଛନ୍ତି। କୋଣାର୍କରେ ମନ୍ଦିର ନିର୍ମାଣବେଳେ ଯେପରି ପଥରଖଳା ଥିଲା, ସେହିପରି 'ଲୁହାଭାଟି' ଥିଲା। ଭାଟିରେ ଯେଉଁମାନେ କାମ କରୁଥିଲେ ସେମାନଙ୍କୁ 'ଭାଟିଆ' କୁହାଯାଉଥିଲା। ସେମାନଙ୍କୁ ସମ୍ମାନ ଦେବାରେ ଊଣା କରାଯାଇ ନ ଥିଲା। କାରିଗର ବୀର ଓଝା ଥିଲେ ଏମାନଙ୍କ ମଧ୍ୟରେ ମୁଖିଆ। ଜଳେଶ୍ୱର ଦଣ୍ଡପାଟରୁ ସାଥୀ କାରିଗରଙ୍କୁ ନେଇ ପହଞ୍ଚିଥିଲେ କାଶୀ ଓଝା। ଭଦ୍ରେଶ୍ୱରୀ ମଣ୍ଡଳ ଅର୍ଥାତ୍ ଆଜିର ଭଦ୍ରକ ଅଞ୍ଚଳରୁ ଲୁହା କାରିଗର ଆସିଥିଲେ।

କେଉଁଠାରୁ କିଏ ମନ୍ଦିର ନିର୍ମାଣ ପାଇଁ କ'ଣ ଦେଇଥିଲେ, ତାହା କିପରି ବଣ୍ଟନ ହୋଇଥିଲା, ତାହାର ଅବିକଳ ହିସାବ ପୋଥିଲେଖକ ନିଜେ ଲେଖିଛନ୍ତି। ଆମେ ତାହା ଆଲୋଚନା କଲେ ଜାଣିପାରିବା ତତ୍କାଳୀନ ସାମ୍ରାଜ୍ୟ ବାହାରୁ କିଛି ଆସି ନ ଥିଲା। ବାହାର ଶିଳ୍ପୀ ଆସି ନ ଥିଲେ। କେବଳ ବିଜିତ ସାମ୍ରାଜ୍ୟରୁ ମୁଦ୍ରା (ଟଙ୍କା) ସୁନାରୁପା କିଛି ଆସିଥିଲା।

ସେତେବେଳେ ଚୌଦ୍ୱାରଠାରେ ଏକ ସୁଦୃଢ଼ କିଲ୍ଲା ବା ଦୁର୍ଗ ଥିଲା। ଆଶ୍ଚର୍ଯ୍ୟ ଲାଗେ ସେହି ଦୁର୍ଗର ଦୁର୍ଗପତି କୋଣାର୍କଠାରେ ମନ୍ଦିର ନିର୍ମାଣ ପାଇଁ ପଠାଇଥିଲେ ୩,୮୪୦ ମାଢ଼ (ଭରି) ସୁନା। ସାମ୍ରାଜ୍ୟର ମୁଖ୍ୟ ଭଣ୍ଡାର (କଟକର ବିଡ଼ାନାସୀ)ରୁ ନିଜେ ଗଜପତି ମହାରାଜା ମନ୍ଦିର ନିର୍ମାଣ ପରିଦର୍ଶନ ସମୟରେ ଦେଇଥିଲେ ୩୪,୦୩୩ ମାଢ଼ ସୁନା। ସୁଆସମଲ୍ଲ ସାନ୍ତ ବେଙ୍ଗିଗଡ଼ ଦୁର୍ଗରୁ ଆଣି ଦେଇଥିଲେ ୪୭,୦୩୮ ଅସରପି ମାଢ଼। ତା' ସହିତ ଆୟତାକାର ସୁନାଖଣ୍ଡ ପେଟି ଭର୍ତ୍ତି କରି ପଠାଇଥିଲେ। ଏଇ ସୁଆସମଲ୍ଲଙ୍କ କଥା ପୂର୍ବରୁ ଆମେ ଲେଖିଥିଲୁ। ତାଙ୍କର ପ୍ରକୃତ ନାମ 'ସହସ୍ରମଲ୍ଲ ପରମର୍ଦ୍ଦି'। ସ୍ଥାନ ବିଶେଷରେ ତାଙ୍କ ନାମ 'ସାମନ୍ତଦାସ ସହସ୍ରମଲ୍ଲ' ଲେଖା ଥିବାର ଦେଖାଯାଏ। 'ସହସ୍ର ମଲ୍ଲ' ଏକ ରାଜ-ଉପାଧି। ଦାକ୍ଷିଣାତ୍ୟର କେତେକ ଦୁର୍ଗର ସେ ଥିଲେ ଅଧିପତି। ବର୍ତ୍ତମାନର 'ଲେଫ୍‌ଟନାଣ୍ଟ ଗଭର୍ଣ୍ଣର' ଶବ୍ଦରେ ବୁଝିଲେ ଠିକ୍ ହେବ। ଯାଙ୍କୁ ନିଯୁକ୍ତି ଦେଉଥିଲେ ନିଜେ ଗଜପତି ମହାରାଜା। ତାଙ୍କ ଧର୍ମପତ୍ନୀ ଥିଲେ ଚନ୍ଦ୍ରମଣି ମହାଦେବୀ। ଇତିହାସରେ ସେ 'ଚନ୍ଦ୍ରିକାଦେବୀ' ନାମରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ଭଉଣୀ। ସେ ନିଜ ହାତପାଣ୍ଠିରୁ ପଠାଇଥିଲେ ୩,୭୦୮ ମାଢ଼ ସୁନା।

ପାଟମହାଦେବୀ ମଧ୍ୟ ଗଜପତି ଦେଇଥିବା ସୁନାର ସମାନ ମାଢ଼ ନ ଦେଇ ସମାନ ମୁଦ୍ରା ଦେଇଥିଲେ। ଅର୍ଥାତ୍ ହାତୀ ଚିହ୍ନର ମୁଦ୍ରା ୩୪,୦୩୩ଟି। ଗଙ୍ଗବଂଶର ଗଜପତିଙ୍କ ସମୟରେ ଗଜ (ହାତୀ) ଚିହ୍ନ ଥିବା ମୁଦ୍ରା ପ୍ରଚଳିତ ଥିଲା। ସେହି ମୁଦ୍ରା 'ରୁପା'ର ଥିଲା। ଗୋଟିଏ ରୁପାମୁଦ୍ରା ଗୋଟିଏ ଓଜନର।

ଗଜପତିଙ୍କ ଶାସନ କାଳରେ କେତେଗୁଡ଼ିଏ ବିଷୟ (ଜିଲା)କୁ ନେଇ ଗୋଟିଏ ଗୋଟିଏ ପ୍ରଗଣା ସୃଷ୍ଟି ହୋଇଥିଲା। ବିଷୟର ମୁଖିଆଙ୍କୁ କୁହାଯାଉଥିଲା 'ବିଷୋୟୀ'। କେତେଜଣ ବିଷୋୟୀଙ୍କୁ ପରିଚାଳନା କରୁଥିଲେ 'ବଡ଼ ବିଷୋୟୀ'। ବଡ଼ ବିଷୋୟୀଙ୍କ ସାଙ୍ଗିଆ ଥିଲା 'ବୁଢ଼ା ଲେଙ୍କା'। ସେତେବେଳେ ଯିଏ ବଡ଼ ବିଷୋୟୀ ଥିଲେ ତାଙ୍କ ନାମ ଗୋପୀନାଥ ବୁଢ଼ାଲେଙ୍କା। ବିଶାଖାପାଟଣାର ସୀମାଚଳ ମନ୍ଦିରରେ ଥିବା ଓଡ଼ିଆ ଶିଳା ଲିପିରୁ ଜଣାଯାଏ ତାଙ୍କ ଘର ଥିଲା କଟକରେ। ତାଙ୍କ ବଂଶଧର ସୀମାଚଳରେ ଥିବା ଶ୍ରୀନୃସିଂହନାଥ ମନ୍ଦିର ଭୋଗ ପରୀକ୍ଷା ବା ପରିଛା ସେବାରେ ନିଯୁକ୍ତ ଥିଲେ। ଏହି ସେବା ଶ୍ରୀମନ୍ଦିରରେ ରାଜଗୁରୁ ଓ ଦେଉଳ ପୁରୋହିତ ପୂର୍ବେ କରୁଥିଲେ। ତେଣୁ ମନେହୁଏ ବୁଢ଼ାଲେଙ୍କା ଉପାଧିଧାରୀ ବ୍ରାହ୍ମଣବଂଶଧର ଥିଲେ। ସୀମାଚଳ ମନ୍ଦିର ଭୋଗ ପରିଛା ସେବକ ଭାବରେ ବୁଢ଼ାଲେଙ୍କା ପରିବାର ସେଠାରେ ଥିଲେ। ସେତେବେଳକୁ ବୁଢ଼ାଲେଙ୍କା ଉପାଧି ସହିତ 'ପାତ୍ର' ଉପାଧି ସଂଯୋଗ ହୋଇସାରିଥିଲା। ବୁଢ଼ାଲେଙ୍କା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଦେଇଥିଲେ ୭୩,୦୮୩ ମାଢ଼ ସୁନା। ସେ ବିଶାଖାପାଟଣା ବିଷୟରେ 'ବଡ଼ବିଷୋୟୀ' ଥିଲେ। ତାହା ଆମ ସାମ୍ରାଜ୍ୟର ଅଂଶ।


ବିଶାଖାପାଟଣାର ସୀମାଚଳ ପାହାଡ଼ ଉପରେ ଥିବା ଶ୍ରୀନୃସିଂହନାଥ ମନ୍ଦିର। ପ୍ରଥମେ ମନ୍ଦିର ଗଢ଼ାଇଥିଲେ ଗଜପତି ଲାଙ୍ଗୁଳା ନରସିଂହ ଦେବ, ମୁଣ୍ଡି ମାରିଥିଲେ କକାଙ୍କ ସହିତ ଧର୍ମପଦ।
**(ଫଟୋ: ଓଁ ବ୍ରହ୍ମବିଦ ମିଶ୍ର, ବିଶାଖାପାଟଣା)**

# ଜାଗା, ଆବାସ ଗୃହ ମିଳିଲା: ମୌଳିକ ସୁବିଧା ନାହିଁ

■ ଜିଲାପାଳଙ୍କୁ ଅଭିଯୋଗ ପରେ ବି ମିଳୁନି ସୁଫଳ
■ ହନ୍ତସନ୍ତ ହେଉଛନ୍ତି ୫ ପରିବାର ସଦସ୍ୟ




ସମସ୍ୟା ଘେରରେ ରହୁଥିବା କାଣିଗିରି ଗ୍ରାମର ୫ ପରିବାର।

ନୂଆଗାଁ, ୧୪।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ମାଇଛେଳି ପଞ୍ଚାୟତ କାଣିଗିରି ଗ୍ରାମର ୫ ଜଣ ଭୂମିହୀନ ଓ ବାସହୀନ ପରିବାରକୁ ଜାଗା, ଆବାସ ଗୃହ ଦିଆଯାଇଛି। କିନ୍ତୁ ଆବାସ ଗୃହ ନିର୍ମାଣ ପାଇଁ ଦିଆଯାଇଥିବା ସ୍ଥାନରେ କୌଣସି ମୌଳିକ ସୁବିଧା ନାହିଁ। ତେଣୁ ସେମାନଙ୍କୁ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ମୌଳିକ ସୁବିଧା ଯୋଗାଇଦେବାକୁ ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ନେଇ ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକ୍ ମାଇଛେଳି ପଞ୍ଚାୟତ କାଣିଗିରି ଗ୍ରାମର କନକ ମଞ୍ଜରୀ ନାଥ, ରଜନୀ ନାଥ, ମଞ୍ଜୁଲତା ନାଥ, ଗୀତାଞ୍ଜଳି ନାଥ ଓ ବାସନ୍ତୀ ନାଥଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନ ଥିଲା। ତେଣୁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଆବେଦନ କରିବାରେ ଅନୁଦାନ ମଞ୍ଜୁର ହୋଇଥିଲା। କିନ୍ତୁ ଉକ୍ତ ୫ ପରିବାର ଭୂମିହୀନ ହୋଇଥିବାରୁ ସେମାନେ ଘର ନିର୍ମାଣ କରିପାରୁ ନ ଥିଲେ। ବସୁନ୍ଧରା ଯୋଜନାରେ ଜାଗା ପାଇଁ ଆବେଦନ କରିଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନଙ୍କ ଅବହେଳା ଯୋଗୁ ବିଳମ୍ବ ହେଉଥିଲା। ତେବେ ବାରମ୍ବାର ନୂଆଗାଁ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ବସୁନ୍ଧରା ଯୋଜନାରେ ପରିବାର ପିଛା ୪ ଡିସିମିଲ ଜାଗା ମିଳିବାରେ ସେଠାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଆବାସ ଗୃହ ନିର୍ମାଣ କରିଥିଲେ। ସରକାରଙ୍କ ତରଫରୁ ଦିଆଯାଇଥିବା ଜାଗାରେ କୌଣସି ସୁବିଧା ନାହିଁ। ଏପରିକି ଘରକୁ ଯିବା ପାଇଁ ରାସ୍ତାଟିଏ ମଧ୍ୟ ନାହିଁ। ଉକ୍ତ ଜାଗା ନିକଟରେ ବିଦ୍ୟୁତ୍ ତାର ଯାଇଥିଲେ ମଧ୍ୟ ସେମାନଙ୍କ ପାଇଁ ବିଦ୍ୟୁତ୍ ସାତସପନ ପାଲଟିଛି। ସେହିଭଳି ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ। ନିର୍ମାଣ କରାଯାଇଥିବା ଘର ଖାଲ ଜାଗାରେ ହୋଇଥିବାରୁ ଗହୀର ପାଣି ଘରେ ପଶିବା ସାଙ୍ଗକୁ ବର୍ଷାଦିନେ ଘରକୁ ଯିବା ସମ୍ଭବ ହେଉନାହିଁ ବୋଲି ଅଭିଯୋଗ ହେଉଛି। ତେଣୁ ଅତ୍ୟାବଶ୍ୟକ ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଇଦେବାକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏପରିକି ନୂଆଗାଁ ବ୍ଲକ୍‌ରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ୪ ଥର ଅଭିଯୋଗ କରିଥିବା କହିଛନ୍ତି ବିଧବା ଭିନ୍ନକ୍ଷମ ମହିଳା କନକଲତା। ୪ ଥର ନୂଆଗାଁ ଯାଇ ଜିଲାପାଳଙ୍କୁ ଅଭିଯୋଗ କରିବା ପରେ ଦୁଇଦିନ ତଳେ ନଳକୂପ ଖୋଳାଯାଇଛି। କିନ୍ତୁ ହ୍ୟାଣ୍ଡେଲ ଲଗାଯାଇନାହିଁ। ବିଦ୍ୟୁତ୍ ଦେବା ପାଇଁ ବିଭାଗୀୟ କର୍ମଚାରୀ ଘର ପିଛା ୬ ହଜାର ଟଙ୍କା ମାଗୁଥିବା ଅଭିଯୋଗ କରିଛନ୍ତି ୫ ପରିବାର। ଅଭିଯୋଗକାରୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ବାବଦରେ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ପଚାରିବାରେ ଅଭିଯୋଗ ପାଇବାରେ ବିଭାଗୀୟ ଅଧିକାରୀମାନଙ୍କୁ ଡାକି ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ମାଘମେଳା ପାଇଁ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୧୪। ୧୨
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମାଘ ମେଳା ପଡ଼ିଆରେ ୪ର୍ଥ ବର୍ଷ ହେବାକୁ ଥିବା ମାଘମେଳା ମହୋତ୍ସବ ଆସନ୍ତା ଭୈମୀ ଏକାଦଶୀ ମେଳା ସମୟରେ କରାଯିବାକୁ ପ୍ରସ୍ତୁତି ବୈଠକରେ ରବିବାର ପ୍ରସ୍ତାବ ଗ୍ରହଣ କରାଯାଇଛି। ମହୋତ୍ସବ କମିଟିର ସଭାପତି ପ୍ରଭାକର ଶିରୋମଣିଙ୍କ ସଭାପତିତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଖଣ୍ଡପଡ଼ା ବିଧାୟକଙ୍କ ପ୍ରତିନିଧି ଅଖିଳ କୁମାର ମହାରଣା ଉପସ୍ଥିତ ଥିଲାବେଳେ ମହୋତ୍ସବର ସଫଳତା ପାଇଁ ବିଭିନ୍ନ ଦିଗରୁ ଆଲୋଚନା କରାଯାଇଥିଲା। ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ମହୋତ୍ସବ କରାଯିବାକୁ ସର୍ବ ସମ୍ମତ ପ୍ରସ୍ତାବ ଗ୍ରହଣ କରାଗଲା। ଇତିମଧ୍ୟରେ ମହୋତ୍ସବ କମିଟିକୁ ପଞ୍ଜୀକୃତ କରିବାକୁ ପଦକ୍ଷେପ ପ୍ରସ୍ତାବ ଗୃହୀତ ହେବା ସଙ୍ଗେ ସଙ୍ଗେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମହାରଣାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଚଳିତବର୍ଷ ମହୋତ୍ସବ ୩ଦିନ କରାଯିବା ସହ ଏହାର ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ମହୋତ୍ସବର ଅଧ୍ୟକ୍ଷ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ପ୍ରସ୍ତୁତ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ସମ୍ପାଦକ ସିଦ୍ଧାର୍ଥ ମହାପାତ୍ର ଗତ ମହୋତ୍ସବର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ପ୍ରମୋଦ କୁମାର ଦଳେଇ, ଶୁଭ୍ରାଂଶୁ ମହାରଣା, ଅନନ୍ତ ମହାପାତ୍ର, ସତ୍ୟବାଦୀ ଦାସ, ବନମାଳୀ ସାହୁ, ଦେବରାଜ ସେଠୀ, ଅଜୟ କୁମାର ମହାରଣା, ଲକ୍ଷ୍ମୀଧର ଚିନରା, ପବିତ୍ର କୁମାର ମହାରଣା ଅଶୋକ କୁମାର ମହାରଣା, ପତିତ ପାବନ ସାହୁ, ଅଞ୍ଜନ କୁମାର ମହାରଣା, ମେଜର ରାଜକିଶୋର ସାହୁ ଓ ସୁରେଶ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ମାଘମେଳାର ସଦସ୍ୟମାନେ ।

## ନୟାଗଡ଼ ଗୌରବ ସମ୍ମାନ ପାଇଲେ ସଂସ୍କୃତି ଗବେଷକ ପ୍ରବୀର



ସମାରୋହରେ ବାଚସ୍ପତି ସୁରମା ପାଢୀ କୃତୀ ପ୍ରତିଭାଧାରୀଙ୍କୁ ସମ୍ମାନିତ କରୁଛନ୍ତି।

### ପଠାଣି ସାମନ୍ତ ଜୟନ୍ତୀ ସମାରୋହ

ନୟାଗଡ଼, ୧୪।୧୨(ଲୋକନାଥ ମିଶ୍ର)

ସାମନ୍ତ ଚନ୍ଦ୍ରଶେଖର (ପଠାଣି ସାମନ୍ତ)ଙ୍କ ୧୯୧ତମ ଜନ୍ମଜୟନ୍ତୀ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ସମ୍ମୁଖ ଯଦୁମଣି ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ର ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ଗଣେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମର୍ଯ୍ୟାଦାପୂର୍ଣ୍ଣ 'ନୟାଗଡ଼ ଗୌରବ' ସମ୍ମାନ ବୌଦ୍ଧ ଓ ସଂସ୍କୃତି ଗବେଷକ ପ୍ରବୀର କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ବିଜ୍ଞାନସ୍ରଷ୍ଟା ତଥା ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କୁ 'ପଠାଣି ସାମନ୍ତ ପ୍ରତିଭା ସମ୍ମାନ', ସାରସ୍ୱତ ସାଧକ ଭାରତୀ ଭୂଷଣ ମିଶ୍ରଙ୍କୁ 'ପଠାଣି ସାମନ୍ତ ସାହିତ୍ୟ ସମ୍ମାନ', ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ନାୟକଙ୍କୁ 'ପଠାଣି ସାମନ୍ତ ସେବା ସମ୍ମାନ', ଗୁରୁଜୀ ଶ୍ରୀଧର ସାହୁଙ୍କୁ 'ପଠାଣି ସାମନ୍ତ ଶିକ୍ଷାଜ୍ୟୋତି ସମ୍ମାନ', ସଙ୍ଗୀତ ସାଧକ ଶିବନାରାୟଣ ପଟ୍ଟନାୟକଙ୍କୁ 'ପଠାଣି ସାମନ୍ତ ସଙ୍ଗୀତ ପ୍ରତିଭା ସମ୍ମାନ', କ୍ରୀଡ଼ାବିତ୍ ତଥା ଫୁଟ୍‌ବଲପ୍ରେମୀ ହଜରତ ଅଲ୍ଲୀ ଖାଁଙ୍କୁ 'ପଠାଣି ସାମନ୍ତ କ୍ରୀଡ଼ା ସମ୍ମାନ' ପ୍ରଦାନ କରାଯାଇଛି। ସେହିଭଳି କଣ୍ଠଶିଳ୍ପୀ, ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶଙ୍କୁ 'ପଠାଣି ସାମନ୍ତ ସ୍ୱରସୁଧା ସମ୍ମାନ', କବି ନିର୍ମଳ ଚନ୍ଦ୍ର ଶୂରଦେଓଙ୍କୁ 'ଦାସିଆ ଅଜା ସାହିତ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସମାରୋହରେ ଚନ୍ଦ୍ର ବିଜୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପ ସଭାପତି ରଣଜିତ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ କୁଇଜ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ ଦ୍ୱାରା କୁଇଜ ପ୍ରତିଯୋଗିତା ଏବଂ ଓଡ଼ିଶାର ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସଙ୍କ ଦ୍ୱାରା ଏକପାଦି ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଶେଷରେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏବଂ ଜୟଶ୍ରୀ ଦେବୀଙ୍କ ସଂଯୋଜନାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଭଜନ ଗାୟକ ଶିବ ନାରାୟଣ ପଟ୍ଟନାୟକ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ଅଞ୍ଚଳବାସୀଙ୍କ ସ୍ୱାଗତ



ଅଭିଳାଷ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା, ୧୪।୧୨
(ଅଜୟ କୁମାର ମହାରଣା)

ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡା ପୁଣି ଦାୟିତ୍ୱ ଗ୍ରହଣ କରିବା ପରେ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବାକୁ ଏକ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଖଳିସାହି, ମର୍ଦ୍ଦରାଜପୁର ଓ ବେଣାଗାଡିଆ ଗ୍ରାମ ଦେଇ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋଠାରେ ଶୋଭାଯାତ୍ରା ଶେଷ ହୋଇଥିଲା। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ପଣ୍ଡାଙ୍କୁ ସବୁଠି ସ୍ୱାଗତ କରାଯିବା ସହ ବହୁ ଶୁଭେଚ୍ଛୁ, ଦଳୀୟ କର୍ମୀ ଓ ସଙ୍ଗଠକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ବରିଷ୍ଠ ନେତା ସନ୍ତୋଷ କୁମାର ପ୍ରଧାନ, ଭରତ ବେହେରା, ଜିତେନ୍ଦ୍ର କୁମାର କାଟିଆ, ପରମେଶ୍ୱର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। କଣ୍ଟିଲୋଠାରେ ପ୍ରଭୁ ଶ୍ରୀନୀଳମାଧବଙ୍କ ପୂଜକ ସମାଜ ପକ୍ଷରୁ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ବିଜ୍ଞାପନ ହଟାଇ କଣ୍ଟା ମୁକ୍ତ କରି ଲଗାଇଲେ ଗାମୁଛା

### ଗଛରେ କଣ୍ଟା ନ ପିଟିବାକୁ କଲେ ସଚେତନତା

ନୟାଗଡ଼,୧୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସହର ଡିଏଫ୍‌ଓଙ୍କ ସରକାରୀ ବାସଭବନ ପାଖ କେନ୍ଦ୍ରୀୟ ବିଦ୍ୟାଳୟକୁ ପଡ଼ିଥିବା ରାସ୍ତା କଡ଼ରେ ଥିବା ଆମ୍ବ ଗଛରେ ବିଭିନ୍ନ ବିଜ୍ଞାପନ ରହିଥିଲା। ବିଜ୍ଞାପନଗୁଡିକୁ କଣ୍ଟାରେ ଗଛରେ ପିଟା ଯାଇ ଲଗାଯାଇଥିଲା। ଏଭଳି ଦୃଶ୍ୟ ଦେଖି ପରିବେଶବିତ୍ ଆଦିତ୍ୟ କୁମାର ଦାଶ କ୍ଷୋଭ ପ୍ରକାଶ କରି ପ୍ରଥମେ କଣ୍ଟା ମୁକ୍ତ କରିଥିଲେ। ପରେ କଣ୍ଟାମୁକ୍ତ ଅଞ୍ଚଳରେ ନୂଆ ଗାମୁଛା ଲଗାଇ ଗଛରେ କଣ୍ଟା ପିଟନ୍ତୁ ନାହିଁ ବୋଲି କିଛି ସମୟ ସଚେତନତା କରାଇଥିଲେ। ବାଟରେ ଗଲାବେଳେ ତାଙ୍କ ନଜରରେ ଗଛରେ କଣ୍ଟା ପିଟା ଯାଇଥିବାର ଦୃଶ୍ୟ ଦେଖିଲେ ଗଛକୁ କଣ୍ଟାମୁକ୍ତ କରିବାକୁ ବ୍ୟବସ୍ଥା କରିଥାନ୍ତି। ଆଦିତ୍ୟ କହିଛନ୍ତି, ଗଛ ମଧ୍ୟ ବଞ୍ଚିବାକୁ ଚାହେଁ। ହେଲେ ସେ କହି ପାରେ ନାହିଁ। କଣ୍ଟା ପିଟିଲେ ଗଛ ରୋଗିଣା ହେବା ସହ ଆୟୁଷ ମଧ୍ୟ କମିଯାଏ। ପୁରୁଣା ଗଛଗୁଡିକର ସୁରକ୍ଷା ନିହାତି ଦରକାର। ଆମ ପାଇଁ ଗଛ ନିହାତି ଦରକାର ହୋଇଥିବାରୁ କଣ୍ଟା ନ ପିଟିବାକୁ ପରାମର୍ଶ ଦେଇଛନ୍ତି।

## ବିଶ୍ୱ ବିସ୍ମୟ ପାଇଁ ରାଜପରିବାରର ଅବଦାନ ଅବିସ୍ମରଣୀୟ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

ଆମେ ଗତ ସଂଖ୍ୟାରେ ମହାରଣା ସାଙ୍ଗିଆ ସମ୍ବନ୍ଧରେ ଆଲୋଚନା କରିଥିଲୁ। ଏମାନେ ବିଶେଷ ଭାବରେ କାଠକାମ ସହିତ ସମ୍ବନ୍ଧିତ। ଲୁହାକାମ ସହିତ ମଧ୍ୟ ସମ୍ବନ୍ଧିତ ଶିଳ୍ପୀ ଓଡ଼ିଶାରେ ଦୁଇଟି ସାଙ୍ଗିଆରେ ପରିଚିତ। ଓଝା ଏବଂ କମାର। ଏମାନଙ୍କ ମଧ୍ୟରେ ମଧ୍ୟ ମହାରଣା ସାଙ୍ଗିଆ ଅଛନ୍ତି। କୋଣାର୍କରେ ମନ୍ଦିର ନିର୍ମାଣବେଳେ ଯେପରି ପଥରଖଳା ଥିଲା, ସେହିପରି 'ଲୁହାଭାଟି' ଥିଲା। ଭାଟିରେ ଯେଉଁମାନେ କାମ କରୁଥିଲେ ସେମାନଙ୍କୁ 'ଭାଟିଆ' କୁହାଯାଉଥିଲା। ସେମାନଙ୍କୁ ସମ୍ମାନ ଦେବାରେ ଊଣା କରାଯାଇ ନ ଥିଲା। କାରିଗର ବୀର ଓଝା ଥିଲେ ଏମାନଙ୍କ ମଧ୍ୟରେ ମୁଖିଆ। ଜଳେଶ୍ୱର ଦଣ୍ଡପାଟରୁ ସାଥୀ କାରିଗରଙ୍କୁ ନେଇ ପହଞ୍ଚିଥିଲେ କାଶୀ ଓଝା। ଭଦ୍ରେଶ୍ୱରୀ ମଣ୍ଡଳ ଅର୍ଥାତ୍ ଆଜିର ଭଦ୍ରକ ଅଞ୍ଚଳରୁ ଲୁହା କାରିଗର ଆସିଥିଲେ।


କେଉଁଠାରୁ କିଏ ମନ୍ଦିର ନିର୍ମାଣ ପାଇଁ କ'ଣ ଦେଇଥିଲେ, ତାହା କିପରି ବଣ୍ଟନ ହୋଇଥିଲା, ତାହାର ଅବିକଳ ହିସାବ ପୋଥିଲେଖକ ନିଜେ ଲେଖିଛନ୍ତି। ଆମେ ତାହା ଆଲୋଚନା କଲେ ଜାଣିପାରିବା ତତ୍କାଳୀନ ସାମ୍ରାଜ୍ୟ ବାହାରୁ କିଛି ଆସି ନ ଥିଲା। ବାହାର ଶିଳ୍ପୀ ଆସି ନ ଥିଲେ। କେବଳ ବିଜିତ ସାମ୍ରାଜ୍ୟରୁ ମୁଦ୍ରା (ଟଙ୍କା) ସୁନାରୁପା କିଛି ଆସିଥିଲା।

**ଗଜପତିଙ୍କ ଭଉଣୀ ଦେଇଥିଲେ ୩,୭୦୮ ମାଢ଼ ସୁନା**

ସେତେବେଳେ ଚୌଦ୍ୱାରଠାରେ ଏକ ସୁଦୃଢ଼ କିଲ୍ଲା ବା ଦୁର୍ଗ ଥିଲା। ଆଶ୍ଚର୍ଯ୍ୟ ଲାଗେ ସେହି ଦୁର୍ଗର ଦୁର୍ଗପତି କୋଣାର୍କଠାରେ ମନ୍ଦିର ନିର୍ମାଣ ପାଇଁ ପଠାଇଥିଲେ ୩,୮୪୦ ମାଢ଼ (ଭରି) ସୁନା। ସାମ୍ରାଜ୍ୟର ମୁଖ୍ୟ ଭଣ୍ଡାର (କଟକର ବିଡ଼ାନାସୀ)ରୁ ନିଜେ ଗଜପତି ମହାରାଜା ମନ୍ଦିର ନିର୍ମାଣ ପରିଦର୍ଶନ ସମୟରେ ଦେଇଥିଲେ ୩୪,୦୩୩ ମାଢ଼ ସୁନା। ସୁଆସମଲ୍ଲ ସାନ୍ତ ବେଙ୍ଗିଗଡ଼ ଦୁର୍ଗରୁ ଆଣି ଦେଇଥିଲେ ୪୭,୦୩୮ ଅସରପି ମାଢ଼। ତା' ସହିତ ଆୟତାକାର ସୁନାଖଣ୍ଡ ପେଟି ଭର୍ତ୍ତି କରି ପଠାଇଥିଲେ। ଏଇ ସୁଆସମଲ୍ଲଙ୍କ କଥା ପୂର୍ବରୁ ଆମେ ଲେଖିଥିଲୁ। ତାଙ୍କର ପ୍ରକୃତ ନାମ 'ସହସ୍ରମଲ୍ଲ ପରମର୍ଦ୍ଦି'। ସ୍ଥାନ ବିଶେଷରେ ତାଙ୍କ ନାମ 'ସାମନ୍ତଦାସ ସହସ୍ରମଲ୍ଲ' ଲେଖା ଥିବାର ଦେଖାଯାଏ। 'ସହସ୍ର ମଲ୍ଲ' ଏକ ରାଜ-ଉପାଧି। ଦାକ୍ଷିଣାତ୍ୟର କେତେକ ଦୁର୍ଗର ସେ ଥିଲେ ଅଧିପତି। ବର୍ତ୍ତମାନର 'ଲେଫ୍‌ଟନାଣ୍ଟ ଗଭର୍ଣ୍ଣର' ଶବ୍ଦରେ ବୁଝିଲେ ଠିକ୍ ହେବ। ଯାଙ୍କୁ ନିଯୁକ୍ତି ଦେଉଥିଲେ ନିଜେ ଗଜପତି ମହାରାଜା। ତାଙ୍କ ଧର୍ମପତ୍ନୀ ଥିଲେ ଚନ୍ଦ୍ରମଣି ମହାଦେବୀ। ଇତିହାସରେ ସେ 'ଚନ୍ଦ୍ରିକାଦେବୀ' ନାମରେ ସ୍ଥାନ ପାଇଛନ୍ତି। ସେ ହେଉଛନ୍ତି ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ଭଉଣୀ। ସେ ନିଜ ହାତପାଣ୍ଠିରୁ ପଠାଇଥିଲେ ୩,୭୦୮ ମାଢ଼ ସୁନା।

ପାଟମହାଦେବୀ ମଧ୍ୟ ଗଜପତି ଦେଇଥିବା ସୁନାର ସମାନ ମାଢ଼ ନ ଦେଇ ସମାନ ମୁଦ୍ରା ଦେଇଥିଲେ। ଅର୍ଥାତ୍ ହାତୀ ଚିହ୍ନର ମୁଦ୍ରା ୩୪,୦୩୩ଟି। ଗଙ୍ଗବଂଶର ଗଜପତିଙ୍କ ସମୟରେ ଗଜ (ହାତୀ) ଚିହ୍ନ ଥିବା ମୁଦ୍ରା ପ୍ରଚଳିତ ଥିଲା। ସେହି ମୁଦ୍ରା 'ରୁପା'ର ଥିଲା। ଗୋଟିଏ ରୁପାମୁଦ୍ରା ଗୋଟିଏ ଓଜନର।

ଗଜପତିଙ୍କ ଶାସନ କାଳରେ କେତେଗୁଡ଼ିଏ ବିଷୟ (ଜିଲା)କୁ ନେଇ ଗୋଟିଏ ଗୋଟିଏ ପ୍ରଗଣା ସୃଷ୍ଟି ହୋଇଥିଲା। ବିଷୟର ମୁଖିଆଙ୍କୁ କୁହାଯାଉଥିଲା 'ବିଷୋୟୀ'। କେତେଜଣ ବିଷୋୟୀଙ୍କୁ ପରିଚାଳନା କରୁଥିଲେ 'ବଡ଼ ବିଷୋୟୀ'। ବଡ଼ ବିଷୋୟୀଙ୍କ ସାଙ୍ଗିଆ ଥିଲା 'ବୁଢ଼ା ଲେଙ୍କା'। ସେତେବେଳେ ଯିଏ ବଡ଼ ବିଷୋୟୀ ଥିଲେ ତାଙ୍କ ନାମ ଗୋପୀନାଥ ବୁଢ଼ାଲେଙ୍କା। ବିଶାଖାପାଟଣାର ସୀମାଚଳ ମନ୍ଦିରରେ ଥିବା ଓଡ଼ିଆ ଶିଳା ଲିପିରୁ ଜଣାଯାଏ ତାଙ୍କ ଘର ଥିଲା କଟକରେ। ତାଙ୍କ ବଂଶଧର ସୀମାଚଳରେ ଥିବା ଶ୍ରୀନୃସିଂହନାଥ ମନ୍ଦିର ଭୋଗ ପରୀକ୍ଷା ବା ପରିଛା ସେବାରେ ନିଯୁକ୍ତ ଥିଲେ। ଏହି ସେବା ଶ୍ରୀମନ୍ଦିରରେ ରାଜଗୁରୁ ଓ ଦେଉଳ ପୁରୋହିତ ପୂର୍ବେ କରୁଥିଲେ। ତେଣୁ ମନେହୁଏ ବୁଢ଼ାଲେଙ୍କା ଉପାଧିଧାରୀ ବ୍ରାହ୍ମଣବଂଶଧର ଥିଲେ। ସୀମାଚଳ ମନ୍ଦିର ଭୋଗ ପରିଛା ସେବକ ଭାବରେ ବୁଢ଼ାଲେଙ୍କା ପରିବାର ସେଠାରେ ଥିଲେ। ସେତେବେଳକୁ ବୁଢ଼ାଲେଙ୍କା ଉପାଧି ସହିତ 'ପାତ୍ର' ଉପାଧି ସଂଯୋଗ ହୋଇସାରିଥିଲା। ବୁଢ଼ାଲେଙ୍କା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଦେଇଥିଲେ ୭୩,୦୮୩ ମାଢ଼ ସୁନା। ସେ ବିଶାଖାପାଟଣା ବିଷୟରେ 'ବଡ଼ବିଷୋୟୀ' ଥିଲେ। ତାହା ଆମ ସାମ୍ରାଜ୍ୟର ଅଂଶ।



ବିଶାଖାପାଟଣାର ସୀମାଚଳ ପାହାଡ଼ ଉପରେ ଥିବା ଶ୍ରୀନୃସିଂହନାଥ ମନ୍ଦିର। ପ୍ରଥମେ ମନ୍ଦିର ଗଢ଼ାଇଥିଲେ ଗଜପତି ଲାଙ୍ଗୁଳା ନରସିଂହ ଦେବ, ମୁଣ୍ଡି ମାରିଥିଲେ କକାଙ୍କ ସହିତ ଧର୍ମପଦ।
(ଫଟୋ: ଓଁ ବ୍ରହ୍ମବିଦ ମିଶ୍ର, ବିଶାଖାପାଟଣା)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବୁବୁ



@ ଭିକି



@ ପ୍ରଳୟ



@ ବିଶ୍ୱନାଥ



@ ମୈତ୍ରେୟୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆସିବ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି

**ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)**

■ୀ୧୬ରେ ଓଡ଼ିଶା ଫାର୍ମା ସମ୍ମିଳନୀ

■ଔଷଧ ଓ ମେଡିକାଲ ଡିଭାଇସ ପାର୍କ ବିକାଶର ହେବ ଘୋଷଣା

ରାଜ୍ୟ ସରକାରଙ୍କ ପକ୍ଷରୁ ୧୬ ତାରିଖରେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ହେବାକୁ ଥିବା ଏହି ସମ୍ମିଳନୀର ଲକ୍ଷ୍ୟ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ ଏବଂ ଉଦ୍ଭାବକ, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ନିବେଶକ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ଏକତ୍ର କରି ଓଡ଼ିଶାର ବୃଦ୍ଧି ପାଉଥିବା ଔଷଧ କ୍ଷେତ୍ରରେ ନୂତନ ସୁଯୋଗ ଅନୁସନ୍ଧାନ କରିବା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫ ଲଞ୍ଚ କରିବ। ନିବେଶକୁ ଆକର୍ଷିତ କରିବା, ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ଏବଂ ଜୀବବିଜ୍ଞାନ କ୍ଷେତ୍ରରେ ବଡ଼ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ନୀତିର ଲକ୍ଷ୍ୟ ରହିଛି। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟସେବା ଉତ୍ପାଦନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇଟି ଉତ୍ସର୍ଗୀକୃତ ଶିଳ୍ପ ପାର୍କ, ଗୋଟିଏ ଔଷଧ ପାର୍କ ଏବଂ ଅନ୍ୟ ଏକ ମେଡିକାଲ ଡିଭାଇସ ପାର୍କର ବିକାଶ ଘୋଷଣା କରିବେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଏବଂ ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ଏହା ରାଜ୍ୟର ଔଷଧ ଏବଂ ଚିକିତ୍ସା ଉପକରଣ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଏକ ଶିଳ୍ପ ଦୃଷ୍ଟିକୋଣ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିଳ୍ପ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେବେ। ଏହି ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ଫାର୍ମା, ଚିକିତ୍ସା ଉପକରଣ ଏବଂ ସମ୍ବନ୍ଧିତ କ୍ଷେତ୍ର ଶିଳ୍ପ, ନିବେଶକମାନେ ଯୋଗଦେବେ।

## ୧୧ ବର୍ଷରେ ୪୨,୬୦୦ ଏଲଏଚବି କୋଚ୍ ନିର୍ମାଣ

**ଭୁବନେଶ୍ୱର,୧୪।୧୨**

ଲିଙ୍କ ହଫମ୍ୟାନ ବୁଶ (ଏଲଏଚବି) କୋଚ ଉତ୍ପାଦନରେ ଭାରତୀୟ ରେଳପଥ ସ୍ଥିର ପ୍ରଗତି ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ (ନଭେମ୍ବର ୨୦୨୫ ପର୍ଯ୍ୟନ୍ତ), ମୋଟ ୪,୨୨୪ ରୁ ଅଧିକ ଏଲଏଚବି କୋଚ ନିର୍ମାଣ କରାଯାଇଛି। ଏହା ପୂର୍ବ ବର୍ଷର ସମାନ ସମୟ ମଧ୍ୟରେ ଉତ୍ପାଦିତ ୩,୫୯୦ କୋଚ ତୁଳନାରେ ୧୮% ବୃଦ୍ଧି ହୋଇଛି। ୨୦୧୪ ରୁ ୨୦୨୫ ମଧ୍ୟରେ, ଭାରତୀୟ ରେଳପଥ ୪୨,୬୦୦ ରୁ ଅଧିକ ଏଲଏଚବି କୋଚ ଉତ୍ପାଦନ କରିଛି। ଯାହା ୨୦୦୪ରୁ ୨୦୧୪ ମଧ୍ୟରେ ନିର୍ମିତ ୨,୩୦୦ କୋଚ ତୁଳନାରେ ୧୮ ଗୁଣ ବୃଦ୍ଧି ବୋଲି ସୂଚନା ରହିଛି।

## ପତଞ୍ଜଳି ବିଶ୍ୱବିଦ୍ୟାଳୟ କ୍ଲଷ୍ଟର ସେଣ୍ଟର ଭାବେ ମନୋନୀତ



**ଭୁବନେଶ୍ୱର,୧୪।୧୨**

ହରିଦ୍ୱାରରେ ରବିବାର ଅନୁଷ୍ଠିତ ଏକ ସମାରୋହରେ ସଂସ୍କୃତି ମନ୍ତ୍ରଣାଳୟର ଜ୍ଞାନ ଭାରତମ ମିଶନ ଦ୍ୱାରା ପତଞ୍ଜଳି ବିଶ୍ୱବିଦ୍ୟାଳୟକୁ 'କ୍ଲଷ୍ଟର ସେଣ୍ଟର' ଭାବରେ ମାନ୍ୟତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଯୋଗଗୁରୁ ରାମଦେବ, କୁଳପତି ଡ. ଆଚାର୍ଯ୍ୟ ବାଳକୃଷ୍ଣ ଏବଂ ଜ୍ଞାନ ଭାରତମ ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅନିର୍ବାଣ ଦାଶ, ଡ. ଶ୍ରୀଧର ବାରିକ ଏବଂ ବିଶ୍ୱରଞ୍ଜନ ମଲିକଙ୍କ ଉପସ୍ଥିତିରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଯୋଗଗୁରୁ ରାମଦେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ ଜୀ ଏବଂ ଜ୍ଞାନ ଭାରତମ ମିଶନର ସମଗ୍ର ଦଳ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଆଚାର୍ଯ୍ୟ ବାଳକୃଷ୍ଣ ସୂଚନା ଦେଇଥିଲେ ଯେ ଏପର୍ଯ୍ୟନ୍ତ ଏହି ମିଶନ ଅଧୀନରେ ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ମଧ୍ୟରୁ ୨୦ଟି କ୍ଲଷ୍ଟର କେନ୍ଦ୍ର। ଏଥିମଧ୍ୟରୁ ୮ଟି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଯୋଗ ଶିକ୍ଷା-ଆଧାରିତ କ୍ଲଷ୍ଟର କେନ୍ଦ୍ର। ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୂର୍ବରୁ ୫୦,୦୦୦ ରୁ ଅଧିକ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ କରିସାରିଛି, ୪୨ ଲକ୍ଷ ପୃଷ୍ଠାକୁ ଡିଜିଟାଇଜେଶନ କରିଛି ଏବଂ ୪୦ରୁ ଅଧିକ ପାଣ୍ଡୁଲିପିର ଗବେଷଣା ଏବଂ ପୁନର୍ଲିଖନ କରିଛି। ଜ୍ଞାନ ଭାରତମର ଏକ କ୍ଲଷ୍ଟର ସେଣ୍ଟର ଭାବରେ ପତଞ୍ଜଳି ଏବେ ଏହି କାର୍ଯ୍ୟକୁ ଆହୁରି ବୃଦ୍ଧି କରିପାରିବ ଏବଂ ୨୦ଟି କେନ୍ଦ୍ରକୁ ତାଲିମ ପ୍ରଦାନ କରିପାରିବ।

## ପିଆର୍‌ଏସ୍‌ଆଇର ୪୭ତମ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର,୧୪।୧୨**

### ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଆଲୋଚନା

ଭାରତୀୟ ଜନ ସମ୍ପର୍କ ସମାଜ (ପିଆର୍‌ଏସ୍‌ଆଇ)ର ୪୭ତମ ବାର୍ଷିକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଶାସନ, ଗଣମାଧ୍ୟମ, ଶିକ୍ଷା ଏବଂ ଗଣ ଯୋଗାଯୋଗ କ୍ଷେତ୍ରର ବିଶେଷଜ୍ଞମାନେ କହିଛନ୍ତି, ନୀତି କାର୍ଯ୍ୟକାରୀ ହେଲେ ଏବଂ ସେମାନଙ୍କର ପ୍ରଭାବଶାଳୀ ଯୋଗାଯୋଗ ସୁନିଶ୍ଚିତ ହେଲେ ଏକ ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ପ୍ରଥମ ଅଧିବେଶନରେ ଡ. ଆର୍. ରାଜେଶ କୁମାର, ଏମ୍‌ଡିଡିଏର ଉପାଧ୍ୟକ୍ଷ ବଂଶୀଧର ତିୱାରୀ ଏବଂ ୟୁସିଓଏସଟିର ମହାନିର୍ଦ୍ଦେଶକ ଡ. ଦୁର୍ଗେଶ ପନ୍ତ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ସଞ୍ଜୀବ କାଣ୍ଡୱାଲ ଅଧିବେଶନକୁ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍ତରାଖଣ୍ଡର ୨୫ ବର୍ଷର ବିକାଶର ଏକ ଚିତ୍ର ଉପସ୍ଥାପନ କରାଯାଇଥିଲା। ରାଜ୍ୟରେ ଧାର୍ମିକ ପର୍ଯ୍ୟଟନ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ଏହି ବର୍ଷ କେବଳ ଚାରିଧାମ ପରିଦର୍ଶନରେ ୫୦ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଆସିଥିଲେ। ଚାରିଧାମ ବ୍ୟତୀତ ଆଦି କୈଳାସ, ଜାଗେଶ୍ୱର ଧାମ, କୈଞ୍ଚି ଧାମ ଏବଂ ମାନସ ମନ୍ଦିରମାଳା ମଧ୍ୟ ବିକଶିତ ହେଉଛି। ପ୍ରତିବର୍ଷ ପ୍ରାୟ ୭୦-୮୦ ଲକ୍ଷ ପର୍ଯ୍ୟଟକ ରାଜ୍ୟ ପରିଦର୍ଶନ କରନ୍ତି। ରାଜ୍ୟରେ ମୁଣ୍ଡପିଛା ଆୟ ଏବଂ ଜିଡିପିରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଦ୍ୱିତୀୟ ଅଧିବେଶନରେ ଜନ ସୂଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ନୀତିନ ଉପାଧ୍ୟାୟ, ସିଆଇଏମଏସ କଲେଜର ଅଧ୍ୟକ୍ଷ ଲଳିତ ଯୋଶୀ, ଏନଡିଟିଭି ନୂଆଦିଲ୍ଲୀର ବରିଷ୍ଠ ସମ୍ପାଦକ ଡ. ହିମାଂଶୁ ଶେଖର, ନ୍ୟୁଜ ୧୮ର ସମ୍ପାଦକ ଅନୁପମ ତ୍ରିବେଦୀ ଏବଂ ଆଇଆଇଏମ୍ସି ନୂଆଦିଲ୍ଲୀର ପ୍ରଫେସର ଡ. ସୁରଭି ଦହିଆ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ପୂର୍ଣ୍ଣ ହେବ ଭାରତର ରେଳ ବିଦ୍ୟୁତୀକରଣ ଅଭିଯାନ

**ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)**



ଭାରତୀୟ ରେଳପଥର ପ୍ରାୟ ସମଗ୍ର ବ୍ରଡଗେଜ ନେଟ୍‌ୱର୍କର ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ୯୯%ରୁ ଅଧିକ ବିଦ୍ୟୁତୀକରଣ ହୋଇସାରିଛି ଏବଂ ଅବଶିଷ୍ଟ ଅଂଶଗୁଡ଼ିକ ଶୀଘ୍ର ସମାପ୍ତ ହେବାର ଆଶା କରାଯାଉଛି। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତୀୟ ରେଳପଥ ୩୩,୦୦୦ ରୁଟ୍ କିଲୋମିଟରରୁ ଅଧିକ ବିଦ୍ୟୁତୀକରଣ କରିଛି, ପ୍ରତ୍ୟେକ ଦିନ ହାରାହାରି ୧୫ ରୁଟ କିଲୋମିଟରରୁ ଅଧିକ ଗତିରେ କାର୍ଯ୍ୟ ଜାରି ରହିଛି। ଏହି ସମୟ ମଧ୍ୟରେ ବିଦ୍ୟୁତୀକରଣ ହୋଇଥିବା ମୋଟ ଦୂରତା ଜର୍ମାନୀର ସମଗ୍ର ରେଳ ନେଟୱର୍କ ସହିତ ପ୍ରାୟ ସମାନ ବୋଲି ଭାରତୀୟ ରେଳପଥ ପକ୍ଷରୁ ସୂଚନା ରହିଛି। ଭାରତର ବ୍ରଡଗେଜ ରେଳ ନେଟୱର୍କ ପ୍ରାୟ ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ ହୋଇଛି, ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ୯୯.୨% ଶେଷ ହୋଇଛି। ଏହି ପରିବର୍ତ୍ତନ ଡିଜେଲ ବ୍ୟବହାର ହ୍ରାସ ସହ ପରିଚାଳନା ଖର୍ଚ୍ଚ ହ୍ରାସ କରିଛି ଏବଂ ଟ୍ରେନ ପରିଚାଳନାର ଦକ୍ଷତା ଏବଂ ଗତିକୁ ଉନ୍ନତ କରିଛି।

## ଆଇଏମ୍‌ଆଇ ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)**

ଆଇଏମଆଇ ଭୁବନେଶ୍ୱର ପକ୍ଷରୁ ଏହାର ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଜି ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ଏବଂ ଫେଲୋ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ଏଫପିଏମ୍)ର ସ୍ନାତକ ଛାତ୍ରୀଛାତ୍ରଙ୍କ ସମେତ ୧୯୪ଜଣ ଛାତ୍ରୀଛାତ୍ରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନିଶାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ଭତ୍ସା ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଆଇଏମ୍‌ଆଇର ଡାଇରେକ୍ଟର ଜେନେରାଲ ଡ.ହିମାଦ୍ରୀ ଦାସ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉତ୍ସବ ପରଖଙ୍କୁ ତାଙ୍କ ଶିକ୍ଷାଗତ ରେକର୍ଡ ଏବଂ କ୍ୟାମ୍ପସ ଜୀବନର ଅବଦାନ ପାଇଁ ସ୍ୱର୍ଣ୍ଣ ପଦକ ସହିତ ଡ. ରାମା ପ୍ରସାଦ ଗୋଏଙ୍କାଙ୍କୁ ଶ୍ରେଷ୍ଠ ଛାତ୍ର ମେଡାଲ ପ୍ରଦାନ କରାଯାଇଥିଲା। ଦର୍ଶନା ମିଶ୍ରଙ୍କୁ ଶିକ୍ଷାଗତ ସଫଳତା ପାଇଁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ପାଠ୍ୟକ୍ରମ ସହିତ ପାଠ୍ୟ-ବହିର୍ଭୂତ କାର୍ଯ୍ୟକଳାପ ପାଇଁ ଶ୍ୱେତା ଝା'ଙ୍କୁ ଡାଇରେକ୍ଟରଙ୍କ ପଦକ ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ ପ୍ରୋଜେକ୍ଟ ପାଇଁ ପ୍ରିୟଙ୍କା ଜୟସ୍ୱାଲଙ୍କୁ ପ୍ରଥମ, ଶାଶ୍ୱତ ପଟେଲଙ୍କୁ ଦ୍ୱିତୀୟ ଓ ଅରଫିନ୍ ଖାତୁନଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଏମ୍‌ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ପି ସି ଆଇଏମ୍‌ଆଇ ଭୁବନେଶ୍ୱର ଭବିଷ୍ୟତରେ ଉନ୍ନତମାନର ଶିକ୍ଷା କ୍ଷେତ୍ରର ପରିବର୍ତ୍ତନ ପାଇଁ ଏକ ପ୍ରେରଣାଦାୟକ ଉତ୍ସ ହୋଇପାରିବ ବୋଲି ପ୍ରକାଶ କରିଥିଲେ।

## ତିରୁପତି ପାଣିଗ୍ରାହୀଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ



**ଭୁବନେଶ୍ୱର,୧୪।୧୨(ଅନୁରାଧା ମହାରଣା)**

ହାଇଦ୍ରାବାଦ୍ ସ୍ଥିତ 'ଇଟି ଟେକ୍ ଏକ୍ସ ହାଇଅର ଇଡି' କନ୍‌କ୍ଲେଭରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଉତ୍ସର୍ଗୀକୃତ ପାଇଁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ତେଲଙ୍ଗାନା ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଭି. ବାଲ୍‌କିଷ୍ଟ ରେଡ୍ଡୀ, ସମ୍ମାନିତ ଅତିଥି କାକିନାଡା ପୂର୍ବତନ ବିଧାୟକ ଡ. ଏନ୍. ଶେଷା ରେଡ୍ଡୀ, ନିର୍ଦ୍ଦେଶକ କର୍ପୋରେଟ ଏବଂ ଇଣ୍ଡଷ୍ଟ୍ରି ରିଲେସନ୍ସ ଅମୃତା ବିଶ୍ୱ ବିଦ୍ୟାପୀଠମର ବି.ଆର୍ ବିଶ୍ୱନାଥାମୃିତ ଚୈତନ୍ୟଙ୍କଠାରୁ ଡ. ପାଣିଗ୍ରାହୀ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

**ଅପରାଧ**

# ବାର୍‌ରେ ଯାଞ୍ଚବେଳେ ଅବକାରୀ ଟିମ୍‌କୁ ଆକ୍ରମଣ

### ୪ ଗ୍ରାହକ ଗିରଫ

**ଭୁବନେଶ୍ୱର,୧୪।୧୨(ସତ୍ୟଜିତ ରାଉତ)**






ଅବକାରୀ ଟିମ୍‌କୁ ଆକ୍ରମଣ କରି ଗିରଫ ହୋଇଥିବା ୪ ଅଭିଯୁକ୍ତ।

ବାର୍‌ରେ ଚଢ଼ାଉ ଓ ଯାଞ୍ଚବେଳେ ଅବକାରୀ ବିଭାଗ ଟିମ୍‌କୁ ଆକ୍ରମଣ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାରସ୍ଥିତ ରୋମିଓ ଲେନ୍ ବାର୍‌ରେ ଶନିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଅଭିଯୋଗ ପରେ ପୋଲିସ ୪ ଗ୍ରାହକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ଅମିତ କୁମାର ଦାସ (୨୬), ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁମ୍ଭାରିଆ ଗ୍ରାମର ସମ୍ବିତ ପରିଡ଼ା (୨୬), ଯାଜପୁର ଜିଲା ଧର୍ମଶାଳାର ସବ୍ୟସାଚୀ ପାଢ଼ୀ (୨୧) ଓ କଟକ ଜିଲା ବାଙ୍କୀ ଅଞ୍ଚଳର ସମ୍ବିତ୍ ସାମନ୍ତ (୨୫)। ରବିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅବକାରୀ ଟିମ୍ ପକ୍ଷରୁ ଶନିବାର ରାତିରେ ଭୁବନେଶ୍ୱରର ବିଭିନ୍ନ ବାର୍ ଓ ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଥିଲା। ରାତି ପ୍ରାୟ ୧୨ଟା ୧୫ରେ କାନନବିହାରସ୍ଥିତ ରୋମିଓ ଲେନ୍ ବାର୍‌ରେ ଯାଞ୍ଚ କରିବାକୁ ଯିବା ବେଳେ ଅଭିଯୁକ୍ତମାନେ ମଦ୍ୟପାନ କରି ଫେରୁଥିଲେ। ଏହି ସମୟରେ ସେମାନେ ହଠାତ୍ ଅବକାରୀ ଟିମ୍‌କୁ ଗାଳିଗୁଲଜ କରିଥିଲେ। ଅବକାରୀ ଟିମ୍ ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ସେମାନେ ଆକ୍ରମଣ କରିଥିଲେ। ଏଥିସହ ଅବକାରୀ ଟିମ୍‌ର ଗାଡ଼ିକୁ ଗୋଇଠା ମାରିବା ସହ ମଦ ବୋତଲ ଫିଙ୍ଗି ଧମକ ଦେଇଥିଲେ। ଏନେଇ ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ଗୁରୁଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା (ନଂ.୮୩୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ପ୍ରେମିକାଙ୍କ ତଣ୍ଟି କାଟି ନିଜ ତଣ୍ଟି କାଟିଲେ ପ୍ରେମିକ

**ଫୁଲବାଣୀ,୧୪।୧୨(ରାକେଶ କୁମାର ରାଉତ)**

ଦୀର୍ଘ ୩ ବର୍ଷର ପ୍ରେମ ପରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ପ୍ରେମୀଯୁଗଳ ଶପଥ ନେଇଥିଲେ। ହେଲେ ଏହାରି ମଧ୍ୟରେ ଝିଅଘର ଲୋକେ ଅନ୍ୟ ସ୍ଥାନରେ ବିବାହ ପାଇଁ ପ୍ରସ୍ତାବ ପକାଇଲେ। ପ୍ରେମିକ ଏହା ଜାଣିବା ପରେ ପ୍ରେମିକାଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ବିବାହ କରିବାକୁ ବହୁ କାକୁତି ମିନତି କରିଥିଲେ ମଧ୍ୟ ପ୍ରେମିକା ମନା କରିଦେଇଥିଲେ। ଏହାପରେ ପ୍ରେମିକ ରାଗିଯାଇ ନିଜ ହିତାହିତ ଜ୍ଞାନ ଭୁଲି ସାଙ୍ଗରେ ଆଣିଥିବା ଛୁରିରେ ପ୍ରେମିକାଙ୍କ ତଣ୍ଟି କାଟିବା ପରେ ନିଜ ତଣ୍ଟି କାଟି ପକାଇଲେ। ଏଭଳି ଏକ ସ୍ୱର୍ଶକାତର ଘଟଣା କନ୍ଧମାଳ ଜିଲା ଫୁଲବାଣୀ ସହର ପିଅନପଡ଼ା ଅଞ୍ଚଳରେ ଦେଖିବାକୁ ମିଳିଛି।

ପ୍ରେମିକ ଶୁଭମ୍ ସ୍ୱାଇଁ (୨୨)ଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ବଣିପଲ୍ଲି ଗ୍ରାମରେ ହୋଇଥିବା ବେଳେ ଯୁବତୀଙ୍କ ଘର ଫୁଲବାଣୀ ପିଅନପଡ଼ାରେ। ଯୁବତୀ ଜଣକ ଭଞ୍ଜନଗରରେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ସେଇଠୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପାଠପଢ଼ା ସାରି ଯୁବତୀ ଘରକୁ ଆସିଥିବା ବେଳେ ଶୁଭମ୍ ଫୁଲବାଣୀ ଆସି ତାଙ୍କୁ ଦେଖାକରୁଥିଲେ। କିଛିଦିନ ହେବ ଘର ଲୋକେ ଝିଅର ବିବାହ ପ୍ରସ୍ତାବ ଅନ୍ୟ ଆଡେ ପକାଇଥିଲେ। ଏଥିରେ ଯୁବତୀଙ୍କ ସମ୍ମତି ଥିବା ତାଙ୍କ ପ୍ରେମିକ ଶୁଭମ ଖବର ପାଇଥିଲେ। ଶନିବାର ରାତିରେ ଘରେ କେହି ନ ଥିବା ଜାଣିବା ପରେ ଶୁଭମ ଆସି ଯୁବତୀଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ବିବାହ ପାଇଁ କହିଥିଲେ। ଏଥିରେ ଯୁବତୀ ରାଜି ନ ହେବାରୁ ଛୁରିରେ ତାଙ୍କ ଗଳାକୁ କାଟି ଦେଇଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଶୁଭମ ନିଜ ହାତ ସହ ତଣ୍ଟିକୁ ମଧ୍ୟ କାଟି ଦେଇଥିଲେ। ପୋଲିସ ଉଭୟଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଉଭୟ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଦିଲ୍ଲୀ ବିସ୍ଫୋରଣ ସହ ଏମାନଙ୍କର କୌଣସି ଲିଙ୍କ ନାହିଁ: ଏସ୍‌ପି

**ଭଦ୍ରକ,୧୪।୧୨ (ସନାତନ ରାଉତ)**

### ନକଲି ସିମ୍ ବିକ୍ରି ଅଭିଯୋଗରେ ୨ ଗିରଫ ଘଟଣା

ନକଲି ସିମ୍‌କାର୍ଡ କାରବାରରେ ସମ୍ପୃକ୍ତ ଥିବା ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ୍ ବଜାରର ଜଣେ ମୋବାଇଲ ଦୋକାନୀ ଓ ବନ୍ତ ଥାନା ତରାଗ ଗ୍ରାମର ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ତରାଗ ଗ୍ରାମର ସନ୍ତୋଷ ପୁଷ୍ଟିଆଙ୍କୁ ଥାନାରେ ୪୧ ନୋଟିସ୍‌ରେ ବେଲ୍‌ରେ ଛାଡ଼ି ଦେଇଥିବା ବେଳେ ମଞ୍ଜୁରୀରୋଡ୍ ବଜାରର ମୋବାଇଲ ଦୋକାନୀ ସନ୍ତୋଷ ଖଣ୍ଡେଇଙ୍କୁ ଦିଲ୍ଲୀ ପୋଲିସ ରିମାଣ୍ଡରେ ନେଇଛି। ଏହି ଘଟଣାକୁ ନେଇ ଦିଲ୍ଲୀ ବିସ୍ଫୋରଣରେ ଏମାନଙ୍କ ଲିଙ୍କ୍ ଥିବା ଚର୍ଚ୍ଚାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ରବିବାର ଖଣ୍ଡନ କରିଛନ୍ତି। ଏସ୍‌ପି ରାଉତ କହିଛନ୍ତି, ଦିଲ୍ଲୀ ବିସ୍ଫୋରଣରେ ଏମାନଙ୍କର କୌଣସି ଲିଙ୍କ୍ ନାହିଁ। ବେଆଇନ ସିମ୍‌କାର୍ଡ ବିକ୍ରି ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଏକ ଡିଜିଟାଲ ଆରେଷ୍ଟରେ ବ୍ୟବହାର ହୋଇଥିବା ଏକ ସିମ୍‌ର ତଦନ୍ତ କରି ଦିଲ୍ଲୀର ସାଇନବାଗ ପୋଲିସ ଗତ ୧୧ ତାରିଖରେ ଭଦ୍ରକରେ ପହଞ୍ଚିଥିଲା। ସନ୍ତୋଷଙ୍କୁ ଭଦ୍ରକ କୋର୍ଟରେ ହାଜର କରିବା ପରେ କୋର୍ଟ ଅନୁମତି ନେଇ ରିମାଣ୍ଡରେ ଦିଲ୍ଲୀ ନିଆଯାଇଛି। ଡିଜିଟାଲ ଆରେଷ୍ଟ, ଅନ୍‌ଲାଇନ ଫ୍ରଡ୍, ସାଇବର କ୍ରାଇମ ଆଦିରେ ଏହି ବେଆଇନ ସିମ୍‌କାର୍ଡ ବ୍ୟବହାର କରାଯାଉଛି। ଏମାନଙ୍କଠାରୁ କଟକର କେତେଜଣ ଲୋକ ସିମ୍‌କାର୍ଡ କିଣି ନେଇଛନ୍ତି। ତାହା ଉପରେ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରକାଶଥାଉ କି, ମଞ୍ଜୁରୀରୋଡ ବଜାରରେ ଥିବା ଉକ୍ତ ମୋବାଇଲ ଦୋକାନରେ ନକଲି ସିମ୍‌କାର୍ଡ ବିକ୍ରି କରାଯାଉଥିଲା। ସିମ୍‌କାର୍ଡ କିଣିବା ପାଇଁ ଯାଉଥିବା ଗ୍ରାହକଙ୍କ ଡକ୍ୟୁମେଣ୍ଟରେ ଗୋଟିଏ ସିମ୍ ସେହି ଉପଭୋକ୍ତାଙ୍କୁ ଦିଆଯାଉଥିବା ବେଳେ ଏକାଧିକ ସିମ୍ ସେହି ଡକ୍ୟୁମେଣ୍ଟର ଆକ୍ଟିଭେଶନ କରାଯାଉଥିଲା। ପରେ ସେହି ସିମ୍‌ଗୁଡ଼ିକ ରାଜ୍ୟ ବାହାରକୁ ଅଧିକ ଦରରେ ବିକ୍ରି କରାଯାଉଥିଲା। ବିଭିନ୍ନ ସାଇବର କ୍ରାଇମ୍, ଡିଜିଟାଲ ଆରେଷ୍ଟ ଓ ଅନ୍‌ଲାଇନ ଫ୍ରଡ୍‌ରେ ସିମ୍‌ଗୁଡ଼ିକ ବ୍ୟବହାର କରାଯାଉଥିବା ଜଣାପଡ଼ିଛି।

## ବନ କର୍ମଚାରୀଙ୍କୁ ରାସ୍ତାରେ ଆକ୍ରମଣ

**ଉଦଳା,୧୪।୧୨ (ସନ୍ତୋଷ କୁମାର ବାଛିନି)**

ମୟୂରଭଞ୍ଜ ଜିଲା ଉଦଳା-ବାରିପଦା ରାଜ୍ୟ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଉଦଳା ବନାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ପାରା ଫରେଷ୍ଟର ଅନନ୍ତ ନାରାୟଣ ଚୌଧୁରୀଙ୍କୁ ଆକ୍ରମଣ କରାଯାଇଛି। ୩ଜଣ ଚୋରା ଚାଲାଣକାରୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଛନ୍ତି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୧୫ରେ ଉଦଳା ବନ ବିଭାଗ ପକ୍ଷରୁ ଚୋରା ମାଙ୍କଡ଼ା ବୋଝେଇ ଗାଡ଼ି ଜବତ କରାଯାଇଥିଲା। ଉକ୍ତ ଗାଡ଼ି ଜବତ ହେବା ପରଠାରୁ ମାଙ୍କଡ଼ା ପଥର ଚୋରା ଚାଲାଣକାରୀମାନେ ପାରା ଫରେଷ୍ଟର ଚୌଧୁରୀଙ୍କୁ ଧମକ ଦେଇଆସୁଥିଲେ। ଆକ୍ରମଣରେ ଗୁରୁତର ହୋଇ ସେ ଉଦଳା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଯାଞ୍ଚ କରିବେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା

**ଭୁବନେଶ୍ୱର,୧୪।୧୨(ତ୍ରିନାଥ ମହାନ୍ତି)**

### କିସ୍‌ରେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା

■ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ ସଂଗ୍ରହ କଲା ଇନ୍‌ଫୋସିଟି ପୋଲିସ

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରେ ନବମ ଶ୍ରେଣୀରେ ପଢୁଥିବା କେନ୍ଦୁଝର ଟିକରଗୁମୁରା ଗାଁର ଆଦିବାସୀ ଛାତ୍ର ଶିବ ମୁଣ୍ଡାଙ୍କ ମୃତ୍ୟୁକୁ ନେଇ ଏବେ ବି ବିବାଦ ଓ ରହସ୍ୟ ଲାଗି ରହିଛି। ଏହି ଘଟଣାକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଗୁରୁତ୍ୱର ସହ ନେଇଛନ୍ତି। ଏହାର ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଆୟୋଗର ଏକ ଟିମ୍ କିସ୍ ଯାଇ ପଚରାଉଚରା କରିବ। ଛାତ୍ରଙ୍କ ପରିବାର ପକ୍ଷରୁ ହେଉଥିବା ଅଭିଯୋଗ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅବହେଳାର ସତ୍ୟତା ଜଣାପଡିଲେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି। ସେ କହିଛନ୍ତି, କେନ୍ଦୁଝର ଏସ୍‌ପି ଯୁନିଟ୍‌ର ଏକ ଟିମ୍ ମୃତ ଛାତ୍ରଙ୍କ ପରିବାର ପାଖକୁ ଯାଇଛି। ସେମାନେ ଛାତ୍ରଙ୍କ ପରିବାରବର୍ଗ କରିଥିବା ଅଭିଯୋଗ ଉପରେ ଅନୁଧ୍ୟାନ କରିବେ। ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅନୁଧ୍ୟାନ କରାଯିବ। ମୁଁ ନିଜେ ଏକ ଟିମ୍ ସହ କିସ୍ ଯାଇ ପିଲାମାନଙ୍କୁ ପଚରାଉଚରା କରିବି। ତ୍ରୁଟି ବାହାରିଲେ କିମ୍ବା ସ୍ୱାଭାବିକ ମୃତ୍ୟୁ ହୋଇ ନ ଥିଲେ ମାମଲା ରୁଜୁ କରାଯାଇ କିସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବବିତା କହିଛନ୍ତି।

ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ କେନ୍ଦୁଝର ଟାଉନ୍ ଥାନା ପୋଲିସ ଜିରୋ ଏଫ୍‌ଆଇଆର୍ କରି ଭୁବନେଶ୍ୱର ଇନ୍‌ଫୋସିଟି ଥାନାକୁ ମାମଲା ଟ୍ରାନ୍ସଫର କରିଛି। ଏହାପରେ ଇନ୍‌ଫୋସିଟି ପୋଲିସ ତା'ର ତଦନ୍ତ ଆରମ୍ଭ କରିଛି। ତଦନ୍ତ ଅଧିକାରୀ ବ୍ୟବଚ୍ଛେଦ ହୋଇଥିବା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସହ କଥା ହୋଇ ପ୍ରାଥମିକ ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ଭିସେରା ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି।

## ଲିଫ୍ଟ ଦେଇ ଛାତ୍ରଙ୍କଠୁ ମୋବାଇଲ ଲୁଟ୍

**ବାସୁଦେବପୁର,୧୪।୧୨(କାଳିପଦ ରାୟ)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଇଚ୍ଛାପୁର ଛକଠାରେ ରବିବାର ସନ୍ଧ୍ୟାରେ ଜଣେ ଛାତ୍ରଙ୍କଠାରୁ ୨ଜଣ ଯୁବକ ଏକ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଛାତ୍ର ହେଲେ ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁର ଗ୍ରାମର ପ୍ରଫୁଲ୍ଲ ମଲ୍ଲିକଙ୍କ ପୁଅ ଶୁଭଙ୍କର। ସେ କଟକ ଜିଲା ଅଡସପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ବର୍ଷର ବାଣିଜ୍ୟ ଛାତ୍ର। ସେ କଟକରୁ ଟ୍ରେନ୍ ଯୋଗେ ଭଦ୍ରକରେ ପହଞ୍ଚିଥିଲେ। ବାଇପାସ୍ ଛକରେ ୨ ଯୁବକ ଏକ ଆକ୍ଟିଭା ସ୍କୁଟିରେ ଆସି ଶୁଭଙ୍କରଙ୍କୁ ତାଙ୍କ ବଡ଼ଭାଇଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିଲେ। ତାଙ୍କୁ ଘରେ ନେଇ ଛାଡ଼ିଦେବେ ବୋଲି କହି ଲିଫ୍ଟ ଦେଇଥିଲେ। ଇଚ୍ଛାପୁର ଛକରେ ଏକ ଗଳି ରାସ୍ତାରେ ଯାଇ ଅନ୍ୟ ଜଣଙ୍କୁ ଫୋନ୍ କରିବାକୁ କହି ଶୁଭଙ୍କରଙ୍କ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ଏହାପରେ ଶୁଭଙ୍କର ଇଚ୍ଛାପୁର ଛକରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ଫୋନ୍ ମାଧ୍ୟମରେ ଘର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗାୟତ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ହେବ ଏଫ୍ଆଇଭିବି ବିଚ୍ ଭଲିବଲ୍

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା)**

ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତର ୩ବର୍ଷ ଏଫ୍ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫ୍ଆଇଭିବି) ସଭାପତି ଫାବିଓ ଆଜେଭେଦୋ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ ଘୋଷଣା କରିଥିଲେ। ଏଫ୍ଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ୍ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍ ଖେଳର ବିକାଶ ଓ ମହିଳା ସଶକ୍ତୀକରଣ ନିମନ୍ତେ ଏହି ମହାକୁମ୍ଭ ଆୟୋଜନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ଏଫ୍ଆଇଭିବି ସଭାପତି ଫାବିଓ ଆଜେଭେଦୋ ପ୍ରଶ୍ନର ଉତ୍ତର ଦେଉଛନ୍ତି। (ଫଟୋ: ବିକାଶ ନାୟକ)

### କିଟ୍-କିସ୍ ଭଲିବଲ୍ ମହାକୁମ୍ଭ

୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, କିଟ୍ ଓ କିସ୍ କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ମହିଳା ସଶକ୍ତୀକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ। ଏହି ଅବସରରେ କିଟ୍, କିସ୍ ଓ ଏଫ୍ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍ଆଇଭିବି– କିଟ୍ ଓ କିସ୍ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ସାମନ୍ତଙ୍କ ଉପସ୍ଥିତିରେ ଫାବିଓଙ୍କ ଦ୍ୱାରା ଏକ ସ୍ପୋର୍ଟ୍ସ ଜୋନ୍ ଉଦ୍‌ଘାଟିତ ହୋଇଥିଲା।

ସୂଚନାଯୋଗ୍ୟ, ଭଲିବଲ୍ ମହାକୁମ୍ଭର ବିଭିନ୍ନ ଦିନରେ କିଟ୍ ଓ କିସ୍ କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚ୍‌ଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତୀକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ୍–କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ–ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ଯୁବ କଲ୍ୟାଣରେ ଭଲିବଲ୍‌ର ଭୂମିକା, ଭଲିବଲ୍ ଜରିଆରେ ତୃଣମୂଳସ୍ତରରେ ପରିବର୍ତ୍ତନ ଏବଂ ଭଲିବଲ୍ ମାଧ୍ୟମରେ ମହିଳା ସଶକ୍ତୀକରଣ, ସମାନତା ଏବଂ ବିଶ୍ୱ ସଶକ୍ତୀକରଣକୁ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଫାବିଓ ଆଜେଭେଡୋ, ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସରଣଜିତ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଙ୍ଖେଡେରେ ମେସିଙ୍କୁ ଭେଟିଲେ ସଚିନ



ଲାୟୋନେଲ ମେସିଙ୍କ ସହ ସଚିନ ତେନ୍ଦୁଲକର।

**ମୁମ୍ବାଇ, ୧୪।୧୨**

ଆର୍ଜେଣ୍ଟିନା ଫୁଟବଲ ଷ୍ଟାର ଲାୟୋନେଲ ମେସିଙ୍କର 'ଜିଓଏଟି ଇଣ୍ଡିଆ ଟୁର'ର ଦ୍ୱିତୀୟ ଦିନ ମୁମ୍ବାଇରେ ଶେଷ ହୋଇଛି। ଏହି ଗସ୍ତର ଅଂଶବିଶେଷ ଭାବେ ମେସି ଓ ତାଙ୍କର ଇଣ୍ଟର ମିଆମି ସାଥି ଖେଳାଳି ଲୁଇସ ସୁଆରେଜ ଓ ରୋଡ୍ରିଗୋ ଡି ପଲଙ୍କ ସହ ଆଇକନିକ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିଥିଲେ। ଏହି ଅବସରରେ ମେସି କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକରଙ୍କୁ ଭେଟିଥିବା ବେଳେ ସଚିନ, ମେସିଙ୍କୁ ତାଙ୍କର ୨୦୧୧ ଦିନିକିଆ ବିଶ୍ୱକପ୍‌ର ୧୦ ନଂ ଜର୍ସି ପ୍ରଦାନ କରିଥିଲେ। ଏଥିସହିତ ସେ ଭାରତୀୟ ଫୁଟବଲ ଷ୍ଟାର ସୁନୀଲ ଛେତ୍ରୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଓ ତାଙ୍କ ପତ୍ନୀ ଅମୃତା, ବଲିଉଡ୍ ଅଭିନେତା ଟାଇଗର ଶ୍ରଫଙ୍କ ଭଳି ଅନେକ ଭିଭିଆଇପିଙ୍କୁ ଭେଟିଥିଲେ। ଏଥିପୂର୍ବରୁ ମେସି, ସୁଆରେଜ, ଡି ପଲ ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ ଭାଗ ନେଇଥିଲେ।

# ପ୍ରଧାନମନ୍ତ୍ରୀ, ସିଜେଆଇ, ସେନା ମୁଖ୍ୟଙ୍କୁ ଭେଟିବେ ମେସି

**ନୂଆଦିଲ୍ଲୀ, ୧୪।୧୨**

ଲାୟୋନେଲ ମେସି ସୋମବାର ତାଙ୍କର ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିବେ। ଏହାପରେ ସେ ଚିଫ୍ ଜଷ୍ଟିସ ଅଫ୍ ଇଣ୍ଡିଆ ଓ ସେନା ମୁଖ୍ୟଙ୍କୁ ଜଣେ ଏମ୍‌ପିଙ୍କ ଘରେ ଭେଟିବେ। ଜିଓଏଟି ଇଣ୍ଡିଆ ଟୁରର ଅନ୍ତିମ ଦିନରେ ଦିଲ୍ଲୀର ଫିରୋଜଶାହ କୋଟଲା ଷ୍ଟାଡିୟମରେ ଉଭୟ ଭାରତୀୟ କ୍ରିକେଟ ଦଳର ସଦସ୍ୟଙ୍କୁ ଭେଟିବେ। ମିଳିଥିବା ସୂଚନା ମୁତାବକ, ଉକ୍ତ ଏମ୍‌ପି ହେଉଛନ୍ତି ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ପ୍ରଫୁଲ ପଟେଲ, ଯିଏକି ପୂର୍ବରୁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ସଭାପତି ଥିଲେ। ମେସି ଦିଲ୍ଲୀରେ ସକାଳ ୧୦.୪୫ରେ ପହଞ୍ଚିବେ ଏବଂ ସେଠାକାର ଏକ ହୋଟେଲରେ ପ୍ରଥମେ ୫୦ ମିନିଟ୍ ଲମ୍ବା 'ମିଟ୍ ଆଣ୍ଡ ଗ୍ରିଟ୍' ଇଭେଣ୍ଟରେ ଯୋଗଦେବେ। ଏହାପରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ୨୦ ମିନିଟ୍ ବିତାଇବେ। ତାଙ୍କ ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ହେବ ଜଣେ ଏମ୍‌ପିଙ୍କ ଘର ; ଯେଉଁଠାରେ ସେ ଆର୍ଜେଣ୍ଟିନାର ଭାରତୀୟ ଆମ୍ବାସାଡର ମାରିଆନୋ ଅଗଷ୍ଟିନ କୌସିନୋ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଅଫ୍ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟର ରାହୁଲ ନବୀନଙ୍କୁ ଭେଟିବେ। ଏହାପରେ ୩.୩୦ରେ ସେ ଫିରୋଜଶାହ କୋଟଲା ଷ୍ଟାଡିୟମରେ ପହଞ୍ଚି ଭାରତୀୟ ଦଳର ଖେଳାଳିଙ୍କୁ ଭେଟିବେ ଏବଂ ସେଠାରୁ ସିଧାସଳଖ ବିମାନବନ୍ଦର ଯିବେ।

# ଉନ୍ନତି, କିରଣ ଚାମ୍ପିୟନ




ପୁରୁଷ ସିଙ୍ଗଲ୍ସ ରନରଅପ୍ ମହମ୍ମଦ ୟୁସୁଫ, ଚାମ୍ପିୟନ କିରଣ ଜର୍ଜ। ମହିଳା ଡବଲ୍ସ ଚାମ୍ପିୟନ ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନୀ ଷ୍ଟୋଏଭା।

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)/କଟକ (କାର୍ତ୍ତିକ ସାହୁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡ୍ଡା ଓ ପୁରୁଷରେ କିରଣ ଜର୍ଜ ଚାମ୍ପିୟନ ହୋଇଛନ୍ତି। ଅଲ୍ ଇଣ୍ଡିଆ ମହିଳା ସିଙ୍ଗଲ୍ସ ଫାଇନାଲରେ ଉନ୍ନତି ସାଥୀ ଖେଳାଳି ଇସାରାଣୀ ବରୁଆଙ୍କୁ ୨୧–୧୭,୨୧–୧୦ରେ ହରାଇ ଟାଇଟଲ ଜିତିଛନ୍ତି। ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଭାରତର କିରଣ ଜର୍ଜ ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କୁ

### ଓଡିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

୨୧–୧୪, ୧୩–୨୧ ଓ ୨୧–୧୬ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲ୍‌ରେ ଇଣ୍ଡୋନେସିଆ ଯୋଡି ମାରୱାନ ଫାଜା ଓ ଆଇସା ସାଲସାବିଲା ପୁତ୍ରୀ ପ୍ରଣୀତା ନିଜ ଦେଶର ଡେଜାନ ଫର୍ଡିନାନ୍ସ ଓ ବେର୍ନାଡିନ ଆନିନ୍ଦ୍ୟ ୱାର୍ଦନାଙ୍କୁ ୨୧–୧୫, ୨୧–୧୦ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ଡବଲ୍ସ ଫାଇନାଲରେ ବୁଲଗେରିଆ ଯୋଡି ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟିଫାନୀ ଷ୍ଟୋଏଭା ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ କାର୍ମେନ ଟିଙ୍ଗଙ୍କୁ ୨୧–୧୯, ୨୧–୧୪ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସ ଫାଇନାଲ୍‌ରେ ଇଣ୍ଡୋନେସିଆର ଅଲି ରେହନ ଓ ଦେଭିନ ଅର୍ଥା ୱାହଦି ମାଲେସିଆ ଯୋଡି କାଙ୍ଗ୍ ଖାଇ ଜିଙ୍ଗ ଓ ଆରୋନ ତାଇ ଯୋଡିଙ୍କୁ ୧୫–୨୧, ୨୧–୧୨ ଓ ୨୧–୧୬ରେ ହରାଇଛନ୍ତି। ପୁରସ୍କାର ବିତରଣ ସମୟରେ କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା, ଶିଳ୍ପ ବିଭାଗ ନିର୍ଦ୍ଦେଶକ ସୁନୀଲ ଆବୋଲି ନର୍ବାଣେ, ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ସଞ୍ଜୟ ମିଶ୍ର, ରାଜ୍ୟ ଆସୋସିଏଶନ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଇନୋଭାରେ କ୍ଲାଉଡ୍ସକୁ ଟାଇଟଲ

**ଭୁବନେଶ୍ୱର, ୧୪।୧୨ (ବିଜୟ ରଣା)**

ମେଗା କର୍ପୋରେଟ୍ କ୍ରିକେଟ ଟୁର୍ନାମେଣ୍ଟ ଇନୋଭାରେ କପ୍ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଇନୋଭାରେ କ୍ଲାଉଡ୍ସ ଦଳ ଚାମ୍ପିୟନ ହୋଇଛି। ସ୍ଥାନୀୟ ସିଭି ରମଣ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଦଳ ୯୭ରନରେ ଏସ୍‌ଏସିକୁ ହରାଇ ଦେଇଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇନୋଭାରେ ନିର୍ଦ୍ଧାରିତ ୨୦ଓଭରରେ ୫ ଉଇକେଟ ବିନିମୟରେ ୧୯୨ରନ କରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ୪୮, ରାଜେଶ ପାଇକରାୟ ୪୪ ଓ ହିମାଂଶୁ ପତି ୩୪ ରନ କରି ଅପରାଜିତ ଥିଲେ। ବିପକ୍ଷ ଦଳର କ୍ରିଷ୍ଣା ଚୌଧୁରୀ ୨ ଉଇକେଟ ଅକ୍ତିଆର କରିଥିଲେ। ଏସ୍‌ଏସି ବ୍ୟାଟିଂ କରିବାକୁ ଯାଇ ୧୨.୪ ଓଭରରେ ୯୫ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅବିନାଶ ଭୂୟାଁ ୧୭ ଓ ସର୍ଫରାଜ ୧୬ ରନ କରିଥିଲେ। ବିଜୟୀ

### କର୍ପୋରେଟ୍ କ୍ରିକେଟ

ଦଳର ହିମାଂଶୁ ପତି ଓ ଅସ୍ମିତ ରାଉତ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ହିମାଂଶୁ ପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଅସ୍ମିତ ରାଉତ ଉଭୟ ଇମ୍ପାକ୍ଟ ପ୍ଲେୟର ଓ ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ସେହିପରି ଟିସିଏସ୍‌ର ଜୟରାମ ରଥ ଉଭୟ ବେଷ୍ଟ ବ୍ୟାଟର ଏବଂ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓସିଏ କୋଚ୍ କ୍ଷୀରୋଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଅନୁରାଗ ଷଡ଼ଙ୍ଗୀ (ରଣଜୀ କ୍ରିକେଟର) ଏବଂ ସମ୍ମାନିତ ଅତିଥି ଭାବେ ସୌରଭ ଦାଶ (ଭିପି, ଓସିସିଏଫ୍), ମୋହର ମିଶ୍ର (ସିଟିଓ, କୋ-ଫାଉଣ୍ଡର ଇନୋଭାରେ) ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଇନୋଭାରେ କ୍ଲାଉଡ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


## Classified Everyday
0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

By virtue of Affidavit No. 07, dated 11.12.2025, I, DIGBIAJY DAS, do hereby declare that from now onwards I shall be known as DIGBIJAY DAS for all purposes. D-2831

By virtue of an affidavit sworn before the Executive Magistrate, Boudh, No.1669, Dt.10.12.25, I, Mahisuta Pradhan, W/o. Gopal Pradhan, R/o. Village/PO.- Palaspat, P.S.- Baunsuni, Dist.- Boudh, Odisha, PIN- 762014 declare that I have changed the name of my son from NTR PRADHAN to SURJYA PRADHAN. Henceforth, he shall be known as SURJYA PRADHAN for all purposes.
Mahisuta Pradhan
D-2832

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit sworn before the Executive Magistrate, Boudh, No.1641, Dtd.- 03.12.25, I, Lokanath Meher, R/o. Village- Mankaman, P.O.- Ainalapali, P.S.- Baunsuni, Dist.- Boudh (Odisha), PIN- 762015 declare that I have changed the name of my son from Raghnath Meher to Raghunath Meher. Henceforth, he shall be known as Raghunath Meher for all purposes.
Lokanath Meher
D-2833





# ପୁରୁଷରେ କୋଲ୍‌କାତା, ମହିଳାରେ ମୟୂରଭଞ୍ଜ ଚାମ୍ପିୟନ

**ବାରିପଦା, ୧୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଫାଉଣ୍ଡେଶନ ପକ୍ଷରୁ ବାରିପଦା ଷ୍ଟାଡିୟମ୍ ପଡ଼ିଆରେ ଚାଲିଥିବା ଜାତୀୟସ୍ତରୀୟ ମହାରାଜା ସେଭେନ୍‌ସ ରଗ୍‌ବୀ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ସହଯୋଗରେ ପ୍ରଥମଥର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ପୁରୁଷ ବିଭାଗରେ ୯ ଦଳ ଅଂଶଗ୍ରହଣ କରିଥିଲେ। କୋଲ୍‌କାତାର ଫ୍ୟୁଚର ହୋପ୍ ହାରିକୁଇନ୍ସ ଚାମ୍ପିୟନ ହୋଇଥିବା ବେଳେ ମୟୂରଭଞ୍ଜ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ରନରଅପ୍ ହୋଇଛି। ସେହିପରି ମହିଳା ବିଭାଗରେ ୬ ଦଳ ଅଂଶଗ୍ରହଣ କରିଥିବାବେଳେ ମୟୂରଭଞ୍ଜ ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଚାମ୍ପିୟନ ଓ କୋଲ୍‌କାତାର ଫ୍ୟୁଚର ହୋପ୍ ହାରିକୁଇନ୍ସ ରନରଅପ୍ ହୋଇଛି।

ଫାଉଣ୍ଡେଶନ ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

### ଜାତୀୟସ୍ତରୀୟ ରଗ୍‌ବୀ ଟୁର୍ନାମେଣ୍ଟ

ସିଂହଦେଓ ଚାମ୍ପିୟନ ଦଳକୁ ୫୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ରନରଅପ୍ ଦଳକୁ ୩୦ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ରଗ୍‌ବୀ ଏକ କୌଶଳ ଓ ଦ୍ରୁତଗତି ଦକ୍ଷତାର ଖେଳ ବୋଲି ସେ କହିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଆର୍‌ସିସିଏଫ୍ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଜିଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟ୍‌ବଲ୍ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ସହଆୟୋଜକ ଦିବ୍ୟରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଳ ହାଁସଦାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଜାତୀୟ ଖେଳାଳି, ସମସ୍ତ ରେଫରି, ପ୍ରାୟୋଜକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।



## ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ଗାଜର

ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରି ହୋଇରହିଛି। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ଭରିରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ଉପକାରୀ। 'ସୁସ୍ଥ ହୃତ୍‌ପିଣ୍ଡ ଏବଂ ଗାଜର' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଗାଜର ଖାଇବା ଦ୍ୱାରା ହୃତ୍‌ପିଣ୍ଡର କାର୍ଯ୍ୟଧାରା ମଧ୍ୟ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ। ଏଥିରେ ଥିବା ଉପକାରୀ ଗୁଣ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଗାଜର ହେଉଛି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଜର ଖାଇଲେ ରକ୍ତରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଏଥିରେ କ୍ୟାଲସିୟମ ମାତ୍ରା ଭରି ରହିଛି, ଯାହା ଅସ୍ଥିକୁ ଦୃଢ଼ ରଖେ। ଗାଜର ଶରୀରର ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ।

## ଫ୍ୟାଟ୍‌ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...

ଆମେ ସୁସ୍ଥ ରହିବା ପଛରେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ହେଲେ ଏସବୁ ଖାଦ୍ୟ ସନ୍ତୁଳିତ ରହିବା ନିହାତି ଆବଶ୍ୟକ। ତେବେ ଅସନ୍ତୁଳିତ ଖାଦ୍ୟଶୈଳୀ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇଲେ ତାହା ଷ୍ଟ୍ରୋକ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି। ପ୍ରାୟ ନିୟମିତ ଏଭଳି ଖାଦ୍ୟ ଖାଉଥିବା କେତେ ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକ ତେଲମସଲା କିମ୍ବା ଫ୍ୟାଟ୍‌ଜାତୀୟ ଖାଦ୍ୟ ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ସବୁବେଳେ ସନ୍ତୁଳିତ ତଥା ସୁଷମ ଖାଦ୍ୟ ଯଥା ସବୁଜ ପନିପରିବା, କ୍ଷୀର, ମାଛ, ତଟକା ଫଳମୂଳ ଖାଇବା ଦରକାର। ଇବା ଦ୍ୱାରା ଆମର ଷ୍ଟ୍ରୋକ୍ ଶତକଡ଼ା ୧୨ ପ୍ରତିଶତ କମିଥାଏ। ତେଣୁ ମସ୍ତିଷ୍କରେ ଉନ୍ନତି ଆଣିବା ସହ ଶରୀରକୁ ସୁସ୍ଥ ରଖିବାକୁ ହେଲେ ଆମକୁ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ନିହାତି ଜରୁରୀ।




# ବଂଶଗତ ରୋଗ ଥାଲାସିମିଆ



ଡ. ନିତ୍ୟାନନ୍ଦ ସ୍ୱାଇଁ

"ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ।"





ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନ୍‌ର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହାଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ। ତେଣୁ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ଆମେ ଅବଗତ ହେବା ନିହାତି ଆବଶ୍ୟକ।

ଆମ ସମସ୍ତଙ୍କ ରକ୍ତରେ ରହିଛି ଆଇ.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ହିମ'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହୋମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନଡାଇଅକ୍ସାଇଡ୍ ଆଦି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ।

'ଆଲ୍‌ଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲ୍‌ଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲ୍‌ଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲ୍‌ଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ।

**ଜିନ୍ ଦୋଷଟି କାହାଠାରେ ଥାଏ :** ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା-ମାତା ଉଭୟଙ୍କଠାରେ। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି।

ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇପଡ଼େ।

ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତହୁଏ ଗୁରୁତର ରକ୍ତହୀନତା ବା ଆନିମିଆ।

ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। ଏଚ୍‌ପିଏଲ୍‌ସି ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ।

ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

-କଟକ, ମୋ : ୮୩୨୮୯୭୫୧୧୮

## ଜୀବନଶୈଳୀ ଅସନ୍ତୁଳିତ ରହିଲେ..

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯଦି ଡାଇବେଟିସ ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ତେଣୁ ଏନେଇ ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ନଜର ଦେବା ନିହାତି ଜରୁରୀ। ଏହାବ୍ୟତୀତ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଆବଶ୍ୟକ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣଙ୍କର ଡାଇବେଟିସ ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଏହି ସମୟରେ ରକ୍ତରେ ସୁଗାର ପରିମାଣ ବ୍ୟତୀତ ଡାକ୍ତରଙ୍କ କହିବା ଅନୁସାରେ ଆଉ କେତେକ ଆନୁସଙ୍ଗିତ ପରୀକ୍ଷା କରାଇ ନିଅନ୍ତୁ।



## ମୃତ୍ତିକା ପ୍ରଦୂଷଣ ବଢ଼ାଉଛି ପ୍ଲାଷ୍ଟିକ୍

ପ୍ଲାଷ୍ଟିକ୍ ପ୍ରଦୂଷଣ ମଧ୍ୟ ସ୍ଥଳଭାଗରେ ନିଜର କାୟା ବିସ୍ତାର କରି ଚାଲିଛି। ପ୍ଲାଷ୍ଟିକ୍ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବ ଭକ୍ଷଣ କରିଥାନ୍ତି। ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା ବିଭିନ୍ନ ରୋଗ ସୃଷ୍ଟି ହେବା ସାଙ୍ଗକୁ ହରମୋନ୍ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ। ସମୟକ୍ରମେ ଏହା ପ୍ରାଣୀର ପ୍ରଜନନ କ୍ଷମତାକୁ ମଧ୍ୟ ପ୍ରଭାବିତ କରେ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି। ପ୍ଲାଷ୍ଟିକ୍‌ଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯାଉଛି। ତା'ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟିବା ସାଙ୍ଗକୁ ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି। ପ୍ଲାଷ୍ଟିକ୍ ଆବର୍ଜନା ସୋରେଜ ନାଳୀରେ ପ୍ରବେଶ କରି ମଇଳା ଜଳର ପ୍ରବାହକୁ ବାଧାପ୍ରାପ୍ତ କରିଥାଏ, ଯାହାକୁ ସଫା କରିବା ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଅଙ୍ଗୁରରେ ଭିଟାମିନ 'ସି' ଭରି ରହିଛି। ତେଣୁ ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। କେବଳ ସେତିକି ନୁହେଁ, ବ୍ୟାକ୍ଟେରିଆ ଏବଂ ଭାଇରସ୍ ସଂକ୍ରମଣ ଆଶଙ୍କା ମଧ୍ୟ କେତେକାଂଶରେ କମ୍ ରହିଥାଏ।

➤ଆପଣଙ୍କର ସବୁବେଳେ ମୁଣ୍ଡ ବିନ୍ଧୁଛି କି ? ଯଦି ହଁ, ତେବେ ଡାକ୍ତରଙ୍କ ଏନେଇ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ କିଛି ସମୟ ଯୋଗକଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ଦେଇଥାଏ।



➤ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ସବୁବେଳେ ଏଭଳି ଖାଦ୍ୟ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇବାରେ ସାହାଯ୍ୟ କରିଥାଏ।

➤ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ନିଜର ସମସ୍ତ ସମସ୍ୟା ବିଷୟରେ ଡାକ୍ତରଙ୍କୁ କୁହନ୍ତୁ। କାରଣ ଏହାକୁ ତର୍ଜମା କରି ସେ ରୋଗର ଠିକ୍ ନିଦାନ କରିପାରିବେ।


➤ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ସକାଳୁ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ପାଦରେ ଥିବା ସ୍ନାୟୁ ଆହୁରି ସକ୍ରିୟ ରହିଥାଏ।

➤ବିଳମ୍ବରେ ଶୋଇବା ଏବଂ ବିଳମ୍ବରେ ଉଠିବା ଧାରାକୁ ବଦଳାନ୍ତୁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

## ଉପକାରୀ ଆମିନୋ ଏସିଡ୍

ଆମେ ଖାଉଥିବା ଖାଦ୍ୟରେ ବିଭିନ୍ନ ପ୍ରକାର ଉପକାରୀ ଗୁଣ ଭରି ରହିଛି। ତନ୍ମଧ୍ୟରୁ ଆମିନୋ ଏସିଡ ଅନ୍ୟତମ। ଏହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା କୋଷ ବା ସେଲ୍‌ଗୁଡିକୁ ଏହା ଦୃଢ଼ କରିଥାଏ। ଅନ୍ୟପକ୍ଷରେ ଶରୀର ବିକାଶ କରୁଥିବା ହରମୋନକୁ ଏହା ବୃଦ୍ଧି କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ଶରୀରରେ ପାଚକ ରସ ଅଧିକ ସୃଷ୍ଟି କରିବା ସହ ପାଚନ କ୍ରିୟାକୁ ଏହା ଆହୁରି ସକ୍ରିୟ କରେ।



## ଭିଟାମିନ୍ ଅଭାବ ଓ ଡିପ୍ରେସନ

ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁସ୍ଥ ଜୀବନ ବିତାଇବା ପଛରେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ଏବେ ଅନେକେ ଖାଦ୍ୟପେୟରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ସିଓଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, କମ୍ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇଲେ ସମ୍ପୃକ୍ତ ବ୍ୟକ୍ତି ଡିପ୍ରେସନ୍‌ର ସାମନା କରିବା ଆଶଙ୍କା ଅଧିକ ରହିଛି। ଖାଦ୍ୟପେୟରେ ଅନିୟମିତତା ରହିଥିବା କେତେଜଣ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀ କିପରି ରହୁଛି ତାହାକୁ ଭଲ ଭାବରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ପ୍ରତିଶତ ବ୍ୟକ୍ତିଙ୍କ ଠାରେ ଡିପ୍ରେସନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଳେବେଳେ କେତେକ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି, ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏହାର ମାତ୍ରାକୁ କମାଇବା ପାଇଁ ଆମକୁ ପ୍ରତିଦିନ ସନ୍ତୁଳିତ ତଥା ଉତ୍ତମ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ତା'ସହ ନିୟମିତ ବ୍ୟାୟାମ, ଯୋଗ କରନ୍ତୁ। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ ଦୂରେଇ ରଖିବାରେ କେତେକାଂଶରେ ସହାୟକ ହୋଇଥାଏ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧୫/୨୦୨୫ Bhubaneswar, Monday, December 15/ 2025

# ତୃତୀୟ ଟି୨୦: ଭାରତର ସହଜ ବିଜୟ

**ଧର୍ମଶାଳା,୧୪।୧୨**

ବୋଲରଙ୍କ ପ୍ରଭାବୀ ବୋଲିଂ ବଳରେ ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତ ୭ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ୧୭ ତାରିଖରେ ଲକ୍ଷ୍ନୌରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ୧.୨ ଓଭର ମଧ୍ୟରେ ଦୁଇ ଓପନରଙ୍କୁ ହରାଇଥିଲା। ପରେ ଅଧିନାୟକ ମାରକ୍ରମ ଏକାକୀ ଗୋଟିଏ ପଟେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଡେୱାଲ୍ଡ ବ୍ରେଭିସ ୨, ଟ୍ରିଷ୍ଟାନ ଷ୍ଟବ୍ସ ୯, କର୍ବିନ ବୋଶ୍ଚ ୪, ଡୋନୋଭାନ ଫରେରା ୨୦, ମାର୍କୋ ଜାନସେନ ୨, ଅନରିଚ ନର୍କିଆ ୧୨ ଓ ଓଟନେଲ ବାର୍ଟମାନ ୧ ରନ କରି ଆଉଟ୍ ହୋଇଥିଲେ। ମାରକ୍ରମ ୬୧ (୬ ଚୌକା ଓ ୨ ଛକା) ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୧୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳ ପାଇଁ ଅର୍ଶଦୀପ ସିଂ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ ଅଭିଷେକ ଶର୍ମା ଓ ଶୁବମନ ଗିଲ। ଦୁହେଁ ୫.୨ ଓଭରରେ ୬୦ ରନ ଯୋଡ଼ିଥିଲେ। ଅଭିଷେକ ଆଟାକିଂ ବ୍ୟାଟିଂ କରି ୧୮ ବଲରେ ୩୫ (୩ ଲେଖାଏ ଚୌକା ଓ ଛକା) ଓ ଗିଲ ୨୮ ରନ କରି ଆଉଟ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର (୧୨) ବିଫଳ ହୋଇଥିଲେ। ତିଲକ ବର୍ମା (୨୫ ରନ୍, ୩ ଚୌକା) ଓ ଶିବମ ଦୁବେ (୧୦ ରନ, ୧ ଲେଖାଏ ଚୌକା ଓ ଛକା) ଜିତିବା ପାଇଁ ଆବଶ୍ୟକୀୟ ରନ ସଂଘର୍ଷ କରି ନେଇଥିଲେ। ଭାରତ ୧୫.୫ ଓଭରରେ ୩ ଉଇକେଟ ହରାଇ ୧୨୦ ରନ୍ କରିଥିଲା।



ଉଇକେଟ ନେବାପରେ ଅର୍ଶଦୀପ ସିଂଙ୍କୁ ହର୍ଷିତ ରାଣା ବଧେଇ ଜଣାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୧୭/ଅଲଆଉଟ୍ (ଏଡେନ ମାରକ୍ରମ-୬୧, ଡୋନୋଭାନ ଫରେରା-୨୦, ବରୁଣ ଚକ୍ରବର୍ତ୍ତୀ-୨/୧୧, କୁଲଦୀପ ଯାଦବ-୨/୧୨, ଅର୍ଶଦୀପ ସିଂ-୨/୧୩, ହର୍ଷିତ ରାଣା-୨/୩୪)। ଭାରତ: ୧୫.୫ ଓଭରରେ ୧୨୦/୩ (ଅଭିଷେକ ଶର୍ମା-୩୫, ଶୁବମନ ଗିଲ-୨୮, ତିଲକ ବର୍ମା-୨୫, କର୍ବିନ ବୋଶ୍ଚ-୧/୧୮, ଲୁଙ୍ଗି ଏନ୍‌ଗିଡି-୧/୨୩)।



## ଟି୨୦ରେ ହାର୍ଦ୍ଦିକଙ୍କ ୧୦୦ ଉଇକେଟ

**ଧର୍ମଶାଳା,୧୪।୧୨:** ଭାରତର ପ୍ରିମିୟର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ୧୦୦ ଉଇକେଟ ପୂରଣ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଏଥିସହିତ ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ଏକ ହଜାର ରନ ଓ ୧୦୦ ଉଇକେଟ ନେଇଛନ୍ତି। ତେବେ ସେ ତୃତୀୟ ଭାରତୀୟ ବୋଲର ଭାବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ନେଇଛନ୍ତି। ତାଙ୍କ ବ୍ୟତୀତ ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମରା ଏହି ତାଲିକାରେ ରହିଛନ୍ତି।

**ଆଇପିଏଲ୍ ମିନି ଅକ୍ସନ**

## ମ୍ୟାନେଜରଙ୍କୁ ଦାୟୀ କଲେ ଗ୍ରୀନ୍

**ଆଡିଲେଡ୍, ୧୪।୧୨ (ପି.ଟି.):** ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ବୋଲିଂ ପାଇଁ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ ଅଲରାଉଣ୍ଡର କାମେରନ ଗ୍ରୀନ୍ ସଫେଇ ଦେଇଛନ୍ତି। ତାଙ୍କ ମ୍ୟାନେଜର ଭୁଲ ବଶତଃ ଆସନ୍ତା ସପ୍ତାହରେ ହେବାକୁଥିବା ମିନି ନିଲାମି ପାଇଁ ତାଙ୍କ ନାମ ଜଣେ ବ୍ୟାଟର ଭାବେ ପଞ୍ଜୀକୃତ କରିଛନ୍ତି। ୨୦୨୫ ଆଇପିଏଲ୍ ସିଜନ ବେଳକୁ ଅଳ୍ପଦିନ ହେବ ପିଠି ଅସ୍ତ୍ରୋପଚାରରୁ ମୁକ୍ତି ପାଇଥିବାରୁ ଏହି ଟି୨୦ ଲିଗ୍‌ରେ ଭାଗ ନେଇ ପାରି ନ ଥିଲେ। ମାତ୍ର ସେ ଜୁନ୍‌ରେ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଏହାପରଠାରୁ ସେ ବୋଲିଂ କରିପାରୁଛନ୍ତି। ବର୍ତ୍ତମାନ ସେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଶେସ ସିରିଜରେ ବୋଲିଂ କରି ଆସୁଛନ୍ତି। ଅଷ୍ଟ୍ରେଲିଆର ଏହି ଷ୍ଟାର ଅଲରାଉଣ୍ଡର ପୂର୍ବରୁ ୨୦୨୩ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରୁ ପ୍ରତିନିଧିତ୍ୱ କରିଛନ୍ତି। ନିଲାମି ବେଳେ ତାଙ୍କର ଖୁବ୍ ଚାହିଦା ରହିବ ବୋଲି ଆଶା କରାଯାଉଛି। ତାଙ୍କ ନାମ ଅଲରାଉଣ୍ଡର ପରିବର୍ତ୍ତେ ବ୍ୟାଟର କାଟେଗୋରିରେ ତାଲିକାଭୁକ୍ତ କରାଯାଇଛି। ଖେଳାଳି ନିଲାମ ମଙ୍ଗଳବାର ଆବୁଧାବିରେ ହେବ।

# ପାକିସ୍ତାନକୁ ହରାଇଲା ଭାରତ

**ଦୁବାଇ,୧୪।୧୨**

**୧୯ ବର୍ଷରୁ କମ୍ ଏସିଆ କପ୍**

ଆରୋନ ଜର୍ଜଙ୍କ ଅର୍ଦ୍ଧଶତକ ଓ କନିଷ୍କ ଚୌହାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭରତ ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ପାକିସ୍ତାନକୁ ୯୦ ରନରେ ପରାସ୍ତ କରିଛି। ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳ ଲାଗି ଲଗାତର ଦ୍ୱିତୀୟ ବିଜୟ। ଗତ ଅଗଷ୍ଟରେ ଖେଳାଯାଇଥିବା ଏସିଆ କପ୍ ଭଳି ଏହି ମ୍ୟାଚ୍‌ରେ ମଧ୍ୟ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳାଳିମାନେ ପରସ୍ପର ସହ ହାତ ମିଳାଇ ନ ଥିଲେ। ଭାରତୀୟ ଦଳ ଆସନ୍ତା ୧୬ ତାରିଖରେ ମାଲେସିଆକୁ ଭେଟିବ।

ବର୍ଷା କାରଣରୁ ୪୯ ଓଭରରେ ସୀମିତ ରଖାଯାଇଥିବା ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ୪୬.୧ ଓଭରରେ ୨୪୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଆରୋନ ଜର୍ଜ ସର୍ବାଧିକ ୮୫ (୧୨ ଚୌକା ଓ ୧ ଛକା), କନିଷ୍କ ଚୌହାନ ୪୬ (୨ ଚୌକା ଓ ୩ ଛକା) ଓ ଅଧିନାୟକ ଆୟୁଷ ମାହତ୍ରେ ୩୮ (୪ ଚୌକା ଓ ୩ ଛକା) ରନ କରିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ସୟମ ଓ ଅବଦୁଲ ସୁଭନ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୧.୨ ଓଭରରେ ୧୫୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ହୁଜାଇଫା ଅହସାନ (୭୦ ରନ୍, ୯ ଚୌକା ଓ ୨ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଭାରତ ପକ୍ଷରୁ ଦୀପେଶ ଦେଭେନ୍ଦ୍ରନ ଓ କନିଷ୍କ ୩ ଲେଖାଏ ଓ କିଶନ କୁମାର ସିଂ ୨ ଉଇକେଟ ଅକ୍ତିଆର କରିଥିଲେ।



ଆରୋନ ଜର୍ଜ

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଭାରତୀୟ ଦଳ: ୪୬.୧ ଓଭରରେ ୨୪୦/ଅଲଆଉଟ୍ (ଆରୋନ ଜର୍ଜ-୮୫, କନିଷ୍କ ଚୌହାନ-୪୬, ଆୟୁଷ ମାହତ୍ରେ-୩୮, ଅବଦୁଲ ସୁଭନ-୩/୪୨, ମହମ୍ମଦ ସୟମ-୩/୬୭)। ୧୯ ବର୍ଷରୁ କମ୍ ପାକିସ୍ତାନ ଦଳ: ୪୧.୨ ଓଭରରେ ୧୫୦/ଅଲଆଉଟ୍ (ହୁଜାଇଫା ଅହସାନ-୭୦, ଦୀପେଶ ଦେଭେନ୍ଦ୍ରନ-୩/୧୬, କନିଷ୍କ ଚୌହାନ-୩/୩୩, କିଶନ କୁମାର ସିଂ-୨/୩୩)।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ